


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-204 ♦MONDAY ♦19 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୦୪ ♦ସୋମବାର ♦୧୯ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ନଥିରେ 'ପରିଷଦ'; ବ୍ୟାଙ୍କରେ ପାଣ୍ଠି

■ ଭୁବନେଶ୍ୱର, ୧୮ ।୧ (ସମିସ): ସରକାରକୁ ୧୯ ମାସ ପୂରି ୨୦ ମାସ ଚାଲିଲାଣି। ତେଣୁ ସରକାରଙ୍କୁ ଆଉ ନୂଆ ବୋଲି କହି ହେଉ ନାହିଁ। ବିଭାଗୀୟ ସଚିବଙ୍କ ପରାମର୍ଶ ଓ ମାର୍ଗଦର୍ଶନରେ ମନ୍ତ୍ରୀମାନେ ଏବେ ପୁରୁଖା ହୋଇ ସାରିଲେଣି। ମାତ୍ର ସରକାରଙ୍କ ଦ୍ୱାରା ଘୋଷିତ ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଏଯାଏ ଗଠନ ହୋଇ ପାରିଲା ନାହିଁ। ବିଡ଼ମ୍ବନା ହେଉଛି ଯେଉଁ ପଶ୍ଚିମ ଓଡ଼ିଶାରୁ ବିଜେପିକୁ ସର୍ବଦା ସର୍ବାଧିକ ସମର୍ଥନ ମିଳି ଆସିଛି, ସେହି ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ଗଠନ ହୋଇଥିବା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଏଯାଏ ନିଯୁକ୍ତି ପାଇ ପାରିଲେ ନାହିଁ। ବର୍ଷବର୍ଷ ଧରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ହଜାର ହଜାର କୋଟି ଟଙ୍କା ପଡ଼ି ରହିଛି, ମାତ୍ର ଗାଁରେ ବିକାଶକାମ ହେଉ ନାହିଁ। ଉତ୍ତର ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ବରାଦ ୪୦୦ କୋଟି ଟଙ୍କା ବଜେଟ୍ ବରାଦ ଖର୍ଚ୍ଚ ହୋଇ ପାରୁନାହିଁ; ଏପରିକି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସରକାରୀ ଅର୍ଥ ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ଏଠି କାମ କରୁନାହିଁ।

୨୦୧୯ରେ ରାଜ୍ୟରୁ ୮ ଜଣ ସାଂସଦ ନିର୍ବାଚିତ ହୋଇଥିବାବେଳେ କେବଳ ପଶ୍ଚିମ ଓଡ଼ିଶାରୁ ଏମାନଙ୍କ ସଂଖ୍ୟା ଥିଲା ୫। ୨୦୨୪ ନିର୍ବାଚନରେ ଆନୁପାତିକ ସଫଳତା ଦୃଷ୍ଟିରୁ ବିଜେପି ଲୋକସଭା କ୍ଷେତ୍ରଗୁଡ଼ିକରେ ପଶ୍ଚିମ ଓଡ଼ିଶାରୁ ସର୍ବାଧିକ ଭୋଟ ପାଇଛି। ମାତ୍ର ଯେଉଁ ପଶ୍ଚିମ ଓଡ଼ିଶାବାସୀ ବିଜେପିକୁ ଭୋଟ ଅଜାଡ଼ି ଦେଇଛନ୍ତି; ସେହି ପଶ୍ଚିମ ଓଡ଼ିଶାକୁ ରାଜ୍ୟ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଉପେକ୍ଷା କରି ଚାଲିଥିବା ଅଭିଯୋଗ ହୋଇଛି। ଧାନ କ୍ରୟ କ୍ଷେତ୍ରରେ ପଶ୍ଚିମ ଓଡ଼ିଶାର ଚାଷୀ ସବୁଠାରୁ ଅଧିକ ଶୋଷଣର ଶିକାର ହୋଇଛନ୍ତି।

## ଦୁଇ ବର୍ଷ ହେଲା ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ପଡ଼ିଛି ହଜାରେ କୋଟି ଟଙ୍କା

## ଉତ୍ତର ଓ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ହୋଇଥିଲା ୪୦୦ କୋଟି ବରାଦ

ପଶ୍ଚିମ ଓଡ଼ିଶାର ନେତା ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଚାଷୀଙ୍କୁ 'ଦଲାଲ' ଓ'ନୌଟଙ୍କି' କରୁଥିବା ଆକ୍ଷେପ କରିଛନ୍ତି। ସବୁଠାରୁ ବିଡ଼ମ୍ବନା ହେଉଛି ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ବିଜେଡି ସରକାର ସମୟର ବକେୟା ୨୦୦ କୋଟିକୁ ମିଶାଇ ଗତ ଦୁଇଟି ବଜେଟ୍‌ରେ ବରାଦ ପ୍ରାୟ ୧ ହଜାର କୋଟି ଟଙ୍କା ପଡ଼ିଥିଲେ ହେଁ ଏଥିରେ ହାତ ବାଜିନାହିଁ। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ୧୦ ସପ୍ତାହ ବାକିଥିବାବେଳେ ଏହି ଅର୍ଥ କେବେ ବ୍ୟୟ ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି।

ପଶ୍ଚିମ ଓଡିଶାର ସାମଗ୍ରିକ ବିକାଶ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ ହୋଇଥିଲା। ଏଥିରେ ବରଗଡ଼, ବଲାଙ୍ଗିର, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲା ସହ ଅନୁଗୋଳ ଜିଲ୍ଲାର ଦୁଇଟି ଉପଖଣ୍ଡକୁ ସାମିଲ କରାଯାଇଥିଲା। ବିଜେଡି ସରକାର ପ୍ରତିବର୍ଷ ବିକାଶ ପରିଷଦ ପାଇଁ ବଜେଟରେ ୫୦୦ କୋଟି ଟଙ୍କା ବରାଦ କରୁଥିଲେ ଓ ବିଜେପି କ୍ଷମତାକୁ ଆସିବା ପରେ ଅନୁରୂପ ଭାବରେ ୫୦୦ କୋଟିଟଙ୍କା ମଞ୍ଜୁର କରିଛନ୍ତି। ମାତ୍ର ବର୍ଷ ସରିବାକୁ ବସିଥିଲେ ବି ଏହି ଅନୁଦାନ ଅର୍ଥରେ ହାତ ବାଜିନାହିଁ। ସେହିପରି ପଶ୍ଚିମ ▶ପୃଷ୍ଠା-୭

### ଖୋଲିଲା ଅଲ୍-ଫଲାହର ଗୁମର

# ଡାକ୍ତର ନକଲି; ରୋଗୀ ବି ନକଲି

■ ଫରିଦାବାଦ, ୧୮।୧ (ଏଜେନ୍ସି): ଆତଙ୍କବାଦୀ କାରଖାନା ଭାବେ ପରିଚିତ ଫରିଦାବାଦ ସ୍ଥିତ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ଆତଙ୍କବାଦୀଙ୍କ ପେଣ୍ଠ ସ୍ଥଳ ପାଲଟିଥିବା ଏହି ୟୁନିଭର୍ସିଟି ଅନେକ କେଲେଙ୍କାରୀ କରିଛି। ଜାଲ୍ ରୋଗୀ, ଡାକ୍ତର ମାଧ୍ୟମରେ ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆର୍କିଡିସେନ କାଉନସିଲ (ନାକ) ଏବଂ ୟୁଜିସିକୁ ଭୁଆଁ ବୁଲାଇ ଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତରୁ ଏଭଳି ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଏହି ମାମଲାରେ ୟୁନିଭର୍ସିଟିର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦ୍ଦିକିଙ୍କୁ ଗିରଫ କରାଯାଇଛି। ଇଡି ଆରୋପପତ୍ରରେ କୁହାଯାଇଛି ଯେ ଆତଙ୍କବାଦୀ ଡାକ୍ତର ଏହି କ୍ୟାମ୍ପସ୍‌କୁ ଏକ ଆଧାର ଭାବରେ ବ୍ୟବହାର କରିଥିଲେ। ସେମାନେ ବେଆଇନ କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ଏଠାରେ ରହୁଥିଲେ। ଏହି କାର୍ଯ୍ୟରେ ବିଶ୍ୱବିଦ୍ୟାଳୟର ଅନ୍ୟ କର୍ମଚାରୀ ଏବଂ ଅଧିକାରୀଙ୍କ ହାତ ଥିବା ମଧ୍ୟ ସନ୍ଦେହ କରାଯାଉଛି। ଦିଲ୍ଲୀ ବିସ୍ଫୋରଣରେ ସାମିଲ ତିନି ଡାକ୍ତରଙ୍କୁ ବିନା ଯାଞ୍ଚରେ ଅଲ-ଫଲାହରେ ନିଯୁକ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଡ. ମୁଜାମିଲ ଗନି ଓ ଡ. ସାହିନ ସୈଦଙ୍କୁ ଏନଆଇଏ ପୂର୍ବରୁ ଗିରଫ କରିଥିଲା।




ଜାତୀୟ ଚିକିତ୍ସା କମିସନ (ଏନ୍‌ଏମ୍‌ସି)ରୁ ଅନୁମୋଦନ ପାଇବା ପାଇଁ କେବଳ କାଗଜପତ୍ରରେ ଡାକ୍ତର ଥିବା ଅଲ-ଫଲାହ ଦର୍ଶାଇ ଥିଲା। ଡାକ୍ତରଙ୍କୁ ନିୟମିତ ଅଧ୍ୟାପକ ଭାବରେ ପ୍ରଦର୍ଶିତ କରିବା ପାଇଁ ୨୨ ଦିନ ଉପସ୍ଥିତି ନିୟମ ଅନୁଯାୟୀ କେବଳ କାଗଜପତ୍ରରେ ନିଯୁକ୍ତି ଦିଆଯାଇଥିଲା। ଏମାନେ ନିୟମିତ ଭାବେ କଲେଜକୁ ଯାଉ ▶ପୃଷ୍ଠା-୭

### ପରିବହନ ବିଭାଗର 'ଅନ୍ଧ ନୀତି'

# ଅପାରଗତା ଲୁଚାଇବାକୁ ମାଷ୍ଟରପ୍ଲାନ୍

■ ଭୁବନେଶ୍ୱର, ୧୮ ।୧ (ସମିସ): ଲୋକଙ୍କଠାରୁ ଯେନତେନ ପ୍ରକାରେ ଜୋରିମାନା ଆଦାୟ ହେବା ଆବଶ୍ୟକ। କାର୍ ଚଳାଉଥିଲେ ବି ହେଲ୍‌ମେଟ୍ ପିନ୍ଧି ନ ଥିବା ଯୋଗୁଁ ଫାଇନ୍ କରାଯିବ। ସହର ଭିତରେ ସର୍ବାଧିକ ୪୦ କିଲୋମିଟର ବେଗରେ ଯାଉଥିବା ସ୍କୁଟିକୁ ୭୦ କିମି ଚଳାଉଥିବା ଦର୍ଶାଇ ଚାଲାଣ ପଠାଯିବ। ରାଜପଥରେ ସ୍ପିଡ଼ୋମିଟର କଣ୍ଟା ୫୦ ଟପିଲେ ଜୋରିମାନା ହେବ। ଟୋଲଗେଟ୍ କଥା ନ କହିବା ଭଲ, ଇନ୍‌ସ୍ୟୁରାନ୍ସ ଥିଲେ ବି ଟୋଲ୍‌ଗେଟ୍‌ରେ ଜରିମାନା ଲାଗିବ। ପରିବହନ ବିଭାଗର ଏଭଳି ଅନ୍ଧ ନୀତି ଯୋଗୁଁ ରାଜ୍ୟବାସୀ ଅତିଷ୍ଠ। ସବୁଆଡ଼େ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ମାତ୍ର ବିଭାଗର ଏହି 'ଅନ୍ଧ ନୀତି' ପଛର ରହସ୍ୟ ଏବେ ପଦାରେ ପଡ଼ିଛି। କାହିଁକି ବିଭାଗୀୟ ଅଧିକାରୀମାନେ ଏଭଳି ଜରିମାନା ଖୋର ମନୋଭାବ ଛାଡ଼ିପାରୁ ନାହାନ୍ତି, ତାହା ଏବେ ସ୍ପଷ୍ଟ ହୋଇଛି। ଜରିମାନା ଆଦାୟର ଟାର୍ଗେଟ୍ ନିଶା ବିଭାଗକୁ ଅନ୍ଧ କରି ଦେଇଛି। ପରିବହନ ବଭାଗ ପକ୍ଷରୁ ବର୍ଷ ଆରମ୍ଭରୁ ରାଜ୍ୟର ସମସ୍ତ ଆର୍‌ଟିଓ, ଅତିରିକ୍ତ ଆର୍‌ଟିଓ ଟ୍ରାଫିକ୍ ଡିସିପିମାନଙ୍କୁ ଚିଠି ଲେଖି ଏକ ବାର୍ଷିକିଆ ଟାର୍ଗେଟ୍ ଧରାଯାଇଥିଲା। ଏହି ବିଭାଗଗୁଡ଼ିକ ଯେମିତି ବିଭିନ୍ନ ନିୟମ ଉଲ୍ଲଂଘନକାରୀଙ୍କୁ ୨୦୨୫-୨୬ରେ ମାସକୁ ଅତି କମ୍‌ରେ ୧୧୦୩୨୦ ଇ-ଚାଲାଣ କରିବେ। ଏ ବାବଦରେ ମାସକୁ ୧୫ କୋଟି ୮୮ ଲକ୍ଷ ଟଙ୍କାର ଜରିମାନା ହିସାବରେ ଲୋକଙ୍କ ଉପରେ ଜୁଲୁମ। ଆଦାୟର ଟାର୍ଗେଟ୍ ବାବଦରେ ମନେ ପକାଇ ଦିଆଯାଇଛି।

ଏହି ଚିଠିରେ ଜରିମାନା ଆଦାୟରେ ଖରାପ ପ୍ରଦର୍ଶନ କରିଥିବା ଆର୍‌ଟିଓଗୁଡ଼ିକୁ ତାଗିଦ୍ କରାଯାଇ ଲକ୍ଷ୍ୟ ପୂରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର ଏଭଳି

## ୨୦୦ କୋଟି ରାଜସ୍ୱ ଲକ୍ଷ୍ୟ; ପୂରଣ ହୋଇଛି ୨୦%

## କାର୍ ଚାଳକଙ୍କ ପାଖକୁ ଯାଉଛି ହେଲ୍‌ମେଟ୍ ଫାଇନ୍

## ୭୦ କିମି ବେଗରେ ସ୍କୁଟି ଚାଳନା ପାଇଁ ଜରିମାନା

ବାର୍ଷିକ ୨୦୦ କୋଟି ଟଙ୍କାର ଟାର୍ଗେଟ୍ ସେଟ୍ କରାଯାଇଛି। ହେଲେ ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ହାତରେ ମାତ୍ର ୨ ମାସ ସମୟ ବାକି ଥିବା ବେଳେ ଏବେ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ୨୦ ପ୍ରତିଶତ ଜରିମାନା ଆଦାୟ ହୋଇ ପାରିଛି । ତେଣୁ ପରିବହନ ପ୍ରାଧିକରଣ କର୍ତ୍ତୃପକ୍ଷ ଆଉଥରେ ଚିଠି ଲେଖି ଯେବେଠାରୁ ଟାର୍ଗେଟ କଥା ମନେ ପକାଇ ଦେଇଛନ୍ତି; ସେବେଠାରୁ ବିଭାଗ ଆରମ୍ଭ କରିଛି ନିର୍ଦ୍ଦେଶନାମା ପରେ ଆର୍‌ଟିଓମାନଙ୍କୁ ଘାରିଛି ଇ-ଚାଲାଣ ଭୂତ। ଏହାର ପରିଣାମ ସ୍ୱରୂପ ରାଜ୍ୟରେ ଜରିମାନା ବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲେ ମଧ୍ୟ ଏହି ପ୍ରସଙ୍ଗରେ ପରିବହନ ବିଭାଗ ଆଦୌ ପଛକୁ ହଟୁ ନାହିଁ। ବଡ଼ କଥା ହେଉଛି ସରକାରଙ୍କ ଟାର୍ଗେଟ୍ ଆଗରେ ନିୟମ ଉଲ୍ଲଂଘନକାରୀଙ୍କ ସମେତ କିଛି ସାଧାରଣ ଲୋକମାନେ ମଧ୍ୟ ଫସୁଛନ୍ତି। କାର୍ ଚାଳକଙ୍କୁ ହେଲମେଟ୍ ▶ପୃଷ୍ଠା-୭

# ୪ ଦିନରେ ୪ ଡିଗ୍ରୀ ବଢ଼ିବ ତାପମାତ୍ରା

■ ଭୁବନେଶ୍ୱର, ୧୮ ।୧ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରାରେ ବୃଦ୍ଧି ଘଟିଛି। ଫଳରେ ପୂର୍ବାପେକ୍ଷା ଶୀତର ପ୍ରଭାବ ହ୍ରାସ ହୋଇଛି। ଆଗାମୀ ଦିନରେ ତାପମାତ୍ରା ଆହୁରି ବଢ଼ିବାକୁ ଥିବାରୁ ଶୀତର ପ୍ରଭାବ କମିବା ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୪ ଦିନ ମଧ୍ୟରେ ତାପମାତ୍ରାରେ ୪ ଡିଗ୍ରୀ ବୃଦ୍ଧି ପାଇବ। ଫଳରେ ଆଗକୁ ଥଣ୍ଡାର ପ୍ରଭାବ ହ୍ରାସ ହେବ।

ଶୀତର ପ୍ରଭାବ କମିବାର ମୁଖ୍ୟ କାରଣ ଭାବେ ପଶ୍ଚିମାଝଡ଼କୁ ବିବେଚନା କରାଯାଉଛି। ରାଜ୍ୟ ଉପରେ କ୍ରମାଗତ ଭାବେ ଦୁଇଟି ପଶ୍ଚିମା ଝଡ଼ର ପ୍ରଭାବ ପଡ଼ିବ। ୧୯ ତାରିଖ ଓ ୨୧ ତାରିଖରେ ଉତ୍ତରପଶ୍ଚିମ ଭାରତକୁ ପଶ୍ଚିମାଝଡ଼ ଅତିକ୍ରମ କରି ଓଡ଼ିଶା ଉପରେ ପ୍ରଭାବ ପକାଇବ। ପଶ୍ଚିମାଝଡ଼ ଯୋଗୁଁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହିତ ହେବ। ଏହା ତାପମାତ୍ରା ବୃଦ୍ଧିରେ ସହାୟକ ହେବ। ଆଗାମୀ ୨୪ଘଣ୍ଟା ପରେ ଦେଶର ପୂର୍ବ ଭାଗରେରେ ରାତିର ତାପମାତ୍ରା ୩ ରୁ ୫ ଡିଗ୍ରୀ ଯାଏଁ ବୃଦ୍ଧି ହେବା ନେଇ ଆକଳନ କରାଯାଉଥିବା ବେଳେ ଓଡ଼ିଶାରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି। ଗତ ୨୪ ଘଣ୍ଟାରେ ରାଉରକେଲାରେ ତାପମାତ୍ରା ୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୬.୮, କେନ୍ଦୁଝର ୯.୨, ଭୁବନେଶ୍ୱର ୧୦.୯, ସମ୍ବଲପୁର ୧୧.୨, ହୀରାକୁଦ ୧୧.୬, ପାରାଦ୍ୱୀପ ୧୩ ଓ ଚାନ୍ଦବାଲିରେ ତାପମାତ୍ରା ୧୩.୫ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଶୀତର ପ୍ରଭାବ କମିବା ନେଇ ସମ୍ଭାବନା ସୃଷ୍ଟି ହେବା ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଟ୍ରମ୍ପଙ୍କୁ ଗ୍ରୀନଲାଣ୍ଡରେ ବିରୋଧ

■ ନୁକ, ୧୮।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଳ ଏବଂ ଅର୍ଥ ପ୍ରୟୋଗ କରି ଗ୍ରୀନଲାଣ୍ଡଙ୍କୁ କବ୍‌ଜା କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ବାରମ୍ବାର ଗ୍ରୀନଲାଣ୍ଡ ଏବଂ ଡେନମାର୍କକୁ ଧମକ ଦେଇ ଆସୁଛନ୍ତି। ଏହି ଯୋଜନାକୁ ବିରୋଧ କରୁଥିବା ଦେଶ ଉପରେ ୧୦ ପ୍ରତିଶତ ଲେଖାଏଁ ଶୁଳ୍କ ଲଗାଇଛନ୍ତି। ଟ୍ରମ୍ପଙ୍କ ଏଭଳି ଏକଛତ୍ରନୀତିକୁ ବିରୋଧ କରି ଗ୍ରୀନଲାଣ୍ଡରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ଟ୍ରମ୍ପଙ୍କ ବୟାନକୁ ତୀବ୍ର ସମାଲୋଚନା କରିଛନ୍ତି। ଗ୍ରୀନଲାଣ୍ଡ ବିକ୍ରି ପାଇଁ ଉପଲବ୍ଧ ନାହିଁ ବୋଲି କହିଛନ୍ତି। ଏହାକୁ ଦେଶର ବଡ଼ ବିକ୍ଷୋଭ ପ୍ରଦର୍ଶନ କୁହାଯାଉଛି। ବରଫ ଆଚ୍ଛାଦିତ ରାସ୍ତାରେ ଗ୍ରୀନଲାଣ୍ଡବାସୀ ବିକ୍ଷୋଭ କରିଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ଚାପକୁ ପ୍ରତ୍ୟାଖାନ କରିଛନ୍ତି। ଆମେରିକା ଗ୍ରୀନଲାଣ୍ଡରୁ ପଳାଉ ବୋଲି କହିଛନ୍ତି। ଏହା ସହିତ ଲୋକେ ସହର କେନ୍ଦ୍ରରୁ ଆମେରିକାର ବାଣିଜ୍ୟିକ ଦୂତାବାସ ପର୍ଯ୍ୟନ୍ତ ପଦଯାତ୍ରା ବାହାର କରିଥିଲେ। ଲୋକମାନେ ଗ୍ରିନଲାଣ୍ଡିକ୍ ଭାଷାରେ ସ୍ଲୋଗାନ ଦେଇଥିଲେ। ଏହି ପଦଯାତ୍ରା ନୁକ୍ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଲୋକ ସାମିଲ ହୋଇଥିଲେ। ଗ୍ରିନଲାଣ୍ଡର ▶ପୃଷ୍ଠା-୭

### ଅଟକିବ ଇୟୁ-ଆମେରିକା ବାଣିଜ୍ୟ ଚୁକ୍ତି

ୟୁରୋପୀୟ ଦେଶଗୁଡ଼ିକ ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ଦଖଲକୁ ନିରନ୍ତର ବିରୋଧ କରୁଛନ୍ତି। ଏହି ବିରୋଧକୁ ପ୍ରଶମିତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାପ ପ୍ରୟୋଗ କରିବାରେ ଲାଗିପଡିଛନ୍ତି। ଏହାର ପ୍ରଭାବ ଇୟୁ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ପଡିବାକୁ ଯାଉଛି। କୁହାଯାଉଛି ଯେ ୟୁରୋପୀୟ ସଂଘ(ଇୟୁ)ର ଆଇନ ପ୍ରଣୟନକାରୀମାନେ ଆମେରିକା ସହିତ ସ୍ୱାକ୍ଷରିତ ବାଣିଜ୍ୟ ଚୁକ୍ତିକୁ ଅବରୋଧ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ମଧ୍ୟ ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣକୁ ବିରୋଧ କରି କରାଯାଉଛି।





TOLL FREE 1800 266 0018 | INDIA'S FIRST 5 YEAR WARRANTY *Conditions apply | 0% PROCCESSING FEES, DOCUMENTATION FEES, ADVANCE EMI | CORPORATE OFFER ₹3 200# | LOW DOWN PAYMENT ₹7 999^ | LOW ROI 7.99%^

Hero MotoCorp Ltd, Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - IL. New Delhi - 110070, India. | CIN: L35911DL1984PLC0173541. For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. As per cumulative dispatch numbers till August 2025. ^Finance offers are at the sole discretion of the financier, subject to its respective T&Cs. Hero MotoCorp reserves the rights to modify or withdraw any or all the offers without prior notice. #To avail corporate offer employee ID card is mandatory. *Ex-showroom prices are applicable in Odisha.

Authorized Dealers: Bhubaneswar: Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, Cuttack: JMG Hero - 9289922178, Sunny Hero - 9289922697, Essen Hero - 9289923078, Jagatsinghpur: Sunny Autobikes - 9289233592, Angul: Parbati Hero - 9289922902, Balasore: Neelam Hero - 9289922519, Baripada: Aditya Hero - 9289922585, Bhadrak: Sanjib Hero - 9289922608, Chandikhol: S. K. Hero - 9289922900, Jajpur Road: Soumik Hero - 9289922611, Jaleswar: Sai Hero - 9289922844, Jatni: Vishal Hero - 9289922984, Keonjhar: Supreme Hero - 9289922182, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Behrampur: Lakshmi Motors - Dharma Nagar - 9289922184, Jeypore: Supreme Hero - 9289922183, Phulbani: Narayani Hero - 9289922991, Raygada: Ajit Hero - 9289922819, Bargarh: Aakash Hero - 9289922181, Bhawanipatna: Arundhati Hero - 9289922837, Bolangir: Arundhati Hero - 9289923033, Jharsuguda: Vijaylaxmi Hero - 9289922595, Rourkela: Dua Hero - 9289922179, Sambalpur: Sri Shyam Hero - 9289922484, Sonepur: Jai Jawan Hero - 9289922800, Sundergarh: Robotech Hero - 9289923063, Dhenkanal: Som Hero - 9289922614, Talcher: Tarini Hero - 9289922736.
Authorized HeroSure Dealers: Bhubaneshwar: Arundhati Motobikes - 7682841658, Rourkela: Dua Motors - 6372753989, Jeypore: Supreme Sales - 8144822656.

■ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର ବୈଠକ

# ଉପଭୋକ୍ତାଙ୍କୁ ଉନ୍ନତ ଓ ଗୁଣାତ୍ମକ ସେବା ଦେବାକୁ ଗୁରୁତ୍ୱ




ରାୟଗଡ଼ା, ୧୮।୧(ସମିସ): ଓଡ଼ିଶା ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘର ରାୟଗଡ଼ା ସର୍କିଲସ୍ତରୀୟ ବୈଠକ ରବିବାର ସ୍ଥାନୀୟ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂଘର ରାଜ୍ୟ ସଭାପତି ଆନନ୍ଦ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ମହାସଚିବ ତ୍ରିଲୋଚନ ମହାନ୍ତି, ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଟିପିଏସଓଡିଏଲର ସାଧାରଣ ସମ୍ପାଦକ ରଶ୍ମୀରଞ୍ଜନ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଉପସଭାପତି ସରୋଜ କୁମାର ମିଶ୍ର, କୋଷାଧ୍ୟକ୍ଷ ମହେଶ୍ୱର ସ୍ୱାଇଁ, ସୁଧୀର ଗୌଡ଼, ବରିଷ୍ଠ ସଭ୍ୟ ନାରାୟଣ ନାୟକଙ୍କ ସମେତ ବ୍ରହ୍ମପୁର ସଦର, ବ୍ରହ୍ମପୁର, ଆସିକା, ଭଞ୍ଜନଗର, ଜୟପୁର ଓ ରାୟଗଡ଼ା ବିଦ୍ୟୁତ ମଣ୍ଡଳର ସମସ୍ତ ସାଧାରଣ ସମ୍ପାଦକ ଓ ସଭ୍ୟମାନେ ଯୋଗଦେଇଥିଲେ। ବୈଠକରେ ସଂଘର ସମସ୍ତ ସଦସ୍ୟଙ୍କ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥି ସହିତ ସଂଘର ରାଜ୍ୟ ସଭାପତି ଓ ମହାସଚିବଙ୍କ ମାଧ୍ୟମରେ ଟାଟା ପାୱାର ପରିଚାଳନା କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କୁ ସଂଘର ନ୍ୟାର୍ଯ୍ୟ ଦାବି ଉପସ୍ଥାପନା କରାଯାଇଛି। ଉନ୍ନତ ଓ ଗୁଣାତ୍ମକ ସେବା ପହଞ୍ଚାଇବା ପାଇଁ ଟାଟା ପାୱାର କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସଂଘ ଦାବି କରିଛି। ଏହି ବୈଠକ ମାଧ୍ୟମରେ ଉପସ୍ଥାପନା ହୋଇଥିବା ଦାବିଗୁଡ଼ିକ ହେଲା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ପାଇଁ ସରକାର ଘୋଷଣା କରିଥିବା ୪୦:୬୦ ଅନୁପାତ କ୍ୟାଡର ନୀତିକୁ ଲାଗୁ କରିବା, ପ୍ରତିଶୋଧମୂଳକ ହୋଇ ପୂର୍ବତନ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା, କନିଷ୍ଠ ଯନ୍ତ୍ରୀଙ୍କୁ ପଦନ୍ନୋତି ନକରି ଟାଟା ପାୱାର କର୍ତ୍ତୃପକ୍ଷ ସରକାରୀ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ ବନ୍ଦ କରିବା। ଯଦି କମ୍ପାନୀ ଓ ସରକାର ଆଗାମୀ ଦିନରେ ସେମାନଙ୍କ ଦାବି ପୂରଣ ନକରନ୍ତି, ତେବେ ସଂଘ ପକ୍ଷରୁ ଦୃଢ ବିରୋଧ ସହିତ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବୈଠକକୁ ରାୟଗଡ଼ା ସର୍କିଲର ସାଧାରଣ ସମ୍ପାଦକ ମହମ୍ମଦ ରଜିଉଲ୍ଲା, ବାସୁଦେବ ସାହୁ ଓ ଶିବ ପ୍ରସାଦ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

କୋରାପୁଟ ବନାଞ୍ଚଳରେ ପକ୍ଷୀ ଗଣନା ଶେଷ

# ପକ୍ଷୀ ସଂଖ୍ୟା କମିଲା, ଆସିନାହାନ୍ତି ବିଦେଶୀ

କୋରାପୁଟ,୧୮।୧(ସମିସ): କୋରାପୁଟ ବନାଞ୍ଚଳ ଅଧିନ କୋଲାବ ଜଳଭଣ୍ଡାର, ଦାମନଯୋଡି ଆସ୍‌ପଣ୍ଡ, ଡଙ୍ଗ୍ରି ମାଳିଗୁଡା ଡ୍ୟାମ, ବାଗ୍ରା ଜଳଭଣ୍ଡାର ଓ ରାଣୀଗଡ

## ୫ ସ୍ଥାନରୁ ୧୫ ପ୍ରଜାତିର ୧୭୩୧ ପକ୍ଷୀ ଚିହ୍ନଟ

ଡ୍ୟାମରେ ପକ୍ଷୀ ଗଣନା ଶେଷ ହୋଇଛି। ଏହି ଏକଦିବସୀୟ ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ମୋଟ ୫ଟି ଟିମ ହୋଇଥିବା ବେଳେ ପ୍ରତି ଟିମ୍‌ରେ ଜଣେ ଲେଖାଏ ଫରେଷ୍ଟର, ଜଣେ ଫରେଷ୍ଟ ଗାର୍ଡ, ତିନିଜଣ ପାରା ଫରେଷ୍ଟର କର୍ମୀ, ଜଣେ ପକ୍ଷୀ ଗଣନାକାରୀ କ୍ୟାମେରା, ବାଇନାକୁଲର୍, ଜିପିଏସ୍ କ୍ୟାମେରା ଓ ଜରୁରୀକାଳୀନ ଖାଦ୍ୟ ନେଇ ନିଜ ନିଜ ଅଞ୍ଚଳରେ ସକାଳ ୫ଟା୩୦ରେ ପହଞ୍ଚି ପୂର୍ବାହ୍ନ୧୧ଟା ମଧ୍ୟରେ ପକ୍ଷୀ ଗଣନା ଶେଷ କରିଥିବା ଭାରପ୍ରାପ୍ତ କୋରାପୁଟ ବନାଞ୍ଚଳ ଅଧିକାରୀ ବିକାଶ ପାତ କହିଛନ୍ତି। ଚଳିତ ବର୍ଷ ୫ଟି ସ୍ଥାନରୁ ୧୫ ପ୍ରଜାତିର ୧୭୩୧ ଟି ପକ୍ଷୀ ଚିହ୍ନଟ ହୋଇଥିବା ସେ କହିଛନ୍ତି। ନର୍ଥରନ ପେନଟିଲ ୧୧ଟି, ଲିଟିଲ କୋମୋରେଣ୍ଟ ୧୮୫ଟି, ଇଣ୍ଡିଆନ ପଣ୍ଡ ହେରନ୍ ୧୪୦ଟି ଗ୍ରେଟ କର୍ମୋରାଣ୍ଟ ୩ଟି, କ୍ୟାଟେଲ ଇଗ୍ରେଟ ୭୮ଟି, ଲିଟିଲ ଇଗ୍ରେଟ ୧୩୭, ଲିଭର ଲେପଓିଙ୍ଗ ୪୩ଟି, କମନ ମଇନା ୬୨ଟି, ହାଉସ ସ୍ପାରୋ ୬୨ଟି, କିଙ୍ଗ ଫିସର ୬ଟି, ଡୋଭ ୧୯ଟି, ପ୍ଲଭର ୩୦ଟି, ୱାଟର ହେନ ୧ଟି, ଗ୍ରୀନ ସନଡିପର ୧୭ଟି ଓ ବ୍ରାହ୍ମଣ ସେଲଡକ ୯୩୭ଟି ସବୁଠାରୁ ଅଧିକ ପରିମାଣର ପକ୍ଷୀ ଚିହ୍ନଟ ହୋଇଥିବା ସେ ଜଣାଇଛନ୍ତି। ଗତବର୍ଷ ୨୦୧୨ଟି ପକ୍ଷୀ ଗଣନା କରାଯାଇଥିବା ଚଳିତ ବର୍ଷ ପକ୍ଷୀ ସଂଖ୍ୟା କମିଛି। ଖାଦ୍ୟର ଅଭାବ,ତାପମାତ୍ରା ବୃଦ୍ଧି ଏବଂ ସୁରକ୍ଷା ଦୃଷ୍ଟିରୁ ଚଳିତ ବର୍ଷ କୌଣସି ବିଦେଶୀ ପକ୍ଷୀ ଆସିନଥିବା ଜଣାପଡିଛି। ଗତ ଦୁଇବର୍ଷ ଧରି କରାଯାଇଥିବା ପକ୍ଷୀ ଗଣନାରେ ପ୍ରବାସୀ ପକ୍ଷୀଙ୍କ ସଂଖ୍ୟା କମିଯାଉଛି। ତେବେ କୋରାପୁଟ ଜିଲ୍ଲାର ପରିବେଶ ପାଇଁ ପ୍ରତିବର୍ଷ ବହୁ ପ୍ରଜାତିର ପକ୍ଷୀ ଆସନ୍ତି , ଏହି ଅଞ୍ଚଳ ଏସିଆନ ପାଥେଓର ଏକ ଅଞ୍ଚଳ। କିନ୍ତୁ ଏବେ ଜିଲ୍ଲାର ଜଳାଶୟ ଗୁଡିକରେ ପକ୍ଷୀଙ୍କ ପାଇଁ ବାସସ୍ଥଳୀ ଉପଯୋଗ ନାହିଁ। ବର୍ଦ୍ଧିତ ଜନବସତି ଏବଂ ବିପଦ ପରିବେଶ ଯୋଗୁଁ ବିଦେଶୀ ପକ୍ଷୀ ଆସୁନଥିବା ବିଷୟ କାରଣ ବୋଲି ଚିନ୍ତା ପ୍ରକଟ କରିଛନ୍ତି ବୁଦ୍ଧିଜିବୀ।



# ସାମ୍ବାଦିକଙ୍କ ସମ୍ଭାବନା ଓ ସମସ୍ୟା ନେଇ ମିଡିଆ କେୟାର୍ସର ଆଲୋଚନା

ରାୟଗଡ଼ା,୧୮।୧(ସମିସ)

କୋଭିଡ ସମୟରେ ପ୍ରଭାବିତ ସାମ୍ବାଦିକ ଓ ସେମାନଙ୍କର ପରିବାରବର୍ଗଙ୍କ ସ୍ୱାସ୍ଥ୍ୟ ଜନିତ ସମସ୍ୟାଗୁଡିକୁ ପ୍ରତିହତ କରିବା ପାଇଁ ରାଜ୍ୟସ୍ତରୀୟ ସାମ୍ବାଦିକ ସଂଗଠନ ମିଡିଆ କେୟାର୍ସ ଓଡିଶା ପ୍ରତିଷ୍ଠା କରାଯାଇଥିଲା। ଆଜି ପର୍ଯ୍ୟନ୍ତ ରାୟଗଡା ଜିଲ୍ଲାର ପ୍ରାୟ ୨୫୦ ସାମ୍ବାଦିକ ଯୋଡି ହୋଇ ନିରନ୍ତର ଭାବେ ପରସ୍ପରକୁ ସାହାଯ୍ୟ ସହଯୋଗର ହାତ ବଢ଼ାଇଥିବା ମିଡିଆ କେୟାର୍ସର ବାର୍ଷିକ ସମ୍ମିଳନୀ ଅବସରରେ କହିଛନ୍ତି ଜିଲ୍ଲା ଅଧକ୍ଷ୍ୟ ଡଃ ବାଦଲ କୁମାର ତା। ସାମ୍ବାଦିକ ରଶ୍ମୀରଞ୍ଜନ ଦୋରାଙ୍କ ସଂଯୋଜନାରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜିଲ୍ଲାର ୩୨ ଜଣ ସାମ୍ବାଦିକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଗୋଟିଏ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହା ପରେ ଜିଲ୍ଲାର ୧୪ ଜଣ ବରିଷ୍ଠ ସାମ୍ବାଦିକଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ସ୍ମରଣକରିଜିଲ୍ଲା ପାଇଁସେମାନଙ୍କ ଅବଦାନର ଗୁଣଗାନ କରିଥିଲେ ସାମ୍ବାଦିକ ଜନ୍ମେଜୟ ସ୍ୱାଇଁ। ବରିଷ୍ଠ ସାମ୍ବାଦିକଙ୍କ ବିଶେଷ ସ୍ୱାସ୍ଥ୍ୟ ସମସ୍ୟା ଓ ପରିବାର ପେନସନ ଉପରେ ଆଲୋକପାତ କରାଯାଇଥିଲା। ସାଧାରଣ ସମ୍ପାଦକ ରଞ୍ଜନ ରଥ ରିପୋର୍ଟ କାର୍ଡ ପଠନ କରିଥିଲେ। କୋଷାଧ୍ୟକ୍ଷ ଗୋପ ରଞ୍ଜନ ବହ୍ନିପାତ୍ର ଆୟ ବ୍ୟୟର ହିସାବ ଉପସ୍ଥାପନ କଲାପରେ ସାମ୍ବାଦିକମାନଙ୍କ ସମ୍ଭାବନା ଓ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ମୃତ୍ୟୁବରଣ କରିଥିବା କାର୍ଯ୍ୟରତ ସାମ୍ବାଦିକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା କ୍ଷତିପୂରଣ, କୋଭିଡ-୧୯ କାରଣରୁ ମୃତ ସାମ୍ବାଦିକଙ୍କ ପରିବାର ପାଇଁ ୧୫ ଲକ୍ଷ ଟଙ୍କା ଅନୁଗ୍ରହ ରାଶି ଭଳି ୧୯ଟି ବିଷୟରେ ଆଲୋଚନା ହୋଇଥିଲା। ଯୋଗେଶ ଦାସ, ସୀମାଞ୍ଚଳ ପଣ୍ଡା, ନିରଞ୍ଜନ ପାଳ ଓ ଅନିଲ ସାହୁକାର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ କହିଥିଲେ। ମୁନ୍ନା ପାଢ଼ି, ପ୍ରଶାନ୍ତ କର, ପ୍ରସାଦ ଲିମା, ସୋନୁ ବାଗ, ଶିବରାମ ନାୟକ, ପ୍ରଶାନ୍ତ ସେନାପତି, ଉମାକାନ୍ତ ନେମାଲପୁରୀ, ଅକ୍ଷୟ ପିଡିସିକା, ବିଦ୍ୟା ଭୂଷଣ ପଣ୍ଡା, ଦୀପକ ପୃଷ୍ଟି, ଗୁରୁ ସାହୁ, ଅଜୟ ରଥ, ରବୀନ୍ଦ୍ର ପାଟଖଣ୍ଡାଳ ଓ ଅନ୍ୟ ବହୁ ସାମ୍ବାଦିକ ବକ୍ତବ୍ୟ ରଖିଥିଲେ। ଆମେ ଏକାଠି ରହିବା ସମ୍ଭବ ଓ ଭବିଷ୍ୟତରେ ହେବାକୁ ଥିବା କାମଗୁଡିକ ମଧ ସେଥିପାଇଁ ସମ୍ଭବ ବୋଲି କହିଛନ୍ତି ମୁଖ୍ୟ ଅତିଥି ରୁପେ ଯୋଗ ଦେଇଥିବା ବରିଷ୍ଠ ସାମ୍ବାଦିକ ତଥା ମିଡିଆ କେୟାର୍ସର ପ୍ରତିଷ୍ଠାତା ରାଜ୍ୟ ସଭାପତି ଭକ୍ତ ତ୍ରିପାଠୀ। ଗଣମାଧ୍ୟମ ପ୍ରତିନିଧି ଯଥା ରଞ୍ଜନ କୁମାର ଦାସ, ଶୁଭଦର୍ଶିନୀ ମିଶ୍ର, ସମୀର କୁମାର ଆଚାର୍ଯ୍ୟ, ନାରାୟଣ ସାହୁଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୬-୨୭ ବର୍ଷ ପାଇଁ ପ୍ରତିଷ୍ଠାତା ରାଜ୍ୟ ସଭାପତି, ମିଡିଆ କେୟାରସ୍ ରାୟଗଡାର ମନୋନୀତ ଜିଲ୍ଲା କମିଟି ସଦସ୍ୟ ମାନଙ୍କର ନାମ ଘୋଷଣା କରିଥିଲେ।




# ଆସ ବିଦ୍ୟାଳୟ ଯିବା ସଚେତନତା ଶିବିର

ମାଥିଲି,୧୮।୧ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଉପାନ୍ତ ଟେମ୍ବୁରୁପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଆସ ବିଦ୍ୟାଳୟ ଯିବା ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ପଡୋଶୀ ରାଜ୍ୟ ଛତଶଗଡ଼କୁ ଲାଗି ରହିଥିବା ଏହି ଉପାନ୍ତ ଅଞ୍ଚଳରେ ବହୁ ବିଦ୍ୟାର୍ଥୀ ସଚେତନତା ଅଭାବରୁ କେତେକ ଷଷ୍ଠ, ନବମ ଓ ଦଶମ ଯିବା ପୂର୍ବରୁ ବିଦ୍ୟାଳୟକୁ ଆସୁ ନାହାନ୍ତି। ଫଳରେ ବହୁ ବିଦ୍ୟାର୍ଥୀ ଶିକ୍ଷା ଲାଭ କରି ପାରୁ ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ଜାତୀୟ ମୁକ୍ତ ବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ମାଥିଲି କେନ୍ଦ୍ରର ସଂଯୋଜକ ମିହିର ମଣ୍ଡଳ ଓ ସହକାରୀ ସଂଯୋଜିକା ପ୍ରତିଭା ସାହୁ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଗ୍ରାମବାସୀ, ପଞ୍ଚାୟତରାଜ ସଦସ୍ୟ ପୁରାତନ ଛାତ୍ରୀ ଛାତ୍ର ମାନଙ୍କ ସହିତ ଆଞ୍ଚଳିକ ଗୋଷ୍ଠୀ ସାଧନ କେନ୍ଦ୍ରର ସମ୍ବଳ ଅଧିକାରୀ ବିଭିନ୍ନ ପ୍ରକାରର ସ୍ଲୋଗାନ ମାନ ଦେଇ ଏକ ବିରାଟ ଶୋଭାଯାତ୍ରାରେ ଟେମ୍ବୁରୁପାଲି ସଦର ଗ୍ରାମ ପରିକ୍ରମା କରିଥିଲେ। ପରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ସଂଯୋଜକ ଶ୍ରୀ ମଣ୍ଡଳ, ସହକାରୀ ସଂଯୋଜିକା ଶ୍ରୀମତୀ ସାହୁ, ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ଯୋଗଦେଇ ଉପସ୍ଥିତ ଗ୍ରାମବାସୀ ମାନଙ୍କୁ ସଚେତନ କରିଥିଲେ। ଏହି ମେଗା କ୍ୟାମ୍ପରେ ୨୧ ଜଣ ବିଦ୍ୟାର୍ଥୀ ନୂତନ ଭାବେ ମୁକ୍ତ ବିଦ୍ୟାଳୟରେ ଆଡିମିଶନ କରିଥିଲେ। ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି, ଦେବପ୍ରସାଦ ବିଶ୍ୱାଳ, ସୁରେଶ ଚନ୍ଦ୍ର ବ୍ରହ୍ମା, ସତ୍ୟନାରାୟଣ ଦାସ, ପ୍ରମୁଖ ଉପସ୍ଥିତ ଥିଲେ। ଟେମ୍ବୁରୁପାଲି ସିଆରସିସି ସତ୍ୟବ୍ରତ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ମୁନିଗୁଡା ବ୍ଲକ୍ ବିଜେଡି ସଭାପତି ହେଲେ ରତନଲାଲ ଜୈନ

ମୁନିଗୁଡ଼ା,୧୮।୧(ସମିସ): ମୁନିଗୁଡ଼ା ବ୍ଲକ ବିଜେଡି ସଭାପତି ଭାବେ ମନୋନୀତ ହୋଇଛନ୍ତି ରତନଲାଲ ଜୈନ। ରତନ ଲାଲ ପୂର୍ବରୁ ବ୍ଲକ ସଭାପତି ରହିଥିବା ବେଳେ ଏଥର ଦଳ ତାଙ୍କ ନେତୃତ୍ୱ ଉପରେ ଭରସା କରି ଗୁରୁ ଦାୟିତ୍ୱ ପ୍ରଦାନ କରିଛି। ସ୍ଥାନୀୟ ବିଜେଡି ଦଳର ସଭାପତି ଭାବେ ଘୋଷଣା ହେବା ପରେ ରାୟଗଡ଼ା ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସାରକା, ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ପୂର୍ଣଚନ୍ଦ୍ର ଗୌଡ଼, ସଂଗଠକ ପିଙ୍କୁ ପାତ୍ର, ବୃନ୍ଦାବନ ପାଢ଼ୀଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଶ୍ରୀ ଜୈନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପଟେ ପୁଣି ଥରେ ତାଙ୍କୁ ଏହି ଦାୟିତ୍ୱ ଦେଇ ଥିବାରୁ ସେ ଏହି ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବେ ବୋଲି ପ୍ରକାଶ କରିଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବା ବେଳେ ଏହି ପଦବୀର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ରତନଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପୁଣି ଜନତାଙ୍କ ସମର୍ଥନ ପାଇବ ବୋଲି ଜିଲା ସଭାପତି ଜଗନ୍ନାଥ ସାରକା ସୁଚନା ଦେଇଛନ୍ତି।



# ବାତ୍ରୀ ମାଣ୍ଡାଙ୍ଗୀଙ୍କୁ ରାମନାଗୁଡ଼ା ବ୍ଲକ ବିଜେଡି ସଭାପତି

ରାମନାଗୁଡ଼ା,୧୮।୧(ସମିସ): ରାମନାଗୁଡା ବ୍ଲକରେ ବ୍ଲକ ସଭାପତି ଭାବେ ଜଣେ ସମାଜସେବୀ ବାତ୍ରୀ ମାଣ୍ଡାଙ୍ଗୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ପୂର୍ବରୁ ବିଜୟମାଣ୍ଡାଙ୍ଗୀ ୨୪ ବର୍ଷ ଧରି କାର୍ଯ୍ୟକାରୀ ବ୍ଲକ୍ ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ନୂତନ ସଭାପତି ଶ୍ରୀ ବାତ୍ରୀ ମଣ୍ଡାଙ୍ଗୀଙ୍କୁ ପୂର୍ବତନ ଆଇନ ମନ୍ତ୍ରୀ ତଥା ରାୟଗଡା ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା, ପୂର୍ବତନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ବରିଷ୍ଠ ବିଜେଡି ନେତା ଗଗନ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନ ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି, ଯେଉଁ ଗୁରୁ ଦାୟିତ୍ୱ ତାଙ୍କୁ ପ୍ରଦାନ କରାଯାଇଛି, ସେ ତାହାକୁ ସୁଚାରୁରୂପେ ତୁଲାଇବେ ବୋଲି ଶ୍ରୀ ମାଣ୍ଡାଙ୍ଗି ମତ ପ୍ରକାଶ କରିଥିଲେ।



# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ

ମାଲକାନଗିରି, ୧୮।୧(ସମିସ): ମାଲକାନଗିରି ଜିଲ୍ଲା ସଦରମହକୁମାସ୍ଥ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ ଶେଷ ହୋଇଛି। ଉକ୍ତ ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ କେ. ଭେଙ୍କଟରାମନା, ନିରୀକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଓ ଦୀନବନ୍ଧୁ ଜେନା ମଞ୍ଚାସୀନ ଥିଲେ। ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦୀ ନଥିବାରୁ ମନୋନୀତ କରାଯାଇଥିଲା। ସଭାପତି ଭାବେ ବାଲା ରାଜୁ ପାଢ଼ି, ଉପସଭାପତି ସୁରେନ୍ଦ୍ର କୁମାର ମଲ୍ଲିକ, ସମ୍ପାଦକ ଅଶୋକ କୁମାର ସାମଲ, ସହସମ୍ପାଦକ ଲଡ୍ଡୁ କିଶୋର ପଣ୍ଡା, ସଂଗଠନ ସମ୍ପାଦକ ଜୀବନ କୁମାର ମହାନ୍ତି, କୋଷାଧ୍ୟକ୍ଷ ଜୟଦେବ ରାଉଳ ଘୋଷିତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ଶିବପ୍ରସାଦ ପାତ୍ର, ବାଳକୃଷ୍ଣ ପାଢ଼ି, ରବିନ୍ଦ୍ର କୁମାର ମହାରଣା, କାର୍ଯ୍ୟ କାରିଣୀପରିଷଦରେ ଜଗନ୍ନାଥ ତିଆଡ଼ି, ବେଣୁ ପାଣି ଖାଡ଼ଙ୍ଗା, ଚିରଞ୍ଜିବୀ ମହାପାତ୍ର, ଗୌରଚନ୍ଦ୍ର ପୂଜାରୀ, ଗିରି ଧାରୀ ପାଣିଗ୍ରାହୀ, ନବ କୁମାର ସାହୁ,ଏସ୍ ୱିରାସ୍ୱାମୀ, ଅଭିମନ୍ୟୁ ବେହେରା, ନରସିଂହ ପାଠୀ, ପୂର୍ଣ୍ଣ ଚନ୍ଦ୍ର ସାହୁ (ଖ), ଗଣେଶ ଚନ୍ଦ୍ର ଜେନା, ଶ୍ରୀନିବାସ ପଣ୍ଡା ମନୋନୀତ ହୋଇଥିଲେ। ସଭାରେ ୬୦ରୁ ଅଧିକ ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ଶ୍ରୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିକିରି ଆଇଆଇସିଙ୍କୁ ବିଦାୟ ସମ୍ବର୍ଦ୍ଧନା

ଟିକିରି,୧୮।୧(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ଥାନାର ଆଇଆଇସି ବିଶ୍ୱବନ୍ଦିନୀ ବାଗଙ୍କ ବଦଳିରାୟଗଡାଜିଲ୍ଲାଗୁଡାରିଥାନାକୁହୋଇଥିବାବେଳେଆଜିତାଙ୍କୁବିଦାୟକାଳୀନସମ୍ବର୍ଦ୍ଧନାଦିଆଯାଇଛି। ଆଜି ସ୍ଥାନୀୟ ସାମ୍ବାଦିକମାନଙ୍କ ତରଫରୁ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆଇଆଇସି ଶ୍ରୀମତୀ ବାଗ ନିଜ ଭାବନାକୁ ଅଟକାଇ ପାରିନଥିଲେ। ତାଙ୍କ ଆଖିରେ ଲୁହ ଦେଖି ଉପସ୍ଥିତ ସମସ୍ତେ ଭାବବିହ୍ୱଳ ହୋଇପଡ଼ିଥିଲେ। ତାଙ୍କ କାର୍ଯ୍ୟକାଳରେ ଟିକିରି ଥାନା କେବଳ ଆଇନର କେନ୍ଦ୍ର ନୁହେଁ, ବରଂ ନ୍ୟାୟ ଓ ମାନବିକତାର ଏକ ଆଶ୍ରୟସ୍ଥଳ ଭାବେ ପରିଚିତ ହୋଇଥିଲା। ତାଙ୍କ ବିଦାୟରେ ଅଞ୍ଚଳବାସୀ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ବିଶ୍ୱବନ୍ଦିନୀ ବାଗଙ୍କ ପରି ଆଇଆଇସି ଟିକିରି ପାଇଁ ପୁଣି ମିଳିବା ଅତ୍ୟନ୍ତ କଷ୍ଟକର। ସେହିପରି ନୂତନ ଆଇଆଇସି ଦିନକୃଷ୍ଣ ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାଶିପୁର ସାମ୍ବାଦିକ ସଂଘ ତରଫରୁ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ସାମ୍ବାଦିକ ରତ୍ନାକର ନାଏକ, ଚନ୍ଦ୍ରଶେଖର ପାତ୍ର, ବୈକୁଣ୍ଠ ଦୁରିଆ, ପ୍ରଫୁଲ୍ଲ ବେହେରା, ହୃଷିକେଶ ସାହୁ, ଡମ୍ବରୁ ବେହେରା ,ରଞ୍ଜନ ବିଡ଼ିକ, ସମାଜସେବୀ ହଧପ୍ରସାଦ ନାୟକ, ମାଝିଗୈରୀ ମିଶ୍ର, କିଶୋର ବେହେରା, ତେଲି ନାଏକ, ନାଗେଶ୍ୱର ନାଏକ, ବିରଞ୍ଚି ହୋତା, ଅମିତାପଣ୍ଡା, ଖାନାବାବୁ, ହିନା, ଚିନ୍ମୟ ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



# ଗୁଡାରୀ ବ୍ରାହ୍ମଣ ସମାଜର ବାର୍ଷିକ ମହାସମାବେଶ



ଗୁଡାରୀ,୧୮।୧(ସମିସ): ଗୁଡାରୀ ବ୍ରାହ୍ମଣ ସମାଜ ତରଫରୁ ବାର୍ଷିକ ମହାସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାରୁ କାର୍ଯ୍ୟକାରିଣୀ ସଭ୍ୟ ଅଶୋକ କୁମାର ସାହୁ ଏବଂ ରାୟଗଡ଼ା ସେଞ୍ଚୁରୀଆନ ୟୁନିର୍ଭରସିଟି ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢି ଉପସ୍ଥିତ ଥିବା ବେଳେ ଜିଲ୍ଲା ସମ୍ପାଦକ ଅରୁଣ କୁମାର ପାଣିଗ୍ରାହୀ ଏବଂ ସାଂଗଠନିକ ସମ୍ପାଦକ ଜଗଦୀଶ ପଣ୍ଡା, ପରିଷଦର ବରିଷ୍ଠ ନାଗରିକ ଉଦୟ ଚନ୍ଦ୍ର ଚନ୍ଦ୍ର ପାଣିଗ୍ରାହୀ, ଗୁଡାରୀ ବ୍ରାହ୍ମଣ ସମାଜର ସଭାପତି ମୁନା ପଣ୍ଡା ମଞ୍ଚରେ ଉପସ୍ଥିତ ଥିଲେ। ସମାଜର ସମ୍ପାଦକ ନେତ୍ରାନନ୍ଦ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବ୍ରାହ୍ମଣ ସମାଜର ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଗୁଡାରୀ ବ୍ରାହ୍ମଣ ସମାଜର ଉପଦେଷ୍ଟା ମନୋଜ ସାହୁ , ଉପସଭାପତି ଅମୀୟ ପୁରୋହିତ, କୋଷାଧ୍ୟକ୍ଷ ବିନୋଦ ରଥ, ବ୍ରାହ୍ମଣ ସମାଜର କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଭୋଜନ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

ରାଜ୍ୟସ୍ତରୀୟ ଜୁନିୟର ହ୍ୟାଣ୍ଡବଲ୍ ପ୍ରତିଯୋଗିତା

# ୧୬ ଜିଲ୍ଲାର ୨୮ ହ୍ୟାଣ୍ଡବଲ୍ ଟିମ୍‌ର ଅଂଶଗ୍ରହଣ




ବିଷମ କଟକ,୧୮।୧(ସମିସ): ରାୟଗଡ଼ା ଜିଲ୍ଲା ହ୍ୟାଣ୍ଡ ବଲ ସଂଘ ଅନୁକୂଲ୍ୟରେ ବିଷମ କଟକ ବ୍ଲକର ସ୍ଥାନୀୟ ମିନି ଷ୍ଟାଡିଅମରେ ରାଜ୍ୟସ୍ତରୀୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିଅନ୍ ୨୦୨୬ର ଉଦ୍‌ଘାଟନ ହୋଇଯାଇଛି। ଏହି କର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଷମ କଟକ ବିଧାୟକ ନୀଳମାଧବ ହିକକା ଯୋଗଦେଇ ପ୍ରଭୁ ଜଗନ୍ନାଥ ଓ ବିଷମ କଟକ ଅଧିଷ୍ଠାତ୍ରୀ ମା ମାର୍କମାଙ୍କ ପ୍ରତିମା ମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରିବା ସହ ହ୍ୟାଣ୍ଡବଲ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ରାଜ୍ୟସ୍ତରୀୟ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭଦ୍ରକ, ଜଗତସିଂହପୁର, କଟକ, ଗଞ୍ଜାମ କୋରାପୁଟ, ନୟାଗଡ଼, ନୁଆଁପଡା, ଯାଜପୁର, ଖର୍ଦ୍ଧା, ଯାଜପୁର, ପୁରୀ, ବଲାଙ୍ଗୀର, କେଉଁଝର, କନ୍ଧମାଳ, ଗଜପତି ସମେତ ରାୟଗଡା ଜିଲ୍ଲାର ୧୩ଟି ମହିଳା ଓ ୧୫ ପୁରୁଷ ଦଳ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତା ମଧ୍ୟରେ ଦୁଇଦିନି ଧରି ଲିଗ ମ୍ୟାଚ ଅନୁଷ୍ଠିତ ହେବାପରେ ସେଥିରୁ ବିଜେତା ହାସଲ କରିଥିବା ଟିମ ୨୧ ତାରିଖ ଦିନେ ସେମି ଫାଇନାଲ ଓ ଫାଇନାଲ ପ୍ରତିଯୋଗିତା ଖେଳିବେ। ପ୍ରତିଯୋଗିତା ଆରମ୍ଭରେ ମୁଖ୍ୟ ଅତିଥି ଶ୍ରୀ ହିକକା ବିଭିନ୍ନ ଜିଲ୍ଲାରୁ ଆସିଥିବା ମହିଳା ଓ ପୁରୁଷ ପ୍ରତିଯୋଗିତା ଖେଳାଳିଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ହ୍ୟାଣ୍ଡ ବଲ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ କୋଚ ଗୌରୀ ଶଙ୍କର ମିଶ୍ର, ରାୟଗଡା ଜିଲ୍ଲା ହ୍ୟାଣ୍ଡବଲ ସଙ୍ଘର ସମ୍ପାଦକ ଶୁଭେନ୍ଦୁ ନାରାୟଣ ଚୌଧୁରୀ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରରେ ଭାରପ୍ରାପ୍ତ ଅଧକ୍ଷ ଜଗନ୍ନାଥ ମେହେର, ମାର୍କମା ମହାବିଦ୍ୟାଳୟର ପୂର୍ବତନ କ୍ରୀଡା ଶିକ୍ଷକ ଅଶୋକ କୁମାର ସିଂ, ହାଟ ମୁନିଗୁଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବନାନନ୍ଦ ନାୟକ, ପ୍ରମୋଦ ପାଣିଗ୍ରାହୀ, ଶିବରମ ନାୟକ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ବିଷମ କଟକ ବ୍ଲକରେ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ହ୍ୟାଣ୍ଡ ବଲ ଟୁର୍ନାମେଣ୍ଟ ଆୟୋଜନ ହୋଇଥିବାରୁ ସ୍ଥାନୀୟ ଖେଳାଳିଙ୍କ ମଧ୍ୟରେ ଉତ୍ସାହିତ ଦେଖିବାକୁ ମିଳିଛି। ବିରାଟ ହ୍ୟାଣ୍ଡ ବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିବାରୁ ବିଷମ କଟକ ଅଞ୍ଚଳର ବିଭିନ୍ନ ବର୍ଗର ଖେଳାଳି ମାନେ ଉପସ୍ଥିତି ରହି ଏଥିରେ ସହଯୋଗ କରୁଛନ୍ତି। ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସିଥିବା ଖେଳାଳିମାନେ ଖେଳିବା ସମୟରେ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଲେ ସ୍ୱାସ୍ଥ୍ୟ ଟିମ୍‌କୁ ସଜାଗ ରଖାଯାଇଛି। ଖେଳାଳିଙ୍କ ସୁରକ୍ଷା ଦୃଷ୍ଟିରୁ ଖେଳ ପଡିଆରେ ପୋଲିସ ମୁତୟନ କରାଯାଇଛି। ରାଜ୍ୟ ସ୍ତରୀୟ ହ୍ୟାଣ୍ଡବଲ ଟୁର୍ନାମେଣ୍ଟକୁ ରାୟଗଡା ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ଶୁଭେନ୍ଦୁ ନାରାୟଣ ଚୌଧୁରୀ ପରିଚାଳନା କରିଥିଲେ। ସ୍ଥାନୀୟ ଶିକ୍ଷକ ରାଜେଶ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ: 022-22820427
ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:
ବିଜ୍ଞାପନ ସଂ. CRPD/SCO/2025-26/20 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
| --- | --- | --- |
| ଏ. ଭି. ପି. (ମାନବ ସମ୍ବଳ ଯୋଜନା ଏବଂ ନିଯୁକ୍ତି) | 1 | 42 ବର୍ଷ |
| ଏ. ଭି. ପି. (ଶିକ୍ଷଣ ଏବଂ ବିକାଶ) | 1 | 42 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query)ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 12.01.2026 ରୁ 02.02.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 12.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

**● ଡେରାବିଶ ବ୍ଲକ୍ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ**

# ଅରବିନ୍ଦଙ୍କ ନିଲମ୍ବନର ପୁନର୍ବିଚାର କରିବାକୁ ଅନୁରୋଧ

ଡେରାବିଶ, ୧୮।୧(ସମିସ): ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାଠାରେ ଆଜି ଡେରାବିଶ ବ୍ଲକ୍ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଉପରେ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ଲଗାଇଥିବା ନିଲମ୍ବନ ଆଦେଶକୁ ପୁର୍ନବିଚାର କରିବା ପାଇଁ ଅନୁରୋଧ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ହଳଧର ଦାଶ, ମହେନ୍ଦ୍ର ସିଂ, ନରସିଂହପୁର ସରପଞ୍ଚ ସୁଧିର ଖଟୁଆ ଓ ସମିତିସଭ୍ୟ ଅନନ୍ତ ଜେନା, ଚାନ୍ଦୋଳ



ସରପଞ୍ଚ ସୁରେନ୍ଦ୍ର ମଲିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି, ସମିତିସଭ୍ୟ ଫନୀନ୍ଦ୍ର ବେହେରା, ରତାଦିଆଖଣ୍ଡସାହି ସରପଞ୍ଚ ଶିଶିର ସାମଲ, କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

**● ପଥର ପ୍ୟାକିଂ କାମ ପାଇଁ ବେଆଇନ ପଥର ପରିବହନ**

# ୮ ହାଇୱା ଜବତ କଲା ଖଣି ବିଭାଗ

ମହାକାଳପଡ଼ା,୧୮।୧(ସମିସ): ବେଆଇନ୍ ଭାବେ ପରିବହନ ହେଉଥିବା ୮ ପଥର ବୋଝେଇ ହାଇୱାକୁ ମହାକାଳପଡ଼ା ପୁଲିସ ସହାୟତାରେ ଜବତ କରିଛି କେନ୍ଦ୍ରାପଡ଼ା ଖଣି ବିଭାଗ। ରବିବାର ଭୋର ୪ଟା ସମୟରେ ଅଳାଇଲୋ-ଓଳିହା ମଧ୍ୟରେ ୮ ଟି ପଥର ବୋଝେଇ ହାଇୱା ପଥର ନେଇ ଯାଉଥିଲେ। ଗୋବରୀ ନଦୀ ପାଶ୍ୱର୍ କୂଳରେ ପଥର ପ୍ୟାକିଂ କାମରେ ଏହି ପଥର ବ୍ୟବହାର କରାଯାଇଥାଆନ୍ତା। ପଥର ପ୍ୟାକିଂ କାମ କରାଉଥିବା ଠିକାଦାର ରାତିରେ ବେଆଇନ ଭାବେ ହାଇୱା ଯୋଗେ ପଥର ଚାଲାଣ କରାଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ବେଆଇନ୍ ପଥର ପରିବହନ ନେଇ ଖବର ପାଇ ମହାକାଳପଡ଼ା ପୁଲିସ ଓ ଜିଲ୍ଲା ଖଣିଜ ସମ୍ପଦ ବିଭାଗ ପକ୍ଷରୁ ରବିବାର ଭୋର୍ ସମୟରେ ୮ଟି ପଥର ବୋଝେଇ ହାଇୱା ପଥର ନେଇ ଯାଉଥିବା ସମୟରେ ଖଣି ଅଧିକାରୀ ମହାକାଳପଡ଼ା ପୁଲିସ ସହାୟତାରେ ଜବତ କରିଛନ୍ତି ବୋଲି ମହାକାଳପଡ଼ା ଥାନା ଅଧିକାରୀ ମାନସ ମଲିକ ସୂଚନା ଦେଇଛନ୍ତି।

# ଓଳକଣା ମେଳଣ ପ୍ରସ୍ତୁତି ବୈଠକ



ପଞ୍ଚୁପାଣ୍ଡବ,୧୮।୧(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗରସ୍ଥ ଶ୍ରୀଶ୍ରୀ ରାଧାକାନ୍ତଜୀଉ ମନ୍ଦିର ପ୍ରାଙ୍ଗଣରେ ଓଳକଣା, ରାଜନଗର ଓ ଡେରାବିଶର ମିଳିତ ଭାବେ ମେଳଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହନ୍ତ ସୁଧାକର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ରମାକାନ୍ତ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭିନ୍ନ ଠାକୁର ବାଡିର ସଦସ୍ୟ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଚଳିତ ବର୍ଷ ଚନ୍ଦ୍ରଗ୍ରହଣ ପଡୁଥିବାବେଳେ ଶୀଘ୍ର ମେଳଣ ସାରିବାକୁ କମିଟି ସଦସ୍ୟ ନିଷ୍ପତ୍ତି ନେଇଥିଲେ। ମେଳଣ କମିଟି ଉପସଭାପତି ବିଜୟ ମଲ୍ଲିକ, ମକର ପ୍ରଧାନ, ରତିକାନ୍ତ ସାମଲ, ବାଦଲ ଦାସ, ରମାକାନ୍ତ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ଲକ୍ଷ୍ମୀକାନ୍ତ ମହାନ୍ତି, ମହେଶ୍ୱର ସିଂହ, ନାରାୟଣ ସାହୁ, ସୁବାସ ପାତ୍ର, ହୃଷିକେଶ ମଲ୍ଲିକ, ଅରୁଣ ପତି ଓ ପ୍ରଭାକର ମଲ୍ଲିକ ଯୋଗ ଦେଇଥିବାବେଳେ ମହନ୍ତ ସୁଦାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀରାମପୁରରେ ହିନ୍ଦୁ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୧୮।୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଟ୍ଟାମୁଣ୍ଡାଇ ଖଣ୍ଡ ଅନ୍ତର୍ଗତ ଶାସନ ମଣ୍ଡଳ ସ୍ୱୟଂସେବକଙ୍କ ଦ୍ୱାରା ଶ୍ରୀରାମପୁର ରାମଚଣ୍ଡି ପଡ଼ିଆରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟ ପୂଜାରୁ କାର୍ଯ୍ୟକ୍ରମ ହୋଇଥିଲା। ପରେ ସହିଦ ପ୍ରକାଶ ପରିଡ଼ାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗୋପୂଜନ ପରେ ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କଟକ ବିଭାଗ କାର୍ଯ୍ୟବାହ ଶରତ ସେନ, ବରିଷ୍ଠ ସାମ୍ବାଦିକ ମାତୃଦତ୍ତ ମହାନ୍ତି, ଓଡିଶା ପୂର୍ବ ପ୍ରାନ୍ତ ଗୋରକ୍ଷା ପ୍ରମୁଖ ସନ୍ଥ ଶ୍ରୀକୃଷ୍ଣ ଦାସଜୀ ମହାରାଜ, ହିନ୍ଦୁ ସମ୍ମିଳନୀ ଜିଲ୍ଲା ପ୍ରମୁଖ ରବୀନ୍ଦ୍ର ସେଠୀ ହିନ୍ଦୁମାନଙ୍କୁ ସଂଗଠିତ ହେବାକୁ ଉତ୍ସାହିତ କରିଥିଲେ। ପାୟଲ ମ୍ୟୁଜିକ ତରଫରୁ ଭଜନ ପରିବେଷଣ କରାଯାଇଥିଲା। ସଂଯୋଜକ ପ୍ରଶାନ୍ତ ମହାନ୍ତି, ସହସଂଯୋଜକ ଆଶିଷ ମଲିକ, ରମାକାନ୍ତ ଦାଶ, ଶଶାଙ୍କ ରାଉତ, ଶ୍ରୀରାମପୁର ସମିତି ସଭ୍ୟ ଉତ୍ତମ ଜେନା, ଶ୍ରୀରାମ ସେନା ସଭାପତି ଶାରଦା ରାଉତ,




ଡାମରପୁର ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ପ୍ରଦୀପ ଶତପଥୀ, ହିମାଂଶୁ ପଣ୍ଡା, ରଶ୍ମୀକାନ୍ତ କୁଣ୍ଡ, ଦେବାଶିଷ ମାନଧାତା, ମନ୍ମଥ ମାନଧାତା, ପଞ୍ଚାନନ ବିଶ୍ୱାଳ, ବିନ୍ଦୁସାଗର ଦାସ, ସତ୍ୟ ପ୍ରକାଶ ପ୍ରଧାନ, ଶୁଭମ ମାନଧାତା, ରାଜୀବ ନାୟକ, ସୁନାକାର ପ୍ରଧାନ, ଡାମରପୁରର ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ପ୍ରମୋଦ ସେନାପତି, ଉତ୍ତମ ଖୁଣ୍ଟିଆ, ଶିବପ୍ରସାଦ ପଣ୍ଡା, ସତ୍ୟରଞ୍ଜନ ବେହେରା, ଉଦୟଶଙ୍କର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**କୋଟି କୋଟି ଟଙ୍କାର ସ୍ପର ଧସିବା ଘଟଣା**

# ତଦନ୍ତରେ ଅଧିକାରୀଙ୍କ 'ଝର' ବାହାନା

କେନ୍ଦ୍ରାପଡ଼ା,୧୮।୧(ସମିସ)

ଜଳ ସମ୍ପଦ ବିଭାଗ ଅଧୀନରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ପରଗୁଡ଼ିକ ଧସିବା ଘଟଣା ସରକାରୀ କାମର ଗୁଣମାନ ଉପରେ ପ୍ରଶ୍ନ ଉଠାଇଛି । ଚିତ୍ରୋତ୍ପଳା ନଦୀ ପୁନ୍ଦାଳ ନିକଟ ଜିରାଳ ସ୍ପର, ଲୁଣାନଦୀର ବଛରାଇ ଓ ପାଇକା ନଦୀର ବଟିରା ଅଞ୍ଚଳରେ ମଧ୍ୟ ସ୍ପର ଧସିବା ଘଟଣାରେ ଅଧିକାରୀ ଝରର ବାହାନା ଦେଖାଇ ବଞ୍ଚିବାକୁ ଚେଷ୍ଟା କରିଛନ୍ତି। ସମସ୍ତ ଘଟଣାରେ ଲକ୍ଷଣୀୟ ବିଷୟ ହେଉଛି ତଦନ୍ତ ପାଇଁ ଆସୁଥିବା ଅଧିକାରୀ ପ୍ରାୟ ସମାନ



ଉତ୍ତର ଦେଉଛନ୍ତି। ନଦୀରେ ଝର ପଡ଼ିଥିବାରୁ ସ୍ପର ଧସିଛି" ବୋଲି କହି ଦାୟିତ୍ୱ ଏଡ଼ାଇବାକୁ ଚେଷ୍ଟା ହେଉଛି। କିନ୍ତୁ ଏହି ବାହାନାକୁ ସ୍ଥାନୀୟ ଲୋକେ ମାନିବାକୁ ପ୍ରସ୍ତୁତ ନୁହଁନ୍ତି।

ଚିତ୍ରୋତ୍ପଳା ନଦୀର ପୁନ୍ଦାଳ ନିକଟ ଜିରାଳ ସ୍ପର ଧସିବା ବେଳେ ସେହି ନଦୀର ଅନ୍ୟାନ୍ୟ ସ୍ଥାନରେ କୌଣସି ଗୁରୁତର ଝର ନ ଥିବା ଲୋକମାନେ ଦର୍ଶାଉଛନ୍ତି। ଯଦି ଝର ମୁଖ୍ୟ କାରଣ ହୋଇଥା'ନ୍ତା, ତେବେ ସମଗ୍ର ନଦୀପଟାରେ ସମାନ ପ୍ରଭାବ ଦେଖାଯିବା କଥା। ବାସ୍ତବତା ହେଉଛି ଯେଉଁଠି ନିମ୍ନମାନର କାମ, ସେଠି ସ୍ପର ଧସୁଛି। ଲୁଣା ନଦୀର ବଛରାଇ ଓ ପାଇକା ନଦୀର ବଟିରା ଅଞ୍ଚଳରେ ହୋଇଥିବା ସ୍ପର କାମକୁ ନେଇ ଆଗରୁ ମଧ୍ୟ ଅଭିଯୋଗ ଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ନିର୍ମାଣ ସମୟରେ ନିମ୍ନମାନର ପଥର, କମ୍ ଗଭୀରତାର ଆଧାର ଓ ଡିଜାଇନ ଅନୁଯାୟୀ କାମ ନ ହେବା ଯୋଗୁଁ ଏହି ସ୍ପରଗୁଡ଼ିକ ସାଧାରଣ ପାଣି ପ୍ରବାହକୁ ସହି ପାରୁନାହାଁନ୍ତି। କୋଟି କୋଟି ଟଙ୍କାର ସରକାରୀ ଅର୍ଥ ଏଭଳି ଭାବେ ନଦୀରେ ଭାସିଯାଉଥିବା ଦୃଶ୍ୟ ଲୋକଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି କରିଛି। ଏହି ପରିସ୍ଥିତିରେ କେବଳ ଝର ବୋଲି କହି ମାମଲା ରଫାଦଫା କରିବା ପରିବର୍ତ୍ତେ ସମସ୍ତ ଧସିଥିବା ସ୍ପରର ଡିଜାଇନ, ଏଷ୍ଟିମେଟ, ବ୍ୟବହୃତ ସାମଗ୍ରୀ, କାର୍ଯ୍ୟାନ୍ୱୟନ ଓ ଦାୟିତ୍ୱଶୀଳ ଯନ୍ତ୍ରୀ ଠିକାଦାରଙ୍କ ଭୂମିକା ଉପରେ ସ୍ୱାଧୀନ ଓ ପ୍ରାମାଣିକ ତଦନ୍ତ ଦାବି ହେଉଛି।

# ପ୍ରଶାନ୍ତ ରାଉତ ରାଜନଗର ବ୍ଲକ୍ କଂଗ୍ରେସ ସଭାପତି

ରାଜନଗର,୧୮।୧(ସମିସ): ରାଜନଗର ବ୍ଲକ କଂଗ୍ରେସ କମିଟି ସଭାପତି ଭାବେ ଯୁବ ନେତା ପ୍ରଶାନ୍ତ ରାଉତଙ୍କୁ ଦାୟିତ୍ୱ ଦିଆଯାଇଛି। ଶ୍ରୀ ରାଉତ ବିଗତ ଦିନରେ ବ୍ଲକ ଛାତ୍ର କଂଗ୍ରେସର ସଭାପତି ଓ ଯୁବ କଂଗ୍ରେସର ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କର ସାଙ୍ଗଠନିକ ଦକ୍ଷତା ମଧ୍ୟ ପ୍ରମାଣିତ କରିଥିଲେ। ଦଳର ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ତାଙ୍କୁ ରାଜନଗର ବ୍ଲକର ଦାୟିତ୍ୱ ଦେଇଥିବାରୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ ଲଲ୍ଲୁ, ପ୍ରଦେଶ କଂଗ୍ରେସ କମିଟି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ ଓ ଜିଲ୍ଲା କଂଗ୍ରେସ ସଭାପତି ଡ. ଦେବସ୍ମିତା ଶର୍ମାଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଜନଗରରେ କଂଗ୍ରେସ ଆଗାମୀ ଦିନରେ ଶ୍ରୀ ରାଉତଙ୍କ ନେତୃତ୍ୱରେ ଶକ୍ତିଶାଳୀ ହେବ। ନୂଆ ସଭାପତି ଘୋଷଣା ପରେ କଂଗ୍ରେସ କର୍ମୀ ବ୍ଲକ ପଡ଼ିଆରେ ଏକତ୍ର ହୋଇ ମହାତ୍ମା ଗାନ୍ଧୀ ଓ ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ବାଣ ଫୁଟାଇ, ମିଠା ବାଣ୍ଟି ଖୁସି ମନାଇବା ସହ ଶ୍ରୀ ରାଉତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ଜିଲ୍ଲା ସମ୍ପାଦକ ନାଗେଶ୍ୱର ସାହୁ, ଯୁବ କଂଗ୍ରେସ ନେତା ସୁଶୀଲ ପ୍ରଧାନ, ଛାତ୍ର ସଂସଦ ପୂର୍ବତନ ସଭାପତି ସୌରଭ ଜେନା, ପୂର୍ବତନ ଉପସଭାପତି ବିଭୁପ୍ରସାଦ ସାହୁ, ଯୁବ ନେତା ସୁବାସ ବେହେରା, ବରିଷ୍ଠ ନେତା ବୈକୁଣ୍ଠ ବିଶ୍ୱାଳ, ରମାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ଆଳି-କନିକା ଉନ୍ନୟନ ପରିଷଦର ବାର୍ଷିକ ଉତ୍ସବ

ଆଳି /ପଟ୍ଟାମୁଣ୍ଡାଇ,୧୮।୧(ସମିସ): କଟକ ଓ ଭୁବନେଶ୍ୱରରେ ରହି ନିଜ ଅଞ୍ଚଳର ସାମୂହିକ ବିକାଶରେ ବ୍ରତୀ ଥିବା ସାମାଜିକ ସଂଗଠନ ଆଳି-କନିକା ଉନ୍ନୟନ ପରିଷଦର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଟକର ନରାଜଠାରେ ଆଜି ପୂର୍ବାହ୍ନ ୧୧ଟାରେ ଆୟୋଜିତ ଉତ୍ସବରେ କଟକର ମେୟର ସୁବାସ ସିଂ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ୮ନଂ କର୍ପୋରେଟର ନମିତା ବାରିକ, ୩ନଂ କର୍ପୋରେଟର ପ୍ରଦୀପ ରାଉତ, ଅବସରପ୍ରାପ୍ତ ଶିକ୍ଷକ ପ୍ୟାରୀମୋହନ ସ୍ୱାଇଁ, ସାମ୍ବାଦିକ ସୁକାନ୍ତ ଦାଶ, ଅଲେଖ ନାଥଶର୍ମା ପ୍ରମୁଖ ଯୋଗଦେଇ ସାମାଜିକ ଉତ୍ତର ଦାୟିତ୍ୱର ଭୂୟସୀ ପ୍ରଶଂସା କରିଥିଲେ। ସାମ୍ପ୍ରତିକ ସମୟରେ ସୃଷ୍ଟି ହେଉଥିବା ସାମାଜିକ ଆବଶ୍ୟକତାର ଦାୟିତ୍ୱବୋଧରେ ସମର୍ପିତ ହୋଇ କ୍ରମାଗତ ଭାବେ ଅଷ୍ଟମ ବର୍ଷରେ ଉତ୍ସର୍ଗୀକୃତ ସେବା ଯୋଗାଇ ଚାଲୁଥିବା ପରିଷଦର ନିଜସ୍ୱ କାର୍ଯ୍ୟାଳୟ ପାଇଁ ଜମି ଯୋଗାଣ, ଆଗାମୀ ଦୁଇବର୍ଷ ମଧ୍ୟରେ ସଦସ୍ୟ ସଂଖ୍ୟା ବୃଦ୍ଧି, ସ୍ୱାସ୍ଥ୍ୟ, ଶିକ୍ଷା ଓ ରୋଜଗାର ପାଇଁ ପରିଷଦର କାର୍ଯ୍ୟ ଖସଡା ବେଶ ଉଦାହରଣୀୟ ଥିବାରୁ ମେୟର ଏହାର ଉତ୍ତରୋତ୍ତର ପ୍ରଗତି କାମନା କରିଥିଲେ। ସଭାପତି ନିରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଉପସଭାପତି ନନ୍ଦକିଶୋର ଦାସଙ୍କ ସଂଯୋଜନାରେ ସମ୍ପାଦକ ଭାବଗ୍ରାହୀ ନାୟକ ବାର୍ଷିକ ବିବରଣୀ ପାଠ, କୋଷାଧ୍ୟକ୍ଷ ରଞ୍ଜନ ରାଉତ ଆୟବ୍ୟୟ ଉପସ୍ଥାପନ କରିଥିଲେ। ଉପଦେଷ୍ଟା ଚକ୍ରଧର ବେହେରା, ଉପସଭାପତି ଜୟରାମ ସେଠୀ, ଉପଦେଷ୍ଟା ଡାକ୍ତର ଆଶିଷ ବାରିକ, ପ୍ରଦୀପ ରାଉତ, ସତ୍ୟଜିତ ରାଉତ, ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଡାଙ୍ଗମାଳରେ ବାର୍‌ହା ଆତଙ୍କ**

# ଦୁଇ ଦିନରେ ଦୁଇ ଗୁରୁତର

ରାଜନଗର,୧୮।୧(ସମିସ): ଡାଙ୍ଗମାଳରେ ବାର୍‌ହା ଆତଙ୍କ ସୃଷ୍ଟି ହୋଇଛି। ଦୁଇ ଦିନରେ ଦୁଇଜଣ ବାର୍‌ହା ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଜନବସତିକୁ ବାରମ୍ବାର ପଶିଆସିବା ଓ ଲୋକଙ୍କୁ ଆକ୍ରମଣ କରିବା ଘଟଣାକୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଗତକାଲି ବାରହା ଆକ୍ରମଣରେ ରଗଡାପାଟିଆ ଗାଁର ସିଦ୍ଧେଶ୍ୱର ଗିରିଙ୍କ ପତ୍ନୀ ସନ୍ଧ୍ୟାରାଣୀ ଗିରି ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଥିବାବେଳେ ଆଜି ଡାଙ୍ଗମାଳ ଗାଁର ତ୍ରିଲୋଚନ କୁଅାଁର (୫୦ ବର୍ଷ) ଗୁରୁତର ଆହତ ହୋଇଛନ୍ତି। ଆଜି ସକାଳ ପ୍ରାୟ ୭ ଘଟିକା ସମୟରେ ତ୍ରିଲୋଚନ ଘର ନିକଟ ରାସ୍ତାରେ ଛିଡା ହୋଇଥିବାବେଳେ ହଠାତ ଦ୍ରୁତ ଗତିରେ ଦୌଡି ଆସି ବାର୍‌ହା ଆକ୍ରମଣ କରିଥିଲା। ତ୍ରିଲୋଚନ କିଛି ବୁଝିବା ପୂର୍ବରୁ ବାର୍‌ହା ଆକ୍ରମଣ କରିଥିଲା। ବାରହା ଆକ୍ରମଣରେ ତ୍ରିଲୋଚନଙ୍କ ମୁହଁ, ଗୋଡ, ଜଙ୍ଘରେ ଗୁରୁତର କ୍ଷତ ହୋଇଛି। ତ୍ରିଲୋଚନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତ୍ରିଲୋଚନଙ୍କୁ କେନ୍ଦ୍ରପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ସଡ଼କ ସୁରକ୍ଷା ସଚେତନତା

ପଟ୍ଟାମୁଣ୍ଡାଇ,୧୮।୧(ସମିସ): ଦାଣ୍ଡିସାହି ବ୍ରାହ୍ମଣୀ ମହାବିଦ୍ୟାଳୟରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଲୋକନାଥ ମେହେର, ଟ୍ରାଫିକ ଅଧିକାରୀ ରାଜନାରାୟଣ ସ୍ୱାଇଁ, ଜାତୀୟ ସେବା ଯୋଜନା ସଂଯୋଜକ ଅଧ୍ୟାପକ ନଟବର ସୂତାର, ରେଡକ୍ରସ ସଂଯୋଜକ ଅଧ୍ୟାପକ ଶୁଭେନ୍ଦ୍ର ବେଉରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ସଂକ୍ରାନ୍ତୀୟ ସବିଶେଷ ତଥ୍ୟ ଓ ଉପାଦେୟ ନିୟମ ସଂକ୍ରାନ୍ତରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା। ଏମଭିଆଇ ଶ୍ରୀକାନ୍ତ ଟୁଡୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଇଥିଲେ। ପ୍ରାରମ୍ଭରେ ପେଣ୍ଟପାଳ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନତା ପଦଯାତ୍ରା କରାଯାଇଥିଲା। ଏଥିରେ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ, ଟ୍ରାଫିକ ବିଭାଗ, ମହାବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# ହଂସୁଆ ନଦୀକୁ ଡେଇଁଲେ ବୃଦ୍ଧ, ଉଦ୍ଧାର କଲେ ମତ୍ସ୍ୟଜୀବୀ

ରାଜନଗର, ୧୮।୧(ସମିସ): ହଂସୁଆ ନଦୀ ପୋଲ ଉପରୁ ନଦୀକୁ ଡେଇଁ ପଡିଥିଲେ ଜଣେ ବୃଦ୍ଧ। ଆଜି ଦିନ ପ୍ରାୟ ୯ଟା ସମୟରେ ହଠାତ ରାଜନଗର ଥାନା ଅନ୍ତର୍ଗତ ଟାଙ୍ଗଣତୈଳା ଗାଁର ଦର୍ପନାରାୟଣ ରାଉତ (୬୦ ବର୍ଷ) ସେତୁ ଉପରୁ ନଦୀ ମଧ୍ୟକୁ ଡେଇଁ ପଡିଥିଲେ। ସେତୁ ଉପରେ ଯା'ଆସ କରୁଥିବା ଲୋକେ ଏହା ଦେଖି ଚିତ୍କାର କରିଥିଲେ। ନିକଟରେ ମାଛ ମାରୁଥିବା ମତ୍ସ୍ୟଜୀବୀ ଡଙ୍ଗା ସାହାଯ୍ୟରେ ନଦୀ ମଧ୍ୟରୁ ଦର୍ପଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପୁଲିସକୁ ସ୍ଥାନୀୟ ଲୋକେ ଦର୍ପଙ୍କୁ ଜିମା ଦେଇଥିଲେ। ପରିବାର ଲୋକଙ୍କୁ ପୁଲିସ ଦର୍ପଙ୍କୁ ଜିମା ଦେଇଛି। ପାରିବାରିକ କଳହରୁ ଦର୍ପ ନଦୀକୁ ଡେଇଁଥିବା କୁହାଯାଉଛି।

# ରାଜନଗର ପଞ୍ଚାୟତ କୃଷକ ମଞ୍ଚ ବୈଠକ

ରାଜନଗର,୧୮।୧(ସମିସ): ରାଜନଗର ବ୍ଲକ ସଦର ମହକୁମା ରାଜନଗର ପଞ୍ଚାୟତ ସଭାଗୃହରେ ରାଜନଗର ପଞ୍ଚାୟତ କୃଷକ ମଞ୍ଚ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚାଷୀ ହରେକୃଷ୍ଣ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ଚାଷୀ ଯୋଗଦେଇ ଚାଷ ସମୟରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀଙ୍କ ମୁଖ୍ୟ ସମସ୍ୟା ଷଣ୍ଢଙ୍କ ପ୍ରାଦୁର୍ଭାବ, ବିଭିନ୍ନ କେନାଲର ପୁନରୁଦ୍ଧାର, ଚାଷୀଙ୍କ ଜଳସେଚନ ସୁବିଧା, ସରକାରଙ୍କ ପକ୍ଷରୁ ରିହାତି ଦରରେ ସାର, ବିହନ, ଔଷଧ ଯୋଗାଣ ବିଷୟରେ ଆଲୋଚନା କରିଥିଲେ। ତୁରନ୍ତ ପଦକ୍ଷେପ ନେବା ପାଇଁ ତହସିଲଦାରଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ବରିଷ୍ଠ ଚାଷୀ ଅରକ୍ଷିତ ପ୍ରଧାନ, ପୀତାମ୍ବର ଲେଙ୍କା, କିଶୋର ରାଉତରାୟ, ପରମେଶ୍ୱର ପ୍ରଧାନ, ନିରଞ୍ଜନ ଦାସ, ନିରଞ୍ଜନ ପରିଡା, ବିଜୟ ସେଠୀ, ଉମେଶ ଦାସ, ବାସୁଦେବ ସାହୁ, ବୁଦ୍ଧିରାମ ସେଠୀ, ବିଷ୍ଣୁ ସାହୁ, ଗଙ୍ଗାଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ତ୍ରିବେଣୀ ମେଳା ଓ ରୁଦ୍ରଶାନ୍ତି ମହାଯଜ୍ଞ ଆରମ୍ଭ

ଡେରାବିଶ, ୧୮।୧(ସମିସ): ତ୍ରିବେଣୀ ଅମାବାସ୍ୟ ତିଥିରେ ଜଗନ୍ନାଥପୁରସ୍ଥ ପ୍ରସିଦ୍ଧ ଶୈବ ପୀଠ ଆର୍ତ୍ତେଶ୍ୱରଙ୍କ ମନ୍ଦିର ନିକଟରେ ବହିଯାଉଥିବା ଗୋବରୀ ନଦୀରେ ଆଜି ପ୍ରାତଃରେ ଶତାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇ ମହାଦେବଙ୍କୁ ଦର୍ଶନ କରିଛନ୍ତି। ଏ ଅବସରରେ ମନ୍ଦିର ବେଢ଼ାରେ ଆଜିଠାରୁ ବିଶ୍ୱକଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଆସନ୍ତା ୨୨ ତାରିଖ ଯାଏ ଏହି ମେଳା ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲାରେ ଏହି ମେଳା ପ୍ରସିଦ୍ଧି ଲାଭ କରିଥିବାରୁ ୫ ଦିନ ଧରି ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କାକୁ ଦୃଷ୍ଟିରେ ରଖି ନିକିରାଇ ଥାନା ପୁଲିସ୍ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଗୋବରୀ ନଦୀର ସନ୍ଥପୁରାସ୍ଥ ଘାଟରୁ ଶତାଧିକ ମହିଳା ଶୋଭାଯାତ୍ରାରେ ଆଣିଥିବା କଳସରେ ପବିତ୍ର ଜଳ ସଂଗ୍ରହ କରି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ।

# ବେଲପାଳରେ କାଳୀପୂଜା ଆରମ୍ଭ

ରାଜନଗର,୧୮।୧(ସମିସ): ବେଲପାଳ ଗାଁର ଶହେ ବର୍ଷର ମା' ରଟନ୍ତି କାଳୀପୂଜା ଆରମ୍ଭ ହୋଇଛି। ପଣ୍ଡିତ ସନ୍ତୋଷ ଶତପଥୀ, ପ୍ରଭାସ ତ୍ରିପାଠୀ, ଅଶୋକ ଦେବତା, ଶଶାଙ୍କ କଣ୍ଡ ଓ ପୂଜକ ସଚିକାନ୍ତ ପଣ୍ଡା, ପ୍ରଶାନ୍ତ ପଣ୍ଡା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା'ଙ୍କ ଷୋଡଶ ଉପଚାର ସହିତ ପୂଜାର୍ଚ୍ଚନା କରୁଛନ୍ତି। ଏହି ଉତ୍ସବ ସାତଦିନ ଧରି ଚାଲିବ। ନାନା ଅଳଙ୍କାରରେ ବିଭୂଷିତ ମା' ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ସନ୍ଧ୍ୟା ଆଳତି ଦେଖିବା ପାଇଁ ବେଲପାଳ ସମେତ ଆଖପାଖ ଗାଁର ମାନସିକଧାରୀ ଭକ୍ତ, ଉପାସକଙ୍କ ଭିଡ଼ ଲାଗିରହିଛି ।

# ବରକନ୍ଧା ପ୍ରିମିୟର ଲିଗ୍

ମହାକାଳପଡ଼ା,୧୮।୧(ସମିସ): ବରକନ୍ଧା ଗ୍ରାମରେ ଚାଲିଥିବା ବରକନ୍ଧା ପ୍ରିମିୟର ଲିଗ୍‌ର ନବମ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଆଜି ଖେଳରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଯାଦବ ମହାସଭାର ସାଧାରଣ ସମ୍ପାଦକ ତଥା ଆଇନଜୀବୀ ଚିତ୍ତରଞ୍ଜନ ଦାସ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ବାରଡାଙ୍ଗ ସରପଞ୍ଚ ଅରବିନ୍ଦ ଜେନା, ସମ୍ମାନିତ ଅତିଥି ଭାବେ ରଞ୍ଜନ ରାଉତ, ଚନ୍ଦ୍ର ପ୍ରକାଶ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ।

**କୁଦାନଗରୀ ଥାନାକୁ ବୋମା ଧମକ ପରେ ଅପପ୍ରଚାର ଅଭିଯୋଗ**

# ଟାର୍ଗେଟ୍‌ରେ ସାମ୍ବାଦିକ, ରାଜନୈତିକ ବ୍ୟକ୍ତି ଓ ମହିଳା

କେନ୍ଦ୍ରାପଡ଼ା,୧୮।୧(ସମିସ)

ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଆଜି ଗୁରୁତର ଚିନ୍ତା ପ୍ରକଟ କରାଯାଇଛି। ସୋସିଆଲ ମିଡିଆରେ ଏକ ଫେକ୍ ଫେସବୁକ୍ ଆଇଡି ମାଧ୍ୟମରେ କୁଦାନଗରୀ ଥାନାକୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ମିଳିବା ଅଭିଯୋଗ ପରେ, କେତେଜଣ ସାମ୍ବାଦିକ, କିଛି ରାଜନୈତିକ ବ୍ୟକ୍ତି ଓ ସାଧାରଣ ମହିଳାଙ୍କ ବିରୋଧରେ ଯୋଜନାବଦ୍ଧ ଅପପ୍ରଚାର ଚାଲିଥିବା ଅଭିଯୋଗ ଉଠିଛି।

ସୂଚନା ମୁତାବକ, ଅନୀତା ପାଣି ନାମରେ ଏକ ଫେକ୍ ଫେସବୁକ୍ ଆଇଡି ଖୋଲି ଅଶ୍ଳୀଳ, ଅପମାନଜନକ ଓ ସମ୍ପୂର୍ଣ୍ଣ ମିଥ୍ୟା ମେସେଜ ଓ ପୋଷ୍ଟ ପ୍ରଚାର କରାଯାଉଛି। ସେଗୁଡ଼ିକୁ ସଚେତନ ଭାବେ ସେୟାର କରି ସାମ୍ବାଦିକ, ରାଜନୈତିକ ବ୍ୟକ୍ତି ଓ ମହିଳାଙ୍କ ଚରିତ୍ର ସଂହାର କରିବା ପାଇଁ ଉଦ୍ଦେଶ୍ୟପୂର୍ଣ୍ଣ ପ୍ରୟାସ ଚାଲିଛି। ଦୁଃଖର ବିଷୟ ହେଲା, ଏହି ଅପପ୍ରଚାର କେବଳ ଜଣେ ବ୍ୟକ୍ତି କିମ୍ବା ଜଣେ ସାମ୍ବାଦିକରେ ସୀମିତ ନୁହେଁ। ଜିଲ୍ଲାର ଅନେକ ସାମ୍ବାଦିକ, କିଛି ରାଜନୈତିକ ବ୍ୟକ୍ତି ଓ ସାଧାରଣ ମହିଳା ଏହି ଫେକ୍ ଆଇଡିଭିତ୍ତିକ ଅପପ୍ରଚାରର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ପ୍ରତିଦିନ ସୋସିଆଲ ମିଡିଆରେ ମନଗଢ଼ା କାହାଣୀ, ମିଥ୍ୟା ଅଭିଯୋଗ ଓ ଘୃଣାପୂର୍ଣ୍ଣ ପୋଷ୍ଟ ପ୍ରସାରିତ ହେଉଛି। ଏବେ ସେହି ଫେକ୍ ଆଇଡି ମାଧ୍ୟମରେ ବଳଦେବଜୀଉ ଓ ଲଛନଜୀଉ ମନ୍ଦିରକୁ ବୋମା ପକାଇ ଉଡ଼ାଇ ଦେବାକୁ ପୁଣିଥରେ ଧମକ ଦିଆଯାଇଛି। ଏପରି ଧମକକୁ ସାଧାରଣ ଲୋକ ଓ ସାମ୍ବାଦିକ ଗଭୀର ଆଶଙ୍କାଜନକ ବୋଲି କହିଛନ୍ତି। ଏ ନେଇ ଜିଲ୍ଲାର ସାମ୍ବାଦିକ ଏସପି, ଏସଡିପିଓ ଓ ସାଇବର ସେଲ୍ ନିକଟରେ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ସମ୍ପୃକ୍ତ ଫେକ୍ ଆଇଡିଗୁଡ଼ିକୁ ଟ୍ରାକ କରାଯାଉଛି ଓ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦିଆଯାଇଛି। ଅଭିଯୋଗ ପରେ ମଧ୍ୟ ଅପପ୍ରଚାର ଜାରି ରହିଥିବାରୁ ସାମ୍ବାଦିକ ଓ ସାଧାରଣ ଲୋକଙ୍କ ମଧ୍ୟରେ




ଚିନ୍ତା ବଢ଼ିଛି। ଏହି ପରିସ୍ଥିତିରେ କିଛି ମୌଳିକ ପ୍ରଶ୍ନ ଉଠୁଛି। ସତ୍ୟ ଲେଖିବା କି ଏବେ ଅପରାଧ? ସାମ୍ବାଦିକଙ୍କୁ ଭୟଭୀତ କରି ଚୁପ୍ କରାଇବା ହିଁ କି ଏପରି ଅଭିଯାନର ମୂଳ ଲକ୍ଷ୍ୟ? ଫେକ୍ ଆଇଡି ଆଳରେ ଲୁଚି ଅପରାଧ କରୁଥିବା ଲୋକ କେବେ ଆଇନର ଜାଲରେ ପଡ଼ିବେ? ସାମ୍ବାଦିକମାନେ ସ୍ପଷ୍ଟ କରିଛନ୍ତି ଯେ, ଭୟ ଦେଖାଇ ସତ୍ୟକୁ ଦବାଇ ଦିଆଯାଇପାରିବନାହିଁ। ସତ୍ୟ ଓ ନିରପେକ୍ଷ ସାମ୍ବାଦିକତା ପାଇଁ ସେମାନଙ୍କର ଲଢ଼େଇ ଜାରି ରହିବ। ଆଇନ ଉପରେ ଆସ୍ଥା ରଖି ନ୍ୟାୟ ଆଶା କରାଯାଉଛି। ସମାଜର ସଚେତନ ନାଗରିକଙ୍କୁ ଆହ୍ୱାନ କରାଯାଇଛି, ମିଥ୍ୟା, ଘୃଣା ଓ ଫେକ୍ ଅଭିଯାନକୁ ଚିହ୍ନଟ କରନ୍ତୁ। ଅପପ୍ରଚାରକୁ ଅସ୍ୱୀକାର କରନ୍ତୁ ଓ ସତ୍ୟ ପାଇଁ ଦୃଢ଼ ଭାବେ ଠିଆ ହୁଅନ୍ତୁ। କାରଣ ଶେଷରେ ସତ୍ୟ ହିଁ ଜିତିବ ବୋଲି ମତ ପ୍ରକାଶ ପାଇଛି।

**ବଳଦେବଜୀଉ, ଲଛନଜୀଉଙ୍କ ମନ୍ଦିରକୁ ବୋମା ପକାଇବା ଧମକ**

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ ସ୍କାନ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/20 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 ଅନୁଯାୟୀ) |
|---|---|---|
| ଏ. ଭି. ପି. (ମାନବ ସମ୍ବଳ ଯୋଜନା ଏବଂ ନିଯୁକ୍ତି) | 1 | 42 ବର୍ଷ |
| ଏ. ଭି. ପି. (ଶିକ୍ଷଣ ଏବଂ ବିକାଶ) | 1 | 42 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query)ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 12.01.2026 ରୁ 02.02.2026 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 12.01.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

## ବୀର ବେନୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଭୁବନେଶ୍ୱର ତମାଣ୍ଡୋ କ୍ଲବ୍ ଚାମ୍ପିଅନ

ପରଜଙ୍ଗ,୧୮ ।୧(ସମିସ)



ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପରଜଙ୍ଗ ମିନି ଷ୍ଟାଡିୟମରେ ଗତ ୧୧ ତାରିଖରୁ ଚାଲିଥିବା ବୀର ବେନୁ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ଭୁବନେଶ୍ୱର ତମାଣ୍ଡୋ କ୍ଲବ ଓ କଟକ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ମଧ୍ୟରେ ଖେଳାଯାଇଥିଲା। ତମାଣ୍ଡୋ ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ରାଇଜିଂ ଷ୍ଟୁଡେଣ୍ଟ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଓଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲା। ଜବାବରେ ତମାଣ୍ଡୋ ଦଳ ୧୬.୪ ଓଭରରେ ୪ ୱିକେଟ ହରାଇ ୧୩୮ ରନ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ଢେଙ୍କାନାଳ ଏଡିଏମ ଲଳିତ ବେହେରା, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଉର୍ଜା ଟ୍ରଷ୍ଟ ଅଧ୍ୟକ୍ଷ ଦୀପକ ଗୋଛାୟତ, ସଦସ୍ୟ ଲୋକେଶ ଦଳବେହେରା, ରୁଦ୍ରନାରାୟଣ ଦଳବେହେରା ଯୋଗଦେଇ ଚାମ୍ପିଅନ ଦଳକୁ ୮୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୬୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଅସୀମା ପଣ୍ଡାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଧର୍ମପରାୟଣ ବ୍ୟକ୍ତିଙ୍କ ଦେହାନ୍ତ



ଭୁବନ,୧୮ ।୧(ସମିସ): ଭୁବନ ଏନ୍‌ଏସି ୱାର୍ଡ ନଂ-୪ର ନୃସିଂହ ଚରଣ ସାହୁଙ୍କ ଦେହାନ୍ତ ହୋଇଛି। ନୃସିଂହ ଜଣେ ଧର୍ମପାରାୟଣ ବ୍ୟକ୍ତି ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ପଦ୍ମ ପୋଖରୀ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ଅକ୍ଷୟ କୁମାର ସାହୁ ମୁଖାଗ୍ନି ଦେଇଥିଲେ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶିବିର



ଢେଙ୍କାନାଳ,୧୮ ।୧(ସମିସ): ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଶିବିରର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଛି। ଡ. ପଙ୍କଜ ବାରିକଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟ ପରିସର ସଫେଇ କରିବା ସହ ବିଦ୍ୟାଳୟର ପୋଷ୍ୟ ଗ୍ରାମ ବୋରାପଦାରେ ମଧ୍ୟ ସଫେଇ କରିଥିଲେ। ଗ୍ରାମରେ ଶିଶୁ ଶ୍ରମିକ ପ୍ରଥା ଏବଂ ଶିଶୁ ବିବାହ ରୋକିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ଛାତ୍ରୀମାନଙ୍କ ଦ୍ୱାରା ସଚେତନତା ଧର୍ମୀ ଦୁଇଟି ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଅଙ୍ଗନବାଡ଼ି ଓ ସ୍କୁଲ ପିଲାମାନଙ୍କ ମଧ୍ୟରେ ଶିକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ।

## ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ



ଢେଙ୍କାନାଳ,୧୮ ।୧(ସମିସ): ସ୍ଥାନୀୟ ଲକ୍ଷ୍ମୀଧର ସରକାରୀ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳରେ ପ୍ରଧାନଶିକ୍ଷକ ଇତିଶ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଚଳିତ ଶିକ୍ଷାବର୍ଷର ଚତୁର୍ଥ ତଥା ଶେଷ ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ମମତା ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ବୈଠକରେ ଯୋଗଦେଇଥିଲେ। ଶିଶୁବାଟିକାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବନିତା ସାହୁ ଓସେପାର ପ୍ରଦତ୍ତ ଏଜେଣ୍ଡାଗୁଡ଼ିକ ଉପରେ ଆଲୋଚନା କରିବା ସହ ଫେବୃଆରୀ ୧୯ ତାରିଖ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷାରେ କିପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେ ଉପରେ ଆଲୋକପାତ କରିଥିଲେ। ୫ମ ଓ ୮ମ ଶ୍ରେଣୀ ପାଇଁ ପରିବର୍ତ୍ତିତ ପରୀକ୍ଷା ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷୟିତ୍ରୀ ମାମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ସୁବ୍ରତ କୁମାର ମିଶ୍ର, ଶିକ୍ଷୟିତ୍ରୀ ରଶ୍ମିରାଣୀ ଶତପଥୀ, ଦୀପିକା ତ୍ରିପାଠୀ, ନିଲୋଫର ଜାବିନ, ମଞ୍ଜୁଲତା ବାରିକ, ସବିତା ସ୍ୱାଇଁ, ପ୍ରଜ୍ଞାପରମିତା ସାହୁ, ଜସ୍ମିନ ରାଉତ, ନର୍ମଦା ଗଡ଼ନାୟକ ଓ କର୍ମଚାରୀ କଳ୍ପନା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଏନ୍‌ଏସ୍‌ଏସ୍ ଶିବିରରେ ଶ୍ରମଦାନ



ଢେଙ୍କାନାଳ,୧୮ ।୧(ସମିସ): ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଶିବିର ଦ୍ୱିତୀୟଦିନରେ ଶନିବାର ପ୍ରାର୍ଥନା, ଶାରୀରିକ ଶିକ୍ଷା ଓ ଶ୍ରମଦାନ ଅନୁଷ୍ଠିତ ହୋଇଛି। ଏଥିରେ ୫୦ରୁ ଅଧିକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଗୃହ ବିଜ୍ଞାନ ବିଭାଗ ପ୍ରାଧ୍ୟାପିକା ଡ. ବିଜେତା ପ୍ରିୟଦର୍ଶିନୀ ଲିପନ୍ କଳା ସମ୍ବନ୍ଧରେ ଅବଗତ କରାଇଥିଲେ। ସ୍ୱଳ୍ପ ପୁଞ୍ଜି ନିବେଶରେ ଉପଯୁକ୍ତ ଆୟ ଉପାର୍ଜନ ନିମନ୍ତେ ପ୍ରୋତ୍ସାହିତ କଲେ। ଉଦ୍ୟମିତ ସ୍ୱେଚ୍ଛାସେବୀ ଲିପନ୍ କଳାର ନମୁନା ପ୍ରସ୍ତୁତ କଲେ। ଇତିହାସ ବିଭାଗ ପ୍ରାଧ୍ୟାପକ ଡ. ବିଭୂତି ଭୂଷଣ ଶତପଥୀ ଜିଲ୍ଲାର ସାଂସ୍କୃତିକ ଐତିହ୍ୟ, ପ୍ରଚ୍ଛନ୍ନ ପର୍ଯ୍ୟଟନ ଓ ଅର୍ଥନୈତିକ ବିକାଶ ସମ୍ପର୍କରେ ଅବଗତ କରାଇଥିଲେ। ସ୍ୱେଚ୍ଛାସେବୀମାନେ ଆଲୋଚିତ ପ୍ରସଙ୍ଗରେ ନିଜ ମତ ପ୍ରକାଶ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡ. ସିଦ୍ଧାର୍ଥ ଶଙ୍କର ରାମ୍ ଜଳବାୟୁ ପରିବର୍ତ୍ତନ ରୋକିବା ଓ ପରିବେଶ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ। ଶେଷରେ ନୃତ୍ୟ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା।

## ପ୍ରାଥମିକ ଶିକ୍ଷକ ଭବନ ଉଦ୍‌ଘାଟିତ



ଖଜୁରିଆକଟା,୧୮ ।୧(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ଦଶହରା ପଡ଼ିଆ ନିକଟରେ ନିର୍ମିତ ପ୍ରାଥମିକ ଶିକ୍ଷକ ଭବନ ଉଦଘାଟିତ ହୋଇଛି। ହିନ୍ଦୋଳ ବିଧାୟିକା ସୀମରାଣୀ ନାୟକ, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହନ୍ତ, ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ବେଉରା, ବିଡିଓ କଲ୍ୟାଣ ସୌରଭ ଦାଶ, ତହସିଲଦାର ଦିଲୀପ କୁମାର ସେଠୀ, ରଞ୍ଜାଗୋଳ ସରପଞ୍ଚ ରମେଶ ଚନ୍ଦ୍ର ବିଶ୍ୱାଳ, କାରନ୍ଦା ସରପଞ୍ଚ ଦୁଷ୍ମନ୍ତ ନାଏକ, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି ପ୍ରମୁଖ ଅତିଥି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ କୁମାର ସାହୁ, ଏନପିଏସ ସଂଘ ସଭାପତି ବିରଞ୍ଚି ନାରାୟଣ ସାମଲ, ସମ୍ପାଦକ ପଙ୍କଜ ଲୋଚନ ସାହୁ, ଅମିୟ କୁମାର ପତି, ଭଗବାନ ସାହୁ, ରମେଶ ଚନ୍ଦ୍ର ସାମଲ, ମାନସ ପ୍ରଧାନ ପ୍ରମୁଖ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଅଉଖମା ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ

ଢେଙ୍କାନାଳ,୧୮ ।୧(ସମିସ): ସଦର ବ୍ଲକ୍ ଅଉଖମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଆରସିସି ଦେବବ୍ରତ ନାଥ, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବୈରାଗ ଚରଣ ସେଠୀ, ସିଆରସିସି ନୃସିଂହ ବେହେରା, ପ୍ରାକ୍ତନ ଶିକ୍ଷକ ଅଶୋକ କୁମାର ଦାସ, କମିଟି ସଭାପତି ପବିତ୍ର ମୋହନ ସାହୁ ଓ ପଞ୍ଚଶଖା ଶିକ୍ଷାସେତୁ ଅଧ୍ୟକ୍ଷ ଅମ୍ବୁଜ କୁମାର ମହାରଣା ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ସୁନାଗରିକ ହୋଇ ସୁସ୍ଥ ସମାଜ ଗଠନରେ ନିଜକୁ ଉତ୍ସର୍ଗ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ପୂର୍ବରୁ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ସେଠୀଙ୍କ ରଚିତ ନାଟକ ସାହାରା ମରୁର ପଞ୍ଚସାରଥି ଛାତ୍ରଛାତ୍ରୀଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଶ୍ରେଷ୍ଠ ଅଭିନେତା ଭାବେ ବିଶ୍ୱଜିତ୍ ବେହେରା, ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ଆୟେଶା ସାହୁ ଓ ଶ୍ରେଷ୍ଠ ସହଅଭିନେତ୍ରୀ ଭାବେ ଆଦ୍ୟାଶା ସାହୁ, ସୁଭଦ୍ରା ସାହୁ ଓ ଆକାଂକ୍ଷା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦୀପକ କୁମାର ପରିଡ଼ା ମଞ୍ଚ ସଞ୍ଚାଳନ କରିଥିବାବେଳେ ଶିକ୍ଷୟିତ୍ରୀ ସୁବାସିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତି ପ୍ରିୟଦର୍ଶିନୀ, ଶ୍ରଦ୍ଧାଞ୍ଜଳି ମହାପାତ୍ର ଓ ବିକାଶ ରଞ୍ଜନ ମହାପାତ୍ର ସହଯୋଗ କରିଥିଲେ।

## ହିନ୍ଦୋଳ କଲେଜ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ



ଖଜୁରିଆକଟା,୧୮ ।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ +୩ ଗଣିତ ବିଭାଗ ଛାତ୍ରଛାତ୍ରୀଙ୍କ ଦିନିକିଆ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ବିଭାଗୀୟ ମୁଖ୍ୟ କ୍ୟାପଟେନ ଡ. କିଶୋର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ପ୍ରତିଯୋଗିତାରେ ସଫଳ ୨୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ, ପାଠାଗାର, ବିଜ୍ଞାନାଗାର ଓ ବିଭିନ୍ନ କର୍ମଶାଳା ପରିଭ୍ରମଣ କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛନ୍ତି। ଏଥି ସହ ଗଞ୍ଜାମ ଜିଲ୍ଲାର ମା' ତାରାତାରିଣୀ, ଭୈରବୀ ପୀଠ, ଗୋପାଳପୁର ଓ ପୁରୀ ବେଳାଭୂମିରେ ସ୍ୱଚ୍ଛତା ସଚେତନତା କରି ସ୍ଥାନୀୟ ଲୋକଙ୍କ ପ୍ରଶଂସା ଭାଜନ ହୋଇଥିଲେ। ବିଭାଗର ଅଧ୍ୟାପିକା ସୀମା ସ୍ମୃତିରେଖା ମିଶ୍ର ସହଯୋଗ କରିଥିଲେ।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଗଁଦିଆ,୧୮ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ବିଦ୍ୟାଧରପୁରସ୍ଥିତ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷକ ଅଶୋକ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅଜୟ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମଣିଷ ପରି ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ, ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଶରତ ଚନ୍ଦ୍ର ନାୟକ, ଅତିଥି ଶିକ୍ଷକ ସୁଶାନ୍ତ ନାୟକ, ପରିଚାଳନା ପରିଷଦ ସଭ୍ୟ ଅମର କୁମାର ପ୍ରଧାନ, ସନାତନ ମହାରଣା, ପଞ୍ଚସଖା ଶିକ୍ଷାସେତୁର ବିଶ୍ୱଭୂଷଣ ମହାନ୍ତି ଯୋଗଦେଇଥିଲେ। ଛାତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ଦିଅଁଦର୍ଶିନୀ ଓଝା, ଶୁଭଲକ୍ଷ୍ମୀ ମହାରଣା, ଅର୍ପିତା ସାହୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ଉଚ୍ଚକୋଟୀର ବୋଲି ମତବ୍ୟକ୍ତ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ପ୍ରିୟମ୍ବଦା ପରିଡ଼ା, ଲିପିକା ବେହେରା, ଲକ୍ଷ୍ମୀପ୍ରିୟା ମାଝୀ, ଶିକ୍ଷକ ଚନ୍ଦନ ଜେନା, ସିଦ୍ଧାର୍ଥ ଶଙ୍କର ସାହୁ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟାଳୟ ସହାୟକ ଅଭିଜିତ ପରିଡ଼ା, କର୍ମଚାରୀ ସେବତୀ ବେହେରା, ସୌମ୍ୟରଞ୍ଜିତ୍ ସାହୁ ସହଯୋଗ କରିଥିଲେ।

## ରାଜ୍ୟ ଲନ୍ ବଲ୍ ପ୍ରତିଯୋଗିତା

# କଙ୍କଡ଼ାହାଡ଼ର ୧୧ ପ୍ରତିଯୋଗୀଙ୍କ ଅଂଶଗ୍ରହଣ



କଙ୍କଡ଼ାହାଡ଼,୧୮ ।୧(ସମିସ): ରାଜ୍ୟ ଲନବଲ ପ୍ରତିଯୋଗିତାରେ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳର ୧୧ ଓ ଭୁବନର ଜଣେ ପ୍ରତିଯୋଗୀ ଭାଗ ନେଇଛନ୍ତି। ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଚାଲିଥିବା ତୃତୀୟ ରାଜ୍ୟସ୍ତରୀୟ ଲନବଲ ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗ ପ୍ରତିଯୋଗିତାରେ ରାଜ୍ୟର ୧୭ ଜିଲ୍ଲାର ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଢେଙ୍କାନାଳ ଜିଲ୍ଲା ତରଫରୁ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳର ପୁରୁଷ ବିଭାଗରେ ସୌମ୍ୟ ଶିବଦର୍ଶୀ ସାହୁ, ତାରିଣୀ ପ୍ରସାଦ ନାୟକ, ସୁବ୍ରତ ପ୍ରଧାନ, ବ୍ରଜବନ୍ଧୁ ନାୟକ, ଚନ୍ଦନ ପ୍ରଧାନ, ଲୋକନାଥ ମହାନ୍ତ, ନଗେନ ମହାନ୍ତ ପ୍ରମୁଖ ଭାଗ ନେଇଥିବା ବେଳେ ମହିଳା ବିଭାଗରେ ଗାୟତ୍ରୀ ସିଂହ, ପୂଜା ସିଂହ, ଶ୍ରୁତିପ୍ରଜ୍ଞା ପଣ୍ଡା, ଦୁଲାରୀ ହେମ୍ବ୍ରମ ସାମିଲ ଅଛନ୍ତି। ଭୁବନ ଅଞ୍ଚଳର ସୁଭଦ୍ରା ତରାଇ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଲନବଲ ପ୍ରତିଯୋଗିତାରେ ଗୋଟିଏ ଟିମରେ ୫ ଜଣ ପ୍ରତିଯୋଗୀ ଭାଗ ନେଉଥିବା ବେଳେ ଜିଲ୍ଲା ପକ୍ଷରୁ ରାଜ୍ୟସ୍ତରୀୟ ଲନବଲ ପ୍ରତିଯୋଗିତାରେ ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳରୁ ସମସ୍ତ ଖେଳାଳି ଚୟନ ହୋଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ସରକାରଙ୍କ ତରଫରୁ ଆର୍ଥିକ ତଥା ଅନ୍ୟାନ୍ୟ ସହଯୋଗ ମିଳିପାରିଲେ ଏହି କ୍ରୀଡ଼ାବିତ୍‌ମାନେ ରାଜ୍ୟ ଓ ଜାତୀୟ ସ୍ତରରେ ଖେଳି ସୁନାମ ଆଣିପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଇନ୍ଦ୍ରମଣି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଗଡ଼ନୃସିଂହପ୍ରସାଦ ଚାମ୍ପିଅନ



ଭୁବନ,୧୮ ।୧(ସମିସ): ଭୁବନ ବ୍ଲକ ଭୂଷଳ ପଞ୍ଚାୟତ ଚଣ୍ଡିପାଳ ଅସୁରବନ୍ଧ ପାଟଣାରେ ଚାଲିଥିବା ଇନ୍ଦ୍ରମଣି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଏଥିରେ ଗଡ଼ନୃସିଂହପ୍ରସାଦ ଦଳ ଚାମ୍ପିଅନ ହୋଇଛି। ହିଲ୍ ଭ୍ୟୁ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଦଳ ଭାଗ ନେଇଥିଲେ। ଏମବିସିସି ଗଡ଼ନୃସିଂହପ୍ରସାଦ ଓ ଅସୁରବନ୍ଧ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଅସୁରବନ୍ଧ ପାଟଣା ଅଧିନାୟକ ସୁରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଖେଳି ୧୦୬ ରନ କରିଥିଲା। ଜବାବରେ ଗଡ଼ନୃସିଂହପ୍ରସାଦ ଦଳ ୧୦୭ ରନ କରି ବିଜୟୀ ହୋଇଥିଲା। ତାପସ ବେହେରା ଓ ସାନୁଜ ବେହେରା ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ପୂର୍ବତନ ସମିତି ସଭ୍ୟା ନନ୍ଦିନୀ ତରାଇ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସ୍ମୃତିରଞ୍ଜନଙ୍କୁ ପୁରସ୍କୃତ କରାଯାଇଥିଲା। ମ୍ୟାନ ଅଫ୍ ଦି ସିରିଜି ଭାବେ ସିଲୁ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ରାନନ୍ଦ ବେହେରା, ମଦନ ବେହେରା, ଆୟୋଜକ ସହିଦ ମାଟିଆ ବେହେରା ଯୁବକ ସଂଘ ଉପଦେଷ୍ଟା ନିର୍ମଳା ବେହେରା, ବାଲିବୋ ସମବାୟ ସମିତି ସଭାପତି ମଳୟ ତ୍ରିପାଠୀ, ବିଭୂତି ଭୂଷଣ ମଲ୍ଲିକ ଯୋଗଦେଇଥିଲେ।

## ମୃତ୍ତିକା ପରୀକ୍ଷା ନିମନ୍ତେ ଚାଷୀ ସଚେତନତା ଶିବିର




ଢେଙ୍କାନାଳ,୧୮ ।୧(ସମିସ): ସ୍ଥାନୀୟ ଇଣ୍ଡିଆନ ପଟାସ ଲିମିଟେଡ୍ ଓ ମିଶନ୍ ରିକନଷ୍ଟ୍ରକସନ ମିଳିତ ସହଯୋଗରେ ହରିପୁର ଗ୍ରାମରେ ଚାଷୀଙ୍କ ପାଇଁ ମାଟି ପରୀକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଚାଷୀମାନଙ୍କୁ ମାଟି ପରୀକ୍ଷାର ଗୁରୁତ୍ୱ ବିଷୟରେ ଅବଗତ କରାଯାଇଥିଲା। ମାଟି ପରୀକ୍ଷା ପରେ ତା'ର ଉର୍ବରତା ଜାଣିବା ଓ ସେ ମାଟିରେ କ'ଣ ଚାଷ କଲେ ଅଧିକ ଲାଭପ୍ରଦ ହେବ ସେ ନେଇ ସଚେତନ କରାଯାଇଥିଲା। ଶିବିରରେ କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ଏବଂ ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ଯୋଗଦେଇ କହିଲେ ଯେ ମାଟି ପରୀକ୍ଷା କରିବା ଜରୁରୀ। ଚାଷୀ ଠିକ୍ ଜମିରେ ଠିକ୍ ଚାଷ କରି ଭଲ ଅମଳ ସହ ଆର୍ଥିକ କ୍ଷେତ୍ରରେ ଅଧିକ ସୁଦୃଢ଼ ହୋଇପାରିବେ ବୋଲି ସେ କହିଥିଲେ। କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଦିବ୍ୟସୁନ୍ଦର କର ଚାଷୀମାନେ ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ରକୁ ଯାଇ କୃଷି ବୈଜ୍ଞାନିକଙ୍କ ପରାମର୍ଶ ନେଇପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇପିଏଲର ମୁଖ୍ୟ ଓ ସାଧାରଣ ପରିଚାଳକ ବିକାଶ କୁମାର ଚୌଧୁରୀ, ରାଜକୁମାର ଚୌଧୁରୀ, ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ରିକନଷ୍ଟ୍ରକସନର ଉପଦେଷ୍ଟା ଡ. ବିରଞ୍ଚି ନାରାୟଣ ସେଠ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଆଇଆଇଏମ୍‌ସି ଢେଙ୍କାନାଳର ଛାତ୍ରଛାତ୍ରୀ ଯୋଗଦେଇ ସାମାଜିକ ଗଣମାଧ୍ୟମରେ କାର୍ଯ୍ୟକ୍ରମର ପଚାର ପ୍ରସାର ଓ ପ୍ରେସ୍ ଇସ୍ତାହାର ପାଇଁ କାମ କରିଥିଲେ।

## ନବନିଯୁକ୍ତ ସରକାରୀ ଓକିଲ ଓ ପୁଲିସର ସମନ୍ୱୟ ବୈଠକ

# ଦଣ୍ଡବିଧାନ ହାର ବୃଦ୍ଧି ଉପରେ ଗୁରୁତ୍ୱ

ଢେଙ୍କାନାଳ,୧୮ ।୧(ସମିସ)



ଢେଙ୍କାନାଳ ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ) ରେ ନବନିଯୁକ୍ତ ସରକାରୀ ଓକିଲ ଓ ପୁଲିସ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏସପି ଅଭିନବ ସୋନକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାରୀ ଆଇନଜୀବୀ ଓ ପୁଲିସ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ଅଦାଲତରେ ବିଭିନ୍ନ ମାମଲାର ତ୍ୱରିତ ଦଣ୍ଡବିଧାନ ଉପରେ ଆଲୋଚନା କରାଯାଇଥିଲା। ଏସପି ସରକାରୀ ଓକିଲମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବା ଓ ଦଣ୍ଡବିଧାନ ହାର ବୃଦ୍ଧି କରିବାକୁ କହିଥିଲେ। ସରକାରୀ ଓକିଲମାନେ ପୁଲିସକୁ ସହଯୋଗ କରିବାକୁ ସହମତି ପ୍ରଦାନ କରିଥିଲେ। ଦଣ୍ଡବିଧାନ ସମୟରେ ଆଇନଜୀବୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱତନ୍ତ୍ର ପିପି ସଞ୍ଜୟ କୁମାର ମିଶ୍ର ବିଭିନ୍ନ ସ୍ପର୍ଶକାତର ମାମଲାରେ ଦକ୍ଷ ତଦନ୍ତ ଅଧିକାରୀ ନିଯୁକ୍ତ କରିବାକୁ ଗୁରୁତ୍ୱ ପ୍ରଦାନ କରିଥିଲେ। ଅତିରିକ୍ତ ଏସପି ସୂର୍ଯ୍ୟମଣି ପ୍ରଧାନ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଡେପୁଟି ଡାଇରେକ୍ଟର ଗଣେଶ କୁମାର ବେହେରା ଯୋଗଦେଇ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ବିଭିନ୍ନ ରାୟ ଓ ଆଇନର ଅବଧାରଣା ଦେଇ କଭଳି ଭାବେ ଯୁକ୍ତି ପାଇଁ ନୋଟ ପ୍ରସ୍ତୁତ କରାଯିବ, ଅଭିଯୋଗପତ୍ର ଦାଖଲ, ମାମଲାର ବିଚାର ଉପରେ ଧାରଣା ପ୍ରଦାନ କରିଥିଲେ। ବୈଠକରେ ପିପି ସୀତାକାନ୍ତ ଦାଶ, ଗଣେଶ୍ୱର ସାହୁ, ଜାହିର ମହମ୍ମଦ, ଅନୁଜ୍ଞା ମହାନ୍ତି, ନିରଞ୍ଜନ ସାହୁ, ଅକ୍ଷୟ କୁମାର ଭୋଇ, ସୂର୍ଯ୍ୟମଣି ତ୍ରିପାଠୀ, ବିଷ୍ଣୁପ୍ରସାଦ କର, ଦିଲୀପ କୁମାର ମଲ୍ଲିକ, କେଶବ ଚନ୍ଦ୍ର ପଣ୍ଡା, ପୁଲିସ ଅଧିକାରୀ ସନ୍ଧ୍ୟାରାଣୀ ବେଉରିଆ, ମମତା ସାମନ୍ତରାୟ, ପ୍ରତାପ ଚନ୍ଦ୍ର ଦଳେଇ, ସୁବ୍ରତ କୁମାର ସାହୁଙ୍କୁ ସେମାନଙ୍କ ନିଷ୍ଠାପର କାର୍ଯ୍ୟପାଇଁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଏସପି ନିରଞ୍ଜନ ପାଢ଼ୀ, ଇନ୍ଦୁରେଖା ପଣ୍ଡିମକବାଟ, ସଦର ଏସଡିପିଓ ରମେଶ ଚନ୍ଦ୍ର ଦୋରା, ଡେପୁଟି ଏସପି ନଳିତା ମୋଦୀ, ସୁଷମା ପ୍ରଧାନ, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, ଅତିରିକ୍ତ ନିର୍ଦ୍ଦେଶକ ମଧୁସ୍ମିତା ଦାଶ, ଢେଙ୍କାନାଳ ଅବକାରୀ ବିଭାଗର କର୍ମକର୍ତ୍ତାଙ୍କ ସହ କାମାକ୍ଷାନଗର, ପରଜଙ୍ଗ, ଗଁଦିଆ, ହିନ୍ଦୋଳ, ଢେଙ୍କାନାଳର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

ସକାଳ
THE SAKALA



# କୁଳଡିହା ଓ ନୀଳଗିରିରେ ସରିଲା ପକ୍ଷୀଗଣନା

ନୀଳଗିରି, ୧୮ା୧ (ସମିସ)



**ପୂର୍ବବର୍ଷଠାରୁ ଚଳିତବର୍ଷ ଅଧିକ ପକ୍ଷୀଙ୍କ ଆଗମନ**

ପ୍ରତିବର୍ଷ ଶୀତଋତୁର ମଧ୍ୟଭାଗରେ ନୀଳଗିରିର ବିଭିନ୍ନ ଜଳାଶୟ ଏବଂ ଆର୍ଦ୍ରଭୂମିକୁ ପ୍ରବାସୀ ଜଳଚରପକ୍ଷୀଙ୍କ ଆଗମନ ହୋଇଥାଏ। ଏହି ସମୟରେ ଉକ୍ତପକ୍ଷୀଙ୍କ ଗଣନାପାଇଁ ବନବିଭାଗ ସ୍ୱତନ୍ତ୍ର ଟିମ୍ ଗଠନକରି ଗଣନା କରିଥାଏ। ଚଳିତବର୍ଷ ଆଜି ଅର୍ଥାତ୍ ଜାନୁଆରୀ୧୮ ତାରିଖ ବାଲେଶ୍ୱର ବନଖଣ୍ଡ ଅଧୀନରେ ଥିବା ସମସ୍ତ ଜଳାଶୟ ଏବଂ ଆର୍ଦ୍ରଭୂମି ଗୁଡିକରେ ପକ୍ଷୀଗଣନା କରାଯାଇଛି। ବାଲେଶ୍ୱର ଡିଏଫ୍‌ଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ତଥା ଏସିଏଫ୍‌ଓ ଦିଗନ୍ତ ଶୋଭନ ଚାନ୍ଦଙ୍କ ପରିଚାଳନାରେ ନୀଳଗିରି ବନବିଭାଗ ଏବଂ କୁଳଡ଼ିହା ବନବିଭାଗ ଅଧୀନସ୍ଥ ବିଭିନ୍ନ ଜଳାଶୟ ଗୁଡିକରେ ସକାଳ ୮ଟାରୁ ବିଭାଗୀୟ କର୍ମଚାରୀଙ୍କ ସହାୟତାରେ ପକ୍ଷୀଗଣନା କରାଯାଇଥିଲା। ତେବେ ନୀଳଗିରିର ଦୁଇଟି ବନବିଭାଗ ଯଥା କୁଳଡିହା ଏବଂ ନୀଳଗିରି ବନବିଭାଗକୁ ନେଇ ଅଲଗା ଅଲଗା ପକ୍ଷୀଗଣନା କରାଯାଇଥିଲା। କୁଳଡିହା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍‌ଓ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ଯୋଡ଼ାଚୁଆ ସେକ୍ସନ ରିସିଆ ଡେମ୍ ରେ ଗଣନା କରାଯାଇଥିଲା ୨୮ପ୍ରଜାତିର ୨୪୩୩ଟି ଜଳଚର ପକ୍ଷୀଙ୍କ ସମାଗମ ହୋଇଥିବା ଗଣନାରୁ ଜଣାପଡିଛି। ଅନୁରୂପ ଭାବେ ଫରେଷ୍ଟର ହୃଷୀକେଶ ପ୍ରଧାନଙ୍କ ନେତୃତ୍ୱରେ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଖୁମକୁଟ ଏବଂ ବୁଗାଳିବନ୍ଧ ଠାରେ ଗଣନା କରାଯାଇ ଖୁମକୁଟଠାରେ ୧୫ପ୍ରଜାତିର ୧୨୫ଏବଂ ବୁଗାଳିବନ୍ଧଠାରେ୧୮ ପ୍ରଜାତିର୧୧୫ଟିପକ୍ଷୀ ଆସିଥିବା ଗଣନା କରାଯାଇଛି। ସେହିପରି ସାତଘାଟି ଠାରେ ଫରେଷ୍ଟର ଜୟନ୍ତ ପ୍ରଧାନଙ୍କ ନେତୃତ୍ୱରେ ଗଣନା କରାଯାଇ ୨୦ପ୍ରଜାତିର ୧୭୮ଟି ପକ୍ଷୀଙ୍କ ଆଗମନ ହୋଇଥିବା ଜଣାପଡିଛି। ଅନୁରୂପଭାବେ ନୀଳଗିରି ବନବିଭାଗ ଦ୍ୱାରା ନୀଳଗିରିର ଏକମାତ୍ର ଆଦ୍ର ଜଳାଶୟ ପଦ୍ମତୋଳାଠାରେ ଫରେଷ୍ଟର ମଞ୍ଜୁଲତା ପ୍ରଧାନଙ୍କ ନେତୃତ୍ୱରେ ଗଣନା କରାଯାଇ ମୋଟ ୧୮ପ୍ରଜାତିର ୫୫୨ଟି ଶୀତକାଳୀନ ପ୍ରବାସୀ ଜଳଚରପକ୍ଷୀଙ୍କ ସମାଗମ ହୋଇଥିବା ସୂଚନା ମିଳିଛି।୨୦୨୬ ପକ୍ଷୀଗଣନା ଅନୁଯାୟୀ କୁଳଡ଼ିହା ବନବିଭାଗ ଦ୍ୱାରା ଗଣାଯାଇ ମୋଟ ୨୮୩୧ଟି ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ଗତବର୍ଷ ତୁଳନାରେ ୭୩୧ଟି ପକ୍ଷୀଙ୍କ ଆଗମନ ହୋଇଥିବା ବନବିଭାଗ ସୂଚନା ଦେଇଛି। ଯାହା ଶୁଭଙ୍କର ବୋଲି ପରିବେଶବିତ୍ ମାନେ କହିଛନ୍ତି। ଏହି ପକ୍ଷୀଗଣନା କାର୍ଯ୍ୟକ୍ରମରେ ବିଭାଗୀୟଅଧିକାରୀ ଏବଂ କର୍ମଚାରୀଙ୍କ ସହିତ ପକ୍ଷୀବିଶେଷଜ୍ଞ ମନୋରଞ୍ଜନ ଦାସ ସାମିଲ ହୋଇଥିବା ଜଣାଯାଇଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଇରା,୧୮ ା୧ (ସମିସ): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଅର୍ଜୁନପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ବର୍ଣ୍ଣାଳୀ-୨୦୨୫ ଶନିବାର ଦିନ ସଭା ଓ ସମ୍ବର୍ଦ୍ଧନା ସାଙ୍ଗକୁ ନୃତ୍ୟଗୀତର ତାଳେ ତାଳେ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱିଜିତ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟକ ସଞ୍ଜୟ କୁମାର ପଣ୍ଡା ମୁଖ୍ୟବକ୍ତା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ତହସିଲଦାର ଅମିତ ରଞ୍ଜନ ହୋତା, ପଳସା ସରପଞ୍ଚ ମନୋରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏଭଳି ମହୋତ୍ସବ ପ୍ରତିଭା ର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିଥାଏ ବୋଲି ପ୍ରକାଶ କରିଥିଲେ। ବିଭିନ୍ନ ଶ୍ରେଣୀରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା କ୍ରୀଷ୍ଣାପ୍ରିୟଦର୍ଶନୀ ବେହେରା, ରାଜଦୀପ ପଣ୍ଡା, ମାନ୍ୟତା ମଣ୍ଡଳ, କ୍ରୀଡାରେ କୃତିତ୍ୱ ହାସଲ କରିଥିବା ସୁପ୍ରଭା ସାହୁ, ସୁଦର୍ଶନ ଦାସ, ସୂର୍ଯ୍ୟନାରାୟଣ ସେଠୀ, ଜ୍ୟୋତିରାଣୀ ସେଠୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀ ପ୍ରିତିପ୍ରଭା ବେହେରା ମଞ୍ଚ ପରିଚାଳନା କରିଥିଲେ।

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଇଞ୍ଜିନିୟରିଂ ଛାତ୍ର

**● ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ**

ବାଲିଆପାଳ, ୧୮ା୧ (ସମିସ): ଏହି ବ୍ଲକ ଜଗତିପୁର ପଞ୍ଚାୟତର ପାଇକ ବାଇଶିଡା ଗ୍ରାମର ଗରିବ ଚାଷୀ ପରିବାରର ଚକ୍ରଧର ମିଶ୍ର ଦୁଃଖଦ ପରିସ୍ଥିତି କହିଲେ ନ ସରେ। ପୁଅକୁ ଇଞ୍ଜିନିୟର କରିବାର ସ୍ୱପ୍ନ ଅଧୁରା ହୋଇଯାଇଛି। ପୁଅ ପାଇଁ ସମୟ ସାଜିଲା କାଳ, କୋହଲା ପାଗରେ ପରୀକ୍ଷା ଦେବାକୁ ଯିବା ବେଳେ ଶେରଗଡ଼ ନିକଟରେ ଦୁର୍ଘଟଣାର ଶିକାର ହେଲା। ସ୍ୱପ୍ନ ଥିଲା ପୁଅ ଇଞ୍ଜିନିୟର ହେବ ଦେଶ ଗଢ଼ିବ,ହେଲେ ବର୍ତ୍ତମାନ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛି। ଡାକ୍ତର ମାନେ ଦୀର୍ଘ ୪୪ରୁ ଅଧିକ ଦିନ ଧରି ଆକ୍ସିଡେଣ୍ଟ ହୋଇ ଜଣେ ଯୁବକର ଜୀବନ ବଞ୍ଚାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ନିଜ ଜୀବନକୁ ବାଜି ଲଗାଇ ବାପା ଚକ୍ରଧର ମିଶ୍ର ଓ ମାଆ ରାଧାରାଣୀ ମିଶ୍ର ନିଜର ଏକ ମାତ୍ର ପୁତ୍ର ସନ୍ତାନ ଶାନ୍ତନୁ କୁମାର ମିଶ୍ର ୨୪ ବର୍ଷ ଡିପ୍ଲୋମା ଇଞ୍ଜିନିୟର ନୀଳଗିରିର ଛାତ୍ର ପାଇଁ ସର୍ବସ୍ୱ ବିକି ସାରିଲେଣି,ପୁଅର ଚିକିତ୍ସା ପାଇଁ ପ୍ରତି ଦିନ ୫୦ ହଜାର ଟଙ୍କା ଆବଶ୍ୟକ ପଡୁଛି।



ଡା. ସୋଭାଗ୍ୟ ପାଣିଗ୍ରାହୀଙ୍କ ଦ୍ୱାରା ଚିକିତ୍ସା ଚାଲୁଅଛି। ହେଲେ ଅର୍ଥ ସାଜିଛି ବାଧକ, ଡାକ୍ତର ମାନେ ଧର୍ଯ୍ୟ ଧରିବାର ପରାମର୍ଶ ଦେଉଛନ୍ତି। ମାତ୍ର ସମ୍ବଳ ନଥିବାରୁ ଉତ୍ତମ ଚିକିତ୍ସା ହୋଇ ପାରୁନାହିଁ। ଏହି ଯୁବକ ର ଚିକିତ୍ସା ପାଇଁ ସହୃଦୟ ଦୟାବାନ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଆକୁଳ ନିବେଦନ କରିଛନ୍ତି ପିତା ମାତା ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସହାୟତା ପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି। ସହାୟତା ପ୍ରଦାନ କରିବାପାଇଁ ଫୋନ୍ ପେ ନମ୍ବର ୮୨୬୪୩୦୯୩୫୨ରେ ଦେବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି।

## ଗାଁରେ ପହଞ୍ଚିଲା ଯୁଧିଷ୍ଠିରଙ୍କ ମୃତଦେହ

ସୋର, ୧୮ା୧(ସମିସ): ଚେନ୍ନାଇରେ କାମ କରୁଥିବା ଜଣେ ବ୍ୟକ୍ତିଙ୍କ ଘରକୁ ଫେରୁଥିବା ବେଳେ ଚେନ୍ନାଇ ସେଣ୍ଟ୍ରାଲ ରେଲ ଷ୍ଟେସନରେ ମୃତ୍ୟୁ ହେବା ପରେ ତାଙ୍କର ଗରିବ ସ୍ତ୍ରୀ ଜଣକ ନିରୁପାୟ ହୋଇ ଗଣମାଧ୍ୟମରେ ଆକୁଳ ନିବେଦନ କରିବା ପରେ ଆଜି ପ୍ରଶାସନର ଉଦ୍ୟମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଫଳରେ ତାଙ୍କର ଶବ ଆଜି ସଂଧ୍ୟାରେ ନିଜ ଗ୍ରାମରେ ପହଞ୍ଚିଛି। ସୋର ଥାନା ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମର ଯୁଧିଷ୍ଠିର ବାରିକ(୫୬) ଦୀର୍ଘବର୍ଷ ଧରି ଚେନ୍ନାଇର ଏକ ଦୋକାନରେ କାମ କରୁଥିଲେ। ଗତ ଶୁକ୍ରବାର ସକାଳେ ଟ୍ରେନ ଯୋଗେ ଘରକୁ ଫେରିବା ପାଇଁ ଚେନ୍ନାଇ ସେଣ୍ଟ୍ରାଲ ଷ୍ଟେସନକୁ ଆସିଥିବା ବେଳେ ସେଠାରେ ହଠାତ୍ ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ସେ ଷ୍ଟେସନ ନିକଟରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟରେ ଥିବା ରାଜୀବଗାନ୍ଧୀ ସରକାରୀ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁନାୱାଲା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହିତ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଯୁଧିଷ୍ଠିରଙ୍କ ଦୁଇ ଝିଅ ବିବାହ କରିଥିବା ବେଳେ ଘରେ ତାଙ୍କ ସ୍ତ୍ରୀ ଏକାକୀ ରୁହନ୍ତି। ସେ ଯୁଧିଷ୍ଠିରଙ୍କ ଶବ ଓଡିଶାକୁ ଆଣିବା ପାଇଁ ଓଡିଶା ସରକାରଙ୍କଠାରେ ଆକୁଳ ନିବେଦନ କରିଥିଲେ। ଏହି ସମ୍ବେଦନଶୀଳ ଘଟଣା ଉପରେ ସରକାରୀ ଅଧିକାରୀମାନଙ୍କ ଉଦ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ କରି ଆଜି ତାଙ୍କର ମୃତଦେହକୁ ଫେରାଇ ଆଣିବା ପରେ ଆଜି ସଂଧ୍ୟାରେ ସରଳିଆ ଗ୍ରାମରେ ଶୋକାକୁଳ ପରିବେଶରେ ପହଞ୍ଚିବା ପରେ ତାଙ୍କର ବିଧବା ପତ୍ନୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଜଳେଶ୍ୱର ପ୍ରିମିୟର ଲିଗ୍ ସିଜନ୍-୫ର ଅକ୍ସନ




ଜଳେଶ୍ୱର,୧୮ା୧ (ସମିସ): ଜଳେଶ୍ୱର ପୌର ଅଞ୍ଚଳର ହାଜି ବାବା ଆଥଲେଟିକ୍ କ୍ଲବ ପକ୍ଷରୁ ଆଜି ସନ୍ଧ୍ୟା ମୁରଲୀ କଲ୍ୟାଣ ମଣ୍ଡପ ଠାରେ ଜେପିଏଲ ନିମନ୍ତେ ଅକ୍ସନ ଅନୁଷ୍ଠିତ ହୋଇଯାଇଛି। ଅକ୍ସନରେ କାଉନସିଲର ମିର୍ ଆବାସ ଅଲ୍ଲୀ ମଞ୍ଚ ସଂଚାଳନ କରିଥିବା ବେଳେ ମ୍ୟୁନିସପାଲିଟି ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଉପନଗର ପାଳ ପ୍ରତିନିଧି ବିଜୟ କାମିଲା, ଗୌରହରି ସାହୁ, ଜୈନାଲ୍ ସାହା, ସେଖ ଜୁବେର୍ ଏହେମଦ୍ ଉପସ୍ଥିତ ଥିଲେ। ଶାସନବାଡସ୍ଥିତ ଦହଣ ଖେଳ ପଡିଆ ଠାରେ ୧୪ଦିନ ବ୍ୟାପି ଆସନ୍ତା ୨୬ ତାରିଖରୁ ହେବାକୁ ଥିବା ଜେପିଏଲ ପ୍ରିମିୟମ ଲିଗ୍ ୧୦ ଓଭର ବିଶିଷ୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲାଗି ଏହି ଅକ୍ସନ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଅକ୍ସନ ରେ କମିଟିର ସଭାପତି ସେଖ ଅବତାପ୍ ଓ ସମ୍ପାଦକ ମିର ଜାବେଦ୍‌ଙ୍କ ନେତୃତ୍ୱରେ ୬ଟି ଫ୍ରାଞ୍ଚାଇଜିର ମାଲିକ ମାନେ ଖେଳାଳୀ କିଣିଥିଲେ। ଏହି ଟିମ ଗୁଡ଼ିକ ମଧ୍ୟରେ ରେଡ ରୋଜ, ରାଜନନ୍ଦିନୀ ଇଲେଭେନ , ଡାଇମଣ୍ଡ ଇଲେଭେନ, ଇଉନିକ ଷ୍ଟାର, ରାଇଜିଙ୍ଗ ମୁନ, ଜିସିସି ପଲଟନ ଆଦି ଟିମ୍‌ର ଖେଳାଳୀ ଚୟନ ହୋଇଥିଲା। ପ୍ରତ୍ୟେକ ଟିମ୍ ୧୫ଜଣ ଖେଳାଳୀଙ୍କୁ ଅକ୍ସନ ଜରିଆରେ ଚୟନ କରାଯାଇଥିଲା ବେଳେ ୯୦ଜଣ ପ୍ରତିଭାବାନ କ୍ରିଡ଼ାବିତଙ୍କ ନାଁ ନିଲାମରେ ରହିଥିଲା। ବିଜେତା ଟିମ୍ ଏକ ଲକ୍ଷ ଅର୍ଥ ରାଶି ପାଇବାକୁ ଥିବା ବେଳେ,ଉପ ବିଜେତା ଟିମ୍ କୁ ୭୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ ହେବାର ସୂଚନା ରହିଛି। କାର୍ଯ୍ୟକ୍ରମକୁ ହାଜି ବାବା ଆଥଲେଟିକ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ପ୍ରମୁଖ ଭାବରେ ସାହିଲ୍ ଖାନ୍, ଜୈନାଲ୍ ସାହା, ଇବ୍ରାହିମ୍ ସାହା, ଜୁବେର୍ ଏହେମଦ୍, ମିର୍ ନିଜାମୁଦିନ୍, ମିର୍ ସଫିରୁଦ୍ଦିନ୍, ସାଜନ୍ ସାହା, ସାହିଦ୍ ସାହା, ଇର୍ଷାଦ ଖାନ୍, ମଇନ ସାହା ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଯୋଗ ଶିକ୍ଷା ଶିବିର ଉଦ୍‌ଯାପିତ

ବାଲେଶ୍ୱର,୧୮ ା୧(ସମିସ): ଆନନ୍ଦମାର୍ଗ ପ୍ରଚାରକ ସଂଘ ବାଲେଶ୍ୱର ଶାଖା ଦ୍ୱାରା ଅନୁଷ୍ଠିତ ହେଉଥିବା ତିନି ଦିନିଆ ରାଜ୍ୟସ୍ତରୀୟ ଯୋଗ ଶିକ୍ଷା ଶିବିର, ଆଲୋଚନାଚକ୍ର ଓ କର୍ମଶାଳା ଆଜି ଉଦଯାପିତ ହୋଇଯାଇଛି। ସଦର ବ୍ଲକ ଅର୍ନ୍ତଗତ ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦାର୍ଶନିକ ପ୍ରଭାତ ରଞ୍ଜନ ସରକାରଙ୍କ ଆଧ୍ୟାତ୍ମିକ ଦର୍ଶନ ଓ ସାମାଜିକ ଦର୍ଶନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଡ ଆଦିତ୍ୟ କୁମାର ମହାନ୍ତି ଯୋଗଦେଇ ଯୁବଗୋଷ୍ଠୀ ସମାଜ ସଚେତନ ରହିବା ସହିତ ନିଜକୁ ଶାରୀରିକ ଓ ମାନସିକ ଭାବରେ ସୁଦୃଢ଼ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆନନ୍ଦମାର୍ଗ ବିଦ୍ୟାଳୟର ଚେୟାରମେନ ଭଗବାନ ଗୁପ୍ତାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କାହ୍ନୁଚରଣ ବେହୁରା, ରାଜଶ୍ରୀ ବିଶ୍ୱାଳ, ଯୁବବିକାଶର ସଂସ୍ଥାପକ ଗୋବିନ୍ଦ ଦଳାଇ, ଆନନ୍ଦ ଅନୁପ୍ରଭା ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଭାବାମିତ୍ରା ନନ୍ଦ ପ୍ରମୁଖ ଯୋଗଦାନ କରିଥିଲେ। ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ,କଟକ ଓ ଖୋର୍ଦ୍ଧା ଆଦି ଜିଲ୍ଲା ଗୁଡିକରୁ ଶତାଧିକ ପ୍ରତିନିଧି ଯୋଗଦେଇଥିଲେ।

## ରୋଟାରୀ କ୍ଲବ୍ ଅଫ୍ ବାଲେଶ୍ୱର ୟୁନିଟି ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୧୮ା୧(ସମିସ): ରୋଟାରୀ କ୍ଲବ ଅଫ ବାଲେଶ୍ୱର ୟୁନିଟି ପକ୍ଷରୁ ରକ୍ତଦାନ ଶିବିର ରବିବାର ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ସାମ୍ବାଦିକ ଚିତ୍ତରଞ୍ଜନ ଚିରଞ୍ଜିତ, ରୋଟାରୀ କ୍ଲବର ପୂର୍ବତନ ପ୍ରାନ୍ତପାଳ ଶାନ୍ତନୁ କୁମାର ପାଣି, ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, କନ୍ୟା ଅନମୋଲ ହେଁ ର ମୁଖ୍ୟ ରୋଟାରୀଆନ ସରୋଜ ଦାଶ,



ରୋଟାରୀୟନ ଝରଣା ପାଣି ପ୍ରମୁଖ ଯୋଗ ଦେଇ ଶିବିରକୁ ଅନୁଷ୍ଠାନିକ ଭାବେ ଉଦଘାଟନ ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରୋଟାରୀ କ୍ଲବ ଅଫ ବାଲେଶ୍ୱର ୟୁନିଟିର ସଭାପତି ଅନୁପ ନାରାୟଣ ଦାଶ କାର୍ଯ୍ୟକ୍ରମ ରେ ପୌରହିତ୍ୟ କରିଥିବା ବେଳେ ସମ୍ପାଦକ ସୌମ୍ୟ କୁମାର ମହାପାତ୍ରଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା ସହଯୋଗ କରିଥିଲେ।

## ନୀଳଗିରିରେ ହିନ୍ଦୁ ସମ୍ମିଳନୀ



ନୀଳଗିରି, ୧୮ା୧ (ସମିସ): ନୀଳଗିରି କେ.ସି.ହାଇସ୍କୁଲ ପଡିଆରେ ରବିବାର ବିଶାଳ ହିନ୍ଦୁ ସମାବେଶ ସହିତ ଧର୍ମ ଯଜ୍ଞ, ପ୍ରବଚନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ତଥା ହିନ୍ଦୁ ସମାବେଶର ବ୍ୟବସ୍ଥା ପ୍ରମୁଖ କାର୍ତ୍ତିକ ଚନ୍ଦ୍ର ଜେନା ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପୂର୍ବାହ୍ନ ୯ ଘଟିକା ସମୟରେ ଶଙ୍କରାଖୁଣ୍ଟା ପୋଖରୀ ଠାରୁ ମହିଳା ମାନେ ସୁସଜିତ କଳସ ଶୋଭାଯାତ୍ରାରେ ସହର ପରିକ୍ରମା ପରେ ଯଜ୍ଞ ସ୍ଥଳ କେ ସି ହାଇସ୍କୁଲ ପଡିଆ ଠାରେ ପହଂଚି ଥିଲେ । ନୀଳଗିରି ବ୍ରାହ୍ମଣ ସମାଜ ପକ୍ଷରୁ ଯଜ୍ଞର ଆୟୋଜନ କରାଯାଇଥିଲା। ବିଧାୟକ ସନ୍ତୋଷ ଖଟୁଆ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଭାରାପ୍ରାପ୍ତ ଏନଏସି ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ରବୀନ୍ଦ୍ର ନାୟକ, ସୁରଞ୍ଜନ ମହାପାତ୍ର, ବ୍ରହ୍ମାନନ୍ଦ ଦାସ, ଅଦୈତ୍ୟ ଖୁଣ୍ଟିଆ, ଚନ୍ଦ୍ରଶେଖର ନନ୍ଦ, ସତ୍ୟନାରାୟଣ ମହାପାତ୍ର ରାମଚନ୍ଦ୍ର ଦାସ, ପ୍ରମୁଖ ଅନେକ ସାଧୁ ସନ୍ଥ ଯୋଗ ଦେଇଥିଲେ। ମଧ୍ୟାହ୍ନ ରେ ଧର୍ମ ସଭା ଏବଂ ପ୍ରବଚ ସମାବେଶ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ମାୟାଧର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ମଂଚାସୀନ ଅତିଥି ଭାବେ ଆର.ଏସ.ଏସ.ର ବିଭାଗ ପ୍ରମୁଖ ବିଷ୍ଣୁ ଚରଣ ନାୟକ, ରୁଦ୍ର ବେସାନନ୍ଦ ଗିରି, ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ ରଶ୍ମି ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ଥିଲେ। ବରିଷ୍ଠ ଆଇନଜୀବୀ କାର୍ତ୍ତିକ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଛନ୍ତି।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ସୋର, ୧୮ା୧ (ସମିସ): ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଦିଗୀ ଭଓଁରା ଗ୍ରାମରେ ପାରିବାରିକ କଳହରୁ ବିଷ ପିଇ ଜଣେ ମହିଳା ଆତ୍ମହତ୍ୟା କରିଥିବା ଜଣା ପଡିଛି। ଗ୍ରାମର କରୁଣାକର ନାୟକଙ୍କ ସ୍ତ୍ରୀ କୌଶଲ୍ୟା ନାୟକ ଆଜି ସକାଳେ ଏକ ଗ୍ରୁପରୁ ଟଙ୍କା ଉଠାଇଥିଲେ। ଫଳରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଏହାକୁ ନେଇ ଝଗଡା ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ କୌଶଲ୍ୟା ବିଷ ପିଇ ଦେଇଥିଲେ। ଏହା ଜାଣିପାରି ପରିବାର ଲୋକେ ସନ୍ଧ୍ୟାରେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## କୁରୁଡ଼ା ଓ ଭୀମପୁରାରେ ବିଶାଳ ହିନ୍ଦୁ ସମ୍ମିଳନୀ

ବାଲେଶ୍ୱର,୧୮ା୧(ସମିସ): ହିନ୍ଦୁ ସଂଗଠିତ ହେଲେ ରାଷ୍ଟ୍ର ସଶକ୍ତ ହେବ। ତେଣୁ ଆଜି ସମୟ ଆସିଛି ହିନ୍ଦୁମାନେ ସଂଗଠିତ ହୁଅନ୍ତୁ ଏବଂ ନିଜର ଗୌରବମୟ ଐତିହ୍ୟ ଓ ହୃତ ଗୌରବକୁ ପୁଣିଥରେ ପୁନଃସ୍ଥାପିତ କରନ୍ତୁ ବୋଲି କହିଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଉତ୍କଳ ପୂର୍ବ ପ୍ରାନ୍ତ କାର୍ଯ୍ୟବାହ ଡ. ଅନିଲ କୁମାର ମିଶ୍ର। ସ୍ଥାନୀୟ କୁରୁଡ଼ା ହାଟ ପଡିଆରେ ରବିବାର ଅନୁଷ୍ଠିତ ବିଶାଳ ହିନ୍ଦୁ ସମ୍ମିଳନୀରେ ଡ. ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ନାଗାବାବା ଦିବାକର ମହାରାଜ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ସୋମନାଥ ସେଠୀ, କାର୍ଗିଲ ସହିଦ ଗଙ୍ଗାରାମ ଦାସଙ୍କ ପିତା ଶ୍ୟାମସୁନ୍ଦର ଦାସ, କାର୍ଯ୍ୟକ୍ରମର ସଂଯୋଜକ ତଥା କୁରୁଡ଼ା ଗ୍ରାମ କମିଟି ସଭାପତି ପ୍ରଶାନ୍ତ ମହାପାତ୍ର ଏବଂ ଆରଏସଏସର ବାଲେଶ୍ୱର ନଗର କାର୍ଯ୍ୟବାହ ରମେଶ ମହାକୁଡ଼ ମଞ୍ଚାସିନ ଥିଲେ। ପ୍ରାତଃ ସମୟରୁ ସ୍ଥାନୀୟ ଚନ୍ଦନ ପୋଖରୀରୁ ୧୦୮ କଳସ ଶୋଭାଯାତ୍ରା, ହୋମଯଜ୍ଞ ଓ ନଗର କୀର୍ତନ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି ଭୀମପୁରା ଟିଭି ସେଣ୍ଟର ପଡିଆରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ତ୍ରିବେଣୀ ଆଶ୍ରମର ସନ୍ଥ ତଥା ବିଶ୍ୱହିନ୍ଦୁ ପରିଷଦ ଧର୍ମପ୍ରସାର ବିଭାଗର ରେମୁଣା ଖଣ୍ଡର ସନ୍ଥ ସମ୍ପର୍କ ପ୍ରମୁଖ ବାବା ଦୟାନନ୍ଦ, ମୁଖ୍ୟ ବକ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦର ଓଡିଶା ପୂର୍ବ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ, ବିଶିଷ୍ଟ ଅତିଥି ଭାବେ ପଣ୍ଡିତ ଜିଲ୍ଲା ଗାୟତ୍ରୀ ପରିବାରର ସଂଯୋଜକ ବଳରାମ ଜେନା, ପରିବେଶବିତ ମନୋଜ ଖଣ୍ଡା, କାର୍ଯ୍ୟକ୍ରମର ସଂଯୋଜକ ଯୁଗଳ କିଶୋର ରାଠି ମଞ୍ଚରେ ଉପସ୍ଥିତ ଥିଲେ। କଳସ ଶୋଭାଯାତ୍ରା ରାମେଶ୍ୱର ମନ୍ଦିରରୁ ଭୀମପୁରା ଗ୍ରାମ ପରିକ୍ରମା କରିଥିଲା।

## ରଣ ହଡ଼ପ ଘଟଣାର ବିଭାଗୀୟ ତଦନ୍ତ

ସିମୁଳିଆ, ୧୮ା୧ (ସମିସ): କୃଷି ରଣ ଉପରେ ରିହାତି ଥିବାବେଳେ ସମବାୟ ସମିତି ପକ୍ଷରୁ କୈନିକ ଚାଷୀଙ୍କୁ ରିହାତି ଦିଆ ଯାଇ ନଥିବାରୁ ସଚିବ ସମବାୟ ବିଭାଗ ଓଡିଶା ସରକାରଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ବିଭାଗୀୟ ପକ୍ଷରୁ ତଦନ୍ତ କରି ଫେରିଥିବା ଜଣାଯାଇଛି। ସିମୁଳିଆ ବ୍ଲକ ଜାମ୍ବୁଝାଡ଼ି ଅଞ୍ଚଳର ନୀଳାମ୍ବର ମିଶ୍ର ସଚିବ ସମବାୟ ବିଭାଗ ଓଡିଶା ସରକାରଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ ୨୦୦୮ ମସିହାରେ ଜାମ୍ବୁଝାଡ଼ି ସମବାୟ ସମିତିରୁ ୫୦ହଜାର ଟଙ୍କା ରଣ ନେଇଥିଲେ।



ମାତ୍ର ୨୦୧୦ ମସିହାରୁ ୨୦୨୧ମସିହା ପର୍ଯ୍ୟନ୍ତ ଓଡିଶା ସରକାରଙ୍କ ତରଫରୁ ଦିଆଯାଇଥିବା ଚାଷ ରଣର ୩ ଶତକଡା ସୁଧ ଦେଇ ନାହାନ୍ତି। ଓଡିଶା ସରକାର ସମବାୟ ବିଭାଗ ର ନିବନ୍ଧକଙ୍କ ତରଫରୁ ଜାରି କରାଯାଇଥିବା ଚିଠି ନଂ -୭୭୮୧ମୂଳେ ୦୩-୦୬-୨୨ମସିହାରେ ଆଦେଶ ଥିଲେ ମଧ୍ୟ ଅବଜ୍ଞା କରି ଓଡିଶା ସରକାରଙ୍କ ପ୍ରଦତ୍ତ ତିନି ଶତକଡା ସୁଧ ନ ଦେଇ ହଡପ କରିଥିଲେ। ଅଭିଯୋଗ ପାଇ ସଚିବ ସମବାୟ ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ଯୁଗ୍ମ ନିବନ୍ଧକ ଦମୟନ୍ତୀ ମହାନ୍ତି ଓ ଉପ ସମବାୟ ନିବନ୍ଧକ ବାଲେଶ୍ୱରର ସରୋଜିନୀ ନାୟକ ଓ ତାଙ୍କ ଟିମ ଜାମ୍ବୁଝାଡ଼ି ସମବାୟସମିତିକୁଆସି ତଦନ୍ତ କରିଫେରିଥିବାର ଜଣା ଯାଇଛି । ଏଥି ସହିତ ମାର୍କୋଣା ସମବାୟ ସମିତିକୁ ମଧ୍ୟ ପରିଦର୍ଶନ କରିଥିଲେ।

## କଂଗ୍ରେସର ମିଶ୍ରଣ ପର୍ବ

କାଳିପଦା, ୧୮ା୧ (ସମିସ): ବାଲିଆପାଳ ବ୍ଲକ ବଡାଶ ଗ୍ରାମପଞ୍ଚାୟତ ବଡାସ ଗ୍ରାମରେ କଂଗ୍ରେସ ତରଫରୁ ଏକ ମିଶ୍ରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବର୍ତ୍ତମାନ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ବିଜନ ନାୟକ ଯୋଗଦେଇଥିଲେ। ବଡାଶ ସରପଞ୍ଚ ଜଗନ୍ନାଥ ବିଶ୍ୱାଳ, ବଡାଶ ଗ୍ରାମପଞ୍ଚାୟତ କଂଗ୍ରେସ ଦଳର ସଭାପତି ବିଭୂତି ଭୂଷଣ କରଣ, ନାଏବ ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ ଦାସ, ଅନନ୍ତ ମିସ୍ତ୍ରୀ , ପ୍ରଫୁଲ୍ଲ ସାହୁ, ଭୁବନ ଚନ୍ଦ୍ର ରାଜ, ମନ୍ମଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି, ୧୮ା୧(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ନରଶପୁର ପଞ୍ଚାୟତ ଅଧୀନସ୍ଥ ଗେଁଦ୍ରାସାହି ଗ୍ରାମରେ ଦୁଇ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଏବଂ ମୁଖ୍ୟ ବକ୍ତା ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମଦନ ମୋହନ ମାଝୀ, ନାଏବ ସରପଞ୍ଚ ସୁରେନ୍ଦ୍ର ସିଂ, ସଦାଶିବ ମାଝୀ, ଫାତୁରାମ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଫାଇନାଲ ମ୍ୟାଚରେ ନୀଳଗିରିର ରିଟନ ସାର୍ଭମାଣ ଟିମ ବାଲିଆପାଳ ଫୁଟବଲ କ୍ଲବକୁ ହରାଇ ଚାମ୍ପିଅନ ହୋଇଛି।

## ସିମୁଳିଆ ଥାନାର ନୂତନ ଅଧିକାରୀଙ୍କ ଯୋଗଦାନ

ସିମୁଳିଆ, ୧୮ା୧ (ସମିସ): ସିମୁଳିଆ ଥାନାର ନୂତନ ଅଧିକାରୀ ଭାବେ ଦେବରାଜ ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ସିମୁଳିଆ ଥାନାରେ ଦୁଇମାସ ତଳେ କାର୍ଯ୍ୟରେ ଯୋଗଦେଇ ଥିବା କ୍ରିଷ୍ଣା ପିଙ୍ଗୁଆଙ୍କ



ମୟୁରଭଞ୍ଜ ଜିଲ୍ଲାକୁ ବଦଳି ହୋଇଯିବା ପରେ ଉକ୍ତ ପଦବୀ ଖାଲି ପଡିଥିଲା। ଦୀର୍ଘ ପନ୍ଦର ଦିନ ଖାଲି ପଡିବା ପରେ ସିମୁଳିଆ ଥାନାର ନୂତନ ଅଧିକାରୀ ଭାବେ ଗତକାଲି ରାତିରେ ଦେବରାଜ ଜେନା କାର୍ଯ୍ୟରେ ଯୋଗଦାନ କରିଛନ୍ତି।

## ଦୁଇ ବାଲି, ପଥର ଗାଡି ଜବତ

ସୋର, ୧୮ା୧(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିନ୍ଦୁ ପେଟ୍ରୋଲ ପମ୍ପ ନିକଟରୁ ଖଣି ବିଭାଗ ତରଫରୁ ଚଢ଼ାଉ କରାଯାଇ ଦୁଇଟି ବେଆଇନ ବାଲି ଏବଂ ପଥର ବୋଝେଇ ଗାଡିକୁ ଜବତ କରିଛନ୍ତି। ଗତକାଲି ରାତିରେ ବାଲେଶ୍ୱର କନିଷ୍ଠ ଖଣି ଅଧିକାରୀ ସମ୍ବିତ କୁମାର ମଣି ସୋର ପୁଲିସ ସହାୟତାରେ ଏହି ସ୍ଥାନରେ ଚଢ଼ାଉ କରିଥିଲେ।

# ଭୋଗରାଇ ବ୍ଲକର କୃଷକ ସାଥୀ ସଂଘର ବୈଠକ

ଚନ୍ଦନେଶ୍ୱର, ୧୮ା୧(ସମିସ)

କୃଷକ ସାଥୀମାନେ ବିଭିନ୍ନ ପ୍ରକାର ସରକାରୀ କାର୍ଯ୍ୟରେ ସହଯୋଗ କର୍ଷ ଆସୁଛନ୍ତି। ମାତ୍ର ସେମାନଙ୍କ ପେଟପାଟଣା କଥା ସରକାର ଚିନ୍ତା କରୁ ନାହାନ୍ତି। ସେମାନଙ୍କ ପରିବାର ପ୍ରତି ପେଷାଣ କ୍ଷେତ୍ରରେ ନାହିଁ ନଥବା ସମସ୍ୟା ଉପୁଜୁଛି। ତେଣୁ ସରକାର ସେମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ ବୋଲି ରବିବାର ଭୋଗରାଇ କୃଷକ ସାଥୀ ସଂଘର ବୈଠକରେ ନିବେଦନ କରା ଯାଇଛି। ବିଚିତ୍ରପୁର ଇକୋ ଟୁରିଜିମ ନିକଟରେ ଏନେଇ ଆୟୋଜିତ ବୈଠକକୁ ସଂଘର ବ୍ଲକ ସଭାପତି ମହମ୍ମଦ ଖୁରସେଦ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ କୃଷି ଅଧିକାରୀ ରାଧା ଗୋବିନ୍ଦ ଦେ ଯୋଗଦେଇ କୃଷକସାଥୀ ସରକାର ଓ ଚାଷୀଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନର ମାଧ୍ୟମ। ବାସ୍ତବରେ ସେମାନେ ଦିନରାତି ବହୁ ପରିଶ୍ରମ କରୁଥିବା ବେଳେ ସରକାର ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରି ଆସୁଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ପ୍ରାକ୍ତନ କୃଷି ଅଧିକାରୀ ହରିହର ନାୟକ ଦେଶରେ ୭୦ ପ୍ରତିଶତରୁ ଅଧିକ କୃଷକ ଅଛନ୍ତି। ସେମାନଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ ଆମେ ଉପଭୋଗ କରୁଛୁ। ଚାଷୀଙ୍କୁ ପ୍ରୋତ୍ସାହିତ କରିବା, ଚାଷପ୍ରତି ଆକୃଷ୍ଟ କରିବା ଲୋକଙ୍କ ପ୍ରତି ଅବହେଳା ପ୍ରଦର୍ଶନ ଆଦୌ ସମୀଚୀନ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ମଣ୍ଡଳ,ରାଧା ବଲ୍ଲଭ ଗୋସ୍ୱାମୀ, କାନ୍ଠିଥଭଉଁରୀ ସରପଂଚ କିରଣ ବାଳା ଜେନା, ସମିତି ସଭ୍ୟ ପ୍ରଦୀପ ଦାସ,ପୂର୍ବତନ ସରପଂଚ ଶମ୍ଭୁନାଥ ମାଝୀ, କୃଷି ଅଧିଦର୍ଶକ ଶିବାନ ଚନ୍ଦ୍ର ସରେନ, ସମାଜସେବୀ ବଳରାମ ପାତ୍ର, ସଂଘର ସମ୍ପାଦକ ବିମଳ ପାତ୍ର, ଯୁଗ୍ମ ସମ୍ପାଦକ ସଞ୍ଜୟ କାମିଲା, ଉପ ସଭାପତି ଗୁଣାକର ମାଝୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂଘର ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶ୍ରୀହରି ଜେନା ମଂଚ ସଂଚାଳନ ଓ ଶେଷରେ ରାମଚନ୍ଦ୍ର ଆଧେକ ଧନ୍ୟବାଦ ଦେଇଥିଲେ। ଏଥିରେ ଭୋଗରାଇର ୫୦ଟି ପଂଚାୟତର ସମସ୍ତ କୃଷକ ସାଥୀ ଯୋଗଦାନ କରିଥିଲେ। ସୂଚନା ଥାଉକି, ସଂଘର ସମସ୍ୟା ସମ୍ପର୍କରେ ବିଧାୟକ ଗୌତମବୁଦ୍ଧ ଦାସଙ୍କୁ ଲିଖିତ ଅବଗତ କରାଯାଇଛି। ବିଧାୟକ ବିଧାନସଭାରେ ଏନେଇ ପ୍ରଶ୍ନ ଉଠାଇବେ ବୋଲି ଜଣା ପଡିଛି।

## ବାଲେଶ୍ୱର ମହିଳା କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାଲେଶ୍ୱର,୧୮।୧(ସମିସ): ବାଲେଶ୍ୱର ମହିଳା କଲେଜ, ଗୋପାଳଗାଁରେ ଆୟୋଜିତ ୮ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମାପନ ସଭା ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସ୍ନାତକ ପ୍ରଥମ ବର୍ଷର ଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଇତିହାସ ବିଭାଗର ଅଧ୍ୟାପିକା ଡ଼. ପୂଜାରାଣୀ ପରିଡା ଓ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ମିସ୍ ମାୟାବତୀ ମଲ୍ଲିକ ସଫଳତାର ସହିତ ସମନ୍ୱୟ କରିଥିଲେ। କଲେଜ ଅଧ୍ୟକ୍ଷ ଡ଼. ଉମାକାନ୍ତ ନାୟକ କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜିତ ହୋଇଥିବାରୁ ଗଭୀର ସନ୍ତୋଷ ପ୍ରକାଶ କରିଥିଲେ। ସମାପନ ସଭାରେ ଇଂରାଜୀ ବିଭାଗର ଅଧ୍ୟାପକ ଚିତ୍ତରଞ୍ଜନ ସାନ୍ତରା ଓ ଅର୍ଥନୀତି ବିଭାଗର ଅଧ୍ୟାପକ ସୁଶାନ୍ତ କୁମାର ମଣ୍ଡଳ ମତାମତ ରଖିଥିଲେ। ପ୍ରଶିକ୍ଷିକା ବବିତା ରାଣୀ ସେଠୀ ଛାତ୍ରୀମାନଙ୍କ ସାହସୀ ଓ ସଚେତନ ରହିବା ପାଇଁ ପ୍ରେରଣା ଦେଇଥିଲେ। ସଂସ୍କୃତ ବିଭାଗର ଅଧ୍ୟାପିକା ମିସ୍ ଚମ୍ପାବତୀ କିସ୍କୁ ଓ ଓଡ଼ିଆ ବିଭାଗର ଅଧ୍ୟାପିକା ରଶ୍ମିରେଖା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ। ଏହି ୮ ଦିନିଆ କାର୍ଯ୍ୟକ୍ରମରେ ବାସନ୍ତୀ ମହାରଣା ଓ ଭାସ୍କର ବାରିକ ବିଶେଷ ସହଯୋଗ କରିଥିଲେ। ସମାପନ ସଭାର ଶେଷ ପର୍ଯ୍ୟାୟରେ ଅଂଶଗ୍ରହଣକାରୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା।

## ବିଦ୍ୟାଳୟ ବସ୍ ଓ ଯାନବାହନରେ ଲାଗିଲା ଲଗାମ୍

**ନିର୍ଦ୍ଧାରିତ କ୍ଷମତାଠୁ ଅଧିକ ପିଲାଙ୍କୁ ବସାଇଲେ କାର୍ଯ୍ୟାନୁଷ୍ଠାନ**

**ନିୟମିତ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ**

ବାଲେଶ୍ୱର,୧୮।୧ (ସମିସ)

ସ୍କୁଲ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛି। ଛାତ୍ରଛାତ୍ରୀଙ୍କୁ ପ୍ରାଥମିକତା ଦେଇ ବାଲେଶ୍ୱର ଜିଲ୍ଲାପାଳ ଓ ଅଧ୍ୟକ୍ଷ, ଡିଆର୍‌ଏସ୍‌ସିଙ୍କ ଦ୍ୱାରା ବିଦ୍ୟାଳୟ ବସ୍ ଓ ଅନ୍ୟାନ୍ୟ ଯାନବାହନ ଗୁଡ଼ିକରେ ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ପିଲାଙ୍କୁ ବସାଇଲେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ସମ୍ବନ୍ଧରେ ଆରକ୍ଷୀ ଅଧୀକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ସମସ୍ତ ତହସିଲଦାରଙ୍କୁ ନିଜ ନିଜ କ୍ଷେତ୍ରର ଅଧୀନସ୍ଥ କର୍ମଚାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରି କଠୋର ଓ ନିୟମିତ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଶେଷ ଭାବେ ସମସ୍ତ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ପରିଚାଳନା କମିଟି/ ସଂସ୍ଥାମାନଙ୍କୁ ଏହି ବିଷୟରେ ସତର୍କ ରହିବାକୁ ନିର୍ଦ୍ଦେଶ ଜାରି କରିବାକୁ କୁହାଯାଇଛି। ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ଶିଶୁ ବହନ କରୁଥିବା କୌଣସି ଯାନ ବ୍ୟବହୃତ ହେଲେ, ସେଥିପାଇଁ ସମ୍ପୃକ୍ତ ବିଦ୍ୟାଳୟ ପ୍ରବନ୍ଧନ, ଯାନ ମାଲିକ ଓ ଚାଳକଙ୍କ ବିରୋଧରେ ମୋଟର ଭେହିକଲ୍ ଆକ୍ଟ୧୯୮୮ ଓ ସମ୍ପର୍କିତ ନିୟମାବଳୀ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଭାବକ, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଯାନ ଚାଳକ/ ମାଲିକମାନଙ୍କୁ ପିଲାଙ୍କ ସୁରକ୍ଷା ପାଇଁ ସହଯୋଗ କରିବା ଓ ସମସ୍ତ ଯାତାୟାତ ନିୟମ କଡାକଡି ପାଳନ କରିବାକୁ ଅନୁରୋଧ କରାଯାଇଛି।

## ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା




ବାଲେଶ୍ୱର,୧୮।୧(ସମିସ): ବାଲେଶ୍ୱର ସହରର ଅନ୍ୟତମ ଯୁବ ମହୋତ୍ସବ ଇଂଟିଗ୍ରେସନର ଦ୍ୱାଦଶ ସଂସ୍କରଣର ଦ୍ୱିତୀୟ ସନ୍ଧ୍ୟା ସ୍ଥାନୀୟ ପୁରୁଣା ଷ୍ଟାଡିୟମଠାରେ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଆୟୋଜକ ମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଇଂଟିଗ୍ରେସନର ଅଧ୍ୟକ୍ଷ ସରୋଜ ଦାଶଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀନାରାୟଣ ମହାନ୍ତି, ପୃଷ୍ଠପୋଷକ ତଥା କାଉନସିଲର ସତ୍ୟ ଶିବ ସୁନ୍ଦର ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ପୃଷ୍ଠପୋଷକ ଚିତ୍ତରଞ୍ଜନ ପଣ୍ଡା ଅତିଥି ପରିଚୟ ଏବଂ ମଞ୍ଚ ଆହ୍ୱାନ କରିଥିଲେ। ଏହି ଅବସରରେ ରୋଟାରୀ କ୍ଲବ ର ୨୦୨୭-୨୮ ଜିଲ୍ଲା ପ୍ରାନ୍ତପାଳ ଇନ୍ଦ୍ରଜିତ ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମୁଖ୍ୟ ଆକର୍ଷଣ ସାଜିଥିଲେ ଜି ଟିଭି ସୁପରଷ୍ଟାର ସିଙ୍ଗର ସିଜନ - ୨ ଫେମ୍ ପଞ୍ଜାବର ମନି ଧରମକୋଟ। ତାଙ୍କ ଗୀତରେ ଝୁମିଥିଲେ ଦର୍ଶକ। ସଭାପତି ସୁଶାନ୍ତ ସାହୁ, ଉପ ସଭାପତି ଡ଼. କୁମାର ଦେବାଶିଷ ପ୍ରଧାନ, ସାଧାରଣ ସମ୍ପାଦକ ଗୌତମ ସାହୁ, ସମ୍ପାଦକ ଜୀବନ ମହାପାତ୍ର, ଉମେଶ ବେହେରା, ଆଲୋକ ମାଝୀ, ଯୁଗ୍ମ ସମ୍ପାଦକ ସରିତ ସପନ ବାରିକ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

## ମୁକ୍ତ ଦୁଇ ଜିଲ୍ଲା ମୁଖ୍ୟ ଅଧ୍ୟୟନ କେନ୍ଦ୍ର ଉଦ୍‌ଘାଟିତ




ବାଲେଶ୍ୱର,୧୮।୧(ସମିସ): ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନର ଏକ +୨ ନୋଡାଲ ଅଧ୍ୟୟ କେନ୍ଦ୍ର ଉଦଘାଟିତ ହୋଇଛି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ହେରିଟେଜ ହଲରେ ଉଦଘାଟନୀ କାର୍ଯ୍ୟକ୍ରମରେ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷା ଡକ୍ଟର ସୋନାଲିସା ମହାନ୍ତି ସଭାପତିତ୍ୱ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦିନେଶ କୁମାର ଦାସ ଯୋଗ ଦେଇ ଏହା କେବଳ ଏକ ପାଠ୍ୟକ୍ରମ ନୁହେଁ, ବରଂ ଏକ ସୁଯୋଗ ବୋଲି ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗର ସହକାରୀ ପ୍ରଫେସର ତଥା ଦୂର ଓ ନିରନ୍ତର ଶିକ୍ଷା କେନ୍ଦ୍ରର ସହ ନିର୍ଦ୍ଦେଶକ ଡକ୍ଟର ଦେବଦତ୍ତ ଦାସ ଯୋଗଦେଇ ଶିକ୍ଷା ଅଧିକାରକୁ ବାସ୍ତବ ରୂପ ଦେବାରେ ଏହାର ଭୂମିକା ଅନନ୍ୟ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ କହିଥିଲେ, ଏହି ଅଧ୍ୟୟନ କେନ୍ଦ୍ର ଦ୍ୱାରା ବାଲେଶ୍ୱର ଏବଂ ଆଖପାଖ ଅଞ୍ଚଳର ବହୁ ପରିମାଣର ଛାତ୍ରଛାତ୍ରୀ ଉପକୃତ ହେବେ। ସମ୍ମାନୀତ ଅତିଥି ଭାବେ ପବ୍ଲିକ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀମଣି ସାହୁ ଯୋଗ ଦେଇଥିଲେ। +୨ ରେ ଫେଲ ହୋଇ ପାଠ ଛାଡିଥିବା କିମ୍ବା ବିଭିନ୍ନ କାରଣରୁ +୨ ପଢ଼ି ପାରି ନଥିବା ପିଲା ମାନଙ୍କୁ ୧୫ରୁ ୧୮ ବର୍ଷ ମଧ୍ୟରେ ମୁକ୍ତ ଭାବେ ଶିକ୍ଷା ଗ୍ରହଣର ସୁଯୋଗ ଦିଆଯିବ ଓ ତାହା ଠାରୁ ଊର୍ଦ୍ଧ୍ୱ ବୟସ ବ୍ୟକ୍ତି ମାନଙ୍କ ପାଇଁ ଅତି କମ୍ ଦେୟରେ ଆଡ଼ମିଶନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏକ ସୁବର୍ଣ୍ଣ ସୁଯୋଗ ବୋଲି କୁହାଯାଇଛି। ଡକ୍ଟର ସନ୍ତୋଷ କୁମାର ରାଉତ, କେନ୍ଦ୍ର ସଂଯୋଜକ ଏହାକୁ ସଂଯୋଜନା କରିଥିବା ବେଳେ ପ୍ରଦୀପ କୁମାର ଗଙ୍ଗାଇ, ସହ କେନ୍ଦ୍ର ସଂଯୋଜକ ଓ କବିତା ପ୍ରଧାନ ସହ କେନ୍ଦ୍ର ସଂଯୋଜକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଭଜନ ଶ୍ରୀକ୍ଷେତ୍ର'ର ଷଷ୍ଠ ବାର୍ଷିକ ଉତ୍ସବ



ବାଲେଶ୍ୱର,୧୮।୧(ସମିସ): ସାଂସ୍କୃତିକ ଅନୁଷ୍ଠାନ "ଭଜନ ଶ୍ରୀକ୍ଷେତ୍ର'ର ଷଷ୍ଠ ବାର୍ଷିକ ଉତ୍ସବ ସ୍ଥାନୀୟ ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରେମୁଣାସ୍ଥିତ ଇସ୍କନ ମୁଖ୍ୟ ପ୍ରଭୁଜୀ ମୁକୁନ୍ଦ ଚୈତନ୍ୟ ମହାରାଜ ମୁଖ୍ୟଅତିଥି ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। "ପ୍ରତିଭାଶ୍ରୀ' ମୁଖ୍ୟ କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଈଶ୍ୱରଙ୍କ ଭଜନ ଓ ଜଣାଣ ମଣିଷ ମନରେ ଏକ ଆଧ୍ୟାତ୍ମିକ ଉପଲବ୍‌ଧି ସୃଷ୍ଟି କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରବୀଣ ପ୍ରଭୁଜୀ, ଡାକ୍ତର ଜୟନ୍ତ ଦାସ ଓ ବିଷ୍ଣୁପ୍ରସାଦ ମହାନ୍ତି ବକ୍ତବ୍ୟ ରଖିଥିଲେ। କବି ଦୀପକ ବୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୀତିକାର ରବୀନ୍ଦ୍ର କୁମାର ବିଶ୍ୱାଳ ମଞ୍ଚ ଆବାହନ କରିଥିଲେ। ଏହି ଅବସରରେ ଗୁରୁ ସତ୍ୟରଂଜନ ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଳରାମ ଦାସ, ପ୍ରଶାନ୍ତ ଦାସ, ରବୀନ୍ଦ୍ର ବିଶ୍ୱାଳ ଓ ଦୀପକ ବୋଷଙ୍କ ରଚିତ ବିଭିନ୍ନ ଗୀତ ସମେତ ପୁରାତନ ରଚନାରୁ ଭଜନ, ଜଣାଣ, ଛାନ୍ଦ, ଚମ୍ପୂ, ପଲ୍ଲୀଗୀତ ଓ ଓଡ଼ିଶୀ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ଗୋଚାଲାଣ ଆଳରେ ହତ୍ୟାକାଣ୍ଡକୁ ସିପିଆଇ ଓ ସିପିଏମ୍‌ର ନିନ୍ଦା

ବାଲେଶ୍ୱର,୧୮।୧(ସମିସ): ଗତ ୪ଦିନ ତଳେ ଏକ ପିକଅପ ହେଲପର ସେଖ ସକନ୍ଦରକୁ କେତେକ ଗୋ ଚାଲାଣ କରୁଥିବା ଆଳରେ ନିର୍ଦ୍ଦୟ ଭାବରେ ପିଟିପିଟି ମାରିଦେଇଥିଲେ। ସେହିପରି ମାଡ଼ ମାରୁଥିବା ବେଳର ଭିଡ଼ିଓ ଚିତ୍ର ଉତ୍ତୋଳନ କରି ସୋସିଆଲ ମିଡ଼ିଆରେ ଭାଇରାଲ କରିଥିଲେ। ଉକ୍ତ ଘଟଣାକୁ ସିପିଆଇର ବାଲେଶ୍ୱର ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ ଓ ସିପିଆଇ(ଏମ) ର ଜିଲ୍ଲା ସମ୍ପାଦକ ଶିଶିର ହୁଇ ତୀବ୍ର ନିନ୍ଦା କରିବା ସହ ଏହି ଜଘନ୍ୟ ହତ୍ୟାକାଣ୍ଡରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ମିଳିତ ପ୍ରେସ ବିବୃତିରେ ଜଣାଇଛନ୍ତି। ଡବଲ ଇଞ୍ଜିନ ସରକାର ରାଜ୍ୟରେ ଆସିବା ପରଠାରୁ ଏହିପରି ସାମ୍ପ୍ରଦାୟିକ ହିଂସା ବାଲେଶ୍ୱର ଜିଲ୍ଲାରେ ବାରମ୍ବାର ଘଟୁଥିବାରୁ ଜିଲ୍ଲା ପ୍ରଶାସନ ବିଶେଷ କରି ପୁଲିସ ପ୍ରଶାସନର ମୁଖ୍ୟ ଆରକ୍ଷୀ ଅଧିକ୍ଷକ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏପରି ଘଟଣାର ନିରାକରଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ୨୪ରୁ ନଅଦିନିଆ ରେମୁଣା ମହୋତ୍ସବ

ରେମୁଣା,୧୮।୧(ସମିସ): ୨୦୦୯ ମସିହାରେ ମା ତାରିଣୀଙ୍କ ବାର୍ଷିକ ଉତ୍ସବକୁ ନେଇ ତାରିଣୀ ମନ୍ଦିର ପୂଜା କମିଟି, ରେମୁଣା ବଜାର ବ୍ୟବସାୟୀ ସଂଘ ଏବଂ ରେମୁଣା ଅଧିବାସୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ରେମୁଣା ମହୋତ୍ସବ ଏବେ ୧୮ ବର୍ଷରେ ପଦାର୍ପଣ କରିଛି। ମହୋତ୍ସବର ଚେୟାରମ୍ୟାନ ପ୍ରଦୀପ୍ତ ପଣ୍ଡା, ସଭାପତି ବିଶ୍ୱମ୍ବର ପଟ୍ଟନାୟକ ଏବଂ ସମ୍ପାଦକ ସନ୍ତୋଷ କୁମାର ରଣା ପ୍ରେସମିଟରେ ଉପସ୍ଥାପନା କରିଥିଲେ। ଏହି ରେମୁଣା ମହୋତ୍ସବ ୯ ଦିନ ଧରି ୨୪/୦୧/୨୦୨୬ (ଶନିବାର) ରୁ ଆରମ୍ଭ ହୋଇ ୦୧/୦୧/୨୦୨୬ (ରବିବାର) ରେ ଶେଷ ହେବ। ରେମୁଣା ମନ୍ଦିର ଛକରୁ ବିଶାଳ ଶୋଭାଯାତ୍ରା ଆରମ୍ଭ ହୋଇ ମହୋତ୍ସବ ପଡିଆରେ ପହଞ୍ଚିବ। ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ ପ୍ରତିଭା ମାନଙ୍କ ଦ୍ୱାରା ନୃତ୍ୟ ଗୀତ ଏବଂ ଓଡିଶା ସରକାରଙ୍କ କଳା ସଂସ୍କୃତି ବିଭାଗ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ମହୋତ୍ସବରେ ୩୦୦ ରୁ ଅଧିକା ଷ୍ଟଲ ରହିବ। ଗଗନ ଚନ୍ଦ୍ର ସାହୁ, ଯୋଗେନ୍ଦ୍ର ମହାର୍ଣ୍ଣା, ଆୟେସାନ ଖାଁ, ତପନ ବେହେରା, ମାଧବାନନ୍ଦ ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ଅମୁଲ୍ୟ ପଟ୍ଟନାୟକ, ସତ୍ୟ ନାରାୟଣ ମହାରଣା, କିରଣ ମହାରଣା, ବିଶ୍ୱଜିତ ସେନ, ଗୌରାଙ୍ଗ ବେହେରା, ଜୟନ୍ତ ମଣ୍ଡଳ ଏବଂ ଗୌରାଙ୍ଗ ଚନ୍ଦ୍ର ପଡିଆରି ଉପସ୍ଥିତ ରହି ସହଯୋଗ କରିଥିଲେ।

## ନରହରିପୁର ଫୁଟବଲ ଟୁର୍ଣ୍ଣାମେଣ୍ଟ

ରେମୁଣା,୧୮।୧(ସମିସ): ଲୋକଭଦ୍ର ଫୁଟବଲ ମେମୋରିଆଲ ସ୍ପୋର୍ଟିଂ କ୍ଲବ ନରହରିପୁର ତରଫର ପ୍ରତିବର୍ଷ ପରି ଚଳିତ ବର୍ଷ ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଆଜି ପୂର୍ବାହ୍ନରେ ରେମୁଣା ଏନଏସି ଅଧ୍ୟକ୍ଷା ତନୁଜା ଗିରିଙ୍କ ଦ୍ୱାରା ଉଦଘାଟନ ହୋଇଯାଇଅଛି। ମୁଖ୍ୟ ଅତିଥି ତନୁଜା ଗିରି ଖେଳାଳି ମାନଙ୍କ ମଧ୍ୟରେ କିପରି ଭାଇଚାରା ବଜାୟ ରହିବ ସେ ବାବଦରେ ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ଏନ. ଏ. ସି ର ଉପାଧ୍ୟକ୍ଷ ଆୟସାନ ଖାନ, ୮ ନମ୍ବର ୱାଡର୍‌ର କାଉନସିଲର କୁନ୍ତଳା ମାଝୀ, ସମାଜ ସେବୀ ଅନିରୁଦ୍ଧ ଲେଙ୍କା, ଦୁଷ୍ମନ୍ତ ଦାସ, ସଞ୍ଜୟ ଗୋପାଳ ବେହେରା, ଜୟ ସିଂହ, କମଳାକାନ୍ତ ମହାଲିକ, ଚୈତିନ ମାଝୀ, ବିଶ୍ୱଜିତ ବେହେରା ଅରବିନ୍ଦ ମହାନ୍ତି, କାର୍ତ୍ତିକ ରଣା ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଫୁଟବଲ ଟୁର୍ଣ୍ଣାମେଣ୍ଟର ସଭାପତି ରତିକାନ୍ତ ସିଂ, ସମ୍ପାଦକ ତପନ ସିଂ, ପରମାନନ୍ଦ, ଚନ୍ଦନ, ବିଜୟ, କାହ୍ନୁ, ରୁଦ୍ର, ତପୁ, ମିଟୁ, ରବି, ମାମୁନ, ସରସ୍ୱତୀ, ନାଳଗୋପାଳ, ସରସ୍ୱତୀ ସମସ୍ତ କାଯ୍ୟ ସମ୍ପାଦନା କରି ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ।

## ସଦର କଂଗ୍ରେସର ମିଶ୍ରଣ ପର୍ବ

ବାଲେଶ୍ୱର,୧୮।୧(ସମିସ): ସଦର କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଯୁବ ନେତା ସରୋଜ ଲେଙ୍କାଙ୍କ ନେତୃତ୍ୱରେ ଆଜି କଂଗ୍ରେସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨୫ ନମ୍ବର ଜୋନ୍‌ର ସିନ୍ଧିଆ ଏବଂ ବଇଁଚା ପଞ୍ଚାୟତର ୧୦୩ ଜଣ ଯୁବ କର୍ମୀ କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା କାଉନସିଲର ପଦ୍ମଲୋଚନ ଲେଙ୍କା, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଅନୁପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଦଳୀୟ ଉତ୍ତରୀୟ ପ୍ରଦାନ କରି ସମସ୍ତଙ୍କୁ କଂଗ୍ରେସ ଦଳରେ ସ୍ୱାଗତ କରିଥିଲେ। ଶ୍ରୀକାନ୍ତ ବୁଗୁଡାଇ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଧର ମହାନ୍ତି ଅତିଥି ପରିଚୟ ଏବଂ ଶେଷରେ ଅନନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଗଙ୍ଗାଧର ବିଶ୍ୱାଳ ପାଇବେ ଧ୍ରୁବ ପ୍ରହ୍ଲାଦ ଉପନ୍ୟାସ ସମ୍ମାନ

ବାଲେଶ୍ୱର,୧୮।୧(ସମିସ): ବିଶିଷ୍ଟ ଗାଳ୍ପିକ ଓ ଔପନ୍ୟାସିକ ଗଙ୍ଗାଧର ବିଶ୍ୱାଳ ଚଳିତ ବର୍ଷ ପାଇଁ କେନ୍ଦ୍ରାପଡାର ପୁନର୍ନବା ସାହିତ୍ୟ ସଂସଦର ଜନ୍ମ ଉତ୍ସବ ଅବସରରେ ଉପନ୍ୟାସ ବିଭାଗର ଧ୍ରୁବ ପ୍ରହ୍ଲାଦ ଉପନ୍ୟାସ ସମ୍ମାନ ପାଇବାକୁ ମନୋନିତ ହୋଇଛନ୍ତି। ଆସନ୍ତା ୨୬ତାରିଖ ଗଣତନ୍ତ୍ର ଦିବସ ଅବସରରେ କଟକର ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ଠାରେ ଅନୁଷ୍ଠିତ ହେବାକୁ ଥିବା ସାରସ୍ୱତ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବା ନେଇ ସଂସଦର ସମ୍ପାଦକ ଡ ପ୍ରକାଶ ପରିଡା ଜଣାଇଛନ୍ତି। ଶ୍ରୀ ବିଶ୍ୱାଳ ଗଳ୍ପ ଓ ଉପନ୍ୟାସ ରଚନାରେ ଦୀର୍ଘବର୍ଷ ଧରି ସକ୍ରିୟ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୬ଖଣ୍ଡ ଗଳ୍ପ ସଙ୍କଳନ, ୫ଖଣ୍ଡ ଉପନ୍ୟାସ ଓ ୪ଖଣ୍ଡ କବିତା ପୁସ୍ତକ ପ୍ରକାଶ ପାଇ ପାଠକଙ୍କର ଆଦୃତିଲାଭ କରିଛି।

## ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ

ବାଲେଶ୍ୱର,୧୮।୧(ସମିସ): ସ୍ଥାନୀୟ ସୁନହଟ ସ୍ଥିତ ହୋଲି ସ୍ପିରିଟ ନର୍ସରୀ ସ୍କୁଲର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ତଥା ଉଦଘାଟକ ଭାବେ ଏବିଇଓ ରେଣୁବାଳା ଦାସ, ମୁଖ୍ୟ ବକ୍ତା ଭାବେ ବିଆରସିସି ଶୁଭେନ୍ଦୁ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସିଆରସିସି ସସ୍ମିତା ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ। ବିଦ୍ୟାଳୟର ମୁଖ୍ୟ ଶିକ୍ଷୟିତ୍ରୀ ଭାରତୀ ନାୟକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କ୍ରୀଡା ମାଧ୍ୟମରେ ମାନସିକ ତଥା ଶାରିରିକ ବିକାଶ ହୋଇଥାଏ ବୋଲି କହିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୂଜାରାଣୀ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କୁନି କୁନି ପିଲାମାନେ କ୍ରୀଡା ପତାକା ଧରି ପଡିଆରେ ପରେଡ ପ୍ରଦର୍ଶିତ କରିଥିଲେ। କୃତୀ କ୍ରୀଡ଼ା ପ୍ରତିଯୋଗୀମାନଙ୍କୁ ଅତିଥିମାନେ କୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମୌସୁମୀ ଦତ୍ତ ଏହି କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ କମଳିନୀ ଖିଲାର, ଲଳିତା ମାଝୀ, ଶୁଭଶ୍ରୀ ଦାସ, ମୋନାଲିସା ସେନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ନମ୍ରତା ଦେ ଧନ୍ୟବାଦ ଦେଇଥିଲେ।

## ବାଘାଯତୀନ ବିକାଶ ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ



ବାଲେଶ୍ୱର,୧୮।୧(ସମିସ): ବାଘାଯତୀନ ବିକାଶ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସହୀଦ ପୀଠ ସଭାକକ୍ଷରେ କାର୍ଯ୍ୟକାରୀ ସଭାପତି ଗୋପୀନାଥ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସହୀଦ ପୀଠର ସମସ୍ୟା ସ୍ଥାୟୀ ପକ୍କା ପାଚେରୀ ନିର୍ମାଣ, ସବୁଦିନିଆ ପକ୍କା ରାସ୍ତା ପର୍ଯ୍ୟଟକ ନିବାସ ତଥା ସୁରକ୍ଷା ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ନିଯୁକ୍ତି ଗାଡ଼ି, ଯାନବାହାନ ରଖିବା ପାଇଁ ଷ୍ଟାଣ୍ଡ ଏବଂ ସହୀଦ ପୀଠର ସାମଗ୍ରୀକ ବିକାଶ ପାଇଁ ବିସ୍ତୃତ ଆଲୋଚନା କରାଯାଇଛି। ପ୍ରାରମ୍ଭରେ ସମ୍ପାଦକ ସର୍ବେଶ୍ୱର ମହାନ୍ତି ପରିଷଦର ବାର୍ଷିକ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ନୀଳଗିରି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସାମ୍ବାଦିକ ରଞ୍ଜନ ବାଗ, ଆଇନଜୀବୀ ମନୋଜ ନାୟକ, ଚଷାଖଣ୍ଡ ସରପଂଚ କେଦାର ସାହୁ, ନଗ୍ରମ ସରପଂଚ ବନୀତା ଭୂୟାଁ ପ୍ରମୁଖ ସ୍ମୃତି ପୀଠକୁ ଆସୁଥିବା ପର୍ଯ୍ୟଟକମାନଙ୍କର ରହଣି ନିମନ୍ତେ ସ୍ଥାୟୀ ଆବଶ୍ୟକୀୟ ଗୃହ, ସ୍ମୃତିପୀଠର ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ଓ ଜଗୁଆଳ ନିଯୁକ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ଖୁବଶୀଘ୍ର ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ପର୍ଯ୍ୟଟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବା ସହ ପରିଷଦରେ ଏକ ପୁଲିସ୍ ବିଟ ହାଉସ ପ୍ରତିଷ୍ଠା ପାଇଁ ବାଲେଶ୍ୱର ଏସପି ଓ ଆଇଜିଙ୍କୁ ସାକ୍ଷାତ କରି ସ୍ମାରକପତ୍ର ଦେବାର ସ୍ଥିର ହୋଇଛି। ବିଧାୟକ ଓ ସାଂସଦ ଦେଇଥିବା ଅନୁଦାନ ଟଙ୍କାକୁ ଓ ପର୍ଯ୍ୟଟନ ବିଭାଗ ପ୍ରଦତ୍ତ ଟଙ୍କାର ସଠିକ ବିନିଯୋଗ କରାଯିବା ପାଇଁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ପାଇଁ କମିଟି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ଆଲୋଚନାରେ ଶରତ ଚନ୍ଦ୍ର ରାଉତ, ଦେବେନ୍ଦ୍ର ନାୟକ, ପ୍ରଫୁଲ୍ଲ ବେହେରା, ଶ୍ରୀକାନ୍ତ ବୁଗୁଡ଼ାଇ, ଅଜିତ ବରାଳ, ଶ୍ରୀକାନ୍ତ ବାଗ, ସୁଦର୍ଶନ ଭୂୟାଁ, ଜୟନ୍ତୀ ପଣ୍ଡା, ସୁଦର୍ଶନ ବେହେରା, ଉପେନ୍ଦ୍ର ପାଣିଗ୍ରାହୀ, ଶଶିକାନ୍ତ ଜେନା, ଶଙ୍କର ବାରିକ, କ୍ଷିତିଶ ବାରିକ, ଶ୍ରୀତି ଚନ୍ଦନ ପଣ୍ଡା, ମେଘରାୟ ହାଁସଦା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜାତୀୟ ସେବା ଯୋଜନାରେ ସ୍ୱତନ୍ତ୍ର ସେବା ଶିବିର

ବାଲେଶ୍ୱର,୧୮।୧(ସମିସ): ସ୍ଥାନୀୟ ସୁନହଟ ସ୍ଥିତ ବଳାଙ୍ଗୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ସେବା ଶିବିର କଲେଜର ଅଧ୍ୟକ୍ଷା ଅଞ୍ଜୁବାଳା ଦାସଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ପ୍ରଶାନ୍ତ ଦାଶ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ମୋଟ ୫୦ଜଣ ଛାତ୍ର ଯୋଗେଇଥିଲେ ଏବଂ ଏହା ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବେଟି ପଢ଼ାଓ ବେଟୀ ବଚାଓ, ଏଚଆଇଭି ସଚେତନତା, ସ୍ୱାସ୍ଥ୍ୟ ସଚେତନତା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କଲେଜ ପକ୍ଷରୁ କୁହାଯାଇଛି। ଏଥିରେ ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ନିରଞ୍ଜନ ଜେନା, ବଟେଶ୍ୱର ନାୟକ, ଉମାକାନ୍ତ ପଣ୍ଡା, ଅଜିତ କୁମାର ଜେନା, ଉଜ୍ଜ୍ୱଳ ଚନ୍ଦ୍ର ନାୟକ, ଅଧ୍ୟାପିକା ରେହେନା ସୁଲତାନା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ମମତା ବେହେରା ଧନ୍ୟବାଦ ଦେଇଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ଭୂ-ରସାୟନ ସମ୍ମିଳନୀ




ବାଲେଶ୍ୱର,୧୮।୧(ସମିସ)

ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭୂତତ୍ତ୍ୱ ବିଭାଗ ପକ୍ଷରୁ 'ଭୂରସାୟନର ସାମ୍ପ୍ରତିକ ଅଗ୍ରଗତି' ବିଷୟରେ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ଭାରତ ସହ ବିଦେଶର ପ୍ରଖ୍ୟାତ ଭୂବିଜ୍ଞାନୀ, ଶିକ୍ଷାବିତ୍, ଗବେଷକ ଏବଂ ଶିଳ୍ପ କ୍ଷେତ୍ରର ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ସମ୍ମିଳନୀରେ କାର୍ଯ୍ୟକ୍ରମ ଆରମ୍ଭରେ ଅର୍ଗାନାଇଜିଙ୍ଗ ସେକ୍ରେଟେରୀ ତଥା ଅଧ୍ୟାପକ ଅରୁଣ କୁମାର ନାୟକ ସମ୍ମିଳନୀର ଉଦ୍ଦେଶ୍ୟ ଓ ପୃଷ୍ଠଭୂମି ବିଷୟରେ ସାରାଂଶ ଉପସ୍ଥାପନ କରିଥିଲେ। ଏହା ପରେ ସମ୍ମିଳନୀର ସଂଯୋଜିକା ପ୍ରଫେସର ରୋଜାଲିନ ଦାସ ଆତିଥ୍ୟ ଭାଷଣ ପ୍ରଦାନ କରିଥିଲେ। ସମ୍ମିଳନୀର ପୃଷ୍ଠପୋଷକ ଡ଼କ୍ଟର ଯଦବା ନନ୍ଦ ଦାସ ଓ ଅନ୍ୟାନ୍ୟ ଅତିଥିମାନେ ଭୂରସାୟନ ଗବେଷଣା ମାଧ୍ୟମରେ ପୃଥିବୀ ପ୍ରଣାଳୀର ଅବବୋଧ ଓ ପ୍ରାକୃତିକ ସମ୍ପଦର ସୁସ୍ଥାୟୀ ବ୍ୟବହାର ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଉଦଘାଟନୀ ଅଧିବେଶନ ଶେଷରେ ଆୟୋଜକ ସଚିବ ଡ. ଅସୀମ ଅମିତାଭ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ। ବୈଷୟିକ ଅଧିବେଶନ ଗୁଡ଼ିକରେ ଦେଶ ଓ ବିଦେଶର ବିଶିଷ୍ଟ ଭୂବିଜ୍ଞାନୀମାନେ ସମ୍ବୋଧନ କରିଥିଲେ। ଏଥିସହିତ ଅଂଶଗ୍ରହଣକାରୀମାନେ ମୌଖିକ ଓ ପୋଷ୍ଟର ପ୍ରଦର୍ଶନ ମାଧ୍ୟମରେ ନିଜ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଦିବସରେ କ୍ରାଟୋନିକ ଭୂମଣ୍ଡଳ ମ୍ୟାଣ୍ଟଲର ବିକାଶ ଓ ହାଇଡ୍ରୋକାର୍ବନ ଅନ୍ୱେଷଣରେ ଭୂରସାୟନିକ ପ୍ରଣାଳୀ ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା। ପରେ ଏକ କ୍ଷେତ୍ର ପରିଦର୍ଶନ ଆୟୋଜିତ ହୋଇ କାର୍ଯ୍ୟକ୍ରମର ଉଦଯାପନ ସହିତ ସମ୍ମିଳନୀର ସମାପ୍ତି ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମ ସତ୍ୟ ପ୍ରକାଶ ସାହୁଙ୍କ ସମନ୍ୱୟରେ ପରିଚାଳିତ ହୋଇଥିଲା।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/20 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 ଅନୁଯାୟୀ) |
|---|---|---|
| ଏ. ଭି. ପି. (ମାନବ ସମ୍ବଳ ଯୋଜନା ଏବଂ ନିଯୁକ୍ତି) | 1 | 42 ବର୍ଷ |
| ଏ. ଭି. ପି. (ଶିକ୍ଷଣ ଏବଂ ବିକାଶ) | 1 | 42 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 12.01.2026 ରୁ 02.02.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 12.01.2026

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)





ସିଏସ୍ଆଇଆର୍-ଆଇଏମ୍ଏମ୍ଟି ଏବଂ ହିନ୍ଦୁସ୍ତାନ କପର୍ ଲିମିଟେଡ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର

# ତମ୍ବା ଶିଳ୍ପରୁ ସଂଗ୍ରହ ହେବ ଗୁରୁତ୍ୱପୂର୍ଣ୍ଣ ଖଣିଜ



ଭୁବନେଶ୍ୱର,୧୮ ।୧(ସମିସ): ତମ୍ବା ପଥର, କନସେଣ୍ଟ୍ରେଟ୍ ଏବଂ ଟେଲିଙ୍ଗ୍ସରୁ ରେୟାର୍ ଆର୍ଥ ଏଲିମେଣ୍ଟସ୍, ଟ୍ରେସ୍ ଏଲିମେଣ୍ଟସ୍ ଏବଂ ତମ୍ବା ସମେତ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ପୁନରୁଦ୍ଧାର ପାଇଁ ସିଏସ୍ଆଇଆର୍-ଆଇଏମ୍ଏମ୍ଟି ଏବଂ ହିନ୍ଦୁସ୍ତାନ କପର୍ ଲିମିଟେଡ୍ ସହିତ ଏକ ଗବେଷଣା ଓ ବିକାଶ ଚୁକ୍ତି ସ୍ୱାକ୍ଷର କରିଛି । ଉଭୟ ସଂଗଠନ ମଧ୍ୟରେ ସ୍ୱାକ୍ଷରିତ ପ୍ରକଳ୍ପ ଚୁକ୍ତିନାମା ଆଦାନପ୍ରଦାନ ସହିତ କୋଲକାତାସ୍ଥିତ ଏଚ୍ସିଏଲ୍ କର୍ପୋରେଟ୍ କାର୍ଯ୍ୟାଳୟରେ ଏହି ପ୍ରକଳ୍ପ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଏଚ୍ସିଏଲ୍ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ସିଂ, ନିର୍ଦ୍ଦେଶକ ଆରଭିଏନ୍ ବିଶ୍ୱେଶ୍ୱର, ନିର୍ଦ୍ଦେଶକ ସଞ୍ଜୀବ କୁମାର ସିହ୍ନା ଏବଂ ସିଏସଆଇଆର-ଆଇଏମ୍ଏମ୍ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣଙ୍କ ଅଧ୍ୟକ୍ଷତାରେ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଚସିଏଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିନୋଦ ଗୁପ୍ତା ଏବଂ ସିଏସଆଇଆର-ଆଇଏମଏମଟିର ମୁଖ୍ୟ ବୈଜ୍ଞାନିକ ତଥା ବ୍ୟବସାୟ ବିକାଶ ଏବଂ ସେଣ୍ଟର ଅଫ୍ ଏକ୍ସଲେନ୍ସ ବିଭାଗର ମୁଖ୍ୟ ଡ. କାଳୀ ସଞ୍ଜୟ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ପଦକ୍ଷେପ ଅଧୀନରେ ସିଏସଆଇଆର-ଆଇଏମଏମଟି ବିଭିନ୍ନ ତମ୍ବା ଶିଳ୍ପ ସାମଗ୍ରୀର ବିସ୍ତୃତ ବୈଶିଷ୍ଟ୍ୟ ଅନୁଧ୍ୟାନ କରିବ ଏବଂ ସେଥିରୁ ତମ୍ବା, ରେୟାର୍ ଆର୍ଥ ଏବଂ ଆନୁସଙ୍ଗିକ ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକର ନିଷ୍କାସନ ପାଇଁ ସମ୍ଭାବ୍ୟ ମାର୍ଗ ପ୍ରସ୍ତୁତ କରିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

## ରାଜଧାନୀରେ ୨ ଡକାୟତି ଉଦ୍ୟମ ପଣ୍ଡ

# ବନ୍ଧାହେଲେ ୧୧ ଅଭିଯୁକ୍ତ, ଅସ୍ତ୍ରଶସ୍ତ୍ର ଜବତ

ଭୁବନେଶ୍ୱର,୧୮ ।୧(ସମିସ):

ରାଜଧାନୀରେ କମିସନରେଟ୍ ପୁଲିସ ଗୋଟିଏ ଦିନରେ ଦୁଇଟି ଡାକାୟତି ଉଦ୍ୟମ ପଣ୍ଡ କରିଛି । ଗୋଟିଏ ଏୟାରଫିଲ୍ଡ ଥାନା ଅଞ୍ଚଳରେ ହୋଇଥିଲା ବେଳେ ଆଉ ଏକ ଖଣ୍ଡଗିରି ଥାନା ଅଞ୍ଚଳରେ । ଡକାୟତି ଉଦ୍ୟମ କରୁଥିଲା ବେଳେ ମୋଟ୍ ୧୧ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।

### ମଦ୍ୟପାନ ସହ କରୁଥିଲେ ଡକାୟତି ଯୋଜନା

### ଖଣ୍ଡଗିରିରୁ ବିକି ଗ୍ୟାଙ୍ଗ୍ ଗିରଫ

ଏମାନଙ୍କ ଠାରୁ ପୁଲିସ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ କରିଛି । ତେବେ ଅଧିକାଂଶ ଅଭିଯୁକ୍ତଙ୍କ ପୁରୁଣା ଅପରାଧୀକ ଟ୍ରାକ୍ ରେକର୍ଡ ରହିଥିବା ନେଇ ପୁଲିସ ପକ୍ଷରୁ କୁହାଯାଇଛି ।

ଦୁଇଟି ଯାକ ମାମଲାରେ ମାଷ୍ଟରମାଇଣ୍ଡ ଏବଂ ଅନ୍ୟ ଅଭିଯୁକ୍ତମାନେ ପେଶାଦାର ଅପରାଧୀ । ସେମାନେ ନିକାଞ୍ଚନ ସ୍ଥାନରେ ମଦ୍ୟପାନ କରୁଥିଲେ । ପୁଲିସ ପାଟ୍ରୋଲିଂ ଟିମ୍କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଅତର୍କିତ ରେଡ୍ କରିବାରୁ ଜଣାପଡ଼ିଥିଲା ଅଭିଯୁକ୍ତମାନେ ଡାକାୟତି କରିବାକୁ ଉଦ୍ୟମ କରୁଥିଲେ । ସେମାନଙ୍କ ଠାରୁ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା । ଅପରାଧ ଘଟାଇବା ପୂର୍ବରୁ ପୁଲିସ ମାଡ଼ି ବସିଲା ।



ପୁଲିସ ସୂଚନା ମୁତାବକ, ଏୟାରଫିଲ୍ଡ ଥାନା ପୁଲିସ ସ୍ଥାନୀୟ ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ଏକ ୬ଜଣିଆ ଗ୍ୟାଙ୍ଗର ସଦସ୍ୟଙ୍କୁ ଗିରଫ କରିଥିଲା । ଏମାନେ ଆର୍ଯ୍ୟନ ନଗର ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ ସ୍ଥାନରେ ଏକଜୁଟ ହୋଇ ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ସେଠାରେ ଚଢ଼ଉ କରିବା ସହ ଡକାୟତଙ୍କୁ କାବୁ କରିବାରେ ସଫଳ ହୋଇଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଡାଙ୍ଗୀ ଅଞ୍ଚଳର କାଳୁ ଚରଣ ନାୟକ, ଗଞ୍ଜାମ ଜିଲ୍ଲା ବଡ଼ ବଜାରର ଆର ରାଜୁ, ନୟାପଲ୍ଲୀ ଗଡ଼ସାହିର ରାହୁଲ ମାଝୀ, ନୟାପଲ୍ଲୀ ବ୍ରିଟ୍ କଲୋନୀର ପ୍ରଭାତ ନାୟକ, ଧଉଳି ଥାନା ଅଞ୍ଚଳର ସୁଜିତ କୁମାର ତ୍ରିପାଠୀ ଓ ନୟାଗଡ଼ର ବିମଳ ମହାନ୍ତି । ଗିରଫ ଅଭିଯୁକ୍ତମାନଙ୍କ ପାଖରୁ ପୁଲିସ ଗୋଟାଏ କଟୁରି, ଗୋଟିଏ ଚାପଡ଼, ଖଣ୍ଡା, ଦୁଇଟି ଦା, ଛୁରି ଓ ଲଙ୍କାଗୁଣ୍ଡ ସହ ବିପୁଳ ମାରଣାସ୍ତ୍ରକୁ ଜବତ କରିଛି ।

ସେହିପରି ଖଣ୍ଡଗିରି ପୁଲିସ ହାତରେ ଧରାପଡ଼ିଛନ୍ତି ବିକି ଗ୍ୟାଙ୍ଗର ୫ ସଦସ୍ୟ । ଖଣ୍ଡଗିରି ଥାନା ପୁଲିସ ବିକି ଗ୍ୟାଙ୍ଗର ୫ଜଣ ସଦସ୍ୟଙ୍କୁ ରବିବାର ଗିରଫ କରିଛି । ଗିରଫ ସଦସ୍ୟମାନେ ପେସାଦାର ଡକାୟତ ବୋଲି ଜଣାପଡ଼ିଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍ ୭ ର ବିକି ଜେନା ଓରଫ ବିବି, ୟୁନିଟ୍ ୬ ସିମିଲି ବସ୍ତିର ମନୋଜ କୁମାର ନାୟକ, ବିକି ରାଉତ, ସୁଶାନ୍ତ ନାଏକ ଓରଫ ଟିମା ଓ ପ୍ରକାଶ ଗାଣା ଓରଫ ଡାକା । ଗିରଫ ଅଭିଯୁକ୍ତମାନେ ସାଙ୍ଗରେ ଖେଳଣା ବନ୍ଧୁଖ ରଖି ବିଭିନ୍ନ ସମୟରେ ପଥଚାରୀଙ୍କୁ ଅଟକାଇ ସେମାନଙ୍କ ଠାରୁ ଟଙ୍କା ଓ ଗହଣା ଲୁଟ୍ କରିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ଏକ ଖେଳଣା ବନ୍ଧୁକ ସହ ନାନାଦି ମାରଣାସ୍ତ୍ରକୁ ଜବତ କରିଛି । ପୁଲିସ ଟିମ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ରାଜଧାନୀ କଲେଜ ନିକଟସ୍ଥ ଏକ ଅନ୍ଧାରୁଆ ଶୂନଶାନ ସ୍ଥାନରେ ପାଞ୍ଚଜଣ ଦୁର୍ବୃତ୍ତ ଏକାଠି ବସି ମଦ୍ୟପାନ କରିବା ସହିତ ନିକଟସ୍ଥ ଅଞ୍ଚଳ ମାନଙ୍କରେ ସଶସ୍ତ୍ର ଡକାୟତି ନିମନ୍ତେ ପ୍ରାକ ଯୋଜନା ପ୍ରସ୍ତୁତି କରୁଥିଲେ । ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୁଲିସ ଅତର୍କିତ ଚଢ଼ଉ କରିବା ସହ ସମସ୍ତ ପାଞ୍ଚଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲେ । ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଅଭିଯୁକ୍ତ ବିକି ଜେନା ଓରଫ ବିକି ନାମରେ ପୂର୍ବରୁ ମଧ କ୍ୟାପିଟାଲ ଥାନାରେ ୪ ଟି ଓ ଲିଙ୍ଗରାଜ ଥାନାରେ ଗୋଟିଏ ମାମଲା ରହିଥିବା ବେଳେ, ଅଭିଯୁକ୍ତ ବିକି ରାଉତ ଓରଫ ବିକି ନାମରେ ଲିଙ୍ଗରାଜ ଥାନାରେ ଗୋଟିଏ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି ।

## ଟ୍ରକ୍କୁ ପିଟିଲା କାର୍; ଚାଳକ ମୃତ

ଭୁବନେଶ୍ୱର,୧୮ ।୧(ସମିସ): ଭୁବନେଶ୍ୱର ବାଣୀବିହାର ଓଭରବ୍ରିଜରେ ମର୍ମନ୍ତୁଦ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟିଛି । ଟ୍ରକକୁ କାର୍ ଧକ୍କା ଦେବା ଫଳରେ ଦୁର୍ଘଟଣାରେ କାର ଚାଳକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ହେଲେ ବଡଗଡ ବ୍ରିଟ କଲୋନୀ ଅଞ୍ଚଳର ରାକେଶ ରୋସନ ଲାଲା । କାର୍ ଭିତରେ ଚିପି ହୋଇ ଯୁବକଙ୍କ ମୃତ୍ୟୁ ହୋଇଛି । ଖବର ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ରାକେଶ ଦ୍ରୁତ ଗତିରେ ବାଣୀବିହାର ଓଭରବ୍ରିଜ ଦେଇଯାଉଥିଲା । ଆଗରେ ଯାଉଥିବା ଏକ ଟ୍ରକକୁ ଜୋରରେ ଧକ୍କା ଦେଇଥିଲେ । ଫଳରେ କାର୍ ସାମ୍ନା ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଥିଲା ।

## ମୋବାଇଲ ଚୋରି ଅଭିଯୋଗରେ ୨ ଗିରଫ

ଭୁବନେଶ୍ୱର,୧୮ ।୧(ସମିସ): ମୋବାଇଲ ଚୋରି ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୁଲିସ୍ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବିଶ୍ୱନାଥ ନାୟକ ଓ ଏସ୍କେ ଲାଲଚାନ୍ଦ । ସୂଚନାଯୋଗ୍ୟ ଯେ ଥାନାର ଏକ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ଦୁଇ ଅଭିଯୁକ୍ତ ନୀଳାଦ୍ରିବିହାରସ୍ଥିତ ପାୱାର ଗ୍ରୀଡ୍ କାର୍ଯ୍ୟାଳୟ ପଛପାଖରେ କିଛି ଚୋରି ମୋବାଇଲ ଫୋନକୁ କମ ଦାମରେ ବିକ୍ରି କରିବା ଲାଗି ଗ୍ରାହକ ଅପେକ୍ଷାରେ ଥିବା ସୂଚନା ପାଇଥିଲେ । ସୂଚନା ଅନୁଯାୟୀ ଟିମ୍ ଘଟଣାସ୍ଥଳରେ ଚଢ଼ଉ କରିବା ସହ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲେ । ଛାନ୍ଭିନ୍ ସମୟରେ ଟିମ୍ ଅଭିଯୁକ୍ତଙ୍କ ହେପାଜତରୁ ୪ଟି ଚୋରା ମୋବାଇଲ ଜବତ କରିଥିଲେ । ୨ ଅଭିଯୁକ୍ତ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ଉଭୟଙ୍କ ନାମରେ ଚନ୍ଦ୍ରଶେଖରପୁର ଥାନାରେ ୪ଟି ଲେଖାଏଁ ଭିନ୍ନ ଅପରାଧିକ ମାମଲା ରହିଛି ।



## ମନ୍ଦିରରୁ ଚୋରି; ଯୁବକ ଗିରଫ

ଭୁବନେଶ୍ୱର,୧୮ ।୧(ସମିସ): ଗ୍ରୀଲ୍ ତାଡ଼ି ଏକ ହନୁମାନ ମନ୍ଦିରରୁ ଠାକୁରଙ୍କ ପୂଜାରେ ବ୍ୟବହୃତ ସାମଗ୍ରୀ ଚୋରି କରିଛନ୍ତି ଦୁର୍ବୃତ୍ତ । ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ଜଣଙ୍କ ହେଲେ ହିମାଂଶୁ ଶେଖର ପାଣିଗ୍ରାହୀ । ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି । ସେ ବରମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳ ଅଞ୍ଚଳରେ ରହୁଥିଲା ବେଳେ ତାଙ୍କ ଘର ନୟାଗଡ଼ ଜିଲ୍ଲା କ୍ରିଦାସପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି । ସୂଚନା ମୁତାବକ, ଅଭିଯୋଗକାରୀ ନୟାପଲ୍ଲୀ ଥାନା ଗଡ଼ସାହିର ପ୍ଲଟ ନମ୍ବର-ଏ/୧୧୭ରେ ରୁହନ୍ତି । ୧୧ ତାରିଖ ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ସିଆର୍ପି ଛକ ନିକଟରେ ଥିବା ହନୁମାନ ମନ୍ଦିରର ଗ୍ରୀଲ କାଟି ଭିତରେ ପଶିବା ସହ ଭିତରୁ ଦାନବାକ୍ସ ଓ ଠାକୁର ସାମଗ୍ରୀ ଚୋରି କରିନେଇଥିବା ସେ ଅଭିଯୋଗ କରିଥିଲେ । ତଦନ୍ତ କାଳରେ ପୁଲିସ ଘଟଣାସ୍ଥଳ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ହାସଲ କରିଥିଲେ । ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ଏକାମ୍ର ପାର୍କ ନିକଟରେ ଅତର୍କିତ ଚଢ଼ଉ କରିବା ସହ ଅଭିଯୁକ୍ତ ହିମାଂଶୁ ଶେଖର ପାଣିଗ୍ରାହୀଙ୍କୁ କାବୁ କରିଥିଲା । ପଚରାଉଚରା ବେଳେ ସେ ଚୋରିକରିଥିବା ଠାକୁର ସାମଗ୍ରୀ ସବୁକୁ ଜଣେ ଅଜଣା ଲୋକକୁ ବିକ୍ରି କରିଦେଇଥିବା ଏବଂ ଦାନ ବାକ୍ସରୁ ପାଇଥିବା ଟଙ୍କାରୁ କିଛି ଖର୍ଚ୍ଚ କରିଦେଇଥିବା ପ୍ରକାଶ କରିଥିଲେ ।



## ଅଭିଯୋଗ ସମାଧାନରେ ଏସ୍ଟିଏ ଆଗରେ

ଭୁବନେଶ୍ୱର,୧୮ ।୧(ସମିସ): ବିଭିନ୍ନ ପ୍ରସଙ୍ଗରେ ପରିବହନ ବିଭାଗ ଏବେ ବିବାଦୀୟ ହୋଇପଡ଼ିଛି । ମାତ୍ର ଏ ସବୁ ମଧ୍ୟରେ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ବିଭାଗ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଜନ ଅଭିଯୋଗ ସମାଧାନକୁ ଗୁରୁତ୍ୱ ଦିଆଯାଉଥିବା ପରିଲକ୍ଷିତ ହେଉଛି । ଚାଲାଣ ସମସ୍ୟାଠୁ ଅନ୍ୟ ଯେ କୌଣସି ପ୍ରସଙ୍ଗରେ ଅଭିଯୋଗ ଆସିଲେ ତୁରନ୍ତ ଏହାର ସମାଧାନ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍ଟିଏ) ବିଶେଷ ଗୁରୁତ୍ୱ ଦେଇଛି ।

ଅଭିଯୋଗ ମିଳିବା ମାତ୍ରେ ଏହାର ସମାଧାନ ପାଇଁ ପଦକ୍ଷେପ ଯୋଗୁଁ ଅନେକ ଜନସାଧାରଣ ସାମାଜିକ ଗଣମାଧ୍ୟମରେ ଏସ୍ଟିଏକୁ ପ୍ରଶଂସା କରିଛନ୍ତି । ସୋସିଆଲ ମିଡିଆ “ଏକ୍ସ’ରେ ମକର ସଂକ୍ରାନ୍ତି ଦିନ ସରକାରୀ ଛୁଟି ଦିବସ ସତ୍ତ୍ୱେ ଆର୍ଟିଓରୁ ରାତି ସାଢ଼େ ୯ଟାରେ ଫୋନ୍ କରି ପଲ୍ୟୁସନ୍ ଚାଲାଣ ସମସ୍ୟାର ସମାଧାନ କରିଥିବା ନେଇ ଜଣେ ବ୍ୟକ୍ତି ଉଲ୍ଲେଖ କରିଛନ୍ତି । ଏସ୍ଟିଏ କାର୍ଯ୍ୟାଳୟ, କଟକ ସମେତ ରାଜ୍ୟର ସମସ୍ତ ଆର୍ଟିଓରେ ଅଭିଯୋଗ ସମାଧାନକୁ ଗୁରୁତ୍ୱ ଦେବା କାର୍ଯ୍ୟକୁ ବ୍ୟବସ୍ଥିତ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଏହାସହ ମେଲ୍ କିମ୍ବା ସୋସିଆଲ ମିଡିଆରେ ଆସୁଥିବା ଅଭିଯୋଗକୁ ମଧ୍ୟ ଗୁରୁତ୍ୱ ଦେଇ ସମାଧାନ କରାଯାଉଛି । ସେହିଭଳି ପରିବହନ ବିଭାଗ ଦ୍ୱାରା ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ମଧ୍ୟ କାର୍ଯ୍ୟ କରୁଛି । ଯାହା ମାଧ୍ୟମରେ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରି ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ଆଗକୁ ଏଭଳି ମନୋଭାବ ଜାରି ରଖିବା ସହ ଜନସାଧାରଣ ଯେଭଳି କୌଣସି ଗୁଜବ ଓ କିମ୍ବା ଭୁଲ୍ ତଥ୍ୟର ଶିକାର ହୋଇ ହଇରାଣ ନ ହୁଅନ୍ତି ଏବଂ ଅଭିଯୋଗ ସମାଧାନରେ ପାରଦର୍ଶୀ ସେବାର ଅଭିଜ୍ଞତା ନିରନ୍ତର ଭାବରେ ପାଆନ୍ତି, ସେ ଦିଗରେ ଯତ୍ନବାନ ହେବାକୁ ସମସ୍ତ ଆର୍ଟିଓଙ୍କୁ ପରାମର୍ଶ ଦିଆଯାଇଥିବା ସୂଚନା ମିଳିଛି ।

## କବାଟ ଭାଙ୍ଗି ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର/ଧଉଳି,୧୮ ।୧(ସମିସ): ଘର କବାଟ ଭାଙ୍ଗି ଚୋରି ଅଭିଯୋଗରେ ଧଉଳି ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ତଳ ମଙ୍ଗଳା ସାହି ଅଞ୍ଚଳର ସୁଧାଂଶୁ ନାୟକ । ତାଙ୍କ ଠାରୁ ଚୋରି ସାମଗ୍ରୀ ଜବତ ହୋଇଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ ମଙ୍ଗଳା ବିହାର, ଲେନ-୬ରେ ରୁହନ୍ତି । ଗତ ୧୬ ଦିନ ସେ ମକର ସଂକ୍ରାନ୍ତି ଉପଲକ୍ଷେ ନିଜ ମା’ଙ୍କ ଘରକୁ ଯାଇଥିଲେ । ଆଜି ସକାଳେ ସେ ନିଜ ମା’ ଓ ଭାଇଙ୍କ ସହ ମିଶି ଘରକୁ ଫେରିଥିବା ବେଳେ ଘରର ମୁଖ୍ୟ କବାଟ ଭାଙ୍ଗି ଥିବା ସହ ଘରୁ ହଳେ ସୁନା କାନଫୁଲ, ଗୋଟିଏ ଇମିଟେସନ ମୁଦି, ଗୋଟିଏ ରୁପା ବ୍ରେସଲେଟ୍, ପିତ୍ତଳ ସାମଗ୍ରୀ ଏବଂ ୨୫ ହଜାର ଟଙ୍କା ଚୋରି ହୋଇଯାଇଥିବା ଦେଖିଥିଲେ । ପରେ ସେ ନେଇ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ହାସଲ କରିଥିଲା । ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଭିଯୁକ୍ତଙ୍କ ଘରେ ଅତର୍କିତ ଚଢ଼ଉ କରିବା ସହ ଅଭିଯୁକ୍ତ ସୁଧାଂଶୁ ନାୟକଙ୍କୁ କାବୁ କରି ତାଙ୍କ ହେପାଜତରୁ ଚୋରି ସାମଗ୍ରୀ ଜବତ କରିଥିଲା । ସୁଧାଂଶୁଙ୍କ ନାମରେ ପୂର୍ବରୁ ମଧ ଧଉଳି ଥାନାରେ ଦୁଇଟି ମାମଲା ଥିବା ତଦନ୍ତ ବେଳେ ଜଣାପଡ଼ିଛି ।



## ପଥର ଖୋଦେଇ ଭାସ୍କର୍ଯ୍ୟ କର୍ମଶାଳା ଉଦ୍ଯାପିତ

ଭୁବନେଶ୍ୱର,୧୮ ।୧(ସମିସ): ଧଉଳି ଚାରୁକଳା ମହାବିଦ୍ୟାଳୟ ମୂର୍ତ୍ତିକଳା ବିଭାଗର ୧୫ଜଣ ଶିଳ୍ପୀଙ୍କୁ ନେଇ ଚାଲିଥିବା ୧୫ ଦିନିଆ ପ୍ରସ୍ତର ଭାସ୍କର୍ଯ୍ୟ କଳା ଶିବିର ଉଦ୍ଯାପିତ ହୋଇଛି । ଏହି ଅବସରରେ ମହାବିଦ୍ୟାଳୟର ସମ୍ପାଦକ ରବିଶଙ୍କର ଦାସ, ଅଧ୍ୟକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ଉଦ୍‌ଘାଟନ କରିଥିଲେ । ମହାବିଦ୍ୟାଳୟର ମୂର୍ତ୍ତିକଳା ବିଭାଗର ଅଧ୍ୟାପକ ଚନ୍ଦନ କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅଧ୍ୟାପିକା ସୋଫିଆ ୟାସ୍ମିନ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଏହି ଶିବିରରେ ଆରିୟନ ସାମଲ, ବୃନ୍ଦାବନ ପଣ୍ଡା, ଗଣେଶ ମୁଣ୍ଡା, ପ୍ରତିଭା ବେହେରା, ଦେବରାଜ ମହାରଣା, ସୁମିତ କୁମାର ଦାଶ ପ୍ରମୁଖ ଏହି ମୂର୍ତ୍ତିକଳା କର୍ମଶାଳାରେ ଅଂଶଗ୍ରହଣ କରି ନିଜ ନିଜ ସୃଜନଶୀଳ ପ୍ରସ୍ତର ଭାସ୍କର୍ଯ୍ୟଗୁଡ଼ିକ ନିର୍ମାଣ କରିଥିଲେ । ଏହି ଅବସରରେ ଅଧ୍ୟାପକ ରାମଶଙ୍କର ସାହୁ, ସୁଭାଷ ଚନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତରହି ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ ।

**୧୫ ଜଣ ଶିଳ୍ପୀଙ୍କ ଆଧୁନିକ ଭାସ୍କର୍ଯ୍ୟ ପ୍ରଦର୍ଶିତ**




## ଭ୍ରମଣ ପୁସ୍ତକ ‘ବୁଲିଥିଲି ଭୁଲି ନାହିଁ’ ଲୋକାର୍ପିତ



ଭୁବନେଶ୍ୱର,୧୮ ।୧(ସମିସ): ଶିଳାଶ୍ରୀ ପବ୍ଲିକେଶନ ଆନୁକୂଲ୍ୟରେ ବୁଦ୍ଧ ମନ୍ଦିରଠାରେ ଗୋପାଳ ଚନ୍ଦ୍ର ମିଶ୍ରଙ୍କର ଭ୍ରମଣ ପୁସ୍ତକ ‘ବୁଲିଥିଲି ଭୁଲି ନାହିଁ’ ଲୋକାର୍ପିତ ହୋଇଛି । ସହକାରୀ ପ୍ରଫେସର ତଥା ଭାଷାବିତ୍ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିଳାଶ୍ରୀ ସମ୍ପାଦିକା ବାସନ୍ତୀ ଦାସ ସଭାରେ ଅଧ୍ୟକ୍ଷତା କରିଥିଲେ । ସାହିତ୍ୟିକ ଡ. ଅସିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ପ୍ରତିଭା ମହାରଥୀ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଗୋପାଳ ଚନ୍ଦ୍ର ମିଶ୍ର ପୁସ୍ତକର ସମୀକ୍ଷା କରି ଲେଖକୀୟ ଅଭିଭାଷଣରେ ବିଦେଶ ଭ୍ରମଣର ଅନୁଭୂତି ବିଷୟରେ ସୂଚନା ଦେଇଥିଲେ । ଏହାସହ ଦର୍ଶନୀୟ ସ୍ଥାନ ପଛରେ ଥିବା ଐତିହାସିକ ଘଟଣା ତଥା କିମ୍ବଦନ୍ତୀ ପୁସ୍ତକଟିରେ ସ୍ଥାନ ପାଇଥିବା କଥା ପ୍ରକାଶ କରିଥିଲେ । ଶେଷରେ ଲିଙ୍ଗରାଜ ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ବ୍ୟବସାୟୀ ବଳରାମ ସାହାଣୀ ଅପହରଣ ମାମଲା

# ପୁଲିସ ରିମାଣ୍ଡରେ ଗଲେ ଗାର୍ଲଫ୍ରେଣ୍ଡ

ଭୁବନେଶ୍ୱର,୧୮ ।୧(ସମିସ):

ନିଖୋଜ ବ୍ୟବସାୟୀ ବଳରାମ ସାହାଣୀଙ୍କ ଅପହରଣ ମାମଲାରେ ରିମାଣ୍ଡରେ ଗଲେ ଗାଲ୍ଫ୍ରେଣ୍ଡ । ଗାଲ୍ଫ୍ରେଣ୍ଡ ରଶ୍ମିତା ସ୍ୱାଇଁଙ୍କୁ ଚନ୍ଦକା ଥାନା ପୁଲିସ ଝାରପଡ଼ା ଜେଲରୁ ରବିବାର ୨ଦିନିଆ ରିମାଣ୍ଡରେ ନେଇ ପଚରାଉଚରା ଆରମ୍ଭ କରିଛି । ରଶ୍ମିତାଙ୍କୁ ଅପହରଣ ସମ୍ପର୍କରେ ପ୍ରଥମ ଦିନରୁ ଜେରା କରାଯାଇଛି । ରଶ୍ମିତାଙ୍କୁ ମାରାଥନ ଜେରା ଏବଂ ଏକାଧିକ ପ୍ରଶ୍ନ ପଚରା ଯାଇଥିଲେ ମଧ୍ୟ ପୁଲିସକୁ ସନ୍ତୋଷଜନକ ଉତ୍ତର ମିଳି ପାରି ନଥିବା ଜଣାପଡ଼ିଛି ।

୨୦୧୯ ମସିହାରେ ବଳରାମଙ୍କୁ ଅପହରଣ କରାଯାଇଥିଲା । ୭ବର୍ଷ ହେବ ତଦନ୍ତ ଚାଲିଥିଲେ ମଧ୍ୟ ପୁଲିସ ବଳରାମଙ୍କ ସମ୍ପର୍କରେ ସାମାନ୍ୟତମ ଖବର ସଂଗ୍ରହ କରିପାରିନାହିଁ । ସେ କେଉଁଠି ଅଛନ୍ତି । କାହା ପାଖରେ ଅଛନ୍ତି । କୁଆଡ଼େ ଯାଇଛନ୍ତି ପୁଲିସ ପାଖରେ କିଛି ବି ଖବର ନାହିଁ । ଯାହାଫଳରେ ତାଙ୍କ ଅପହରଣ ରହସ୍ୟ ସାମ୍ନାକୁ ଆସି ପାରୁନାହିଁ । ୧୫ଦିନ ତଳେ ଏହି ମାମଲାରେ ବଳରାମଙ୍କ ପ୍ରେମିକା ରଶ୍ମିତା ସ୍ୱାଇଁଙ୍କୁ ପୁଲିସ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଥିଲା । ଏହାପରେ ପ୍ରେମିକାକୁ ଚନ୍ଦକା ଥାନା ପୁଲିସ ଗିରଫ କରିଥିଲା । ରଶ୍ମିତାଙ୍କୁ ଅଧିକ ପଚରାଉଚରା କଲେ ବଳରାମଙ୍କ ସମ୍ପର୍କରେ ଖବର ମିଳିବ ବୋଲି ପୁଲିସ ଅନୁମାନ କରି ତାଙ୍କୁ ୨ଦିନିଆ ରିମାଣ୍ଡରେ ନେଇଛି ।

**ଜେଲରୁ ଦୁଇଦିନିଆ ରିମାଣ୍ଡରେ ନେଲା ପୁଲିସ**

**ଏବେ ବି ନିଖୋଜ ବ୍ୟବସାୟୀଙ୍କର କୌଣସି ପତ୍ତା ମିଳୁନି**

ସୂଚନା ମୁତାବକ, ୨୦୧୯ରେ ବଳରାମଙ୍କ ଅପହରଣ ପରିବାର ଲୋକେ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ । ପ୍ରାଥମିକ ତଦନ୍ତରେ ପୁଲିସ ଭାବିଥିଲା ଯେ ବଳରାମ କୌଣସି ଅଜଣା ସ୍ଥାନକୁ ଚାଲିଯାଇଥିବେ । କିନ୍ତୁ, ୭ ବର୍ଷ ବିତିଗଲା ପରେ ମଧ୍ୟ ତାଙ୍କର କିଛି ପତ୍ତା ନମିଳିବାରୁ ଉକ୍ତ ମାମଲାରେ ଦିଗ ବଦଳିଥିଲା । ରଶ୍ମିତା ଓ ବଳରାମଙ୍କର ନିବିଡ଼ ପ୍ରେମ ସମ୍ପର୍କ ଥିବା କଥା ସାମ୍ନାକୁ ଆସିବା ପରେ ରଶ୍ମିତାଙ୍କୁ ପୁଲିସ ଗିରଫ କରିଥିଲା । ପ୍ରେମରେ ପ୍ରତାରଣା ଯୋଗୁଁ ଏହି ଅପହରଣ ହୋଇପାରି ଥାଏ ବୋଲି ପୁଲିସ ସନ୍ଦେହ କରୁଛି ।

ସେପଟେ ପରିବାର ଲୋକେ ବଳରାମଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି । ଏ ସମ୍ପର୍କରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି ଘଟଣାରେ ସଂପୃକ୍ତ ଥିବା ଗାର୍ଲଫ୍ରେଣ୍ଡକୁ ୧୫ ଦିନ ତଳେ ଗଞ୍ଜାମରୁ ଗିରଫ କରାଯାଇଥିଲା । ଏବେ ଯାଏଁ ନିଖୋଜ ହୋଇଥିବା ବ୍ୟବସାୟୀ ବଳରାମ ସାହାଣୀଙ୍କର କୌଣସି ପତ୍ତା ମିଳିନାହିଁ । ଯାହାଙ୍କୁ ଖୋଜିବାକୁ ଲାଗି ପୁରୁଣା ମାମଲାକୁ ଖୋଲା ଯାଇଛି ।




# ଭୁବନେଶ୍ୱର ସିଟି



## ରିଲ୍ସ ମାୟାରେ 'ଆମ ବସ୍' କର୍ମଚାରୀ

ଭୁବନେଶ୍ୱର, ୧୮ ।୧(ସମିସ):

ରିଲ୍ସରେ ମାୟାରେ ବାୟା ହେଉଛନ୍ତି 'ଆମ ବସ୍' କର୍ମଚାରୀ ବିଶେଷକରି ଡ୍ୟୁଟିରେ ଥିବା ସମୟରେ ରିଲ୍ସ କରି ସୋସିଆଲ୍ ମିଡ଼ିଆରେ ପୋଷ୍ଟ କରୁଛନ୍ତି । ବସ୍‌ରେ ଯାତ୍ରୀ ଥିବା ସମୟରେ ହେଉ ଅବା ଯାତ୍ରୀ ନ ଥିବା ବେଳେ ଭିଡ଼ିଓ କରି ଅଧିକାଂଶ କର୍ମଚାରୀ ରିଲ୍ସ ନିଶାରେ ବୁଡ଼ି ରହୁଛନ୍ତି ।

ରାଜଧାନୀରେ ଏହି ଗଲା ଦୁଇ ସପ୍ତାହ ମଧ୍ୟରେ ଆମ ବସ୍‌ର ଦୁର୍ଘଟଣା ବଢ଼ି ବଢ଼ି ଚାଲିଥିଲା । ବିଶେଷକରି ରୂପାଲି ଛକର ଦୁର୍ଘଟଣା ହେଉ ଅବା ବସ୍‌ରେ ନିଆଁ ଲାଗିବା ଆଦି ଘଟଣାକୁ ଦେଖି ଆମ ବସ୍‌କୁ ନେଇ ଲୋକଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି । ପୂର୍ବରୁ ମଧ୍ୟ ଆମ ବସ୍ ଅନେକ ଦୁର୍ଘଟଣା ଘଟାଇଛି । ଫଳରେ ଲୋକଙ୍କ ସୁବିଧା ପାଇଁ ଚାଲୁଥିବା ବସ୍‌ରେ ଏବେ ଲୋକଙ୍କ ମୁଣ୍ଡ ନେବାରେ ଲାଗିଛି । ଯାହାଦ୍ୱାରା ବେପାରୁଆ

**ଡ୍ୟୁଟିରେ ଥିବା ସମୟରେ କରୁଛନ୍ତି ରିଲ୍ସ**

**ଅନ୍ୟମନସ୍କତା ପାଇଁ ବଢ଼ୁଛି ଦୁର୍ଘଟଣା**

ଗାଡ଼ି ଚଳନା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ହେଲେ ଏହି ବସ୍‌ରେ କାମ କରୁଥିବା କ୍ୟାପ୍‌ଟେନ୍ ହୁଅନ୍ତୁ ଅବା କଣ୍ଡକ୍ଟର ସମସ୍ତେ ଚଳନ୍ତା ବସ୍‌ରେ ଅଧିକାଂଶ ରିଲ୍ସ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରୁଛନ୍ତି । ଯଦି ଦେଖାଯାଏ ତେବେ ବସ୍‌ରେ କ୍ୟାପ୍‌ଟେନ୍ ବା ଚାଳକ ବସିଥିବା ସିଟ୍ ପାଖରେ ଲେଖା ହୋଇଛି କ୍ୟାପ୍‌ଟେନ୍ ସହିତ କଥା ହୁଅନ୍ତୁ ନାହିଁ । ହେଲେ କ୍ୟାପ୍‌ଟେନ୍ ବା ଚଳକ ବସ୍ ଚଳନ୍ତା ବସ୍‌ରେ ରିଲ୍ସ କରୁଛନ୍ତି । ଏହିପରି ମଧ୍ୟ ଆଉ କିଛି କଣ୍ଡକ୍ଟର ପୁରୁଷ ଅବା ମହିଳା କର୍ମଚାରୀ ମଧ୍ୟ ବସ୍ ଚାଲୁଥିବା ସମୟରେ ରିଲ୍ସ କରୁଛନ୍ତି । ଫଳରେ ଆମ ବସ୍ କର୍ମଚାରୀଙ୍କ ଏହିପରି କାର୍ଯ୍ୟ ଦେଖି ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି ।

ଯାତ୍ରୀମାନେ ଆହୁରି କହିଛନ୍ତି କି ଡ୍ୟୁଟିରେ ଥିବା ସମୟରେ ଅନେକ କର୍ମଚାରୀ ରିଲ୍ସ କରୁଛନ୍ତି ଯଦି ରିଲ୍ସ କରିବା ନିଶା ତେବେ ଡ୍ୟୁଟି ପରେ ବି କରିପାରିବେ । ହେଲେ ଡ୍ୟୁଟି ସହ ପୋଷାକରେ ଥିବା ସମୟରେ ରିଲ୍ସ କରି ଅନ୍ୟ ମନସ୍କ ହୋଇ ଗାଡ଼ି ଚାଳନା କରିବା ଏବଂ କଣ୍ଡକ୍ଟର ମାନେ ଯାତ୍ରୀଙ୍କୁ ଦୁର୍ବ୍ୟବହର କରୁଥିବାର ଅଭିଯୋଗ କରିଛନ୍ତି ।



## ଅଲ୍ ଓଡ଼ିଶା ଗୋପାଳ ସମାଜର ପ୍ରସ୍ତୁତି ବୈଠକ



ଭୁବନେଶ୍ୱର,୧୮ ।୧(ସମିସ): ଅଲ୍ ଓଡ଼ିଶା ଗୋପାଳ ସମାଜର ଏକ ପ୍ରସ୍ତୁତି ବୈଠକ ରବିବାର ନୟାପଲ୍ଲୀ ଦୁର୍ଗାପୂଜା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରାଜ୍ୟ କମିଟିର ସମ୍ପାଦକ ନାରାୟଣ ଡାଲୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୫ ତାରିଖରେ ଏକ ରାଜ୍ୟସ୍ତରୀୟ ସାଂଗଠନିକ କର୍ମୀ ସମ୍ମିଳନୀ ଓ ବନ୍ଧୁ ମିଳନ ସମାରୋହ ଅନୁଷ୍ଠିତ ହେବାକୁ ଏହି ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଛି । ଏଥିରେ ରାଜ୍ୟର ୩୦ଟି ଜିଲ୍ଲାରୁ ୩୦୦ ପ୍ରତିନିଧି ଯୋଗ ଦେବା ପାଇଁ ପ୍ରତି ଜିଲ୍ଲା ସଭାପତି / ସମ୍ପାଦକ ଓ ଜିଲ୍ଲା ନେତୃତ୍ୱଙ୍କୁ ଦାୟିତ୍ୱ ଦିଆଯାଇଛି ।

**୨୫ରେ ରାଜ୍ୟସ୍ତରୀୟ ସାଂଗଠନିକ କର୍ମୀ ସମ୍ମିଳନୀ**

ଏହି ସାଂଗଠନିକ କର୍ମଶାଳା ଓ ବନ୍ଧୁ ମିଳନକୁ ସଫଳ କରିବା ପାଇଁ ଏକ ୩୦ ଜଣିଆ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି । ଉକ୍ତ ଅଭ୍ୟର୍ଥନା କମିଟି ଏହି କର୍ମୀ ସମ୍ମିଳନୀକୁ ସଫଳ କରିବା ପାଇଁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଏହି ବୈଠକରେ ରାଜ୍ୟ କମିଟିର ଉପସଭାପତି ମନୋଜ କୁମାର ଦାସ, ବରିଷ୍ଠ ଗୋପାଳ ନେତା ତଥା ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ନବକିଶୋର ବେହେରା ଓ ଉପାଧ୍ୟକ୍ଷ ମାନସ କୁମାର ଦାସ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ବେହେରା, ମହିଳା କମିଟି ଆବାହିକା ରଶ୍ମିତା ରାଣୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

## ସମ୍ବିତ୍ ଭିଲ୍ଲା ଆବାସିକ ଉନ୍ନୟନ ସଂଘର କମ୍ୟୁନିଟ୍ ହଲ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୮ ।୧(ସମିସ): ରାଜଧାନୀର ଘାଟିକିଆ ଅଞ୍ଚଳରେ ଥିବା ସମ୍ବିତ୍ ଭିଲ୍ଲା ଆବାସିକ ଉନ୍ନୟନ ସଂଘ ପକ୍ଷରୁ ସୋସାଇଟ୍‌ର ଏକ କମ୍ୟୁନିଟ୍ ହଲ





ରବିବାର ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଯୋଗଦେଇ ହଲ୍‌କୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସୋସାଇଟ୍‌ର ୩୦ ଜଣ ବରିଷ୍ଠ ସଦସ୍ୟଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିବା ସହ ସମ୍ବିତ ଭିଲ୍ଲାର ବିକାଶ ପାଇଁ ସଦା ସର୍ବଦା ସହଯୋଗ କରିବେ ବୋଲି ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଜୟଗୋବିନ୍ଦ ନାୟକ, ଚେୟାରମ୍ୟାନ ପୀତାମ୍ବର ଚଇନି, ସମ୍ପାଦକ ଜନ୍ମେଞ୍ଜୟ ନନ୍ଦଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ । ଏହି ଉନ୍ନୟନ ସଂଘ ପାଇଁ ସାଂସଦ ରାଜ୍ୟସଭା ପାଣ୍ଠିରୁ ଶ୍ରୀ ମଙ୍ଗରାଜ ୫ହଜାର ଟଙ୍କା ଅନୁମୋଦନ କରିଥିଲେ । ଏଥିସହିତ ଏହି ଅଞ୍ଚଳପାଇଁ ଯାହା କାମ ହେବ ସେ କରିବେ ବୋଲି ସମସ୍ତେ ବିଶ୍ୱାସ ରଖିଛନ୍ତି ବୋଲି ଚେୟାରମ୍ୟାନ୍ ଶ୍ରୀ ଚଇନି କହିଛନ୍ତି ।

## ଭାରତ ତିବ୍ବତ ସଂଘର ପ୍ରଦେଶ ସଂଯୋଜିକା ହେଲେ ନିବେଦିତା ନାୟକ



ଭୁବନେଶ୍ୱର,୧୮ ।୧(ସମିସ): ଓଡ଼ିଶାରେ ଭାରତ ତିବ୍ବତ ସଂଘର କାର୍ଯ୍ୟକଳାପକୁ ସକ୍ରିୟ ଭାବରେ ଆଗକୁ ନେବା ଓ ଲୋକମାନଙ୍କୁ ଏହାର ବିଚାରଧାରାରେ ସାମିଲ୍ କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ସମାଜସେବୀ ତଥା ପୂର୍ବତନ ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ଅଧ୍ୟକ୍ଷା ନିବେଦିତା ବଳିୟାରସିଂହ ନାୟକଙ୍କୁ "ପ୍ରଦେଶ ସଂଯୋଜିକା' ଭାବେ ଦାୟିତ୍ୱ ଦିଆଯାଇଛି । ଭାରତୀୟ ତିବ୍ବତ ସଂଘର କ୍ଷେତ୍ରୀୟ ସଂଯୋଜକ ପ୍ରବୀଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୌରଭ ସାରସ୍ୱତ, ପୂର୍ବତନ ବିଧାୟକ ନାଉରୀ ନାୟକ, ରାମଚନ୍ଦ୍ର ମେହେର, ନରେଶ ଅଗ୍ରୱାଲ, ନରେଶ ଗୁପ୍ତା, ଶିଶିର କୁମାର ରାଉତରାୟ, ଅଞ୍ଜନ ଦେବତା, ସୁମିତ୍ରା ମହାପାତ୍ର, ସରୋଜ ଭୂୟାଁ ଓ ଡ. ମାଧବ ବେହୁରା ପ୍ରମୁଖ ଉପସ୍ଥିତ ରହି ଭାରତ ତିବ୍ବତ ସଂଘକୁ ଆଗକୁ ନେବା ପାଇଁ ସଂକଳ୍ପ ନେଇଥିଲେ । ଏହି କ୍ରମରେ ସଂଘ ପକ୍ଷରୁ ଆଗାମୀ ଦିନରେ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା ।

## 'ସମଦୃଷ୍ଟି'ର ବାର୍ଷିକ ଉତ୍ସବ ଓ ବକ୍ତୃତାମାଳା



ଭୁବନେଶ୍ୱର,୧୮ ।୧(ସମିସ): 'ସମଦୃଷ୍ଟି' ପତ୍ରିକାର ୨୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଶିକ୍ଷାବିତ୍ ପ୍ରଫେସର ବୀରେନ୍ଦ୍ର ନାୟକ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ 'ଭାରତରେ ଶିକ୍ଷା ଓ ଶିକ୍ଷାରେ ଭାରତୀୟତା' ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ସମ୍ପାଦକ ସୁଧୀର ପଟ୍ଟନାୟକ ସଭାପତିତ୍ୱ କରିଥିଲେ । କାର୍ଯ୍ୟକାରୀ ସମ୍ପାଦକ ବିଘ୍ନେଶ୍ୱର ସାହୁଙ୍କ ସ୍ୱାଗତ ଭାଷଣ ପରେ ଅତିଥିମାନେ ସମଦୃଷ୍ଟିର 'ନଦୀ ସ୍ୱତନ୍ତ୍ର' ସଂଖ୍ୟାକୁ ଉନ୍ମୋଚନ କରିବା ସହ ସମଦୃଷ୍ଟି କ୍ୟାଲେଣ୍ଡର, ନଟବର ଷଡ଼ଙ୍ଗୀଙ୍କ ଆତ୍ମକଥା ପୁସ୍ତକ ଏବଂ ସୁଧୀର ପଟ୍ଟନାୟକଙ୍କ ଜମି, ଜଳ ଓ ଜଙ୍ଗଲ ଶୀର୍ଷକ ସମ୍ପାଦକୀୟ ସଂକଳନ ଲୋକାର୍ପିତ ହୋଇଥିଲା । ସମ୍ପାଦକ ସୁଧୀର ପଟ୍ଟନାୟକ ଉପଦେଷ୍ଟା ଏବଂ ଶିବାଶିଷ ରାୟ, ସହ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ । ସମଦୃଷ୍ଟିର ବିଗତ ୨୦ବର୍ଷର ପ୍ରକାଶିତ ସଂଖ୍ୟାର ପ୍ରଦର୍ଶନୀକୁ ଶିକ୍ଷାବିତ୍ ପ୍ରଫେସର ନୀଳମଣି ସାହୁ ଉଦ୍‌ଘାଟନ କରିଥିଲେ ।

## 'ଯଶସ୍ୱିନୀ ଯଶୋଧାରା'ର ବଙ୍ଗଳା ସଂସ୍କରଣ ଉନ୍ମୋଚିତ

ଭୁବନେଶ୍ୱର,୧୮ ।୧(ସମିସ): କୋଲକାତାରେ ଜଷ୍ଟିସ ଶଶୀକାନ୍ତ ମିଶ୍ରଙ୍କ ଲିଖିତ 'ଯଶଧାରିଣୀ ଯଶୋଧାରା' ଓଡ଼ିଆ ଉପନ୍ୟାସର ବଙ୍ଗଳା ଅନୁବାଦ 'ଯଶସ୍ୱିନୀ ଯଶୋଧାରା' କୋଲକାତାର ମହାବୋଧି ସୋସାଇଟି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ସଂଘରାଜ ଭିକ୍ଷୁ ମହାସଭା, ବୁଦ୍ଧଗୟାର ଭେନେରେବଲ ଦିକପାଳ ମହାସ୍ତଭିରଙ୍କ କରକମଳରେ ଏହା ଉନ୍ମୋଚିତ ହୋଇଥିଲା । ଏହି ଉତ୍ସବରେ ପୁସ୍ତକର ମୂଳ ଲେଖକ ଜଷ୍ଟିସ ଶଶୀକାନ୍ତ ମିଶ୍ର, ମୁଖ୍ୟଅତିଥି ଭାବରେ ନ୍ୟାସନାଲ ଲାଇବ୍ରେରୀର ଅବସରପ୍ରାପ୍ତ ଡାଇରେକ୍ଟର ଜେନେରାଲ ଡ. କିଶୋର କ୍ରିଷ୍ଣ ବାନାର୍ଜୀ, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଲେଖିକା ଓ ଅନୁବାଦିକା ତ୍ରିଷ୍ଟା ବସାକ, ଅତିଥିବକ୍ତା ଭାବରେ ଅନୁବାଦ ପତ୍ରିକାର ସମ୍ପାଦିକା ବିତସ୍ତା ଘୋଷାଲ, ବରେଣ୍ୟ ଅତିଥି ଓଡ଼ିଶାର କଳାବିକାଶ କେନ୍ଦ୍ର, କଟକର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ, ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ ଏବଂ ଅନୁବାଦିକା ଭାରତୀ ନନ୍ଦୀ ଯୋଗଦାନ କରି ପୁସ୍ତକର ଉନ୍ମୋଚନ କରିବା ସହ ସାହିତ୍ୟରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠାନର ସଭାପତି ଲକ୍ଷ୍ମୀନାରାୟଣ ମଲ୍ଲିକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସାଫଲ୍ୟ ନନ୍ଦୀ ଉତ୍ସବ ପରିଚାଳନା କରିଥିଲେ ଏବଂ ସାଧାରଣ ସମ୍ପାଦକ ଶେଷଦେବ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ବହୁ ଓଡ଼ିଆ ଓ ବଙ୍ଗଳା ପାଠକ ଯୋଗଦାନ କରିଥିଲେ ।



## ଶିଳା ଓ ଗିରିଜାଙ୍କ ସ୍ମୃତିରେ ରକ୍ତଦାନ ଶିବିର

ଭୁବନେଶ୍ୱର,୧୮ ।୧(ସମିସ): ମାଷ୍ଟର ଗିରିଜା ମେମୋରିଆଲ ରୋଡ଼ ସେଫଟି ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ମାଷ୍ଟର ଗିରିଜା ଓ ଦିବଂଗତ ସାମ୍ବାଦିକା ଶିଳା ପଟ୍ଟନାୟକଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ରେଡକ୍ରସ ଭବନରେ ଅନୁଷ୍ଠିତ ହୋଇଛି । ଶିବିରରେ ମୋଟ ୭୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । କର୍ପୋରେଟର ଅମରେଶ ଜେନା, ସମାଜସେବୀ ରୁଦ୍ର ସାମନ୍ତରାୟ, ସମାଜସେବୀ ରୋଟାରୀଆନ କର୍ଣ୍ଣେଲ ସୋନାଲି ରଥ, ସମାଜସେବୀ ସାଗର ଦାସ, ଜିଏସଟି ଅତିରିକ୍ତ କମିଶନର କାନନବାଳା ନାୟକ, ବରିଷ୍ଠ ସାମ୍ବାଦିକ ରାମଜୀବନ ଗୋଛାୟତ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଚଣ୍ଡୀ ପ୍ରସାଦ ଫାଉଣ୍ଡେସନ ଟ୍ରଷ୍ଟ, କନ୍ୟା ଅନମୋଲ ହେ, ଆର୍ଟ ଅଫ ଷ୍ଟାଇଲ ଓ ଟାଇମ ଟୁ ସାଇନର ମିଳିତ ସହଯୋଗ କ୍ରମେ ଆୟୋଜିତ ରକ୍ତଦାନ ଶିବିରକୁ ଆୟୋଜକ ଟ୍ରଷ୍ଟର ମୁଖ୍ୟ ଅଧ୍ୟାପିକା ଅମୀୟବାଳା ପରିଡା, କଳ୍ପନା ବିଷୋୟୀ, ଲିନା ନନ୍ଦିତା ପରିଡ଼ା, ସସ୍ମିତା ଦାଶ, ଅମନ ଆୟୁଷ୍ମାନ ଦାସ ପ୍ରମୁଖ ପରିଚାଳନା କରିଥିଲେ ।





ସାନ୍ତ୍ରାଗାଛି (କୋଲକାତା) - ତାମ୍ବରମ୍ (ଚେନ୍ନାଇ) ଅମୃତ ଭାରତ ଏକ୍ସପ୍ରେସର ଶୁଭାରମ୍ଭ

**ସ୍ୱସ୍ତିବନରେ ପବିତ୍ର ବନଭୋଜନ ମହୋତ୍ସବ**

## ଅସଜଡ଼ାକୁ ସଜାଡ଼ିଥାଏ ସତ୍‌ସଙ୍ଗ

ନନ୍ଦନକାନନ,୧୮ ।୧(ସମିସ): ଭୁବନେଶ୍ୱର ଉତ୍ତର କଲ୍ୟାଣପୁରସ୍ଥିତ ସ୍ୱସ୍ତିବନରେ ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ପବିତ୍ର ବନ ଭୋଜନ ମହାମହୋତ୍ସବ ସହ କଲ୍ୟାଣପୁର ସ୍ୱସ୍ତିବନ ସତସଙ୍ଗ କେନ୍ଦ୍ରର ୨୬ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହିକ୍ରମରେ ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ନହବତ, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ପ୍ରାତଃ ୬ଟା ୨୨ରେ ସମବେତ ବିନତୀ ପ୍ରାର୍ଥନା, ନାମ ଜପ ଓ ସଦଗ୍ରନ୍ଥ ପାଠ, ପୂର୍ବାହ୍ନ ୭ଟାରେ ସଂଗୀତାଞ୍ଜଳି, ୯ଘଟିକାରେ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ପରିକ୍ରମା,୧୧ଘଟିକାରେ ସତସଙ୍ଗ ଓ ଧର୍ମ ସଭା, ଦିବା ୧ଘଟିକାରେ ପ୍ରସାଦ ସେବନ,୨ଘଟିକାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ଅପରାହ୍ନ ୩ଘଟିକାରେ ମାତୃ ସମ୍ମେଳନ,ସନ୍ଧ୍ୟା ୫ଘଟିକା ୨୩ମିନିଟରେ ?ନତୀ ପ୍ରାର୍ଥନା ତପ୍ରେ ନାମ ଜପ ଓ ସଦଗ୍ରନ୍ଥ ପାଠ,ସନ୍ଧ୍ୟା ୬ଘଟିକାରେ ଆତସବାଜି ପ୍ରଦର୍ଶନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା । ଆଜିର ଏହି ମହା ମହୋତ୍ସବରେ ଭୁବନେଶ୍ୱର, କଟକ ସମେତ ଆଖପାଖ ଅଞ୍ଚଳରୁ ହଜାରେ ହଜାରେ ସଂଖ୍ୟାରେ ସତସଙ୍ଗ ପ୍ରେମୀମାନେ ଆସି ଉତ୍ସବରେ ଯୋଗଦେଇ ମହା ଆନନ୍ଦିତ ହୋଇଥିଲେ । ସତ୍‌ସଙ୍ଗ ଧର୍ମ ସଭାରେ ଯୋଗଦେଲେ ସମସ୍ତ ଅସଜଡ଼ା ସଜଡି ହୋଇଯାଇଥାଏ ବୋଲି ସତସଙ୍ଗ ଧର୍ମସଭା ଆଲୋଚନାରେ ସତସଙ୍ଗ ପ୍ରେମୀ ମାନେ ହୃଦବୋଧ କରିଥିଲେ । ଆଜିର ଏହି ଧର୍ମସଭାକୁ ଏସପିଆର କୈଳାଶ ଚନ୍ଦ୍ର ବେହେରା ପରିଚାଳନା କରିଥିଲା ବେଳେ ସଞ୍ଜୟ ପାତ୍ର, କଳିଙ୍ଗ ରଥ ସଦ ଆଲୋଚନା କରିଥିଲେ ।

## ଏକାମ୍ର ଶିଶୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ





ଭୁବନେଶ୍ୱର,୧୮ ।୧(ସମିସ): ଏକମ୍ର ଶିଶୁ ସାହିତ୍ୟ ସଂସଦର ବିଂଶତିତମ ବାର୍ଷିକୋତ୍ସବ ରବିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଛି । ଡ. ଶରତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଶିଶୁସାହିତ୍ୟିକ ଡ. ମହେଶ୍ୱର ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବରେଣ୍ୟ ଅତିଥି ଭାବେ ପ୍ରଫେସର ସୁନାମଣି ରାଉତ, ସମ୍ମାନିତ ଅତିଥି ଭାବେ ଡ. ରାଜକିଶୋର ପାଢ଼ୀ ଓ କବିତା ମହାନ୍ତି ଯୋଗ ଦେଇଥିଲେ । ଏହି ଅବସରରେ ବରିଷ୍ଠ ଶିଶୁ ସାହିତ୍ୟିକା ଡ. ବିଜୟା ପାତ୍ରଙ୍କୁ ଏକାମ୍ର ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିସହିତ ମୁରଲୀଧର ପରିଡ଼ାଙ୍କୁ 'ଫୁଲ-ନରହରି ସ୍ମୃତି ସମ୍ମାନ', ଡ. ହଂସନାଥ ମୁଦୁଲିଙ୍କୁ 'ସାରସ୍ୱତ ସମ୍ମାନ', ଶରତ କୁମାର ନାୟକଙ୍କୁ 'ସାଧୁ ଦୟାନିଧି ଦାସ ସ୍ମୃତି ସମ୍ମାନ', ପ୍ରଶାନ୍ତ ମଙ୍ଗରାଜଙ୍କୁ 'ଶଶୀ-ଶ୍ରୀଭୁଜ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ୨୦୨୫ ମସିହା କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ ଡ. ରାଜକୀଶୋର ପାଢ଼ୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ସଂସଦର ମୁଖପତ୍ର 'ଏକାମ୍ର କୁସୁମ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ । ପ୍ରାରମ୍ଭରେ ସଂସଦର କାର୍ଯ୍ୟକାରୀ ସଭାପତି ଡ. ବିଷ୍ଣୁ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ହରିପ୍ରିୟା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ ।

## ଦେବଯୁଗ୍ ପକ୍ଷରୁ 'ବ୍ରହ୍ମ ବିନ୍ଦୁ' ଜୀବନ ରକ୍ଷା ମାରାଥନ

ଭୁବନେଶ୍ୱର,୧୮ ।୧(ସମିସ): ଦେବଯୁଗ ବ୍ରହ୍ମବିନ୍ଦୁ ମାରାଥନ ଅନୁଷ୍ଠିତ ହୋଇଯାଇଛି । ସକାଳ ୭ଟା ୩୦ରୁ ଫରେଷ୍ଟ ପାର୍କ ଠାରୁ ରଥରୋଡ ଦେଇ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ଯାଇ ପୁନଶ୍ଚ ସେଠାରୁ ଫରେଷ୍ଟ ପାର୍କ ପର୍ଯ୍ୟନ୍ତ ଏହି ମାରାଥନରେ ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଦୌଡ଼ିଥିଲେ । ସୁନ୍ଦର ସ୍ୱାସ୍ଥ୍ୟ, ମାନବତା, ସୁସ୍ଥତା ଏବଂ ରକ୍ତଦାନ ସଚେତନତା ପାଇଁ ଏହି ମାରାଥନ ଆୟୋଜନ କରାଯାଇଛି । ଆଜିର କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଆଇପିଏସ୍ ସୌମେନ୍ଦ୍ର ପ୍ରିୟଦର୍ଶୀ, ଦୌଡ଼ରାଣୀ ଦୂତି ଚାନ୍ଦ, ବରିଷ୍ଠ ନେତା ସୁରେଶ ରାଉତରାୟ, ଅଲଟ୍ରେଡ୍ କନଷ୍ଟ୍ରକ୍‌ସନ ମୁଖ୍ୟ ଅଂଶୁମାନ ପଟ୍ଟନାୟକ, ଯୁବ ସମାଜସେବୀ ସଂଗ୍ରାମ ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଦେବଯୁଗ ବ୍ରହ୍ମ ବିନ୍ଦୁ ମୋବାଇଲ୍ ଆପ୍ଲିକେସନ୍ ମଧ୍ୟ ଲଞ୍ଚ କରାଯାଇଥିଲା । ଏହା ଏକ ଅନଲାଇନ୍ ରକ୍ତଦାତା ପ୍ଲାଟଫର୍ମ ଯାହା ରକ୍ତ ଦାତା ଏବଂ ରୋଗୀଙ୍କ ମଧ୍ୟରେ ସମ୍ପର୍କ ସେତୁ ଭଳି କାମ କରିବ । ଫଳରେ ସମୟୋଚିତ ଜୀବନ ରକ୍ଷାକାରୀ ସହାୟତା ମିଳିପାରିବ । ଏହି ଆପ୍ ମାଧ୍ୟମରେ ରକ୍ତଦାନ ପାଇଁ ଇଛୁକ ହଜାର ହଜାର ରକ୍ତଦାତାଙ୍କ ବ୍ଲଡ୍ ଗ୍ରୁପ, ରକ୍ତଦାନ କରିଥିବା ତାରିଖ, ଯୋଗାଯୋଗ ଠିକଣା ସହ ମୋବାଇଲ ନମ୍ବର ସହ ସମସ୍ତ ତଥ୍ୟ ସେହି ଆପ୍‌ରେ ଉପଲବ୍ଧ ହେବ । ଯେ କୌଣସି ରୋଗୀଙ୍କର ରକ୍ତ ଆବଶ୍ୟକ ପଡ଼ିବ ସେ ସେହି ଆପ୍ ମାଧ୍ୟମରେ ରକ୍ତଦାତା ଓ ରକ୍ତର ଉପଲବ୍ଧତା ନେଇ ସୂଚନା ମିଳିଲେ ତାଙ୍କୁ ଯୋଗାଯୋଗ କରି ରକ୍ତ ଯୋଗାଇ ଦିଆଯିବ । ପ୍ରଥମେ ଭୁବନେଶ୍ୱର, କଟକ, ପୁରୀରେ ଏହି ସୁବିଧା ଆରମ୍ଭ ହୋଇ ଆସ୍ତେ ଆସ୍ତେ ସାରା ରାଜ୍ୟରେ ଏହାର ଉପଲବ୍ଧତା କରାଯିବ ବୋଲି ମୁଖ୍ୟ ଉଦ୍ୟୋକ୍ତା ଦେବବ୍ରତ ନାୟକ କହିଛନ୍ତି । ଏହିପରି ସମାପନୀ ସମାରୋହରେ ମାରାଥନର ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅତିଥିମାନେ ମେଡାଲ ପିନ୍ଧାଇ ସମ୍ମାନିତ କରିଥିଲେ ।

**ଅନଲାଇନ୍ ରକ୍ତଦାନ ଆପ୍ ଶୁଭାରମ୍ଭ**



## ଅବହେଳାର ଶିକାର ଭୟରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ଜମି ବିବାଦ ଯୋଗୁଁ ଅଟକିଛି ଭିତ୍ତିଭୂମିର ବିକାଶ

ଚୌଦ୍ୱାର,୧୮।୧(ସମିସ): ୧୯୩୦ ମସିହାରେ ସ୍ଥାପିତ ଏହି ପ୍ରାଚୀନ ଶିକ୍ଷାନୁଷ୍ଠାନଟି ଏବେ ଜମି ବିବାଦ ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ସ୍ୱାଧୀନତା ପୂର୍ବରୁ ଗ୍ରାମର ଜଣେ ବଦାନ୍ୟ ବ୍ୟକ୍ତି ସ୍ୱର୍ଗତ ବାଉରୀବନ୍ଧୁ ବୈଶାଖ୍ ସ୍କୁଲ ପ୍ରତିଷ୍ଠା ପାଇଁ ନିଜର ୬୦ ଡିସମିଲ ଜମି ଦାନ କରିଥିଲେ। ମାତ୍ର ସେହି ସମୟରେ କୌଣସି ଲିଖିତ କାଗଜପତ୍ର ହୋଇ ନ ଥିବାର ସୁଯୋଗ ନେଇ ଏବେ କିଛି ସ୍ୱାର୍ଥବାଦୀ ଗୋଷ୍ଠୀ ଏହି ଜମିକୁ ହାତେଇବାକୁ ଚକ୍ରାନ୍ତ କରୁଛନ୍ତି। ରେକର୍ଡ ଅନୁଯାୟୀ, ୨୦୦୮ରେ ତାଙ୍କ ପରିବାରର କିଛି ସଦସ୍ୟ ମାତ୍ର ୧୨ ଡିସମିଲ ଜମିକୁ ଦଉପତ୍ର କରିଥିବା ବେଳେ ବାକି ଜମିକୁ ନେଇ ବିବାଦ ଲାଗି ରହିଛି। ଜମି ବିବାଦ କାରଣରୁ ସରକାରୀ ଅନୁଦାନ ଆସିଲେ ମଧ୍ୟ ତାହା ବିନିଯୋଗ ନ ହୋଇ ଫେରିଯାଉଥିବା ଅଭିଯୋଗ ହୋଇଛି।

ଭୟରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୦୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୯ଟି ଶ୍ରେଣୀ ପାଇଁ ମାତ୍ର ୬ଟି ପ୍ରକୋଷ୍ଠ ଥିବା ବେଳେ ସେଥିମଧ୍ୟରୁ ଦୁଇଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଫଳରେ କୋମଳମତି ଶିଶୁମାନେ ସ୍କୁଲ ବାହାରେ ଥିବା ଏକ ମଣ୍ଡପରେ କପଡ଼ା ବାନ୍ଧି ପାଠ ପଢ଼ିବାକୁ ବାଧ ହେଉଛନ୍ତି।

### ଖୋଲା ଆକାଶ ତଳେ ପାଠ ପଢୁଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ



ଏଥିସହିତ ସ୍କୁଲରେ ମଧ୍ୟାହ୍ନ ଭୋଜନ ପାଇଁ ସ୍ୱତନ୍ତ୍ର ଗୃହ ନାହିଁ ଏବଂ ଶୌଚାଳୟ ଅଭାବରୁ ଛାତ୍ରଛାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲର ଏଭଳି ଦୟନୀୟ ଅବସ୍ଥା ଦେଖି ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସ୍ୱର୍ଗତ ବାଉରୀବନ୍ଧୁ ବୈଶାଖଙ୍କ ଉତ୍ତରାଧିକାରୀ ସମ୍ପୂର୍ଣ୍ଣ ୬୦ ଡିସମିଲ ଜମି ସ୍କୁଲ ନାମରେ ଦଉପତ୍ର କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଏଥିସହିତ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଜମି ବିବାଦର ସମାଧାନ କରିବା ସହ ସ୍କୁଲର ଭିତ୍ତିଭୂମି ସଜାଡ଼ିବାକୁ ଦାବି ହୋଇଛି।

## ଉପମଣ୍ଡଳସ୍ତରୀୟ ଡାକ ଚଉପାଳ ବିତ୍ତୀୟ ସାକ୍ଷରତା ଶିବିର




ବଡମ୍ବା,୧୮।୧(ସମିସ): ବଡମ୍ବା ବ୍ଲକ ଅନ୍ତର୍ଗତ ବନମାଳିପୁର ଶାଖା ଡାକଘର ପରିସରରେ ଡାକ ବିଭାଗ ତରଫରୁ ଉପମଣ୍ଡଳସ୍ତରୀୟ ଡାକ ଚଉପାଳ ବିତ୍ତୀୟ ସ୍ୱାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରୁ ୩ ଶହରୁ ଊର୍ଦ୍ଧ୍ୱ ପୁରୁଷ ଏବଂ ମହିଳା ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବରେ ବନମାଳିପୁର ସରପଞ୍ଚ ସୁଶାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ କଟକ ଦକ୍ଷିଣ ମଣ୍ଡଳ ଡାକ ଅଧୀକ୍ଷକ ପରମେଶ୍ୱର ନାୟକ ଯୋଗଦେଇଥିଲେ। ଡାକ ଜୀବନ ବୀମା ଅଧିକାରୀ ହୃଷୀକେଶ ବେହେରା, ଆଠଗଡ଼ ଡାକ ନିରୀକ୍ଷକ ଅମୂଲ୍ୟ ରଞ୍ଜନ ରଥ ବିଭିନ୍ନ ଜମା ଓ ଅନ୍ୟାନ୍ୟ ଯୋଜନା ଉପରେ ଆଲୋକପାତ କରିଥିଲେ। ଠକାମୀ ସଂସ୍ଥାରେ ନ ପଡ଼ି ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେବାକୁ ଲୋକଙ୍କୁ ସଚେତନ କରିଥିଲେ। ଡ଼ମଣଗାଡ଼ିଆ ଶାଖା ପୋଷ୍ଟମାଷ୍ଟର ଚନ୍ଦନ ପ୍ରସାଦ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ବର ଶୋଭାଯାତ୍ରାରେ ବାଣ ପଡ଼ି ଗୁରୁତର ମହିଳାଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୧୮।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ତଥା ସାଲେପୁର ଥାନା ଜିଗ୍ନିପୁର ପଞ୍ଚାୟତ ଛୁଆଳିଆ ଗ୍ରାମର ସ୍ୱର୍ଗତ ଗୋକୁଳାନନ୍ଦ ସ୍ୱାଇଁଙ୍କ ପତ୍ନୀ ପୂର୍ଣ୍ଣିମା ସ୍ୱାଇଁ (୪୭)ଙ୍କ ଉପରେ ବର ଶୋଭାଯାତ୍ରାର ବାଣ ପଡିବାରୁ ସେ ପୋଡି ଯାଇ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିଲେ। ତାଙ୍କର ମୃତ୍ୟୁ ଘଟିଛି। ଶବ ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଦାହ କରାଯାଇଛି। ଜ୍ୟେଷ୍ଠପୁତ୍ର ପ୍ରଶାନ୍ତ ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ଗତ ଡିସେମ୍ବର ୫ ତାରିଖ ରାତିରେ ପୂର୍ଣ୍ଣିମା ତାଙ୍କ ଘର ବାରଣ୍ଡାରେ ବସିଥିବା ବେଳେ ଏକ ବରଯାତ୍ରୀ ଶୋଭାଯାତ୍ରାରେ ରାସ୍ତାରେ ଯାଉଥିବା ବେଳେ ବାଣ ଫୁଟିବା ସମୟରେ ଏହା ଉପରକୁ ନ ଯାଇ ତଳେ ଫୁଟି ତାଙ୍କ ଦେହରେ ଆଘାତ ଦେଇଥିଲା। ଏହି ନିଆଁରେ ତାଙ୍କ ଶରୀରର ୬୦ ଭାଗରୁ ଊର୍ଦ୍ଧ୍ୱ ପୋଡି ଯାଇଥିଲା। ଏ ସଂକ୍ରାନ୍ତରେ ସାଲେପୁର ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ପୁଲିସ ବରପକ୍ଷ ଓ ସଂପୃକ୍ତ ବାଣୁଆକୁ ଥାନାକୁ ଡାକି ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିଲା। ମୃତ ବିଧବା ଜଣକ ଦିନ ମଜୁରିଆ ଶ୍ରେଣୀର। ତାଙ୍କ ମୃତ୍ୟୁ ପରେ ପରିବାର ଚଳାଇବା କଷ୍ଟକର ହୋଇପଡିବ। ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆଞ୍ଚଳିକ ଟ୍ରକ୍ ମାଲିକ ମହାସଂଘର ବନ୍ଧୁମିଳନ



ଟାଙ୍ଗୀ,୧୮।୧(ସମିସ): ଇଂରାଜୀ ନବବର୍ଷ ୨୦୨୬କୁ ସ୍ୱାଗତ କରି ଆଞ୍ଚଳିକ ଟ୍ରକ ମାଲିକ ମହାସଂଘ (ବିଶ୍ୱାଳୀ, ଛତିଆ, ଟାଙ୍ଗୀ) ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାହାକାଣୀସ୍ଥିତ ପ୍ରମୋଦ ଉଦ୍ୟାନରେ ତଥା ସଭାପତି ଅମୂଲ୍ୟ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଅତିରିକ୍ତ ତହସିଲଦାର ପ୍ରଜ୍ଞାପରମିତା ପଣ୍ଡା, ବିଜେପି ନେତା ଅରିନ୍ଦମ ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୌଧୁରୀ ହେମନ୍ତ ସାହୁ, ସଂଗଠକ ଧନେଶ୍ୱର ନାୟକ ଓ ସାମାଜିକ କର୍ମୀ ତାପସ ମଲ୍ଲିକ ପ୍ରମୁଖ ଅତିଥିଭାବେ ସଂଘର ବିଭିନ୍ନ ମୌଳିକ ସମସ୍ୟା ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଉପସଭାପତି ପ୍ରଶାନ୍ତ ମହାରଣା, ସାଧାରଣ ସମ୍ପାଦକ ବାସୁଦେବ ସ୍ୱାଇଁ, ସଂପାଦକ ମନୋରଞ୍ଜନ ବେହେରା, କୋଷାଧକ୍ଷ ତପନ ସାହୁ, ଅନ୍ତର୍ଯ୍ୟାମୀ ସାହୁ ଓ ଦର୍ଶନ ଦାସ ପ୍ରମୁଖ ମହାସଂଘର ସମସ୍ତ ସଦସ୍ୟ ଅତିଥିଙ୍କୁ ନବବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ସହିଦ ଯବାନ ବୀର ବିକ୍ରମ ସାହୁଙ୍କ ଜୟନ୍ତୀ



ମାହାଙ୍ଗା,୧୮।୧(ସମିସ): ସହିଦ ବୀର ବିକ୍ରମ ସ୍ମୃତି କମିଟି ସିପୁରା, ଆନୁକୂଲ୍ୟରେ ସହିଦ ବିକ୍ରମ ସାହୁଙ୍କ ଜୟନ୍ତୀ ଉତ୍ସବ ବରିଷ୍ଠ ସାମ୍ବାଦିକ ଅଖିଳେଶ ପଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୂଳବସନ୍ତ ପଞ୍ଚାୟତ ସିପୁରା ଗ୍ରାମର ଏହି ବୀର ଯବାନ ମାହାଙ୍ଗା ବ୍ଲକର ପ୍ରଥମ ସହିଦ। ଦନ୍ତେୱାଡାଠାରେ ନକ୍ସଲ ଆକ୍ରମଣ ସମୟରେ ପ୍ରାଣ ହରାଇଥିବା ଯବାନ ବିକ୍ରମ ସାହୁଙ୍କ ପାର୍ଥିବ ଶରୀରକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର ପରେ ସରକାରୀଭାବେ କୌଣସି କାର୍ଯ୍ୟକ୍ରମ ନିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି ଜୟନ୍ତୀ ସଭାରେ ଅତିଥିମାନେ ମତପୋଷଣ କରିଥିଲେ। ଏଥିରେ କବି ପ୍ରଶାନ୍ତ କର, ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ, ପ୍ରଧାନଶିକ୍ଷକ ମନୋଜ ବେହେରା, ପୂର୍ବତନ ନାୟବ ସରପଞ୍ଚ ବଟକୃଷ୍ଣ ଦାଶ, ନିହାରକାନ୍ତି ହରିଚନ୍ଦନ, ସାମ୍ବାଦିକ ଅଶୋକ ଦାଶ, କଣ୍ଠଶିଳ୍ପୀ ଜଗଦାନନ୍ଦ ରାଉତରାୟ, ବୀର ବିକ୍ରମ ସ୍ମୃତି କମିଟିର ସଭାପତି ପ୍ରଦୀପ୍ତ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବାବାଜୀ ଚରଣ ସାହୁ, ସଂଗ୍ରାମ ସାହୁ, ଅକ୍ଷୟ ସାହୁ, ବିଶ୍ୱଜିତ ସାହୁ, ରଞ୍ଜନ ମହାନ୍ତି, ଜୟଶ୍ରୀ ସାହୁ, ଗିରିଜା ନନ୍ଦନ ରାଉତରାୟ, ଆଲୋକ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା

ନିଶ୍ଚିନ୍ତକୋଇଲି,୧୮।୧(ସମିସ): ଦାଉଦପୁର ପଞ୍ଚାୟତ ଗୋପୀନାଥପୁରସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠରେ ସାଂସ୍କୃତିକ ଯୁବ ପରିଷଦ ଆନୁକୂଲ୍ୟରେ ଚାରିଦିନ ବ୍ୟାପି ହେବାକୁ ଥିବା ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବାବା ଆଖଣ୍ଡଳମଣି ସାଂସ୍କୃତିକ ଯୁବ ପରିଷଦର କର୍ମକର୍ତ୍ତା ଓ ଗ୍ରାମର ୧୦୮ ଶ୍ରଦ୍ଧାଳୁ ମା' ମାନେ ନଇଗୁଆଁ ମଠ ନିକଟସ୍ଥ ଚିତ୍ରୋତ୍ପଳା ନଦୀରୁ କଳସୀରେ ଜଳ ଏକ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିଥିଲେ। ଯଜ୍ଞ ମଣ୍ଡପ ନିକଟରେ ଉପସ୍ଥିତ ଥିବା ମନ୍ଦିରର ପୂଜକ ପଣ୍ଡିତ ନୃସିଂହ ପ୍ରସାଦ ମିଶ୍ର ଓ ବିଶ୍ୱଶାନ୍ତି ମହାଯଜ୍ଞର ମୁଖ୍ୟ ପଣ୍ଡିତ ସତ୍ୟାନନ୍ଦ ଶତପଥୀ ଓ ସାଥୀମାନେ କଳସୀ ଗୁଡିକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ନୃସିଂହ ଚରଣ ନାୟକ, ପ୍ରେମଲତା ନାୟକ, ନାରାୟଣ ଚନ୍ଦ୍ର ନାୟକ ଓ ଅଞ୍ଜନା ନାୟକ କାର୍ଯ୍ୟ ତୁଲାଉଛନ୍ତି।

## ମା' ରାଉତାଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ଫୁଲନଖରା,୧୮।୧(ସମିସ): କଟକ ମହାନଗର ନିଗମ ୫୯ ନଂ ୱାର୍ଡ ଅନ୍ତର୍ଗତ ନୂଆ କାଚରାମାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ରାଉତାଣୀଙ୍କ ପୀଠସ୍ଥଳୀରେ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କର୍ତ୍ତା କିଶୋର ପଟ୍ଟନାୟକ, ପବିତ୍ର ବେହେରାଙ୍କ ସମେତ ଗ୍ରାମର ବହୁ ମହିଳା ଓ ପୁରୁଷ ନିକଟସ୍ଥ କୁଆଖାଇ ନଦୀ ତଟସ୍ଥ ଚନ୍ଦନ ଘାଟରେ ସଂକଳ୍ପ କରି ଜଳ ଉଠାଇ ଯଜ୍ଞସ୍ଥଳକୁ ବାଜାବାଣ ସହ ଶୋଭାଯାତ୍ରାରେ ଆସିଥିଲେ। ତ୍ରିଦିବସବ୍ୟାପୀ ଉକ୍ତ ଯଜ୍ଞରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗ୍ରାମ୍ୟ କମିଟିର ସଭାପତି ଶିକ୍ଷାବିତ୍ ଗୁଣନିଧି ପଟ୍ଟନାୟକ ଓ ସଂପାଦକ ପ୍ରଶାନ୍ତ ପଟ୍ଟନାୟକ ପ୍ରକାଶ କରିଥିଲେ। କଳସ ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ଗ୍ରାମର ବରିଷ୍ଠ ମୁରବୀ ରଜନୀକାନ୍ତ ପଟ୍ଟନାୟକ, ମଧୁସୂଦନ ପଟ୍ଟନାୟକ, ଶିବ ପ୍ରସାଦ ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ, ଗୌତମ ଦାସ ଓ ଲକ୍ଷ୍ମଣ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

## କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଟିଗିରିଆ,୧୮।୧(ସମିସ): ଟିଗିରିଆ ନିଜିଗଡ଼ସ୍ଥିତ କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା କୁଙ୍କୁମିତା ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବିଡ଼ିଓ ଯାଜ୍ଞସିନୀ ଗୋଚ୍ଛାୟତ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଆଇନଜୀବୀ ବିକ୍ରମ କେଶରୀ ଦାଶ, ଅବସରପ୍ରାପ୍ତ ଅର୍ଥନୀତି ବିଭାଗ ଅଧ୍ୟାପକ ଗଣେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଗତବର୍ଷ ଯୁକ୍ତ ଦୁଇ ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟର ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ସ୍ୱାଗତିକା ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ସ୍ମିତା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କାର୍ଯ୍ୟକ୍ରମ ଅଧ୍ୟାପିକା ପୁଷ୍ପଲତା ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। ପ୍ରସନ୍ନ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ଆଲୋକ ରଞ୍ଜନ ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା କରିଥିଲେ।

## ବାର୍ଷିକ ଉତ୍ସବରେ ନୀଳଚକ୍ର ଭଜନ ସନ୍ଧ୍ୟା

କନ୍ଦରପୁର,୧୮।୧(ସମିସ): କଟକ ସଦର ଅନ୍ତର୍ଗତ ବିରିବାଟି ବଜାର କମିଟିର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ କଟକର "ନୀଳଚକ୍ର ଭଜନ ସଂଧ୍ୟା' ଭଜନ ପରିବେଷଣ କରିଥିଲା। ଭଜନ ସନ୍ଧ୍ୟାକୁ ଭଜନ ସନ୍ଧ୍ୟାର ପରିଚାଳକ ଯଥା କଣ୍ଠଶିଳ୍ପୀ ମୁରଲୀଧର ଶତପଥୀଙ୍କ ସଂଯୋଜନାରେ ପରିଚାଳିତ ହୋଇଥିଲା। ଉକ୍ତ ଉତ୍ସବକୁ ବିଶିଷ୍ଟ ଯୁବନେତା ଆର୍ତ୍ତତ୍ରାଣ ବିଶ୍ୱାଳ ଉଦଘାଟନ କରିଥିଲେ। ବିରିବାଟୀ ଅଞ୍ଚଳର ବିଶିଷ୍ଟ ଆଧ୍ୟାତ୍ମିକ ସାହିତ୍ୟିକ ଆଶିଷ କୁମାର ପତି ଉଦଘାଟନ ସଭାକୁ ପରିଚାଳନା କରିଥିଲେ। କମିଟିର ସଭାପତି ସୁଶାନ୍ତ ରାଉତ, ସଂପାଦକ ରମେଶ ନାୟକ, ସଦସ୍ୟ ବିପୀନ ସାହୁ, ରାଇଜ ବାବୁ, ବିଭୂତି ପତି ଓ ଅଜୟ ଖଟୁଆ ପ୍ରମୁଖ ଯୋଗଦାନ କରି ଅଂଶଗ୍ରହଣ କରିଥିଲେ। ଗାୟିକା ମୀରା ମହାନ୍ତି, କ୍ରିଷ୍ଣା, କୌଶିକ୍, ସଞ୍ଜୀବ ମହାରଣା ଓ ମନସ୍ମିତା ଭଜନ ପରିବେଷଣ କରି ଭକ୍ତିର ସାଗର ସୃଷ୍ଟି କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧକ କବି ବିଧୁ ଭୂଷଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବିଚାରପତିଙ୍କ ମାତୃ ବିୟୋଗ



ନିଶ୍ଚିନ୍ତକୋଇଲି, ୧୮।୧ (ସମିସ): ନିଶ୍ଚିନ୍ତକୋଇଲି ପ୍ରଥମଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ରୀତି ତ୍ରିପାଠୀଙ୍କ ମାତା ସୁଚିତ୍ରା ଷଡ଼ଙ୍ଗୀ (୫୯)ଙ୍କ ପରଲୋକ ହୋଇଛି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି। ଏନେଇ ନିଶ୍ଚିନ୍ତକୋଇଲି ବିଚାରାଳୟରେ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସଙ୍କ ପୌରହିତ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ଜିତେନ୍ଦ୍ର ମିଶ୍ର, ଜିତେନ୍ଦ୍ର ସ୍ୱାଇଁ, ଜମାଲୁଦିନ ମୃଷା, ସରକାରୀ ଅଧିବକ୍ତା ପ୍ରଭାକର ସେଠୀ, ଅଶୋକ ମହାପାତ୍ର, ଜୟନ୍ତ ସାମନ୍ତରାୟ, ସାଲେପୁର ବାର ଆସୋସିଏସନର ସଭାପତି ବିକ୍ରମ ବଳ, ସଂପାଦକ ଭାସ୍କର ବେହେରାଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀ ଶୋକ ବ୍ୟକ୍ତ କରିଛନ୍ତି।

## ଗତିରାଉତ ପାଟଣାରେ ଧାନ ମଣ୍ଡି ଖୋଲିଲା



କନ୍ଦରପୁର,୧୮।୧(ସମିସ): ଗତିରାଉତ ପାଟଣା କୃଷକ ସେବା ସମବାୟ ସମିତି ପକ୍ଷରୁ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଓ କଟକ ସଦର ପଞ୍ଚାୟତସମିତି ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ସମିତି ପରିସରରେ ଧାନ ମଣ୍ଡି ଉଦଘାଟନ କରିଛନ୍ତି। ସମିତିର ସଭାପତି ସମର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଦର ବ୍ଲକ ଆମ୍ବା ସଭାପତି ରମାପ୍ରସାଦ ବିଶ୍ୱାଳ, କୃଷକ ନେତା ହୃଷୀକେଶ ଜେନା, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଉପସଭାନେତ୍ରୀ କବିତା ରାଉତରାୟଙ୍କ ସମେତ ଅନିରୁଦ୍ଧ ରାଉଳ, ରଜନୀକାନ୍ତ ସାହୁ, ଆଦିକନ୍ଦ ରାଉତରାୟ, ସ୍ମୃତିରଞ୍ଜନ ରାଉତ, ଲକ୍ଷ୍ମୀଧର ରାଉତ ପ୍ରମୁଖ ଅନେକ ଚାଷୀ ଯୋଗ ଦେଇଥିଲେ। ୧୭ ଜଣ ଚାଷୀଙ୍କଠାରୁ ୫୩୫ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ସଂପାଦିକା ମଣିଭଦ୍ରା ଖଟୁଆ ଧନ୍ୟବାଦ ଦେଇଥିଲେ।

## ମା' ଭୁଆଶୁଣୀ ପ୍ରିମିୟର ଲିଗ୍: କେପି ୱାରିୟର ଚାମ୍ପିଅନ



ଟିଗିରିଆ,୧୮।୧(ସମିସ): ବାଉଁଶପୁଟ ବାଲିପଦାଠାରେ ଚାଲିଥିବା ମା' ଭୁଆଶୁଣୀ ପ୍ରିମିୟର ଲିଗ-୫ରେ ବିଜୟ ଲାଭ କରି କେପି ୱାରିୟର ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫାଇନାଲ ମ୍ୟାଚରେ କେପି ୱାରିୟର ରେଡ ଗ୍ୟାଲେକ୍ସିକୁ ଭେଟିଥିଲା। ୧୫ ଓଭର ବିଶିଷ୍ଟ ଫାଇନାଲରେ ରେଡ ଗ୍ୟାଲେକ୍ସି ୧୩.୩ ଓଭରରେ ସମସ୍ତ ୱିକେଟ ହାରଇ ୯୬ ରନ ସଂଗ୍ରହ କରିଥିଲା। କେପି ୱାରିୟରର କିଶନ କୁମାର ୨୯ ବଲରେ ୫୪ ରନ କରି ଦଳକୁ ୧୦ ଓଭରରେ ବିଜୟୀ କରିବା ସହିତ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ମୁଖ୍ୟଅତିଥି ଭାବେ ବିଜେପିର ବରିଷ୍ଠ ନେତା ବୁଲୁ ଚକ୍ରବର୍ତ୍ତୀ ଏବଂ କେପି ୱାରିୟରର ପରିଚାଳକ ସୁମନ ପ୍ରସାଦ ଯୋଗ ଦେଇଥିଲେ।

## ବାବାଜୀ ବିଷ୍ଣୁଚରଣ ଦାସଙ୍କ ଶ୍ରାଦ୍ଧୋତ୍ସବ

ଭଦ୍ରେଶ୍ୱର,୧୮।୧(ସମିସ): ମାହାଙ୍ଗା ବ୍ଲକ ପଲ୍ଲିସାହି ଗ୍ରାମପଞ୍ଚାୟତ ତୁଳସୀପୁରଠାରେ ଓଁଶ୍ରୀ ଦଧିବାମନଜୀଉଙ୍କ ମଠରେ ବାବାଜୀ ସ୍ୱର୍ଗତ ବିଷ୍ଣୁଚରଣ ଦାସଙ୍କର ୨୫ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଦୀନବନ୍ଧୁ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଚିତ୍ତରଞ୍ଜନ ସେବା ସଦନର ଡାକ୍ତର ତଥା ଅଭିନେତା ଚିତ୍ତରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ଅଶୋକ ରାଉତ, ସମ୍ମାନିତ ଅତିଥିଭାବେ ଭିଜିଲାନ୍ସ ଅଧିକାରୀ ବିକାଶ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ ଖଟୁଆ, ଅଭିନେତା ଅବିନାଶ ପ୍ରଧାନ, ସରପଞ୍ଚ ରଶ୍ମିରଞ୍ଜନ ରାଉତ, ଅବସରପ୍ରାପ୍ତ ହାଇକୋର୍ଟ କର୍ମଚାରୀ ବିକ୍ରମ ବାରିକ, ମଠ ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ କୈଳାସଚନ୍ଦ୍ର ନାୟକ, ମଠ ପରିଚାଳକ ବୀରବର ବାରିକ, ପ୍ରାକ୍ତନ ସମିତି ସଭ୍ୟ ଗୌତମ ସରଣ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଉତ୍ତମ ଚରଣ ନାୟକଙ୍କ ରଚିତ ଭଜନ ଓ ଏକ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଶିକ୍ଷକ ତପନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ମୁରବୀ, ଶିକ୍ଷକ, ସମାଜସେବୀ ଉତ୍ସାହୀ ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାବାଙ୍କର ଏକ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯାଇଥିଲା। ଶିକ୍ଷକ ଉତ୍ତମ ନାୟକ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ଦିବ୍ୟାଙ୍ଗ ଶିଳ୍ପୀଙ୍କ ଦ୍ୱାରା ଭକ୍ତି ପୁଷ୍ପାଞ୍ଜଳି ତଥା ଭଜନ ପରିବେଷଣ କରାଯାଇଥିଲା।

# ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପାଇଁ ମାଟି ସଂଗ୍ରହ



ଟିଗିରିଆ,୧୮।୧(ସମିସ): ଆଠଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଠଗଡ ବ୍ଲକ ବିଜୁ ପଟ୍ଟନାୟକ ପାର୍କରେ ଆସନ୍ତା ଜାନୁୟାରୀ ୨୬ ତାରିଖରେ ସମ୍ବିଧାନ ପ୍ରଣେତା ଡଃ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପରିକଳ୍ପନା କରିଛନ୍ତି। ଉକ୍ତ ପରିକଳ୍ପନା ଅନୁଯାୟୀ ଆଠଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପ୍ରତ୍ୟକ ଅନୁସୂଚିତ ଜାତି ଓ ଜନଜାତି ଗ୍ରାମରୁ ମାଟି ସଂଗ୍ରହ କରାଯାଇ ଉକ୍ତ ମାଟିରେ ଏହି ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଶୁକ୍ରବାର ଆଠଗଡ ଓ ଟିଗିରିଆ ବ୍ଲକ ଦଳିତ ଆଦିବାସୀ ବହୁଜନ ମଞ୍ଚର ମିଳିତ ସହଯୋଗରେ ଟିଗିରିଆ ବ୍ଲକର ଜେମାଦେଇପୁର ପଞ୍ଚାୟତରୁ ଏହି ମାଟି ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଦଳିତ ଆଦିବାସୀ ବହୁଜନ ମଞ୍ଚର ଟିଗିରିଆ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ ଓ ଆଠଗଡ ବ୍ଲକ ସଭାପତି ରମେଶ ଘଡେଇଙ୍କ ପୌରହିତ୍ୟରେ ଜେମାଦେଇପୁର ପଞ୍ଚାୟତସ୍ଥିତ ବୌଦ୍ଧ ବିହାର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୪ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ସମସ୍ତ ଅନୁସୂଚିତ ଜାତି ଓ ଜନଜାତି ଗ୍ରାମରୁ ଦଳିତ ଆଦିବାସୀ ବହୁଜନ ମଞ୍ଚର ସଭ୍ୟ ମାନେ ବୁଲିବୁଲି ମାଟି ସଂଗ୍ରହ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଟିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଦୁଇ ଜିଲ୍ଲା ପରିଷଦ ସଭ୍ୟ ସସ୍ମିତା ରାଉତ ଓ ସଞ୍ଜୟ ମଲ୍ଲିକ, ଦଳିତ ଆଦିବାସୀ ବହୁଜନ ମଞ୍ଚର ଟିଗିରିଆ ବ୍ଲକର ନେତା ଝରିଆ ଦଳେଇ, ଗୌରହରି ପରିଡା, ରାଜେଶ ନାୟକଙ୍କ ସମେତ ଉଭୟ ବ୍ଲକର ଅନ୍ୟାନ୍ୟ ନେତୃବୃନ୍ଦ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ

ନେମାଳ,୧୮।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ବିଦ୍ୟାଳୟ ସମୂହର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବରେ ନେମାଳ ଥାନ ଅଧିକାରୀ ସୁଶୀଲ ନାୟକ ଯୋଗ ଦେଇଥିଲେ। ପ୍ରାକ୍ତନ ବିଜ୍ଞାନ ପରିଦର୍ଶନ ଅକ୍ଷୟ ନନ୍ଦ, ଡ. ଅଭିଜିତ ଦଣ୍ଡପାଟ, ଉଚ୍ଚ ବିଦ୍ୟାଳୟ ପରିଚୟ କମିଟର ସଭାପତି ବୈଷ୍ଣବ ଚରଣ ବରାଳ, ବିଦ୍ୟାଳୟ ପରିଚାଳନା କମିଟି ପ୍ରାକ୍ତନ ସମ୍ପାଦକ କ୍ଷୀରୋଦ ପଣ୍ଡା, ଉର୍ମିଳା ମଧ ଇଂରାଜୀ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ ଜେନା, ସୁନାମଧନ୍ୟ କଣ୍ଠଶିଳ୍ପୀ କୁମାର ସାନୁ ପ୍ରମୁଖ ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। ବିଦ୍ୟାଳୟ କ୍ରୀଡା ଶିକ୍ଷକ ଅକ୍ଷୟ ସିଂହ, ବରିଷ୍ଠ ଶିକ୍ଷକ ବେଣୁବିନୋଦ ବେଉରା, ଖେଳ ପରିଚାଳନା କରିଥିବା ବେଳେ, ବରିଷ୍ଠ ଶିକ୍ଷକ ଲକ୍ଷ୍ମୀ ନାରାୟଣ ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଉର୍ମିଳା ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକୃତି ବନ୍ଧୁ ଅଭୟ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ପ୍ରମିଳା ତ୍ରିପାଠୀ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜୟୀରାମ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଉତ୍ସବକୁ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ ବରାଳ, ଦିଲ୍ଲୀପ ମଲ୍ଲ, ରବିନାରାୟଣ ଦାଶ, ଅଜୟ ଜେନା, ବିରଞ୍ଚି ନାରାୟଣ ମଲ୍ଲ, ପ୍ରମିତା ମହାନ୍ତି, ପ୍ରଣିତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।







## ତାଳଦଣ୍ଡାରେ ସ୍ୱଚ୍ଛ ଜଳ ପ୍ରବାହ କେବେ ?

# ବନ୍ଦ ହେଉନି ବର୍ଜ୍ୟଜଳ ପ୍ରବେଶ

କଟକ, ୧୮ା୧(ସମିସ)

ତାଳଦଣ୍ଡା କେନାଲର ଜଳ ଦିନକୁ ଦିନ ବିଷାକ୍ତ ହୋଇଚାଲିଛି । ବିଭିନ୍ନ ସମୟରେ ଅଦାଲତଙ୍କ ହସ୍ତକ୍ଷେପ ପରେ ମଧ୍ୟ କେନାଲ ମଧ୍ୟକୁ କଟକ ସହରର ଯାବତୀୟ ଆବର୍ଜନା ତଥା ବର୍ଜ୍ୟଜଳ ପ୍ରବେଶକୁ ବନ୍ଦ କରାଯାଇ ପାରିନାହିଁ । ଗୋଟିଏପଟରେ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ରାସ୍ତା ସମ୍ପ୍ରସାରଣ ଯୋବ୍ରାଠାରୁ ନୂଆବଜାର ପର୍ଯ୍ୟନ୍ତ କରାଯାଇଛି । ସେହିଭଳି ମାତୃଭବନ ପର୍ଯ୍ୟନ୍ତ କେନାଲର ସିନ୍ଥେଟିକ ୱାଲ ଲାଇନିଂ କାମ କରାଯାଇଥିଲେ ମଧ୍ୟ ଏହା ଆଉ ଆଗକୁ ବଢ଼ି ପାରୁନାହିଁ । ସହରର ବର୍ଜ୍ୟଜଳ ତାଳଦଣ୍ଡାକୁ ଛଡା ଯାଉଥିବା ବେଳେ ହାଇକୋର୍ଟ ମଧ୍ୟ ଏହି ପ୍ରସଂଗକୁ ନେଇ ଅତୀତରେ ଉଦବେଗ ପ୍ରକାଶ କରିଥିଲେ । ମାଲଗୋଦାମଠାରୁ ନୂଆବଜାର ମଧ୍ୟରେ ୮ଟି ସ୍ଥାନରେ ସହରର ବର୍ଜ୍ୟଜଳ ସିଧାସଳଖ ତାଳଦଣ୍ଡା କେନାଲରେ ମିଶୁଛି । ତେବେ ଏହି ବର୍ଜ୍ୟଜଳ ପ୍ରବେଶ ବନ୍ଦ ନେଇ ଅନିଶ୍ଚିତତା ଲାଗିରହିଛି । କଟକ ମହାନଗର ନିଗମ ପକ୍ଷରୁ ଏହି ବର୍ଜ୍ୟଜଳ ପ୍ରବେଶକୁ ବନ୍ଦ କରିବାକୁ ଏକ



- ଅନିଶ୍ଚିତତାରେ ଛତ୍ରବଜାର-ନୂଆବଜାର ସ୍ୱତନ୍ତ୍ର ଡ୍ରେନେଜ୍ ପ୍ରକଳ୍ପ
- ୩୨ କୋଟିର ଡିପିଆର୍ ଅଟକିଛି ରାଜ୍ୟ ସରକାରଙ୍କ ପାଖରେ

ସମାନ୍ତରାଳ ଡ୍ରେନ ପ୍ରକଳ୍ପ ପାଇଁ ଦୀର୍ଘ ଏକ ବର୍ଷ ତଳୁ ଯୋଜନା ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଏହାକୁ ସବୁଜ ସଂକେତ ମିଳିପାରିନାହିଁ । ବର୍ଜ୍ୟଜଳ ପ୍ରବେଶ ରୋକିବା ପାଇଁ ଏକ ନୂତନ ସମାନ୍ତରାଳ ଡ୍ରେନ ତାଳଦଣ୍ଡା କେନାଲ ପାର୍ଶ୍ୱରେ ଛତ୍ରବଜାର ଅର୍ବାନ ହାଟଠାରୁ ନୂଆବଜାର ପର୍ଯ୍ୟନ୍ତ ନିର୍ମାଣ କରାଯାଇ ଏହାକୁ ମୁଖ୍ୟ ନର୍ଦ୍ଦମା ସହ ସଂଯୋଗ କରାଯିବା ପାଇଁ ୩୨ କୋଟି ଟଙ୍କାର ଡିପିଆରକୁ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ଗତ ୨୦୨୪ ଅଗଷ୍ଟ ୨୪ରେ ପଠାଯାଇଥିଲା । ଇତିମଧ୍ୟରେ ଏକ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହେବାକୁ ବସିଥିଲେ ମଧ୍ୟ ଅଦ୍ୟାବଧି ଯୋଜନା କାର୍ଯ୍ୟକାରୀ କରାଯାଇ ପାରିନାହିଁ । ଏହି ଡିପିଆରକୁ ମଞ୍ଜୁରୀ ମିଳିଲେ ବର୍ଜ୍ୟଜଳ ସମାନ୍ତରାଳ ଡ୍ରେନରେ ଆସି ଏମଏସଡବ୍ଲୁସି(ମେନ ଷ୍ଟର୍ମ ୱାଟର ଚାନେଲ-୧)ରେ ମିଶିପାରିବ । ଅନ୍ୟପଟରେ ତାଳଦଣ୍ଡା କେନାଲରେ ବର୍ଜ୍ୟଜଳ ମିଶୁଥିବାରୁ ଏହାର ଜଳ ବ୍ୟବହାର ଉପଯୋଗୀ ହୋଇପାରୁନି । ଅନ୍ୟପଟରେ ତାଳଦଣ୍ଡା କେନାଲ ପାର୍ଶ୍ୱରେ ଅବସ୍ଥିତ ଛତ୍ରବଜାରରୁ ବାହାରୁଥିବା ଦୈନନ୍ଦୀନ ଯାବତୀୟ ଆବର୍ଜନାକୁ ବ୍ୟବସାୟୀମାନେ କେନାଲ ପାର୍ଶ୍ୱ ରାସ୍ତା କାଡରେ ଫିଙ୍ଗୁଛନ୍ତି । ଯାହାଫଳରେ ଏହି ଆବର୍ଜନା ସବୁ କେନାଲ ଭିତରକୁ ପଶୁଛି । କେବଳ ସୂଚନାଫଳକ ଲଗାଇ ସିଏମସି ନିଜ ଉପରୁ ଦାୟିତ୍ୱ ଖସାଉଥିବା ପରିଲକ୍ଷିତ ହେଉଛି । ତାଳଦଣ୍ଡା କେନାଲ ଜଳକୁ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ଅତୀତରେ ଚେତାଇ ଆସିଛି । ଏପରିକି ବର୍ଜ୍ୟ ଜଳ ମିଶୁଥିବା କାରଣରୁ ଏହି ଜଳର ମାନ ବ୍ୟବହାର ଉପଯୋଗୀ ନଥିବା ଏକଦା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ରିପୋର୍ଟ ଦେଇଥିଲା । ଯଦିଓ ତାଳଦଣ୍ଡା କେନାଲ ପୁନରୁଦ୍ଧାର ତଥା ଏହାର ଦୁଇ ପାର୍ଶ୍ୱ ରାସ୍ତା ଓ ଲାଇନିଂ କାମ କରାଯାଉଛି କିନ୍ତୁ ଏହି କେନାଲରେ କେବେ ସ୍ୱଚ୍ଛ ଜଳ ପ୍ରବାହିତ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଡ୍ରିମ୍ସ ପରିଦର୍ଶନ କଲେ ଆନ୍ତର୍ଜାତିକ ଚେସ୍ ମହାସଂଘ କର୍ମକର୍ତ୍ତା



କଟକ, ୧୮ା୧(ସମିସ): ସାମାଜିକ ଓ ଏବଂ ଶିକ୍ଷାଗତ ଚେସ୍ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେବାକୁ ଓଡ଼ିଶା ଗସ୍ତରେ ଆସିଥିବା ଅନ୍ତର୍ଜାତୀୟ ଚେସ୍ ଫେଡରେସନ୍ କର୍ମକର୍ତ୍ତା ରବିବାର ଡ୍ରିମ୍ସ ବିଶ୍ୱବିଦ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନରେ ଆସିଥିଲେ । ଫେଡେରେସନ୍‌ର ଏଜୁକେସନାଲ ଚେସ୍ କମିଶନ ମୁଖ୍ୟ ଜେରି ନାଶ (ଯୁକ୍ତରାଷ୍ଟ୍ର ଆମେରିକା)ଙ୍କ ସହ ଏଫଆଇଡିଇର ସେକ୍ରେଟାରୀ ରୀତା ଆଟ୍‌କିନ୍ସ (ହଙ୍ଗେରୀ), ସଦସ୍ୟ ଆଞ୍ଜେଲ୍ ଲବ୍‌ସର (ଦକ୍ଷିଣ ଆଫ୍ରିକା) ଏବଂ ଇଭେଣ୍ଟ କମିଶନ ସଦସ୍ୟ ରଞ୍ଜନ ମହାନ୍ତି ସାମିଲ ଥିଲେ । ସେମାନଙ୍କୁ ଡ୍ରିମ୍ସ ଅତିଥି ଭବନଠାରେ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ ହୋତା ପ୍ରମୁଖ ସ୍ୱାଗତ କରିଥିଲେ । ସେମାନେ ବିଶ୍ୱବିଦ୍ୟାଳୟ କେନ୍ଦ୍ରୀୟ ପାଠାଗାର, ସ୍ପୋର୍ଟସ କମ୍ପ୍ଲେକ୍ସ, କ୍ରିକେଟ୍ ଗ୍ରାଉଣ୍ଡ, ମେଡିକାଲ କଲେଜ, ୬୫୦ ଶଯ୍ୟା ବିଶିଷ୍ଟ 'ପଦ୍ମିନୀ କେୟାର' ହସ୍ପିଟାଲ ଆଦି ବୁଲି ଦେଖିବା ସହ ଡ. ରଥଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀମାନେ ପାଠ ପଢ଼ା ବ୍ୟତୀତ ଚେସ୍ ମାଧ୍ୟମରେ ନିଜର ଦକ୍ଷତା ପ୍ରତିପାଦନ ସହ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ । କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ନର୍ସିଂ ସ୍କୁଲ 'ଡିନ୍' ଡ. ପ୍ରଥମା ପ୍ରକାଶମ୍, ସହକାରୀ 'ଡିନ୍' ଏନ୍ ପ୍ରେମଲତା ଦେବୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ, ବିତ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପରିଡ଼ା, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଚେସ୍ ଫେଡରେସନ ପକ୍ଷରୁ ଡ୍ରିମ୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ରଥଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିବାବେଳେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଷ୍ଟୁଆର୍ଟ ସ୍କୁଲରେ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବଣ୍ଟନ




କଟକ, ୧୮ା୧(ସମିସ): ଷ୍ଟୁଆର୍ଟ ସ୍କୁଲର ୨୦୨୫-୨୬ ପାଇଁ ନର୍ସରୀ ଓ ନବମରୁ ଦ୍ୱାଦଶ ଶ୍ରେଣୀର ବାର୍ଷିକ କ୍ରୀଡ଼ା ସମାବେଶ ଏବଂ ପୁରସ୍କାର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଷ୍ଟୁଆର୍ଟ ସ୍କୁଲ, କଟକର ଅଧ୍ୟକ୍ଷ ରାଇଟ୍ ରେଭରେଣ୍ଡ ଏସ୍. କେ. ନନ୍ଦଙ୍କ ପ୍ରାର୍ଥନା ଦ୍ୱାରା ଆରମ୍ଭ ହୋଇଥିଲା । ହେଡ୍ ବଏଙ୍କ ଦ୍ୱାରା ନ୍ୟାୟପୂର୍ଣ୍ଣ ଖେଳ ଓ କ୍ରୀଡାମନ୍ତବ୍ୟର ଶପଥ ଗ୍ରହଣ କରାଯାଇଥିଲା । ନର୍ସରୀ ପିଲାମାନେ ରଙ୍ଗୀନ ଡ୍ରିଲ୍ ଓ ମଜାଦାର ଦୌଡ଼ ପ୍ରତିଯୋଗିତା ଦେଖାଇ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଅଭିଭାବକଙ୍କ ପାଇଁ ବିଶେଷ ଇଭେଣ୍ଟ ମଧ୍ୟ ଅନୁଷ୍ଠିତ ହୋଇ ପୁରସ୍କାର ବଣ୍ଟନ କରାଯାଇଥିଲା । ୟଙ୍ଗ ଓ ବିଗ୍ସ ହାଉସ୍ ମଧ୍ୟରେ ଅନୁଷ୍ଠିତ ଅନ୍ତିମ ଟଗ୍ ଅଫ୍ ୱାର ମ୍ୟାଚ୍ ଦର୍ଶକମାନଙ୍କଠାରୁ ବହୁ ପ୍ରଶଂସା ଲାଭ କରିଥିଲା । ମୁଖ୍ୟଅତିଥି ଭାବରେ ପୂର୍ବତନ ଫାଷ୍ଟ-କ୍ଲାସ୍ କ୍ରିକେଟର ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନର ଟେକ୍ନିକାଲ୍ ଡାଇରେକ୍ଟର ଭି. ଭେଙ୍କଟରାମ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବରେ ପୂର୍ବତନ ଜାତୀୟ ହକି ଖେଳାଳି ଶେଖ୍ ମୋମିନ (ଇଏସ୍ଆଇ), ଡିଓସି, ସିଏନଆଇର ସଚିବ ସମର ପ୍ରମାଣିକ, ଷ୍ଟୁଆର୍ଟ ସ୍କୁଲ, କଟକର ସେକ୍ରେଟେରୀ ରଶ୍ମିରେଖା ସେନାପତି ଏବଂ ଷ୍ଟୁଆର୍ଟ ସ୍ପୋର୍ଟସ୍ ଆକାଡେମୀର ସ୍ପୋର୍ଟସ୍ କୋଅର୍ଡିନେଟର ଶୁଭାଶିଷ ସାହୁ ଉପସ୍ଥିତ ଥିଲେ । ପୂର୍ବତନ ଛାତ୍ର, ସପୋର୍ଟ ଷ୍ଟାଫ୍ ଓ ଶିକ୍ଷକଙ୍କ ପାଇଁ ଦୌଡ଼, ବ୍ୟକ୍ତିଗତ ଓ ହାଉସ୍ ଚାମ୍ପିଅନ୍‌ଙ୍କ ପାଇଁ ପୁରସ୍କାର ବଣ୍ଟନ ଏବଂ ଜାତୀୟ ସଙ୍ଗୀତ ସହ କ୍ରୀଡ଼ା ସମାବେଶ ସମ୍ପନ୍ନ ହୋଇଥିଲା ।

## ନେତାଜୀ ଜୟନ୍ତୀରେ କଟକ ଆସିବେ ଉପରାଷ୍ଟ୍ରପତି

# ଓଡ଼ିଆ ବଜାର ସଂଗ୍ରହାଳୟରେ ପ୍ରସ୍ତୁତି ଜୋରଦାର

କଟକ, ୧୮ା୧(ସମିସ): ଆସନ୍ତା ଜାନୁୟାରୀ ୨୩ ତାରିଖରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ତଥା 'ପରାକ୍ରମ ଦିବସ' ଅବସରରେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟକୁ ଭାରତର ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ ଆସିବାର କାର୍ଯ୍ୟକ୍ରମ ରହିଛି । ଆଜି ରାଜ୍ୟ ସଂସ୍କୃତି ସଚିବ ବିଜୟ କେତନ ଉପାଧ୍ୟାୟ ସଂଗ୍ରହାଳୟ ପରିଦର୍ଶନ କରି ଆୟୋଜନର ତଦାରଖ କରିଛନ୍ତି । ସେ ସୂଚନା ଦେଇଛନ୍ତି ଯେ ଉପରାଷ୍ଟ୍ରପତିଙ୍କ ସହ ଓଡ଼ିଶାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ମଧ୍ୟ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ସଂଗ୍ରହାଳୟ ଆସିବେ । କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ସିଏମସି କମିସନର, କଟକ ଡିସିପି ଏବଂ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ଉପରାଷ୍ଟ୍ରପତିଙ୍କ ଗସ୍ତକୁ



- ପରାକ୍ରମ ଦିବସ ପାଇଁ ସଂସ୍କୃତି ସଚିବ ଓ ଜିଲ୍ଲାପାଳଙ୍କ ସମୀକ୍ଷା
- ଉପରାଷ୍ଟ୍ରପତିଙ୍କ ସହ ଯୋଗଦେବେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

ଦୃଷ୍ଟିରେ ରଖି ସେହିଦିନ ଦିନର ପ୍ରଥମାର୍ଦ୍ଧରେ ସାଧାରଣ ପର୍ଯ୍ୟଟକଙ୍କ ପାଇଁ ସଂଗ୍ରହାଳୟ ପ୍ରବେଶ ଉପରେ କଟକଣା ଲଗାଯାଇପାରେ । ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଆସିବା ପରେ ଚୂଡ଼ାନ୍ତ ରୂପରେଖ ସ୍ଥିର କରାଯିବ । ନେତାଜୀଙ୍କ ଜନ୍ମମାଟି କଟକରେ ଏବେଠାରୁ ଉତ୍ସବର ପରିବେଶ ଦେଖିବାକୁ ମିଳିଲାଣି । ପରାକ୍ରମ ଦିବସ ପୂର୍ବରୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଓଡ଼ିଆ ବଜାରରେ ଭିଡ଼ ଜମାଇଲେଣି ।

# ମିନି ମାରାଥନ୍, ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

କଟକ, ୧୮ା୧(ସମିସ): ଓଡ଼ିଶା ଭେଟେରାନ୍ ସ୍ପୋର୍ଟସ ପର୍ସନ ଆସୋସିଏସନ ଆନୁକୂଲ୍ୟରେ ମାର୍ଚ୍ଚ ୫ ତାରିଖରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ଜନ୍ମ ଦିବସ ଅବସରରେ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିନି ମାରାଥନ ଏବଂ ମାର୍ଚ୍ଚ ୨୦ ତାରିଖଠାରୁ ଆନ୍ତଃବିଦ୍ୟାଳୟ ସିନିୟର୍ ବସନ୍ତ ଦାସ ସ୍ମାରକୀ ଏବଂ ଜୁନିୟର ଭଗବାନ୍ ଦାସ ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଆଜି ଓଡ଼ିଶା ଆର୍ଚେରୀ ସଂଘ କାର୍ଯ୍ୟାଳୟରେ ଓଡ଼ିଶା ଭେଟେରାନ୍ ସ୍ପୋର୍ଟସ ପର୍ସନ ଆସୋସିଏସନ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଏ ବାବଦରେ ଆଲୋଚନା ହୋଇଥିଲା । ସାଧାରଣ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସଭାପତିତ୍ୱ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ । ଉଭୟ ପ୍ରତିଯୋଗିତା ପାଇଁ ଏକ ୫ ଜଣିଆ କମିଟି ଗଠନ କରାଯାଇଛି । ଆସନ୍ତା ଫେବୃୟାରୀ ୨୮ ତାରିଖ ମିନି ମାରାଥନ ପାଇଁ ପ୍ରତିଯୋଗୀ ସେମାନଙ୍କର ସମସ୍ତ ପରିଚୟ କ୍ରୀଡା ଶିକ୍ଷକଙ୍କ ମାଧ୍ୟମରେ ବାରବାଟୀ ଷ୍ଟାଡିୟମ୍ ଆର୍ଚେରୀ ସଂଘ କାର୍ଯ୍ୟାଳୟରେ ପଞ୍ଜୀକରଣ କରିବେ । ମାର୍ଚ୍ଚ ୮ ତାରିଖ ଫୁଟବଲ ପ୍ରତିଯୋଗିତା ପାଇଁ ପ୍ରତିଯୋଗୀ ସେମାନଙ୍କ ବିଦ୍ୟାଳୟ କ୍ରୀଡା ଶିକ୍ଷକଙ୍କ ମାଧ୍ୟମରେ ସମସ୍ତ ପ୍ରକାର ପ୍ରମାଣପତ୍ର ଆର୍ଚେରୀ କାର୍ଯ୍ୟାଳୟଠାରେ ଆବେଦନ କରିବେ । ପ୍ରସ୍ତୁତି ବୈଠକରେ ବରିଷ୍ଠ ସଦସ୍ୟ କ୍ଷୀତିଶ ପାତ୍ର, ଡ଼ଃ ସରୋଜ ସିଂ, ବରିଷ୍ଠ ସାମ୍ବାଦିକ ଦେବୁ ଚାଟାର୍ଜି, ରବି ପଟ୍ଟନାୟକ, ବିଷ୍ଣୁ ଦାସ, ଶ୍ରୀଧର ଦାସ, ଦୀପକ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଦର୍ଶନ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ପାଠଚକ୍ର



କଟକ, ୧୮ା୧(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ଶାନ୍ତିନିକେତନର ମିଳିତ ଆନୁକୂଲ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟସ୍ଥିତ ହେରିଟେଜ ହଲ୍‌ରେ 'ଭାରତୀୟ ଦର୍ଶନରେ ଯୌକ୍ତିକତା, ସଂସ୍କାର ଓ ପୁନଃନିର୍ମାଣ: ଦୟାକୃଷ୍ଣଙ୍କ ଚିନ୍ତନ' ଶୀର୍ଷକ ଦୁଇଦିନିଆ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଦର୍ଶନ ବିଭାଗର ମୁଖ୍ୟ ଡକ୍ଟର ଅଳକାନନ୍ଦା ପରିଡ଼ା ଅଧ୍ୟକ୍ଷତା କରିଥିଲା ବେଳେ ପରିକଳ୍ପନା ଓ ଅଭିନବୀକରଣ କେନ୍ଦ୍ରର ସଂଯୋଜକ ପ୍ରଫେସର ପତିତପାବନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଦେଶ ବିଦେଶରୁ ବିଭିନ୍ନ ଆଲୋଚକ ଦୟାକୃଷ୍ଣଙ୍କ ଦୃଷ୍ଟି ଓ ଦର୍ଶନ ସମ୍ପର୍କରେ ଅଭିମତ ରଖିଥିଲେ । ମୁଖ୍ୟବକ୍ତା ଭାବେ ତ୍ରିପୁରା ବିଶ୍ୱବିଦ୍ୟାଳୟର ପ୍ରଫେସର ଆଦିତ୍ୟ ମହାନ୍ତି, ଶାନ୍ତିନିକେତନର ପ୍ରାକ୍ତନ ପ୍ରଫେସର ଆଶା ମୁଖାର୍ଜୀ ବକ୍ତବ୍ୟ ରଖିଥିଲେ । ଆଲୋଚକ ଭାବେ ଇସ୍ରାଏଲର ପ୍ରଫେସର ଦାନିଏଲ ରାଭେ, ପ୍ରଫେସର ମୋହିନ ମହମ୍ମଦ, ପ୍ରଫେସର ସବିତା ସାମନ୍ତ, ଡକ୍ଟର ଏସ୍. ମାୟା, ଡକ୍ଟର ସତ୍ୟେନ୍ଦ୍ର ଶ୍ରୀବାସ୍ତବ, ଡକ୍ଟର ରଞ୍ଜିତ ଘୋଷ, ପ୍ରଫେସର ରାମଚନ୍ଦ୍ର ମାଝୀ, ଡକ୍ଟର ସଚ୍ଚିଦାନନ୍ଦ ରାଉଳ, ପ୍ରଫେସର ଭିନିତ ସାହୁ, ଡକ୍ଟର ବରଦାଲକ୍ଷ୍ମୀ ପଣ୍ଡା, ପ୍ରଫେସର ଗୋପାଳ ସାହୁ, ଡ. ହରିଶ୍ଚନ୍ଦ୍ର ସାହୁ ପ୍ରମୁଖ ଅଧ୍ୟାୟୀଙ୍କୁ ବିଭିନ୍ନ ଦାର୍ଶନିକ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ଏହି ପାଠଚକ୍ରରେ କାଶ୍ମୀରା ମୁର୍ମୁ ସଂଯୋଜନା କରିଥିଲେ । ଏଥିରେ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଡ. ଅଶୋକ ତରାଇ, ଡ. ନିବେଦିତା ପ୍ରିୟଦର୍ଶିନୀ, ଡ. ଜିତେନ୍ଦ୍ର ଶବର ଏବଂ ଦେବାଶିଷ ଷଡଙ୍ଗୀ ସହଯୋଗ କରିଥିଲେ । ପାଠଚକ୍ରର ଉପଦେଷ୍ଟା ଡ. ହିମାଂଶୁ ଶେଖର ସାମଲ ଧନ୍ୟବାଦ ଦେଇଥିଲେ ।

# ଗପ ଘର ପକ୍ଷରୁ ଶ୍ରୀଜଗନ୍ନାଥ କଥା ଆସର




## ଶ୍ରୀଜଗନ୍ନାଥ ଚେତନା ସମସ୍ତଙ୍କୁ ଏକକାର କରିଛି

କଟକ, ୧୮ା୧(ସମିସ): ଓଡ଼ିଶାର ଜନଜୀବନକୁ ଶ୍ରୀଜଗନ୍ନାଥ ଚେତନା ସବୁକ୍ଷେତ୍ରରେ ପ୍ରଭାବିତ କରି ଆସିଛି । ଗପ, ଆଖ୍ୟାୟିକା, ଚମତ୍କାରିତା, ଅନୁଭବ, ଭଜନ, ଜଣାଣ, ନାମକୀର୍ତ୍ତନ ଆଦି ବିବିଧ ଭାବ ଜରିଆରେ ଶ୍ରୀଜଗନ୍ନାଥଙ୍କ କଥା ଆମେ ଶୁଣୁଛେ ଓ କହି ଆସୁଛେ । ସମସ୍ତ ବିଭେଦତା ଭିତରେ ବି ଏହି ଚେତନା ସାରା ବିଶ୍ୱରେ ମଣିଷ ସମାଜକୁ ଏକାକାର କରି ଆସିଛି ବୋଲି ସାରସ୍ୱତ ଅନୁଷ୍ଠାନ ଗପଘର ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ କଥା ଆସରରେ ମତପ୍ରକାଶ ପାଇଛି । ଗପଘରର ପ୍ରତିଷ୍ଠାତା ରବିନାରାୟଣ ଦାଶଙ୍କ ଆବାହକତ୍ୱରେ ଚାଉଳିଆଗଞ୍ଜସ୍ଥିତ ମଦନମୋହନ ମଠରେ ଆୟୋଜିତ ଏହି ଆସରର ପ୍ରଥମ ଅଧିବେଶନରେ ସାହିତ୍ୟିକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପୌରୋହିତ୍ୟ କରିଥିଲେ । କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଚିନ୍ମୟ ମିଶନ, କଟକର ଆଚାର୍ଯ୍ୟ ସ୍ୱାମୀ ଓଁକାରାନନ୍ଦ ସରସ୍ୱତୀ ଶ୍ରୀଜଗନ୍ନାଥ ମାନବିକ ଚିନ୍ତା ଓ ଚେତନାକୁ କିଭଳି ଆଚ୍ଛାଦିତ କରି ରଖିଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗ ଦେଇଥିଲା ବେଳେ ଅତିଥି କଥାକାର ଇଂ ବିଷ୍ଣୁ ସାହୁଙ୍କ ନିଜ ଗପ 'ଭାବଗ୍ରାହୀ' ପାଠ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଅନ୍ୟତମ ବକ୍ତା ସମାଜସେବୀ ଦ୍ୱୀପାୟନ ପଟ୍ଟନାୟକ, ଯୋଗଗୁରୁ ସତ୍ୟରଞ୍ଜନ ଷଡ଼ଙ୍ଗୀ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ଡକ୍ଟର ଚିତ୍ତରଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ ପ୍ରଫୁଲ୍ଲ ସାହୁ, ଅରୁଣା ସାମନ୍ତରାୟ, ଡକ୍ଟର ସ୍ମୃତି ପଟ୍ଟନାୟକ ଗପ ପାଠ କରିଥିଲେ । ବିଶିଷ୍ଟ ସାହିତ୍ୟିକ ତଥା ଲୋକକଳା ଗବେଷକ ଡକ୍ଟର ଅଜୟ ମିଶ୍ର, ପ୍ରାବନ୍ଧିକ ବ୍ରହ୍ମାନନ୍ଦ ବିଶ୍ୱାଳ, ପଣ୍ଡିତ ଚୈତନ୍ୟ ସାହୁ, ଜୟନ୍ତୀ ବାରିକ ପ୍ରମୁଖ ଶ୍ରୀଜଗନ୍ନାଥ ଚେତନା ସମ୍ପର୍କିତ ଅନୁଭୂତି ବର୍ଣ୍ଣନା କରିଥିଲେ । ସମାଜସେବୀ ଚିରଞ୍ଜୟ ସାହୁ, ରାକେଶ ଶତପଥୀ, ଇଂ ଦେବବ୍ରତ ଦାଶ, ରାଜେଶ ପତି, ମୈତ୍ରୀଭୂଷଣ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାକୁ ପ୍ରସ୍ତୁତି ବୈଠକ




କଟକ, ୧୮ା୧(ସମିସ): ଆସନ୍ତା ଫେବୃଆରୀ ୧୨ ତାରିଖରେ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟକୁ କଟକ ଜିଲ୍ଲାରେ ସଫଳ କରିବା ପାଇଁ ଏଆଇଟିୟୁସି ଜିଲ୍ଲା କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପାଳିତପଡ଼ାସ୍ଥିତ ନବଯୁଗ ଭବନଠାରେ ଜିଲ୍ଲା ସଭାପତି କିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ସମ୍ପନ୍ନ ହୋଇଛି । କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସଂଗଠନ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି । ଫେବୃଆରୀ ୧୨ ଧର୍ମଘଟକୁ ସଫଳ କରିବା ପାଇଁ ଜିଲ୍ଲାର ମାହାଙ୍ଗା, ବଡ଼ମ୍ବା, ନିଶ୍ଚିନ୍ତକୋଇଲି, ଆଠଗଡ଼, ନିଆଳି, ସାଲେପୁର, ଜଗତପୁର ଏବଂ କଟକ ସହରରେ ଶ୍ରମିକମାନଙ୍କୁ ସଂଗଠିତ କରିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକର ପ୍ରାରମ୍ଭରେ ଦିବଙ୍ଗତ ଶ୍ରମିକ ନେତାଙ୍କ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଆଲୋଚନାରେ ଜିଲ୍ଲା ସମ୍ପାଦକ ବିନୋଦ ବେହେରା, କାର୍ଯ୍ୟକାରୀ ସଭାପତି ଉଦୟ କେଶରୀ ବର୍ମା, ଉପସଭାପତି ଅମରେନ୍ଦ୍ର ମହାନ୍ତି, ବୀମା କର୍ମଚାରୀ ସଂଘର ସଭାପତି ବିଜୟ ସାହୁ, ସମ୍ପାଦକ ଅକ୍ଷୟ ବେହୁରିଆ ଏବଂ ଅଙ୍ଗନବାଡ଼ି କର୍ମୀ ସଂଘ ପକ୍ଷରୁ ଅଭୟ ପଟ୍ଟନାୟକ ଓ ଉଜୟିନୀ ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ । ଏଥିସହ ବଡ଼ମ୍ବା ଓ ଅନ୍ୟାନ୍ୟ ଅଞ୍ଚଳରୁ ସୌଦାମିନୀ ଦାଶ, ଭ୍ରମରବର ସାହୁ, ବିପିନ ବିହାରୀ ପାଢ଼ୀ, ମଲିକ ସିରାଜ ହୁସେନଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ । ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଏସ୍‌ସିବି ମେଡିକାଲ

# ଅଧୀକ୍ଷକ କାର୍ଯ୍ୟାଳୟ କର୍ମଚାରୀଙ୍କ ପଦୋନ୍ନତି ବେଆଇନ!

କଟକ, ୧୮ା୧(ସମିସ)

ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ପଦୋନ୍ନତି ଲାଗି ନିର୍ଦ୍ଦିଷ୍ଟ ନିୟମ ରହିଛି । ସେହି ଅନୁସାରେ ପଦୋନ୍ନତି ଦିଆଯାଇ କର୍ମଚାରୀଙ୍କୁ ଉପଯୁକ୍ତ ପଦରେ ଅବସ୍ଥାପିତ କରାଯାଇପାରିବ । ମାତ୍ର ରାଜ୍ୟର ସର୍ବବୃହତ୍ତ ସରକାରୀ ଚିକିତ୍ସାଳୟ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ସରକାରୀ ନୀତିନିୟମକୁ ଜଳାଞ୍ଜଳି ଦିଆଯାଇ ମନଇଚ୍ଛା ପଦୋନ୍ନତି ଦିଆଯାଇଥିବା ଅଭିଯୋଗ ହୋଇଛି । ଅଧୀକ୍ଷକ କାର୍ଯ୍ୟାଳୟରେ କାର୍ଯ୍ୟରତ ତୃତୀୟ ଶ୍ରେଣୀ କର୍ମଚାରୀମାନଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି । କିଛି ଅସାଧୁ କର୍ମଚାରୀ ଚଞ୍ଚକତା କରି ନିଜର ପଦୋନ୍ନତି କରିନେବାକୁ ଉଦ୍ୟମ କରିଛନ୍ତି । ପଦୋନ୍ନତି ଲାଗି ଆବଶ୍ୟକ ସରକାରଙ୍କ ନିୟମକୁ ଅନୁପାଳନକୁ ପାଳନ କରାଯାଉଛି କି ନାହିଁ ତାହାର ସଠିକ ଯାଞ୍ଚ ନକରି କର୍ତ୍ତୃପକ୍ଷ କିଭଳି ଏହାକୁ ପ୍ରୋତ୍ସାହନ ଦେଉଛନ୍ତି ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଗତ ୧୩ ତାରିଖରେ ଅଧୀକ୍ଷକ କାର୍ଯ୍ୟାଳୟର ଚିଠି ସଂଖ୍ୟା(ନଂ-୧୦୪୮) ମାଧ୍ୟମରେ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ସାମୟିକ ପଦୋନ୍ନତି ତାଲିକା ପ୍ରକାଶ ପାଇଛି । ଏହି ତାଲିକା ଗୋଟିଏ କରାନଯାଇ ଭିନ୍ନଭିନ୍ନ ହୋଇଛି । ଆଶ୍ଚର୍ଯ୍ୟ ଜନକ ଭାବରେ ଅଲଗା ଅଲଗା ତାଲିକା ପ୍ରକାଶିତ ହୋଇଥିବାରୁ ଏହା ଉପରେ କର୍ମଚାରୀମାନେ ଆପତ୍ତି ଉଠେଇ ଅଧୀକ୍ଷକଙ୍କୁ ଏକ ଅଭିଯୋଗ ପତ୍ର ମଧ୍ୟ ପ୍ରଦାନ କରିଛନ୍ତି । ଅଭିଯୋଗ ମୁତାବକ,



୨୦୧୧ ମସିହାର ଡିସେମ୍ବର ୧୫ ତାରିଖରେ ସ୍ୱାସ୍ଥ୍ୟ ତାଲିମ ନିର୍ଦ୍ଦେଶକଙ୍କ ଚିଠି ନଂ ୧୫୭୨୧ରେ ଏକ ସାମୟିକ ତାଲିକା ପ୍ରକାଶ କରାଯାଇଥିଲା । କିନ୍ତୁ ତାହାକୁ ଚୂଡାନ୍ତ ତାଲିକା ନକରି ବହୁତ ଦିନ ପର୍ଯ୍ୟନ୍ତ ପକାଯାଇ ରଖାଯାଇଥିଲା । ତତ୍କାଳୀନ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି ୨୦୧୯ ସେପ୍ଟେମ୍ବର ୨୭ରେ କିଭଳି ତାଲିକାକୁ ଚୂଡାନ୍ତ କରାଯିବ ନେଇ ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ । ୨୦୨୪ ଜୁଲାଇ ୧୧ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ସ୍ପଷ୍ଟୀକରଣ ଅଧୀକ୍ଷକଙ୍କୁ ପ୍ରଦାନ କରିଥିଲେ । ପଦୋନ୍ନତି ତାଲିକା ପ୍ରସ୍ତୁତ କରିବାକୁ ସ୍ୱାସ୍ଥ୍ୟ ସଚିବ ୨୦୨୦ ମାର୍ଚ୍ଚ ୬ରେ(ଚିଠି ନଂ- ୮୧୦୭) ରେ ନିର୍ଦ୍ଦେଶ ଦେଇଥିଲେ । ତାହାକୁ ଏପର୍ଯ୍ୟନ୍ତ ଅନୁପାଳନ କାଯାଇନାହିଁ । କେଉଁ କର୍ମଚାରୀଙ୍କୁ କେଉଁ ପଦବୀ ପ୍ରଦାନ କରାଯାଇ ପାରିବ ତାହାକୁ ଚୂଡାନ୍ତ ନକରି କର୍ମଚାରୀମାନେ ନିଜ ଇଚ୍ଛାମୁତାବକ ପଦୋନ୍ନତି ତାଲିକା ପ୍ରକାଶ କରିଛନ୍ତି । ଯାହା ସମ୍ପୂର୍ଣ୍ଣ ବେଆଇନ ନିୟମ ବିରୁଦ୍ଧାଚରଣ କରୁଛି । ଅଧୀକ୍ଷକଙ୍କ କାର୍ଯ୍ୟାଳୟର କାର୍ଯ୍ୟରତ ସମସ୍ତ ତୃତୀୟ ଶ୍ରେଣୀ କର୍ମଚାରୀ ଅନୁକମ୍ପା ମୂଳକ ନିଯୁକ୍ତି ପାଇଛନ୍ତି । ସେମାନଙ୍କ ପରିବାର ମୁଖ୍ୟଙ୍କ ମୃତ୍ୟୁ କାରଣ ବଶତଃ ଏହି ନିଯୁକ୍ତି ସେମାନଙ୍କୁ ଦିଆଯାଇଛି । ଯେଉଁମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ସେମାନେ ରାଜ୍ୟ ସରକାରଙ୍କ ଅନୁକମ୍ପା ନିଯୁକ୍ତି ଆଇନ ୧୯୯୦ ସାଧାରଣ ପ୍ରଶାସନର ମାନଦଣ୍ଡ ପୂରଣ କରାଯାଇନାହିଁ । ଉକ୍ତ ନିୟମ ଅନୁଯାୟୀ ନିଯୁକ୍ତି ପାଇବାକୁ ଥିବା ପ୍ରାର୍ଥୀ ଯେଉଁ ପଦରେ କାର୍ଯ୍ୟ କରିବେ ତାହାର ଯୋଗ୍ୟତା ପରୀକ୍ଷାରେ ପାସ କରିବା ନିତାନ୍ତ ଆବଶ୍ୟକ; କିନ୍ତୁ ଏଠାରେ ଅନୁକମ୍ପା ମୂଳକ ଆଇନର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ ହୋଇଛି ବୋଲି ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି ।

ଚତୁର୍ଥ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ-ଅର୍ଜୁନ ପୃଷ୍ଟି
କୃଷଣ୍ଡପୁର,ଖୋର୍ଦ୍ଧା
ଆବିର୍ଭାବ-୧୮.୦୭.୧୯୩୩
ତିରୋଧାନ-୧୯.୦୧.୨୦୨୨

ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣା ଦାୟକ ।ବାପା ଆପଣଙ୍କ ସ୍ନେହ,ଶ୍ରଦ୍ଧା,ଧର୍ମ,କର୍ମ,ସେବା ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ମନେରହିଥିବ ।ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ।

ଶୋକାକୁଳ

## ଗୋଷାଣୀ ବ୍ଲକ ଚାଷୀଙ୍କ ମୁଣ୍ଡରେ ଚଡ଼କ

# ମଣ୍ଡି ଖୋଲି ପ୍ରଶାସନ ଚୁପ୍; ବାର୍‌ହା ଉଜାଡୁଛନ୍ତି ଧାନ

### ଆଖି ବୁଜି ଦେଇଛି ବନବିଭାଗ; ବଢୁଛି ଚାଷୀ ଅସନ୍ତୋଷ



ପାରଳାଖେମୁଣ୍ଡି,୧୮ ।୧(ସମିସ)

ଗୋଷାଣୀ ବ୍ଲକର ଚାଷୀଙ୍କ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି । ମଣ୍ଡି ଖୋଲି ପ୍ରଶାସନ ଚୁପ୍ ବସିଥିବାବେଳେ ଧାନ ଉଠୁନି । ଅନ୍ୟପଟେ ଦାଉ ସାଧୁଛନ୍ତି ବାର୍‌ହା ପଲ । ସଞ୍ଜ ନଇଁବା ମାତ୍ରେ ଚାଷୀଙ୍କ ମନରେ ଛନକା ପଶୁଛି । ଶୀତକାକର ସାଙ୍ଗକୁ ବାର୍‌ହା ଉପଦ୍ରବ ଚିନ୍ତାର ବିଷୟ ପାଲଟିଛି । ଖଳାରେ ଥିବା ଧାନକୁ ଚାଷୀଙ୍କୁ ଜଗିବାକୁ ପଡୁଛି । ଏପରି ଛାନିଆଁ ହୋଇ ନିଜ ନିଜ ଧାନକୁ ସୁରକ୍ଷା ଦେବାକୁ ଚାଷୀ ଆଖିରୁ ନିଦ ହଜିଯାଇଛି । ବ୍ଲକରେ ଧାନମଣ୍ଡି ଖୋଲାଯାଇଥିଲେ ମଧ୍ୟ ଧାନକ୍ରୟ ପାଇଁ କମ୍ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିବା ଏବଂ ତାହା ପୂରଣ ହୋଇଯାଇଥିବାରୁ ଆଉ ଧାନକ୍ରୟ କରାଯାଉନି । ଏପରି ସ୍ଥଳେ ଖଳାରେ ଥିବା ଧାନ ବାର୍‌ହା ପଲ ଉଜାଡୁଛନ୍ତି । ଖାଉଛନ୍ତି କମ୍ ନଷ୍ଟ କରୁଛନ୍ତି ବେଶି । ବାର୍‌ହା ଘଉଡାଇବା ପାଇଁ ରାତିସାରା ଚାଷୀ ଖଳାରେ ଜଗୁଥିଲେ ମଧ୍ୟ କେଉଁ ଅଞ୍ଚଳରେ କେଉଁ ସମୟରେ ବାର୍‌ହା ପଲ ପଶି ନଷ୍ଟ କରି ଦେଇ ଚାଲିଯାଉଛନ୍ତି । ପ୍ରତ୍ୟେକ ବର୍ଷ ଧାନ ଅମଳ ସମୟରେ ବାର୍‌ହା ଉପଦ୍ରବ ବଢ଼ିବାରେ ଲାଗିଛି । ପ୍ରତିବର୍ଷ ବାର୍‌ହା ଉପଦ୍ରବରେ ନଷ୍ଟ ହେଉଛି ହଜାର ହଜାର କ୍ୱିଣ୍ଟାଲ ଧାନ । ଚଳିତ ବର୍ଷ ଉତ୍ତରସେଲ୍ଲୀ, ଜଙ୍ଗଲପାଡୁ, ବଡ଼ନୀଳାପୁର, କଇଠଡ଼ା ଆଦି ଗ୍ରାମାଞ୍ଚଳରେ ବାର୍‌ହା ଉପଦ୍ରବ ଯୋଗୁଁ ବ୍ୟାପକ ଧାନ ନଷ୍ଟ ହୋଇଛି । ସବୁଜାଣି ବନବିଭାଗ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଗତରାତିରେ ଗୋଷାଣି ଗ୍ରାମର ଚାଷୀ ଯୋଗେନ୍ଦ୍ର ବେହେରାଙ୍କ ୩.୫ ଏକର, ଏନ୍. ଚିନ୍ନା ରାଓଙ୍କ ୧ ଏକର ଚାଷ ଜମିରେ ଅମଳ ହୋଇଥିବା ଧାନଗଦାକୁ ବାର୍‌ହା ନଷ୍ଟ କରିଛନ୍ତି । ସେହିପରି ଦାମୋଦର ବେହେରା ଓ ବି. କୁର୍ମାନାଇକୁଲୁଙ୍କ ମଳା ହୋଇନଥିବା ଧାନଗଦାରେ ପଶି ନଷ୍ଟ କରିଥିବା ଜଣାପଡ଼ିଛି । ଧାନ ବିକ୍ରି କରି ବର୍ଷ ତମାମ କଷ୍ଟର ଲାଘବ ପାଇଁ ଆଶା ରଖିଥିବା ଚାଷୀ ଏବେ ହତାଷ ହୋଇଛି । ଚାଷୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଟୋକନ ପ୍ରଦାନ କରାଯାଇନଥିବା ପ୍ରକାଶ କରିଛନ୍ତି । ଧାନବସ୍ତା କିମ୍ବା ଧାନ ଗଦାକୁ ବନ୍ୟଜନ୍ତୁ ନଷ୍ଟ କଲେ କୌଣସି ସହାୟତା ନଥିବା ବେଳେ ବାର୍‌ହା ଉପଦ୍ରବରେ ନଷ୍ଟ ହୋଇଥିବା ଧାନକୁ ମଣ୍ଡିରେ ବିକ୍ରି କରିବା ମଧ୍ୟ କଷ୍ଟକର । ମଣ୍ଡିକୁ ଠିକ୍ ଭାବେ ପରିଚାଳନା କରାଯାଇଥିଲେ ଚାଷୀଙ୍କ ଧାନ ଏପର୍ଯ୍ୟନ୍ତ ଧାନଖଳାରେ ନଥାନ୍ତା ବୋଲି ସେମାନେ କହିଛନ୍ତି । ବ୍ଲକରେ ୨୯ କାମଚଳା ଧାନମଣ୍ଡିକୁ ଖୋଲାଯାଇଛି । କମ୍ ଲକ୍ଷ୍ୟ ଧାର୍ଯ୍ୟ ଯୋଗୁ ପୂରଣ ହୋଇଯାଇଛି । ବର୍ତ୍ତମାନ ସୁଦ୍ଧା ଜାନୁୟାରୀ ପ୍ରଥମ ସପ୍ତାହ ମଧ୍ୟରେ ଟୋକନ୍ ପାଇଥିବା ଚାଷୀଙ୍କ ଠାରୁ ଧାନ କିଣାଯାଇଛି । ଏହାପରଠାରୁ କ୍ରୟ କରାଯାଇନଥିବା ଜଣାପଡିଛି । ଏପରି ସ୍ଥଳେ ପ୍ରାକୃତିକ ବିପର୍ଯ୍ୟୟ ହେଲେ କିମ୍ବା ବନ୍ୟଜନ୍ତୁଙ୍କ ଦ୍ୱାରା ନଷ୍ଟ ହେଉଥିବା ଧାନର ମୂଲ୍ୟ କିଏ ଦେବ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି?

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ଉତ୍ସବ ଓ ସତ୍‌ସଙ୍ଗର ବାର୍ଷିକୋତ୍ସବ



ପାରଳାଖେମୁଣ୍ଡି,୧୮ ।୧(ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ମହେନ୍ଦ୍ରତନାୟ ନଦୀକୂଳରେ ଥିବା ସତ୍‌ସଙ୍ଗ ବିହାରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମଉତ୍ସବ ଓ ସତ୍‌ସଙ୍ଗର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ସମୟରେ କୀର୍ତ୍ତନ, ସମବେତ ପ୍ରାର୍ଥନା ପରେ ଜଗନ୍ନାଥ ମନ୍ଦିର ନିକଟରୁ ନଗର କୀର୍ତ୍ତନ ଶୋଭାଯାତ୍ରା ବାହାରି ପରିକ୍ରମା କରି ସତ୍‌ସଙ୍ଗ ବିହାର ନିକଟରେ ପହଞ୍ଚିଥିଲା । କୀର୍ତ୍ତନର ତାଳେ ତାଳେ ଶତାଧିକ ଶ୍ରଦ୍ଧାଳୁ ଠାକୁରଙ୍କ ଫଟୋଚିତ୍ରକୁ ମଣ୍ଡପକୁ ଆଣିଥିଲେ । ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ହି ଅବସରରେ ଶ୍ରଦ୍ଧାଳୁ ଦୀକ୍ଷା ଗ୍ରହଣ କରିଥିଲେ । ଅପରାହ୍ନରେ ମାତୃ ସମ୍ମିଳନୀ ସମବେତ ପ୍ରାର୍ଥନା, ଗ୍ରନ୍ଥ ପାଠ, ଭଜନ ସମାରୋହ ସତସଂଘ ଆଲୋଚନା ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ରବୀନ୍ଦ୍ର କୁମାର ପାଣିଗ୍ରାହୀ, ସୀତାରାମ ପ୍ରଧାନ, ହୃଦୟାନନ୍ଦ ପଣ୍ଡାଙ୍କ ସମେତ ସଂଘର ଶ୍ରଦ୍ଧାଳୁ ପରିଚାଳନାରେ ସହଯୋଗ କରିଥିଲେ ।

## ୧୭୧ ଏନ୍‌ସିସି ଛାତ୍ରଛାତ୍ରୀ ଦେଲେ ୨ୟ ବର୍ଷ ପରୀକ୍ଷା




ଜି.ଉଦୟଗିରି,୧୮।୧(ସମିସ): ଜି.ଉଦୟଗିରି ପିଏମଶ୍ରୀ ସରକାରୀ ହବାକ୍ ହାଇସ୍କୁଲରେ ଏନସିସି ଦ୍ୱିତୀୟ ବର୍ଷ (ଏନସିସି 'ଏ'ସାର୍ଟିଫିକେଟ) ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ କନ୍ଧମାଳ ଜିଲ୍ଲାର ପିଏମଶ୍ରୀ ହବାକ୍ ହାଇସ୍କୁଲ, ରାଇକିଆ ବିଜୟ ଉଚ୍ଚ ବିଦ୍ୟାଳୟ, ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟ, ଖଜୁରିପଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ଜବହାରାଲାଲ ନେହରୁ ଉଚ୍ଚ ବିଦ୍ୟାଳୟ, ବଇଡା ସରକାରୀ ଉଚ୍ଚ ବିଦ୍ୟାଳୟ ଏପରି ୬ ବିଦ୍ୟାଳୟର ୧୭୧ ଏନସିସି କ୍ୟାଡଟ୍ ଅଂଶଗ୍ରହଣ କରିଥିଲେ । ହବାକ ହାଇସ୍କୁଲ ପ୍ରଧାନଶିକ୍ଷକ ରଂଜିତ ପାଟମାଝି ଏବଂ ପୂର୍ବତନ ପ୍ରଧାନଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏନସିସି ସେବକ ନିକୁଳ ପ୍ରଧାନ ସହଯୋଗ କରିଥିଲେ । ଏଥିରେ ଓଡ଼ିଶା ସେକେଣ୍ଡ ବାଟାଲିୟନ ଅଧିକାରୀ ଲକ୍ଷ୍ମଣ ହୀରା ବାହାଦୁର ଓ ଗୁରଗାଁ ପୂର୍ବତନ ଏନସିସି କ୍ୟାଡଟ ସୁରଜ ମାଝୀ ଯୋଗଦେଇ ତଦାରଖ କରିଥିଲେ ।

## ପାରଳା ବିଧାୟକଙ୍କ ବିଭିନ୍ନ ଅଞ୍ଚଳ ପରିଦର୍ଶନ



କାଶୀନଗର,୧୮ ।୧(ସମିସ): କାଶୀନଗର ବ୍ଲକର ବିଭିନ୍ନ ଅଞ୍ଚଳକୁ ରବିବାର ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ପରିଦର୍ଶନ କରିଛନ୍ତି । ପ୍ରଥମେ ଶିଆଳି ପଞ୍ଚାୟତର ବିଭିନ୍ନ ସ୍ଥାନ ବୁଲି ଚାଷୀଙ୍କ ସହ ଆଲୋଚନା କରିଥିଲେ । ପରେ ବିଏଲପୁର ନିକଟରେ ଥିବା ଧାନ ମଣ୍ଡିକୁ ଯାଇଥିଲେ । ଶିଆଳି ସୋସାଇଟି କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଦୁଇଟି ସ୍ଥାନରେ ଧାନ ବିକ୍ରି କେନ୍ଦ୍ରର ବୋର୍ଡ ଲାଗିନଥିବା ଓ ଧାନ କ୍ରୟର ତାଲିକା ନ ଥିବା ପରି ବିଭିନ୍ନ ଅନିୟମିତତା ନେଇ ସ୍ଥାନୀୟ ଚାଷୀ ଓ ଜନ ପ୍ରତିନିଧି ବିଧାୟକଙ୍କୁ ଜଣାଇଥିଲେ । ସେହିପରି ଖୋଲା ଜାଗାରେ ଧାନ ମଣ୍ଡି ଖୋଲାଯାଇଥିବା ବେଳେ ଧାନର ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ । କିପରି ଚାଷୀଙ୍କ ଧାନ ସୁରକ୍ଷିତ ରହିବ ସେନେଇ ପଦକ୍ଷେପ ନେବାକୁ ଉପସ୍ଥିତ ସୋସାଇଟି କର୍ମଚାରୀଙ୍କୁ କହିଥିଲେ । ଚାଷୀଙ୍କ ଏପରି ବିଭିନ୍ନ ସମସ୍ୟା ନେଇ ଜିଲ୍ଲା ପ୍ରଶାସନ ସହ ବିଧାୟକ ଆଲୋଚନା କରିବେ ବୋଲି କହିଥିଲେ । ପରେ ଶିଆଳି ପଞ୍ଚାୟତ କୋଲା ଗ୍ରାମ ଚର୍ଚ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଚର୍ଚ୍ଚର କର୍ମକର୍ତ୍ତା ବିଧାୟକଙ୍କୁ ସ୍ୱାଗତ କରିଥିଲେ । ଅଞ୍ଚଳରେ କିପରି ଉନ୍ନତମୂଳକ କାର୍ଯ୍ୟ ହେବ ସେନେଇ ଆଲୋଚନା କରିଥିଲେ । ଆଗାମୀ ଦିନରେ ଚର୍ଚ୍ଚର ବିକାଶ ପାଇଁ ବିଧାୟକ ପାଣ୍ଠିରୁ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବିଧାୟକଙ୍କ ଗସ୍ତ ବେଳେ ବ୍ଲକ ଅଧ୍ୟକ୍ଷା ବାଲା ସାୟମ୍ମା , ଶିଆଳି ସରପଞ୍ଚ ରାମ ପ୍ରସାଦ ପଟ୍ଟନାୟକ, ସୀତାପୁର ସରପଞ୍ଚ କେ. ତେଜେଶ୍ୱର ରାଓ ଓ ଖାରଡ଼ା ସରପଞ୍ଚ ଅଖିଳ ପାତ୍ର ସ୍ଥାନୀୟ ନେତା କର୍ମୀ ଉପସ୍ଥିତ ଥିଲେ ।

## ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକମୁକ୍ତ ପାଇଁ ସଚେତନତା




ଜି.ଉଦୟଗିରି,୧୮ ।୧(ସମିସ): ପରିବେଶ ସୁରକ୍ଷା ଓ ପ୍ରାକୃତିକ ସମ୍ପଦର ସଂରକ୍ଷଣ ଉଦ୍ଦେଶ୍ୟରେ ଜି.ଉଦୟଗିରି ବନବିଭାଗ ତରଫରୁ ବଣଭୋଜି ସ୍ଥଳ ଗୁଡ଼ିକୁ ପ୍ଲାଷ୍ଟିକ ମୁକ୍ତ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ମାଲିକପୋଡ଼ି ପଞ୍ଚାୟତ ସିର୍କି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ଏସିଏଫ୍ ଶ୍ୱେତଲିନା ସାହୁ ଯୋଗ ଦେଇଥିଲେ । ପ୍ଲାଷ୍ଟିକ ବ୍ୟବହାରର କୁପ୍ରଭାବ ସମ୍ପର୍କରେ ଆଲୋଚନା କରି, ପ୍ରକୃତି, ବନ୍ୟପ୍ରାଣୀ ଓ ମନୁଷ୍ୟ ସ୍ୱାସ୍ଥ୍ୟ ଉପରେ ପ୍ଲାଷ୍ଟିକ ଦ୍ୱାରା ସୃଷ୍ଟି ହେଉଥିବା ଦୀର୍ଘକାଳୀନ କ୍ଷତି ବିଷୟରେ ସଚେତନ କରାଇଥିଲେ । ବଣଭୋଜି ସମୟରେ ପଲିଥିନ, ପ୍ଲାଷ୍ଟିକ ପାତ୍ର ଓ ଶୋଲରେ ବ୍ୟବହୃତ ସାମଗ୍ରୀ ବଦଳରେ ପରିବେଶ ଉପଯୋଗୀ ସାମଗ୍ରୀ ବ୍ୟବହାର କରିବାକୁ ସେ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ଜି.ଉଦୟଗିରି ଫରେଷ୍ଟର ପ୍ରଶାନ୍ତ କୁମାର ସାହୁ, ଫରେଷ୍ଟ ଗାର୍ଡ ମନୋଜ କୁମାର ମହାପାତ୍ର, ସିର୍କି ଭିଏସ୍‌ଏସ୍ ସମ୍ପାଦକ ଜ୍ଞାନଚନ୍ଦ୍ର ପ୍ରଧାନ ପରିବେଶ ସୁରକ୍ଷା ସମ୍ପର୍କରେ କହିଥିଲେ । କାର୍ଯ୍ୟକ୍ରମରେ ସିର୍କି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସିର୍କି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ, ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ବହୁସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ବଣଭୋଜି ସ୍ଥଳକୁ ସ୍ୱଚ୍ଛ ଓ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ସମସ୍ତେ ସଂକଳ୍ପ ନେଇଥିଲେ ।

## ଜି.ଉଦୟଗିରିରେ ପାରଦ ୨.୮ ଡିଗ୍ରୀ

ଜି.ଉଦୟଗିରି,୧୮ ।୧(ସମିସ): ଜି.ଉଦୟଗିରିରେ ଜାରି ରହିଛି ତୁଷାରପାତ । ଶୁକ୍ରବାର ଦିନ ଏଠାରେ ତାପମାତ୍ରା ୨.୬ ଡିଗ୍ରୀ ରହିଥିବା ବେଳେ ଶନିବାର ଦିନ ସର୍ବନିମ୍ନ ତାପମାତ୍ରା ୨. ୫ ରହିଥିଲା । ରବିବାର ଦିନ ସର୍ବନିମ୍ନ ତାପମାତ୍ରା ୨.୮ ରହିଥିବା ରେକର୍ଡ ହୋଇଛି । ଏଥିଯୋଗୁଁ ତୁଷାରପାତ ଜାରି ରହିଛି । ବାହାରେ ଥିବା କାର ଗୁଡିକର ଗ୍ଲାସରେ ଏକ ଧଳା ଅସ୍ତରଣ ଜମି ରହିଥିବା ଦେଖିବାକୁ ମିଳିଛି । ଗ୍ରାମାଞ୍ଚଳରେ ଶୀତ ଅଧିକ ହେବା ସହିତ ଅଧିକ ତୁଷାରପାତ ହେଉଥିବା ଦେଖିବାକୁ ମିଳିଛି ।

## ସତ୍ୟବାନ କହଁର ଟିକାବାଲି ବ୍ଲକ ବିଜେଡି ସଭାପତି



ଟିକାବାଲି,,୧୮ ।୧(ସମିସ): ଟିକାବାଲି ବ୍ଲକ ବିଜେଡି ସଭାପତି ଭାବେ ଅଭିଜ୍ଞ ତଥା ପୁରୁଖା ନେତା ସତ୍ୟବାନ କହଁରଙ୍କୁ ଦାୟିତ୍ୱ ମିଳିଛି । ଏହି ନିଯୁକ୍ତି ପରେ ଅଞ୍ଚଳର ବିଜେଡି କର୍ମୀ ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ସତ୍ୟବାନ ପୂର୍ବରୁ ଦଳର ଜିଲ୍ଲା ଉପସଭାପତି ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଛନ୍ତି । ଜିଲ୍ଲା ରାଜନୀତିରେ ଦୀର୍ଘ ଦିନର ଅଭିଜ୍ଞତା ଓ ଦଳୀୟ ରଣନୀତି ପ୍ରସ୍ତୁତ କରିବାରେ ତାଙ୍କର ଦକ୍ଷତାକୁ ଦୃଷ୍ଟିରେ ରଖି ଦଳୀୟ ହାଇକମାଣ୍ଡ ତାଙ୍କ ଉପରେ ପୁଣି ଥରେ ଭରସା ପ୍ରକଟ କରିଛନ୍ତି । ନିଯୁକ୍ତି ପରେ ଶ୍ରୀ କହଁର ଦଳୀୟ ଶୀର୍ଷ ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇବା ସହ ସମସ୍ତଙ୍କୁ ସାଥିରେ ନେଇ ଦଳକୁ ଆଗକୁ ବଢ଼ାଇବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି ।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ



ଦାରିଙ୍ଗବାଡ଼ି,୧୮ ।୧(ସମିସ): ଦାରିଙ୍ଗବାଡ଼ିରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ବିଡିଓ ପ୍ରୀତିରଞ୍ଜନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ତହସିଲଦାର ଦୁଃଶାସନ ସ୍ୱାଇଁ, ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ଓ ଏବିଓ ଗୋକୁଳଚନ୍ଦ୍ର ନାୟକ ଯୋଗ ଦେଇଥିଲେ । ବିଏସଏସଓ କ୍ଷୀତିଶ ପ୍ରିୟଦର୍ଶୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିସହିତ ବିଭିନ୍ନ କମିଟି ଗଠନ ହୋଇ କାର୍ଯ୍ୟକ୍ରମକୁ କିଭଳି ସଫଳତାର ସହ ଆୟୋଜନ କରାଯିବା ଆଲୋଚନା ହୋଇଥିଲା । ବୈଠକରେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ଶିକ୍ଷକ, ଶିକ୍ଷୟିତ୍ରୀ, ଜାଗୃତି କର୍ମକର୍ତ୍ତା, ବଣିକ ସଂଘ, ହୋଟେଲ ମାଲିକ ସଂଘ ସହ ଅନ୍ୟାନ୍ୟ ସଂଘ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ଅନିଲ ଟିକାବାଲି ବ୍ଲକ କଂଗ୍ରେସ ସଭାପତି



ଟିକାବାଲି,୧୮ ।୧(ସମିସ): ଟିକାବାଲି ବ୍ଲକ କଂଗ୍ରେସ ସଭାପତି ଭାବେ ଅଭିଜ୍ଞ ରାଜନେତା ଅନିଲ କୁମାରଙ୍କୁ ନିଯୁକ୍ତି ମିଳିଛି । ସେ ଜଣେ ଉଚ୍ଚଶିକ୍ଷିତ ତଥା ରାଜନୈତିକ କ୍ଷେତ୍ରରେ ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତି । ଆଗାମୀ ଦିନରେ ବ୍ଲକରେ କଂଗ୍ରେସର ସ୍ଥିତିକୁ ଅଧିକ ମଜବୁତ ହେବ ବୋଲି କୁହାଯାଇଛି । ତାଙ୍କୁ ଦାୟିତ୍ୱ ମିଳିବା ପରେ କଂଗ୍ରେସ କର୍ମୀ ଶୁଭେଚ୍ଛା ଜଣାଇଛନ୍ତି ।

## ଶିଶୁମନ୍ଦିରରେ 'ସପ୍ତ ଶକ୍ତି' ସଙ୍ଗମ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,୧୮ ।୧(ସମିସ): ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମହିଳାଙ୍କ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସରିତା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଆଶାଲତା ପାଣିଗ୍ରାହୀ ଯୋଗ ଦେଇ ଗୀତାର ଦଶମ ଅଧ୍ୟାୟରେ ବର୍ଣ୍ଣିତ କୀର୍ତ୍ତି, ଶ୍ରୀ, ବାଣୀ, ସ୍ମୃତି, ମେଧା, ଧୃତି ଓ କ୍ଷମା ଆଦି ନାରୀଙ୍କ ଠାରେ ନିହିତ ସପ୍ତଶକ୍ତି ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଡ.ଅନ୍ନପୂର୍ଣ୍ଣା ଦେବୀ ଭାରତର ବିକାଶରେ ନାରୀଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ଭୁକ୍ତା, ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟାଙ୍ଗନା ବିନ୍ଦୁପ୍ରିୟା ବେହେରା ଏବଂ ଡି. ପ୍ରିୟଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଚାର୍ଯ୍ୟା ଶୈଳେଷ୍ଟା ଖଣ୍ଡୁରାୟ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ରଶ୍ମିତା ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଓ ପ୍ରେମାଞ୍ଜଳି ପଣ୍ଡା ସଂକଳ୍ପ ପାଠ କରାଇଥିଲେ । ଆଚାର୍ଯ୍ୟା ଶିବାନୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମହନ୍ତ ରାମାନନ୍ଦ ଦାସ ଓ ସଦସ୍ୟା ସବିତା ଗମାଙ୍ଗ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମଟି ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ମାର୍ଗଦର୍ଶନ ଓ ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟା ସହଯୋଗ କରିଥିଲେ ।

## ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଜି.ଉଦୟଗିରି,୧୮ ।୧(ସମିସ): ଜି.ଉଦୟଗିରି ବ୍ଲକ କତିଙ୍ଗିଆ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ କତିଙ୍ଗିଆ ସରପଞ୍ଚ ବିଭୁତି ପ୍ରଧାନ, ସମ୍ମାନୀତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ରୋଜାଲିନ ନାୟକ, କଳିଙ୍ଗା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ଭୋଇ, ରେଡାଙ୍ଗି ସେବାଶ୍ରମର ସୁଧାଂଶୁ ଶେଖର ଦାସ , ଶିକ୍ଷକ ସୁଧୀର କୁମାର ସାହୁ ଶିକ୍ଷକ, ଦୈତାରୀ ଦିଗାଲ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ଶିରାମ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ଦୁଷ୍ମନ୍ତ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାପ୍ରଭା ସାହୁ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

## ରାସ୍ତା ତଳକୁ ଖସିଲା ଟ୍ରକ୍; ଅଳ୍ପକେ ବର୍ତ୍ତିଲେ ଚାଳକ

ଗୋଷାଣି,୧୮ ।୧(ସମିସ): ଗୋଷାଣି ବ୍ଲକ ଗାରାବନ୍ଧ-ସାରିଆପଲ୍ଲୀ ମୁଖ୍ୟରାସ୍ତାରେ ଏକ ଟ୍ରକ୍ ସନ୍ଧ୍ୟାରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ିଥିବାବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଟ୍ରକ ଚାଳକ ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ଏପରି ଘଟିଥିବାର ଜଣାପଡ଼ିଛି । ପ୍ରତ୍ୟେକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ ଯେ, ଗାରାବନ୍ଧ ପଟରୁ ଗୋଷାଣି ଅଭିମୁଖେ ଏକ ମିନିଟ୍ରକ୍ (ନଂ.ଓଡି୦୭ବି-୭୪୭୫) ବେପରୁଆ ଢଙ୍ଗରେ ଯାଉଥିବା ବେଳେ ଗାରାବନ୍ଧ-ସାରିଆପଲ୍ଲୀ ଗ୍ରାମ ମଧ୍ୟର ମୁଖ୍ୟରାସ୍ତା କଡ଼କୁ ଖସି ପଡ଼ିଥିଲା । ଚାଳକ ଜଣକ ଗାଡ଼ି ଭିତରେ ବସି ରହିଥିବା ବେଳେ ତାଙ୍କ କଥାବାର୍ତ୍ତାରୁ ସେ ମଦ୍ୟପାନ କରିଥିବା ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି ।

## ଫିରିଙ୍ଗିଆରେ ପୁଷ୍ଟିଶସ୍ୟ ଆହାର ଉତ୍ସବ

ଫିରିଙ୍ଗିଆ,୧୮ ।୧(ସମିସ): ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟରେ ଥିବା ବିଜୁ କଲ୍ୟାଣ ମଣ୍ଡପରେ ରାଜ୍ୟ ସରକାରଙ୍କ ଶ୍ରୀଅନ୍ନ ଅଭିଯାନ ଅଧୀନରେ ପୁଷ୍ଟିଶସ୍ୟ ଆହାର ଉତ୍ସବ ସହ ଖାଦ୍ୟ ପ୍ରଦର୍ଶନୀ ଓ ମାଣ୍ଡିଆ ଚାଷ କରିଥିବା ମହିଳା ଓ ଚାଷୀଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜିଲ୍ଲାରେ ମାଣ୍ଡିଆ ଚାଷ ଉପରେ କାମ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଗ୍ରଗାମୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଅନୁଷ୍ଠାନର ନିର୍ଦ୍ଦେଶକ ଅଚ୍ୟୁତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷା ନମିତା କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫିରିଙ୍ଗିଆ ସମିତିସଭ୍ୟା ମୌସୁମୀ ପ୍ରଧାନ, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ରଞ୍ଜନ ପ୍ରଧାନ, ବ୍ଲକ କୃଷି ଅଧିକାରୀ ସଞ୍ଜୟ କୁମାର ବାରିକ, ଅନୁଷ୍ଠାନର ଜିଲ୍ଲା ସଂଯୋଜକ ଦିଜେସା ଜ୍ୟୋଷି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମାଣ୍ଡିଆରେ ତିଆରି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରଦର୍ଶିତ ହୋଇଥିବା ବେଳେ ବ୍ଲକର ବିଭିନ୍ନ ପଞ୍ଚାୟତରେ ମାଣ୍ଡିଆ ଚାଷ କରିଥିବା ଶତାଧିକ ମହିଳା ଯୋଗ ଦେଇଥିଲେ । ୫୦ ଜଣ ମହିଳା ମାଣ୍ଡିଆ ଚାଷୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଗ୍ରଗାମୀର ପ୍ରକଳ୍ପ ସଂଯୋଜକ ସଂଗ୍ରାମ ନାୟକଙ୍କ ସହ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।




## ଶୁଣିଲାନି ପ୍ରଶାସନ; ରାସ୍ତା ନିର୍ମାଣ କଲେ ଗ୍ରାମବାସୀ



ଜି.ଉଦୟଗିରି,୧୮ ।୧(ସମିସ):

ଦୀର୍ଘଦିନ ଧରି ରାସ୍ତା ସମସ୍ୟାକୁ ନେଇ ଅବହେଳିତ ରହିଆସୁଥିବା କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ମାଲିକପୋଡ଼ି ପଞ୍ଚାୟତର ୧୧ ନମ୍ବର ୱାର୍ଡ ବାଡେନାଜୁ ଗ୍ରାମବାସୀ ଶେଷରେ ନିଜସ୍ୱ ଉଦ୍ୟମରେ ରାସ୍ତା ନିର୍ମାଣ କରିଛନ୍ତି । ସରକାରୀ ସହାୟତା ମିଳିନଥିବାରୁ ଗ୍ରାମବାସୀ ମିଳିତ ଭାବେ ରାସ୍ତା ନିର୍ମାଣ କରିଛନ୍ତି । ଦୀର୍ଘଦିନ ଧରି ଏହି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଯାତାୟାତରେ ସମସ୍ୟା ହେଉଥିଲା । ଛାତ୍ରଛାତ୍ରୀ ଓ ରୋଗୀଙ୍କ ଯିବାଆସିବାରେ ନାହିଁ ନଥିବା ହଇରାଣ ହେଉଥିଲେ । ବର୍ଷା ଦିନରେ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଥିବାରୁ ଗ୍ରାମବାସୀ ବହୁ ସମସ୍ୟାରେ ସମ୍ମୁଖୀନ ହେଉଥିଲେ । ଏନେଇ ଅନେକଥର ବିଭାଗ ଓ ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳ ମିଳିନଥିଲା । ସରପଞ୍ଚ ଝରଣା ପ୍ରଧାନ ରାସ୍ତା ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି । ଗ୍ରାମବାସୀ ଓ ସ୍ଥାନୀୟ ଯୁବକ ସଂଘ ଅଭିଯୋଗ ଶୁଣାଣିରେ ଜଣାଇଥିଲେ ମଧ୍ୟ ସୁଫଳ ମିଳି ନଥିଲା । ଏହା ପରେ ଗ୍ରାମ ସଭାରେ ଆଲୋଚନା କରି ଗ୍ରାମବାସୀ ନିଜ ଖର୍ଚ୍ଚ ଓ ଶ୍ରମଦାନରେ ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ । ଆଜି ଗ୍ରାମର କରୁଣାକର ପ୍ରଧାନ, ଅରୁଣ କୁମାର ପ୍ରଧାନ, ନହସନ ନାୟକ, ସୀମାଞ୍ଚଳ ନାୟକ ସମେତ ବହୁ ଯୁବକ, ମହିଳା ରାସ୍ତା ନିର୍ମାଣ କାର୍ଯ୍ୟରେ ସାମିଲ ହୋଇଥିଲେ । ଏହି ରାସ୍ତା ନିର୍ମାଣ ପରେ ଗ୍ରାମ ସହିତ ପାର୍ଶ୍ୱବର୍ତ୍ତି ଅଞ୍ଚଳର ସଂଯୋଗ ବ୍ୟବସ୍ଥାରେ ସୁଧାର ଆସିବ । ସେମାନେ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ରାସ୍ତାକୁ ପକ୍କା କରିବା ପାଇଁ ଦାବି କରିବେ ବୋଲି କହିଛନ୍ତି ।

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

## କମିଟମେଣ୍ଟ ପାଇଁ ଆଜି କୋର୍ଟରେ ହାଜର ହେବେ ସମସ୍ତ ଅଭିଯୁକ୍ତ

ବ୍ରହ୍ମପୁର,୧୮।୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟରେ ହାଜର କରାଯିବ। ମାମଲାରେ ପୁଲିସ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, କର୍ପୋରେଟର ମଳୟ ବିଷୋୟୀ, ଆଇନଜୀବୀ ମଦନ ଦଳାଇ, ପୂର୍ବତନ ମେୟର ପିଣ୍ଟୁ ଦାଶ, ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, କୁନ୍ଦନ କୁମାର, ଶିଶୁପାଳ କୁମାର ପାଶୱାନ, କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫ କରିଥିଲା। ସୋମବାର କୋର୍ଟରେ ଏହି ମାମଲାର କମିଟମେଣ୍ଟ ହେବାକୁ ଥିବାବେଳେ ସମସ୍ତ ଅଭିଯୁକ୍ତ ହାଜର ହେବେ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ୨୦୨୫ମସିହା ଅକ୍ଟୋବର ୬ ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ତାଙ୍କ ବୈକୁଣ୍ଠନଗର ସ୍ଥିତ ବାସଭବନ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ୧୫ଜଣ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଓ ପିଣ୍ଟୁ ଦାଶ ଫୁଲବାଣୀ ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଭାବେ ଅଛନ୍ତି। ମାମଲାର ତଦନ୍ତ ଜାରି ରହିଛି। କମିଟମେଣ୍ଟ ପରେ ଆଗାମୀ ଦିନରେ ପୁଲିସ ପକ୍ଷରୁ ଚୂଡ଼ାନ୍ତ ଚାର୍ଜସିଟ ଦାଖଲ କରାଯିବ। ତାହାପରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାର୍ଜଫ୍ରେମ କରାଯାଇ ମାମଲାର ବିଚାରଣା ଆରମ୍ଭ ହେବ ବୋଲି ଜଣାପଡିଛି।

# ଗଞ୍ଜାମରେ ବାଟ ହୁଡୁଛି ଡିଜିଟାଲ୍ ଶିକ୍ଷା



■ ବ୍ୟବହାର ନ ହୋଇ ନଷ୍ଟ ହେଉଛି ଶତାଧିକ ଟାବଲେଟ୍

■ ପାଣିରେ ପଡ଼ିଲା ରାଜକୋଷର ଲକ୍ଷାଧିକ ଟଙ୍କା

ବ୍ରହ୍ମପୁର,୧୮।୧(ସମିସ): ପୂର୍ବ ସରକାର ସମୟରେ ଡିଜିଟାଲ୍ ଶିକ୍ଷାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ବଣ୍ଟନ କରାଯାଇଥିବା ଟାବଲେଟ୍ ଏବେ ଅଲୋଡ଼ା। ଜିଲ୍ଲାର ଅନେକ ବିଦ୍ୟାଳୟରେ ଟାବଲେଟ୍‌ରେ ଆବଶ୍ୟକ ଶିକ୍ଷାମୂଳକ ଆପ୍ ଠିକ୍‌ଭାବେ କାମ କରୁନି, ଇଣ୍ଟରନେଟ୍ ସଂଯୋଗ ନଥିବା ଓ ବ୍ୟାଟେରି ସମସ୍ୟା ଯୋଗୁ ପାଠପଢ଼ା ପ୍ରଭାବିତ ହେଉଛି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ସୂଚନା ମୁତାବକ ଗଞ୍ଜାମ ଜିଲ୍ଲାକୁ ବିଜେଡ଼ି ତଥା ପୂର୍ବ ସରକାରଙ୍କ ସମୟରେ ମୋଟ ୬୭୮୩ଟି ଟାବଲେଟ୍ ପ୍ରଦାନ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲା ପରେ ଗଞ୍ଜାମ ଜିଲ୍ଲାକୁ ରାଜ୍ୟର ଦ୍ୱିତୀୟ ସର୍ବାଧିକ ଟାବଲେଟ୍ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଜିଲ୍ଲାର ସୋରଡ଼ା ବ୍ଲକରେ ସର୍ବାଧିକ ୪୧୩ଟି ଟାବଲେଟ୍ ପ୍ରଦାନ କରାଯାଇଥିବା ବେଳେ ରଙ୍ଗେଇଲୁଣ୍ଡା ବ୍ଲକରେ ୩୯୧ଟି ଓ ଖଲ୍ଲିକୋଟ ବ୍ଲକରେ ୩୭୦ଟି ବଣ୍ଟନ କରାଯାଇଛି। ଉକ୍ତ ଟାବଲେଟ ଗୁଡ଼ିକୁ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ସମ୍ପର୍କିତ ବିଭିନ୍ନ ସୂଚନା, ତାଲିମ ଓ ଶୈକ୍ଷିକ ଅଗ୍ରଗତି(ପେଡାଗୋଜି)ର ତଥ୍ୟ ସମ୍ବଳିତ କରିବାକୁ ଏହା ପ୍ରଦାନ କରାଯାଇଛି। ଅନେକ ବିଦ୍ୟାଳୟରେ ଏହା ଅବ୍ୟବହୃତ ଅବସ୍ଥାରେ ରହିଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ କିଛି ବିଦ୍ୟାଳୟର ଟାବଲେଟ୍ ଚୋରି ହୋଇଯାଇଛି। ଫଳରେ ଡିଜିଟାଲ ଶିକ୍ଷାର ବିକାଶ ପାଇଁ ପ୍ରଦାନ କରାଯାଇଥିବା ଟାବ୍‌ଲେଟ୍ କାମରେ ଲାଗୁନାହିଁ।

କେତେଜଣ ଶିକ୍ଷକଙ୍କ କହିବା ଅନୁସାରେ, ଟାବଲେଟ୍‌ରେ ପୂର୍ବରୁ ଲୋଡ୍ ଥିବା ପାଠ୍ୟସାମଗ୍ରୀ ଅଧା ଅଧୂରା ଥିବା ସହିତ ସଫ୍ଟୱେର୍ ଅପଡେଟ୍ ନ ହେବାରୁ ଶ୍ରେଣୀକକ୍ଷରେ ବ୍ୟବହାର କରିବା ସମ୍ଭବ ହେଉନି। ଅନ୍ୟପଟେ ଟାବଲେଟ୍ ମିଳିଥିଲେ ମଧ୍ୟ ସେଥିରେ ପଢ଼ା ସମ୍ପର୍କିତ ଭିଡିଓ ଓ ନୋଟ୍ ଦେଖିପାରୁନଥିବା ଛାତ୍ରଛାତ୍ରୀମାନେ କହୁଛନ୍ତି। କେବଳ ଟାବଲେଟ୍ ନୁହଁ ଅଧିକାଂଶ ବିଦ୍ୟାଳୟକୁ ଦିଆଯାଇଥିବା କମ୍ପ୍ୟୁଟର ଗୁଡ଼ିକ ମଧ୍ୟ ଅଚଳ ହୋଇ ପଡ଼ିରହିଛି। ଶୈକ୍ଷିକ ପ୍ରଶାସନର ଦକ୍ଷତା ବୃଦ୍ଧି ସହ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶକୁ ଲକ୍ଷ୍ୟରେ ରଖି ବ୍ଲକସ୍ତରରେ ବିଦ୍ୟାଳୟଙ୍କୁ ପ୍ରଦାନ କରାଯାଇଛି। କିନ୍ତୁ ଉପଯୁକ୍ତ ପ୍ରଶିକ୍ଷଣ, ଶିକ୍ଷା ପ୍ରଶାସନର ଉଦାସୀନତା ଓ ଆନ୍ତରିକତା ଅଭାବରୁ ଏଗୁଡ଼ିକ ଖତ ଖାଉଛି। ଏହି ସମସ୍ୟା ନେଇ ଅଭିଭାବକମାନେ ଚିନ୍ତା ପ୍ରକାଶ କରି ସରକାରଙ୍କୁ ଶୀଘ୍ର ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଯଥାଶୀଘ୍ର ଟେକ୍ନିକାଲ୍ ସମସ୍ୟା ସମାଧାନ, ଉଚିତ ଇଣ୍ଟରନେଟ୍ ସୁବିଧା ଓ ନିୟମିତ ରକ୍ଷାଣାବେକ୍ଷଣ କରାଯାଇପାରିଲେ ଡିଜିଟାଲ୍ ଶିକ୍ଷାର ଉଦ୍ଦେଶ୍ୟ ସାର୍ଥକ ହେବ ବୋଲି ସାଧାରଣ ଦାବି ହୋଇଛି।

## ସମୁଦ୍ରକୂଳରେ ଅମୃତକାଳ ସାଂସ୍କୃତିକ ସମାରୋହ ଉଦ୍‌ଯାପିତ



ବ୍ରହ୍ମପୁର,୧୮।୧(ସମିସ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ପୂର୍ବାଞ୍ଚଳ ସଂସ୍କୃତିକ କେନ୍ଦ୍ର, କଲିକତା ପକ୍ଷରୁ ଦୁଇଦିନିଆ ଅମୃତ କାଳ ସାଂସ୍କୃତିକ ସମାରୋହ ଆଜି ଉଦ୍‌ଯାପିତ ହୋଇଛି। ଉଦଯାପିତ ସମାରୋହରେ ଗୋପାଳପୁର ଏନ୍ଏସି ଅଧ୍ୟକ୍ଷ ଏ. ଜାନକୀ ରାମ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଅନୁକୂଲ୍ୟରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅମୃତକାଳ ସାଂସ୍କୃତିକ ସମାରୋହ ମାଧ୍ୟମରେ ଏକ ବିକଶିତ ଭାରତର ଯେଉଁ ପରିକଳ୍ପନା କରାଯାଇଛି ତାହା ଭାରତ ତଥା ଓଡ଼ିଶାର ସଂସ୍କୃତି ସମ୍ପନ୍ନ ନୃତ୍ୟ, ସଂଗୀତକୁ ଗରିମାମୟ କରିପାରିଛି ବୋଲି ଏଠାରେ କୁହାଯାଇଛି। ଜିଲ୍ଲା ପ୍ରଶାସନର ସହଯୋଗରେ ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ସାଂସ୍କୃତିକ ସମାରୋହର ବିଭିନ୍ନ ଲୋକକଳା ପ୍ରଦର୍ଶିତ ହୋଇଛି। ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ତରଫରୁ ଜୟଦୀପ ବୋଷ, କ୍ରିଷ୍ଣା ସରୋଜ ଏହାକୁ ପରିଚାଳନା କରିଥିଲେ। ଉଦଘୋଷିକା ଭାବେ ସିନ୍ଧୁ ବ୍ରାଉନ ମଞ୍ଚ ସଂଚାଳନ କରିଥିଲେ। ବିଭୁ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ତିବ୍ବତୀୟଙ୍କୁ ସମ୍ମାନିତ



ବ୍ରହ୍ମପୁର,୧୮।୧(ସମିସ): ଓଡ଼ିଆ ଭାଷା ଆନ୍ଦୋଳନର ଅନୁରୋଧକ୍ରମେ ତିବ୍ବତୀୟଙ୍କ ଶରଣାର୍ଥୀ ଉଲେନ ବଜାରରେ ଇଂରାଜୀ ଭାଷା ପରିବର୍ତ୍ତେ ଫାଟକରେ ଓଡ଼ିଆରେ ନାମଫଳକ ଲେଖିଛନ୍ତି। ସଭାପତି ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ବଜାର ମୁଖ୍ୟ ସମେତ ଅନ୍ୟମାନଙ୍କୁ ଫୁଲ ଓ ଭାଗବତ ଗୀତା ପ୍ରଦାନକରି ସମ୍ମାନିତ କରାଯାଇଛି। ଏହାସହ ଦଳାଇଲାମଙ୍କ ୯୦ତମ ଜନ୍ମବାର୍ଷିକୀକୁ କରୁଣା ବର୍ଷ ରୂପେ ପାଳନ ଅବସରରେ ଭାରତ-ତିବ୍ବତ ମିତ୍ର ଅମର ରହେ ବୋଲି ସ୍ଲୋଗାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ତିବ୍ବତୀୟ ଉଲେନ ବଜାରର ସଭାପତି ତେଂଜିନ ଟିସେତନ, ଟାସି ଟି ସେରିଂ, ସୋନମ ପାଲଜର, ଦୋଲମା ଟି ସେରିଂ, ଟେଂଜି ସମଧୁପ ସମେତ ଭାଷା ଆନ୍ଦୋଳନର ସଦସ୍ୟ ମୋହନ ସାହୁ, ମୋହନ ଚରଣ ସ୍ୱାଇଁ, ଭଗବାନ ସାହୁ ଓ ସୀମାଞ୍ଚଳ ପତି ଉପସ୍ଥିତ ଥିଲେ।

## ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ

ବ୍ରହ୍ମପୁର,୧୮।୧ (ସମିସ): ସ୍ଥାନୀୟ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ଶାଖାର ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସମ୍ମିଳନୀର ସଭାରେ ଉପସଭାପତି ଡ଼. ବନମାଳୀ ପାଣିଗ୍ରାହୀ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ସତ୍ୟନାରାୟଣ ପାଣିଗ୍ରାହୀ ଯୋଗ ଦେଇ ଉଦଘାଟନ କରିଥିଲେ। ବ୍ୟାସକବି ଫକୀରମୋହନ ସେନାପତି ଓଡ଼ିଆ ଗଳ୍ପ ସାହିତ୍ୟର ଯୁଗ ପ୍ରବର୍ତ୍ତକ ଓ ତାଙ୍କ ରଚନାରେ ସମାଜର ଚିତ୍ର ଛତ୍ରେ ଛତ୍ରେ ପ୍ରତିଫଳିତ ହୋଇଛି ଏବଂ କୃତି ସମୂହ କାଳଜୟୀ ବୋଲି ଅତିଥିମାନେ କହିଥିଲେ। ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଅତିଥି ଆବାହନ କରି ସମ୍ପାଦକୀୟ ଉପସ୍ଥାପନ କରିଥିଲେ। ଆଲୋଚନା ଅବସରରେ ଓଡ଼ିଶା ଉପାନ୍ତ ଅଞ୍ଚଳ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ଏବଂ ପଶ୍ଚିମବଙ୍ଗର ବିଦ୍ୟାଳୟ ମାନଙ୍କରେ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ କରୋନା ସମୟର ଦରମା ସମେତ ଏଯାବତ ତିନି ବର୍ଷର ଦରମା ରାଜ୍ୟ ସରକାର ଦେଇ ନଥିବାରୁ ଆଲୋଚନା ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ଯଥାଶୀଘ୍ର ପୂର୍ବ ସରକାରଙ୍କ ଦ୍ୱାରା ଘୋଷିତ ମାସିକ ୪୫୦୦ଟଙ୍କା ହିସାବରେ ପିଛିଲା ଦରମା ସହ ସମସ୍ତ ଦରମା ଏକକାଳୀନ ଦେବାକୁ ସମ୍ମିଳନୀ ପକ୍ଷରୁ ଦାବି କରାଯାଇଥିଲା। ଏଥିସହିତ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ଓଡ଼ିଆ ଭାଷାରେ ବିଭିନ୍ନ ସରକାରୀ ଓ ଘରୋଇ ଅନୁଷ୍ଠାନ ମାନଙ୍କର ନାମ ଫଳକ ଏବଂ ସମସ୍ତ ଯାତ୍ରୀବାହୀ ବସ୍ ମାନଙ୍କରେ ବାଧ୍ୟତାମୂଳକ ଭାବରେ ଓଡ଼ିଆ ଲେଖାଯିବାକୁ ଦାବି କରାଯାଇଥିଲା। ଏଥି ନିମନ୍ତେ ଆଗମୀ ଦିନରେ ଶୋଭାଯାତ୍ରା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯିବା ସହ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବା ପାଇଁ ସ୍ଥିର ହୋଇଥିଲା।

## ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବ 'ଲକ୍ଷ୍ୟ ନିକେତନ'

■ 'ୟୁପିଏସ୍‌ଇ' ଓ 'ଓପିଏସ୍‌ଇ' ପରୀକ୍ଷାର୍ଥିଙ୍କ ସଫଳତା ପାଇଁ ମାଗଣା କୋଚିଂ
■ ଜିଲ୍ଲାର ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ଦେଉଛନ୍ତି ସ୍ୱତନ୍ତ୍ର ପ୍ରଶିକ୍ଷଣ
■ ଜିଲ୍ଲା ଓ ରାଜ୍ୟ ସମେତ ରାଜ୍ୟବାହାରୁ ଆଗ୍ରହ ପ୍ରକାଶ କରୁଛନ୍ତି ଆଶାୟୀ

ବ୍ରହ୍ମପୁର,୧୮।୧ (ସମିସ): ଗଞ୍ଜାମ ଜିଲ୍ଲାରୁ ବାହାରୁ ନାହାନ୍ତି ଆଇଏଏସ ଓ ଆଇପିଏସ ଅଧିକାରୀ। ଏଥିପାଇଁ ସ୍ୱତନ୍ତ୍ର କୋଚିଂ ବା ତାଲିମର ବ୍ୟବସ୍ଥାର ଅଭାବ ଯୋଗୁଁ ଆଶାୟୀ ମେଧାବୀ ଛାତ୍ରଛାତ୍ରୀ ରାଜ୍ୟ ବାହାରକୁ ଯିବାକୁ ବାଧ ହେଉଛନ୍ତି। କେବଳ ଗଞ୍ଜାମ କାହିଁକି ରାଜ୍ୟରେ ମଧ୍ୟ ସେଭଳି ଆଖିଦୃଶିଆ କୋଚିଂ ସେଣ୍ଟର ନାହିଁ। ଏଭଳି ସ୍ଥିତିରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଭୟ 'ୟୁପିଏସ୍‌ଇ' ଓ 'ଓପିଏସ୍‌ଇ' ଭଳି ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଆଶାୟୀ ଛାତ୍ରଛାତ୍ରୀଙ୍କ ପାଇଁ ଆରମ୍ଭ କରାଯାଇଛି ସ୍ୱତନ୍ତ୍ର ତଥା ନିଆରା ପଦକ୍ଷେପ। 'ଲକ୍ଷ୍ୟ ନିକେତନ' ନାମରେ ଏକ ତାଲିମ କେନ୍ଦ୍ର ଖୋଲାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ପିଲାଙ୍କୁ ଅନଲାଇନ ମାଧ୍ୟମରେ ତାଲିମ ପ୍ରଦାନ କରାଯାଉଥିବା ବେଳେ ପିଲାଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଅଫ୍‌ଲାଇନ କୋଚିଂ ଯୋଜନା ରହିଛି। ଗତ ସପ୍ତାହରେ ଆରମ୍ଭ ହୋଇଥିବା ଏହି ତାଲିମ ଆଜି ଦ୍ୱିତୀୟ ଥର ପାଇଁ କରାଯାଇଛି। ସାପ୍ତାହିକ ଗୋଟିଏ ଦିନ ଏହି ତାଲିମ ପ୍ରଦାନ କରାଯାଉଥିବା ବେଳେ ଏଥିପ୍ରତି ଗଞ୍ଜାମ ଜିଲ୍ଲା ସହିତ ସମଗ୍ର ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଏପରିକି ରାଜ୍ୟ ବାହାରୁ ମଧ୍ୟ ଆଶାୟୀ ଛାତ୍ରଛାତ୍ରୀ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଉଦ୍‌ଘାଟନୀ ସପ୍ତାହରେ ୪ଜଣ ଆଶାୟୀ ଥିବାବେଳେ ଆଜି ଗଞ୍ଜାମ, ଖୋର୍ଦ୍ଧା, ନୟାଗଡରୁ ଜଣେ ଲେଖାଏଁ ଏବଂ ସୁନ୍ଦରଗଡରୁ ୨ଜଣ ଏହିଭଳି ଭାବେ ମୋଟ ୫ଜଣ ଆଶାୟୀ ସାମିଲ ହୋଇଥିଲେ। ତାଲିମରେ ସାମିଲ ହୋଇଥିବା ସମସ୍ତ ୫ଜଣ



ଆଶାୟୀ ଉଭୟ 'ପ୍ରିଲିମ୍ସ' ଓ 'ମେଇନ୍ସ' ପରୀକ୍ଷାରେ କୃତକାର୍ଯ୍ୟ ହୋଇସାରିଥିବା ଜଣାପଡ଼ିଛି। ଲିଖିତ ପରୀକ୍ଷାରେ ସେମାନେ କୃତକାର୍ଯ୍ୟ ହୋଇସାରିଥିବା ବେଳେ ଆଗକୁ ଥିବା ବ୍ୟକ୍ତିଗତ ସାକ୍ଷାତକାର ବା ପର୍ସନାଲ ଇଣ୍ଟରଭ୍ୟୁ ପାଇଁ ସେମାନେ ନିଜକୁ ପ୍ରସ୍ତୁତ କରୁଛନ୍ତି।

ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସାପ୍ତାହିକ ମାଗଣା କୋଚିଂରେ ବରିଷ୍ଠ ଆଇପିଏସ ଅଧିକାରୀ ତଥା ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନିତି ଶେଖର, ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତି ଭାସନ, ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ, ବ୍ରହ୍ମପୁର ମହାନଗର ନିଗମର କମିସନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍ ଓ ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ଉପସ୍ଥିତ ରହି ଆଶାୟୀ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଜରିଆରେ ମୁଖ୍ୟତଃ ସାଧାରଣ ଜ୍ଞାନ, ବ୍ୟବହାରିକ ଜ୍ଞାନ ଓ ପ୍ରାର୍ଥୀଙ୍କ ନିଜ ପସନ୍ଦର ବିଷୟ ଓ ରୁଚି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ନେଉଛନ୍ତି। ଆଗକୁ ଥିବା ବ୍ୟକ୍ତିଗତ ସାକ୍ଷାତକାର ଯାହା ଅନ୍ତିମ ଚରଣ ବା ଚୂଡାନ୍ତ ପର୍ଯ୍ୟାୟ ପରୀକ୍ଷା ତାହାକୁ କିଭଳି ଆତ୍ମବିଶ୍ୱାସର ସହିତ ସମ୍ମୁଖୀନ ହୋଇ କୃତକାର୍ଯ୍ୟ ହୋଇପାରିବେ ସେନେଇ ନିଜର ଅନୁଭବ ଓ ଅଭିଜ୍ଞତା ଆଧାରରେ ପ୍ରଶିକ୍ଷଣ ଦିଆଯାଉଛି।

## ସ୍ୱାମୀ ଧର୍ମନିଷ୍ଠାନନ୍ଦ ମହାରାଜଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର,୧୮।୧(ସମିସ): ଦିବ୍ୟ ଜୀବନ ସଂଘର ମହିଳା ଶାଖାରେ ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏ ଅବସରେ ବିଶ୍ୱ ଦିବ୍ୟ ଜୀବନ ସଂଘ ମୁଖ୍ୟ ଶ୍ରମର ବରିଷ୍ଠ ସନ୍ଥ ତଥା ସମ୍ପାଦକ ସ୍ୱାମୀ ଧର୍ମନିଷ୍ଠାନନ୍ଦ ସରସ୍ୱତୀ ମହାରାଜଙ୍କୁ ଶାଖା ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ଜୀବନ ସଂଘର ମହତ୍ତ୍ୱ ତଥା ସ୍ୱାମୀ ଶିବାନନ୍ଦ ଓ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ଆଦର୍ଶ, ଜିବନଚର୍ଯ୍ୟା, ବାଣୀ, ମାନବ ସେବା ହିଁ ମାଧବ ସେବା, ଭଲ ହୁଅ ଓ ଭଲ କର ଆଦି ବିଷୟକୁ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅରୁଣ ଦାଶଙ୍କ ତତ୍ତ୍ୱାବଧାନରେ ଦୈନିକ ପୂଜା ପରେ ହନୁମାନ ଚାଳିଶା ଓ ସୁନ୍ଦରକାଣ୍ଡ ପାଠ କରାଯାଇଥିଲା। ସଂଘ ସମନ୍ୱୟ ସମିତିର କୋଷାଧକ୍ଷ ଶାନ୍ତିଭୂଷଣ ପଣ୍ଡାଙ୍କ ପ୍ରଚେଷ୍ଟାରେ ବହୁ ଅନାଥଙ୍କୁ ଭୋଜନ ଓ କରକମଳରେ ବଣ୍ଟନ କରାଯାଇଥିଲା। ସେହିପରି ଗାନ୍ଧୀନଗରର ସ୍ଥିତ ଅନାଥ ଆଶ୍ରମର ସମସ୍ତ ଅନ୍ତେବାସୀଙ୍କୁ ପ୍ରସାଦ ସହ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ସଦସ୍ୟ ରୀନା ପାଢ଼ୀ, ବୀଣା କୁମାରୀ ଶର୍ମା, ରବୀନ୍ଦ୍ର ନାଥ ଦାଶ, ସୁରେଶ ବରାଡ, ମୁନା ପାଣଗ୍ରାହୀ, ପ୍ରମିଳା ମହାରଣା, ଲିପସାବାଳା ସାହୁ, ମମତା ମହାପାତ୍ର, ମାମି ବେହେରା ଓ ସୁଜାତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଚିତ୍ରାଳୟ ମାଲିକ ସଂଘର ବାର୍ଷିକ ଉତ୍ସବ



ବ୍ରହ୍ମପୁର,୧୮।୧(ସମିସ): ଗୋଷାଣୀନୂଆଗାଁ ଗୋପାଳକୃଷ୍ଣ ରଙ୍ଗମଞ୍ଚରେ ଓଡ଼ିଶା ଚିତ୍ରାଳୟ ମାଲିକ ମହାସଂଘର ୨୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ଗଞ୍ଜାମ ଜିଲ୍ଲା ଦଣ୍ଡକାଳୀ ମହାସଂଘ ସଭାପତି ବ୍ରଜ ସୁନ୍ଦର ମଲିକ, ଗଞ୍ଜାମ ସଂଘ ସଭାପତି ଦିଲ୍ଲୀପ କୁମାର ସାମନ୍ତରା, ସଚିବ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଉପଦେଷ୍ଟା ବିଜୟ କୁମାର ସାହୁ, ମୀନକେତନ ମହାପାତ୍ର, ନୟାଗଡ଼ ସଭାପତି ଭୀମସେନ ବେହେରା ଓ ଧ୍ରୁବ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ନୂତନ ବର୍ଷର କ୍ୟାଲେଣ୍ଡର ଉନ୍ମୋଚିତ କରାଯାଇଥିଲା। ଦଣ୍ଡନାଚରେ ଅଶ୍ଳୀଳ ବିହୀନ ସାମାଜିକ ନାଟକ ପରିବେଷଣ ପାଇଁ ଅନୁମତି ଦେବାକୁ ସଂଘ ପକ୍ଷରୁ ପ୍ରଶାସନଙ୍କୁ ନିବେଦନ କରାଯାଇଥିଲ। ସଂଘ ସଚିବ ଆଚାର୍ଯ୍ୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଦସ୍ୟଙ୍କୁ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### 'ବିକଶିତ ଭାରତ-ଜୀ ରାମ ଜୀ'ର ଜିଲ୍ଲାସ୍ତରୀୟ କର୍ମଶାଳା

# ମନ୍ତ୍ରୀ, ସାଂସଦଙ୍କ ଅନୁପସ୍ଥିତିକୁ ନେଇ ଭିନ୍ନ ଚର୍ଚ୍ଚା




ବ୍ରହ୍ମପୁର,୧୮।୧(ସମିସ): 'ବିକଶିତ ଭାରତ ଜୀ ରାମ ଜୀ'ର ଜିଲ୍ଲାସ୍ତରୀୟ କର୍ମଶାଳା ଆମ୍ବପୁଆଠାରେ ଅନୁଷ୍ଠିତ ହୋଇଯାଇଛି। ମାତ୍ର ଜିଲ୍ଲାସ୍ତରୀୟ ଏହି ଦଳୀୟ ବୈଠକରେ ଜିଲ୍ଲାର ମନ୍ତ୍ରୀ ଓ ସାଂସଦଙ୍କର ଦେଖା ମିଳିନଥିଲା। ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ସାଂସଦ ଡଃ ପ୍ରଦୀପ ପାଣିଗ୍ରାହୀଙ୍କ ଅନୁପସ୍ଥିତିକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଜିଲ୍ଲାରେ ଦଳୀୟ କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ବେଳେ ଖୋଦ୍ ନିର୍ବାଚିତ ପ୍ରତିନିଧିମାନଙ୍କ ଦଳୀୟ କାର୍ଯ୍ୟକ୍ରମରେ ଅନୁପସ୍ଥିତି କର୍ମୀଙ୍କୁ ନିରୁତ୍ସାହିତ କରୁଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ଗାନ୍ଧୀଜୀଙ୍କ ସମ୍ପୂର୍ଣ୍ଣ ଗ୍ରାମ୍ୟ ସ୍ୱରାଜ ପରିକଳ୍ପନାକୁ ସାକାର କରିବା ଲକ୍ଷ୍ୟରେ ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କ ପକ୍ଷରୁ ମନେରଗା ବଦଳରେ 'ବିକଶିତ ଭାରତ ଜୀ ରାମ ଜୀ' ନାମକରଣ କରାଯାଇଛି। ୧୨୫ଦିନର ରୋଜଗାର ସୁନିଶ୍ଚିତ ଶ୍ରମିକଙ୍କ ହାତକୁ ଯିବ ମଜୁରୀ, ଅଧିକ ଦିନ କାମ, ଅଧିକ ଆୟ, ଅଧିକ ସୁରକ୍ଷା ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଜୀବିକା ମିଶନ ଗ୍ରାମୀଣ ବିଲ୍ ସଂସଦରେ ପାରିତ ହୋଇ ଆଇନ୍‌ରେ ପ୍ରଣୟନ ହୋଇଛି। ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରୋଜଗାର ଲକ୍ଷ୍ୟକୁ ବାସ୍ତବରେ କିପରି ହାସଲ କରାଯାଇପାରିବ ତାହା ହେଉଛି ବିକଶିତ ଭାରତର ଉଦ୍ଦେଶ୍ୟ। ବିରୋଧୀ ଦଳଗୁଡିକ ଏହାକୁ କୃଷକ ବିରୋଧୀ ଏବଂ ଗରିବ ବିରୋଧୀ ବୋଲି ଦର୍ଶାଇ ବିରୋଧୀ ଅପପ୍ରଚାର କରୁଛନ୍ତି। ତେବେ କୃଷକ ଓ ଶ୍ରମିକଙ୍କ କଲ୍ୟାଣ ପାଇଁ ଏହି ଆଇନ୍‌ରେ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ଅମ୍ବପୁଆ ଠାରେ ଆୟୋଜିତ କର୍ମଶାଳାରେ ବିଜେପିର ରାଜ୍ୟ ସାଧାରଣ ସମ୍ପାଦକ, ଗଞ୍ଜାମ ଜିଲ୍ଲା ପ୍ରଭାରୀ ତଥା 'ବିକଶିତ ଭାରତ-ଜୀ ରାମ ଜୀ'ର ରାଜ୍ୟ ପ୍ରମୁଖ ସାରଦା ପ୍ରସାଦ ଶତପଥୀ କହିଛନ୍ତି।

୨୦୦୫ମସିହାରେ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା(ନରେଗା) ଆରମ୍ଭ ହୋଇଥିଲା। ବିଗତ ୨୦ବର୍ଷ ଧରି ସାରା ଦେଶରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି।

୨୦୦୯ମସିହାରେ ଉକ୍ତ ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା(ମନରେଗା)ରେ ନାମିତ କରାଯାଇଥିଲା। କିନ୍ତୁ ଏହାର ମୌଳିକ ଢାଞ୍ଚାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଗାନ୍ଧୀଙ୍କ ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବାକୁ ୟୁପିଏ ସରକାର ଏଭଳି କରିଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଟେକ୍ନୋଲୋଜିକୁ ବ୍ୟବହାର କରି ଏଥିରେ ହେଉଥିବା ଦୁର୍ନୀତିକୁ ରୋକିବା ଏବଂ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଧାନମନ୍ତ୍ରୀ "ଭିବି-ଜି-ରାମ-ଜି' ବିଲ୍ ପ୍ରଣୟନ କରିଛନ୍ତି। ଏହି କର୍ମଶାଳାରେ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଦିଗପହଣ୍ଡି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ତଥା 'ବିକଶିତ ଭାରତ -ଜୀ ରାମ ଜୀ'ର ଜିଲ୍ଲା ପ୍ରମୁଖ ଗୌରୀ ଶଙ୍କର ସାମନ୍ତରାୟ, ବରିଷ୍ଠ ନେତା କୁଞ୍ଜ ପାଣିଗ୍ରାହୀ, ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ମହନ୍ତ ଚିନ୍ମୟାନନ୍ଦ, ଜିଲ୍ଲାର ସମସ୍ତ ପିଆରଆଇ ସଦସ୍ୟ, ଜିଲ୍ଲା କମିଟି, ଜିଲ୍ଲାର ସମସ୍ତ ମୋର୍ଚ୍ଚା କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ଯୋଜନା କିଭଳି ଗ୍ରାମାଞ୍ଚଳରେ ପହଞ୍ଚି ଜନଜାଗରଣ ସୃଷ୍ଟି ହେବ ସେ ନେଇ ମଧ୍ୟ କର୍ମଶାଳାରେ ଆଲୋଚନା ହୋଇଥିଲା। ଅପରପକ୍ଷେ ଚଳିତମାସ ୨୦ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ସାଂଗଠନିକ ଜିଲ୍ଲାରେ ଏହି କର୍ମଶାଳା ଆୟୋଜନ କରିବା ଲାଗି ଦଳ ପକ୍ଷରୁ ନିର୍ଦ୍ଦେଶ ରହିଛି। ଦଳରେ ଦେଖା ଦେଇଥିବା ଭିତିରିଆ ଅସନ୍ତୋଷ କାରଣରୁ ଶେଷ ମୂହୁର୍ତ୍ତରେ ଆଜି ଗଞ୍ଜାମ ସାଂଗଠନିକ ଜିଲ୍ଲାରେ ଏହି କର୍ମାଶାଳା ହୋଇଥିବା ନେଇ ଆଲୋଚନା ହେଉଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/20 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ଏ. ଭି. ପି. (ମାନବ ସମ୍ବଳ ଯୋଜନା ଏବଂ ନିଯୁକ୍ତି) | 1 | 42 ବର୍ଷ |
| ଏ. ଭି. ପି. (ଶିକ୍ଷଣ ଏବଂ ବିକାଶ) | 1 | 42 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query)ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 12.01.2026 ରୁ 02.02.2026 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 12.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

## ଅମଳର ୧୫ ଦିନ ପରେ ବି ଚାଷୀ ହତାଶ

# ଖୋଲା ଯାଉଛି ମଣ୍ଡି; କିଣାଯାଉନି ମୁଠାଏ ଧାନ

### ଭଦ୍ରକ ଜିଲ୍ଲାରେ ତେଜୁଛି ଚାଷୀ ଆନ୍ଦୋଳନ

### ଚାଷୀଙ୍କ ସ୍ୱାର୍ଥଠାରୁ ଜିଲ୍ଲା ମହୋତ୍ସବ ଲାଗି ପ୍ରଶାସନ ଅଧିକ ତତ୍ପର

ଭଦ୍ରକ,୧୮।୧(ସମିସ)

ଭଦ୍ରକ ଜିଲ୍ଲାରେ ଗତ ୫ ତାରିଖରୁ ଅଦ୍ୟାବଧି ଧାନ ମଣ୍ଡି ଖୋଲି ଚାଲିଛି ସତ, ହେଲେ ଆଜି ସୁଦ୍ଧା ମୁଠାଏ ଧାନ ଚାଷୀଙ୍କଠାରୁ କିଣାଯାଇନି। ଫଳରେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାରେ ଚଳିତ ଖରିଫ ଧାନ ସଂଗ୍ରହକୁ ଏହା ଭିତରେ ୧୫ ଦିନରୁ ଅଧିକ ଦିନ ବିତିବାକୁ ବସିଲାଣି। ହେଲେ ଜିଲ୍ଲାର ଚାଷୀ ଧାନ ବିକିପାରିଲେ ନାହିଁ। ଧାନ କିଣାରେ ଏଭଳି ବିଳମ୍ବତା ନେଇ ଚାଷୀଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଚଳିତ ମାସ ୫ ତାରିଖ ଦିନ ଭଦ୍ରକ ଜିଲ୍ଲାରେ ଖରିଫ ଧାନ ସଂଗ୍ରହର ଶୁଭାରମ୍ଭ ହୋଇଥିଲା। ଚାଷୀଙ୍କୁ ୪୮ ଘଣ୍ଟାରେ ସମାନଙ୍କ ପ୍ରାପ୍ୟ ମିଳିବ ବୋଲି କୁହାଗଲା। ଜିରୋ କଟ୍‌ନୀଛଟ୍‌ନୀରେ ଧାନ କିଣା ହେବ ଏବଂ ସରକାର କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ ସବ୍‌ସିଡି ଦେବେ ବୋଲି ପ୍ରତିଶ୍ରୁତି ମିଳିଲା। ନେତା ଓ ପ୍ରଶାସନ ମିଳିତ ଭାବେ ମଣ୍ଡି ଉଦ୍‌ଘାଟନ କରିଦେଲେ। କିନ୍ତୁ ଧାନ କିଣା ହେଲା ନାହିଁ। ପରେ ପରେ ଜିଲ୍ଲା ତମାମ ମଣ୍ଡି ଖୋଲି ଚାଲିଛି। ହେଲେ ଧାନ କିଣା ହେଉନି। ମିଲରମାନେ କାଳେ ଧାନ ଉଠାଉ ନାହାନ୍ତି। ଏମିତି ୧୫ ଦିନରୁ ଅଧିକ ବିତିଗଲାଣି। ମିଲରଙ୍କ ମନମାନୀ ଯୋଗୁଁ ଧାନ କିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଛି ବୋଲି ଚାଷୀ ମହଲରେ ଅଭିଯୋଗ ହେଉଛି। ପ୍ରଶାସନ କହିଲେ ଜିରୋ କଟିଂରେ ଧାନ କିଣା ହେବ। ଚାଷୀଙ୍କଠାରୁ ଧାନ କିଣାବେଳେ ଗୋଟିଏ କେଜି ବି କଟାଯିବ ନାହିଁ। ଜିଲ୍ଲା ପ୍ରଶାସନର ଏଭଳି ତାଗିଦ୍ ପରେ ମିଲର ଓ ସମବାୟ ସମିତି, ମହିଳା ସମିତିଗୁଡ଼ିକ ଅଡୁଆରେ ପଡ଼ିଯାଇଛନ୍ତି। ସେମାନେ କହୁଛନ୍ତି, ଜିରୋ କଟିଂରେ ଧାନ କିଣିବାକୁ ହେଲେ ଏଫ୍‌ଏକ୍ୟୁ ମାନର ଧାନ ଚାଷ ହେଉ। ବାସ୍ତବରେ ଜିଲ୍ଲାରେ ଏଫ୍‌ଏକ୍ୟୁ ମାନର ଧାନ ମିଳିବା ସମ୍ଭବ ନୁହେଁ। ଏପରି ସ୍ଥଳେ ପ୍ରଶାସନ, ମିଲର ମିଳିତ ଭାବରେ କିଛି ନିଷ୍ପତ୍ତି ନିଅନ୍ତୁ। ନ ହେଲେ ଚାଷୀ ଧାନ ବିକ୍ରି କରିବା ସହଜ ହେବ ନାହିଁ। ଜିଲ୍ଲା ଯୋଗାଣ ନିଗମ କହୁଛି ଖୁବ୍‌ଶୀଘ୍ର ଚାଷୀଙ୍କ ଧାନ କିଣାଯିବ। ହେଲେ ଜିଲ୍ଲାରେ ଆଜି ସୁଦ୍ଧା ଧାନ କିଣା ଶୂନ୍। ଯାହାକୁ ନେଇ କେବଳ ଚାଷୀ ଅସନ୍ତୋଷ ହୋଇଛନ୍ତି ଏହା ନୁହେଁ; ବରଂ ବିଭିନ୍ନ ରାଜନୈତିକ ମହଲରେ ବି ଏନେଇ ଆନ୍ଦୋଳନ ଡକରା ଦିଆଗଲାଣି। ତୁରନ୍ତ ମଣ୍ଡି ଖୋଲି ଚାଷୀ ଏବଂ ଭାଗ ଚାଷୀଙ୍କଠାରୁ ଧାନ କିଣିବା, ଟୋକନ ପ୍ରହସନ ବନ୍ଦ କରିବା, ସବୁ ଚାଷୀଙ୍କୁ କୃଷି ଏବଂ ମହାଜନୀ ଋଣ ଛାଡ଼ କରିବା ଆଦି ଦାବିରେ ୧୯ ତାରିଖରେ ଜିଲ୍ଲାବ୍ୟାପୀ ଆନ୍ଦୋଳନ ଏବଂ ପ୍ରତିବାଦ କରିବାକୁ ଚେତାବନୀ ଦେଇଛି କୃଷକ ସଂଗଠନ। ତେଣେ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ଜିଲ୍ଲାରେ ଧାନ କିଣା ଖୁବ୍‌ଶୀଘ୍ର ହେବ ବୋଲି କହିଥିଲେ ବି ରବିବାର ସୁଦ୍ଧା ଜଣେ ହେଲେ ଚାଷୀ ଧାନ ବିକି ନ ଥିବା ଜଣାଯାଇଛି।



ମିଳିଥିବା ସୂଚନାନୁଯାୟୀ, ଶୁକ୍ରବାର କିଛି ସ୍ଥାନରେ ଚାଷୀ ମଣ୍ଡିକୁ ଧାନ ବିକ୍ରି ପାଇଁ ଆଣିଥିଲେ। ହେଲେ ଆଣିଥିବା ଧାନ ଏଫ୍‌ଏକ୍ୟୁ ମାନର ହୋଇନଥିବା କହି ତାକୁ ଫେରାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଗତ ୫ ତାରିଖରୁ ଚାଷୀଙ୍କୁ ଇସ୍ୟୁ କରାଯାଇଥିବା ଟୋକନ୍‌ଗୁଡ଼ିକରୁ ଗତ ୫, ୭, ୧୨, ୧୪ ଓ ୧୬ ତାରିଖକୁ ମିଶାଇ ୭ଟି ଧାନ କିଣା ତାରିଖ ଲାପ୍ସ କରିଥିବା ଜଣାଯାଇଛି। ଧାନକିଣା ଆରମ୍ଭ ହେବ କ'ଣ, ଏଯାଏଁ ସବୁ ମିଲରଙ୍କ ସହ ଯୋଗାଣ ନିଗମର ଏଗ୍ରିମେଣ୍ଟ କାର୍ଯ୍ୟ ସରିନି କି ମିଲର ଟ୍ୟାଗିଂ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ନ ଥିବା ଜଣାଯାଇଛି। ଧାନକିଣାରେ ବିଳମ୍ବତାର ସୁଯୋଗ ନେଇ ଜିଲ୍ଲା ତମାମ ଧାନ ବେପାରୀ ବାହାର ରାଜ୍ୟକୁ କମ୍ ଦରରେ ଧାନ ବୋହି ନେବା କାର୍ଯ୍ୟରେ ମାତିଥିବା ଜଣାଯାଇଛି। ଅପରପକ୍ଷରେ ଜିଲ୍ଲା ପ୍ରଶାସନ ଧାନକିଣା ଏଯାଏଁ ଆରମ୍ଭ ହୋଇ ନ ଥିବା ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗଠାରୁ ବଳେଇ ଯାଉଛି ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଜିଲ୍ଲା ମହୋତ୍ସବରେ ମସଗୁଲ୍ ହେବା ଘଟଣା। ଏନେଇ ବରିଷ୍ଠ ଆଇନଜୀବୀ ତଥା ଶ୍ରମିକନେତା ଦିବ୍ୟସିଂହ ନାୟକ ଗୁରୁତର ଅଭିଯୋଗ କରିଛନ୍ତି।

## ଟୋକନରେ ଧାନ ବିକ୍ରି ପରିମାଣ କମିବାକୁ ନେଇ ଚାଷୀଙ୍କ ଅଭିଯୋଗ

ଭଣ୍ଡାରିପୋଖରୀ,୧୮।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ସରସଦା ଗ୍ରାମର ଚାଷୀ ରାମକୃଷ୍ଣ ବିଶ୍ୱାଳ ୨୦୨୪-୨୫ ବର୍ଷ ଓ ପୂର୍ବରୁ ମଧ ଟୋକନ ପାଇ ୨୪.୮୯ କ୍ୱିଣ୍ଟାଲ ଧାନ ବିକ୍ରୟ କରି ଆସୁଥିଲେ। ଚଳିତ ବର୍ଷ ମାତ୍ର ୬.୮୪ କ୍ୱିଣ୍ଟାଲ ଧାନ ବିକ୍ରୟ କରିବାକୁ ଟୋକନ ଆସିଛି। ଏହାକୁ ନେଇ ରାମକୃଷ୍ଣ ପ୍ରଶ୍ନ ଉଠାଇ ଧାନକ୍ରୟ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ରାମକୃଷ୍ଣଙ୍କ ପୈତୃକ ଚାଷଜମି ପରିମାଣ ୨ ଏକର ୬୨ ଡେସିମିଲ୍ ଅଟେ। ବଡ଼କୋଳିପଦୀ ରାଜସ୍ୱ ଗ୍ରାମର ଖାତା ନଂ ୧୫୮ ଓ ପ୍ଲଟ୍ ନଂ ୧୯୭ରେ ୧.୯୦ ଡେସିମିଲ ଓ ଖାତା ନଂ ୧୬୬ ଓ ପ୍ଲଟ୍ ନଂ ୩୦୩ରେ ଏ୦.୭୨ ଡେସିମିଲ ଚାଷଜମି ପରିବାର ନାମରେ ରହିଛି। ୨ ଭାଇ ରାମକୃଷ୍ଣ ଓ ରାଜେନ୍ଦ୍ରଙ୍କ ମଧ୍ୟରେ ୧.୩୧ ଡେମିମିଲ ଜମି ଭାଗ ହୋଇଛି। ପ୍ରତ୍ୟେକ ଏ୧.୩୧ ଡେସିମିଲ ଜମି ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଆସୁଛନ୍ତି। ଏଥର ମଧ ସାନଭାଇ ରାଜେନ୍ଦ୍ର ନାମରେ ୨୪.୮୯ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ଆସିଛି। ମାତ୍ର ବଡ଼ଭାଇ ରାମକୃଷ୍ଣଙ୍କ ନାମରେ ୧୫୫୦୭୦୩ନଂ ଟୋକନ୍ ଯୋଗେ ମାତ୍ର ୬.୮୪ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ନିର୍ଦ୍ଦେଶ ଆସିଛି। ଏହାକୁ ନେଇ ହତବାକ୍ ହୋଇଛନ୍ତି ଚାଷୀ ରାମକୃଷ୍ଣ। ରାମକୃଷ୍ଣ ବ୍ଲକ୍ ମାର୍କେଟିଂ ଇନ୍ସପେକ୍ଟର, ଜିଲ୍ଲା ସମବାୟ ଅଧିକାରୀଙ୍କୁ ସାକ୍ଷାତ୍ କରି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ମାତ୍ର ଏହାର କୌଣସି ପ୍ରତିକାର ହୋଇନାହିଁ। ଅନ୍ୟପକ୍ଷରେ ମଣ୍ଡିରେ ପଞ୍ଜୀକରଣ ସମୟରେ ସମସ୍ତ ଜମି ଦରଜ କରାଯାଇ ଚାଷୀଙ୍କ ଚକ୍ଷୁ ସ୍କାନ୍ କରାଯାଇଛି ବୋଲି ଏ ସମ୍ପର୍କରେ ସିରିଡ଼ି ସାଇ ମଣ୍ଡି ପକ୍ଷରୁ କୁହାଯାଇଛି। ବ୍ୟବସ୍ଥାଜନିତ ତ୍ରୁଟି ପାଇଁ ଚାଷୀଙ୍କ ସ୍ୱାର୍ଥ ବଳିପଡୁଛି ବୋଲି ରାମକୃଷ୍ଣ ପ୍ରକାଶ କରିଛନ୍ତି। ତୁରନ୍ତ ତ୍ରୁଟି ସଂଶୋଧନ କରି ଉପଯୁକ୍ତ ପରିମାଣ ଧାନ ବିକ୍ରୟ ପାଇଁ ସୁଯୋଗ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## ରହଣିଆ ଧାନ ମଣ୍ଡି ଉଦ୍‌ଘାଟିତ



ବାରିକପୁର,୧୮।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାଢୋସ୍ଥିତ ରହଣିଆ ପ୍ରାଥମିକ କୃଷି ସମବାୟ ସମିତିଠାରେ ଧାନ ମଣ୍ଡି ଶୁଭାରମ୍ଭ ହୋଇଛି। ସମିତି ଅଧୀନସ୍ଥ ଚାଷୀ ଲମ୍ବୋଧର ନାୟକ ମଣ୍ଡି ଉଦ୍‌ଘାଟନ କରି ସର୍ବପ୍ରଥମେ ଧାନ ବିକ୍ରି କରିଥିଲେ। ଏହି ଅବସରରେ ସମିତି ସଭାପତି ସାଗର ରଞ୍ଜନ ଲେଙ୍କା ଓ ସମ୍ପାଦକ ସନ୍ତୋଷ କୁମାର ଦାସ ଉପସ୍ଥିତ ରହି ମଣ୍ଡିକୁ ସଠିକ୍ ମାନରେ ଧାନ ଆଣିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ପରିଚାଳନା କମିଟି ସଭ୍ୟସଭ୍ୟାଙ୍କ ସମେତ ଅନେକ ଚାଷୀ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସମିତି ସହକାରୀ ସମ୍ପାଦକ ନୀଳମଣି ସାମଲ, ଓମ୍‌କାର ବାରିକ, ବିଜୟ ନାୟକ, ହୁରେନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ। ବାର ଅନୁଯାୟୀ ଚାଷୀମାନଙ୍କ ନିକଟରୁ ଧାନ କ୍ରୟ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।

## ୫ ମାସ ହେଲା ଦିବ୍ୟାଙ୍ଗ ଆଶୁତୋଷଙ୍କୁ ମିଳୁନି ଭତ୍ତା



ଅସୁରାଳି,୧୮।୧(ସମିସ): ଧାମନଗର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତରେ ଭତ୍ତା ପାଇବାକୁ ଆସିଥିବା ଦିବ୍ୟାଙ୍ଗଙ୍କ ଦୁର୍ଦ୍ଦଶା ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଗୋବିନ୍ଦପୁର ଗ୍ରାମର ଶତ ପ୍ରତିଶତ ଭିନ୍ନକ୍ଷମ ଆଶୁତୋଷ ସାହୁ ୫ ମାସ ହେଲା ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ନ ପାଇ ଖାଲି ହାତରେ ଫେରୁଛନ୍ତି। ସୂଚନା ମୁତାବକ, ଜନ୍ମରୁ ଦିବ୍ୟାଙ୍ଗ ଆଶୁତୋଷ ସାହୁ ଭତ୍ତା ଟଙ୍କାରେ ନିଜର ଗୁଜୁରାଣ ମେଣ୍ଟାଉଥିଲେ। କିନ୍ତୁ ଗତ ୫ ମାସ ହେଲା ସେ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଏହି ସମୟରେ ସେ ଏମ୍‌ସରେ ଚିକିତ୍ସାଧୀନ ଥିବା ସତ୍ତ୍ୱେ ଭତ୍ତା ଟଙ୍କା ନ ମିଳିବାରୁ ଗୁଜୁରାଣ ମେଣ୍ଟାଇବାରେ ଅସହାୟ ହୋଇପଡ଼ିଛନ୍ତି। ପିଇଓ ରାକେଶ ସେନାପତିଙ୍କୁ ପଚାରିବାରୁ ସେ କହିଛନ୍ତି, ଅନ୍‌ଲାଇନ୍ ପ୍ରମାଣପତ୍ର ପାଇଲେ ୫ ମାସର ବଳକା ଭତ୍ତା ପ୍ରଦାନ କରାଯିବ। ଭତ୍ତା ନ ମିଳିଲେ, ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାଦେବାକୁ ଆଶୁତୋଷ ଚେତାବନୀ ଦେଇଛନ୍ତି। ଏହି ପରିସ୍ଥିତିରେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ତତ୍କାଳ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ବ୍ୟବସାୟୀଙ୍କ ପରଲୋକ



ବାରିକପୁର,୧୮।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ପଞ୍ଚାୟତ ଉତରାଗଡ଼ିଆ ଗ୍ରାମ ନିବାସୀ ବ୍ୟବସାୟୀ ଦୁର୍ଗାଚରଣ ରାଉତଙ୍କ ଅକାଳ ବିୟୋଗ ହୋଇଛି। ସେ କିଛିଦିନ ଧରି ଅସୁସ୍ଥ ଥିବାବେଳେ ଗତ ଶନିବାର ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୮ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ପାର୍ଥିବ ଶରୀର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ରାଉତ ଦୀର୍ଘ ୪୦ ବର୍ଷ ଧରି ସ୍ଥାନୀୟ ମହିମା ବଜାର ପଟାପୋଲଠାରେ ବ୍ୟବସାୟ କରୁଥିଲେ। ଘୁରୁଡ଼ା ତେଜରାତି ଦୋକାନୀ ଭାବେ ସେ ବେଶ୍ ପରିଚିତ ଥିଲେ। ତାଙ୍କ ଅକାଳ ବିୟୋଗରେ ଗ୍ରାମ ସମେତ ବଜାର କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି।

## ଭିତ୍ତିପ୍ରସ୍ତର ଉତ୍ସବରେ ସରପଞ୍ଚଙ୍କୁ ଅଣଦେଖା ଅଭିଯୋଗ

ବାରିକପୁର,୧୮।୧(ସମିସ): ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲୋକାଦୃତ କରିବା ପାଇଁ ନିର୍ବାଚିତ ସରପଞ୍ଚମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ପରିତାପର ବିଷୟ ଧୀରେ ଧୀରେ ତୃଣମୂଳସ୍ତରରେ ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତାକୁ ସଙ୍କୁଚିତ କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଛି। ଏପରିକି ସ୍ଥାନୀୟ ଅଞ୍ଚଳରେ ହେଉଥିବା ଅନେକ ସରକାରୀ କାର୍ଯ୍ୟକ୍ରମରେ ସରପଞ୍ଚଙ୍କୁ ନିମନ୍ତ୍ରଣ ମିଳୁନାହିଁ। ଏଭଳି ଅଭିଯୋଗ ମିଳିଛି ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପଞ୍ଚାୟତରେ। ସୂଚନା ମୁତାବକ, ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ଗତ ୧୬ ତାରିଖରେ ୨ଟି କେନାଲର ନୂତନ କଂକ୍ରିଟ ନିର୍ମାଣ ପାଇଁ ଭିତ୍ତିଭୂମି ପୂଜା ଉତ୍ସବ ଅନୁଷ୍ଠିତ ହେଉଥିଲା। ଏଥିରେ ସାଂସଦ, ବିଧାୟକ, ବ୍ଲକ୍ ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗଦେଇଥିଲେ। ୨ଟି କେନାଲ ମଧ୍ୟରୁ ଗୋଟିଏ କେନାଲ କାର୍ଯ୍ୟ ବାଲି ପୋଖରୀ ପଞ୍ଚାୟତ ଅଞ୍ଚଳରେ ହେଉଥିବାବେଳେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ସ୍ଥାନୀୟ ସରପଞ୍ଚଙ୍କୁ ନିମନ୍ତ୍ରଣ ଦିଆଯାଇନାହିଁ। ଯାହାକୁ ନେଇ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ କ୍ଷୋଭ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ କେଉଁମାନେ ଆୟୋଜନ କରିଥିଲେ ଏନେଇ ସରପଞ୍ଚ ପ୍ରଶ୍ନ କରିଛନ୍ତି। କେଉଁ କାରଣରୁ ତାଙ୍କୁ ଏଥିରେ ନିମନ୍ତ୍ରଣ ମିଳିଲା ନାହିଁ ଓ ନାମଫଳକରେ ତାଙ୍କ ନାମ ରହିଲା ନାହିଁ ସେନେଇ ଶ୍ରୀ ତ୍ରିପାଠୀ ପ୍ରଶ୍ନ ଉଠାଇଛନ୍ତି।

## ସତ୍ୟସାଇ ସଂଗଠନ ପକ୍ଷରୁ ସଫେଇ



ବାରିକପୁର,୧୮।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ଶ୍ରୀସତ୍ୟସାଇ ଭଜନମଣ୍ଡଳୀ ପକ୍ଷରୁ ଅଁଲାଶୁଣି ମକରମେଳାରେ ସ୍ୱେଚ୍ଛାକୃତ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଜନ ମଣ୍ଡଳୀର ଆବାହକ ଗଣେଶ ପ୍ରସାଦ ଗୁଡିଙ୍କ ସଂଯୋଜନାରେ ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଏହି ସେବା କାର୍ଯ୍ୟ ୩ ଦିନ ଧରି ଚାଲିଥିଲା। ପ୍ରାତଃରୁ ଓଁକାର ଓ ସୁପ୍ରଭାତମ୍ ସହିତ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପରେ ମେଳା ପରିସରକୁ ସଫେଇ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସେବା ସଂଗଠନ ପକ୍ଷରୁ ବ୍ୟୋମକେଶ ସେଠୀ, ସୁଦର୍ଶନ ସେଠୀ, ନିରଞ୍ଜନ ପରିଡ଼ା, ସୁରେନ୍ଦ୍ର ବାରିକ, ମାନସ ନାୟକ, ରତନ ରାଉତ, ଲକ୍ଷ୍ମୀଧର ବେହେରା, ଶ୍ରୀକାନ୍ତ ପ୍ରସାଦ ବେହେରା, ପଦ୍ମଲୋଚନ ମାଝୀ, ତୁଷାରକାନ୍ତ ବାରିକ, ଦେବାନନ୍ଦ ସେଠୀ, ଶୁଭ୍ରାଂଶୁ ରଞ୍ଜନ ସେଠୀ, ଲକ୍ଷ୍ମୀଧର ମହାନ୍ତି, ଭଗବାନ ସାହୁ, ବଟକୃଷ୍ଣ ଜେନା, ଶରତ ଚନ୍ଦ୍ର ସେଠୀ, ଘନଶ୍ୟାମ ମାଝୀ, ସନ୍ତୋଷ ଜେନା, ଭାସ୍କର ଦଳେଇ, ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜାଦ୍ କପ୍ ଟୁର୍ଣ୍ଣାମେଣ୍ଟ: ପଙ୍ଗିରା ଏକାଦଶ ଚାମ୍ପିଅନ



ବନ୍ତ/ଆଗରପଡ଼ା,୧୮।୧(ସମିସ): ବନ୍ତ ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତ ତାରିଣୀ ଛକ ନିକଟରେ ଅନୁଷ୍ଠିତ ୧୧ତମ ଆଜାଦ୍ କପ୍ ଟୁର୍ଣ୍ଣାମେଣ୍ଟରେ କୁଣ୍ଡୁଳାକୁ ହରାଇ ପଙ୍ଗିରା ଏକାଦଶ ବିଜୟୀ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଅଂଶ ଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ୍‌ରେ କୁଣ୍ଡୁଳା ଓ ପଙ୍ଗିରା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କୁଣ୍ଡୁଳା ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର୍‌ରେ ୬ ୱିକେଟ୍ ହରାଇ ୭୯ ରନ୍ ସଂଗ୍ରହ କରିଥିବାବେଳେ ବିପରୀତ ଦଳ ପଙ୍ଗିରା ଏକାଦଶ ୭.୩ ଓଭରରେ ନିଜର ବିଜୟ ଲକ୍ଷ୍ୟସ୍ଥଳ ୮୦ ରନ୍‌ରେ ପହଞ୍ଚି ପାରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ଶିବ ପ୍ରସାଦ ସେଠୀ, ଜିତୁ ବରାଳ, କାହ୍ନୁ ପ୍ରଧାନ, ଅକ୍ଷୟ ପଣ୍ଡା ସମ୍ପାଦନା କରିଥିବାବେଳେ ଭାଷ୍ୟକାର ଉଦୟ ପ୍ରଧାନ, ସ୍କୋରର ଦାୟିତ୍ୱ ସୁନିଲ ମହାପାତ୍ର ତୁଲାଇଥିଲେ। ଆଜାଦ୍ କ୍ଲବ୍ ସମ୍ପାଦକ ପ୍ରତାପ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ସମାଜସେବୀ ମଦନମୋହନ ମହାନ୍ତି, ଭୀମସେନ ସାମଲ, ବିଜୟ କୁମାର ପ୍ରଧାନ, ମନୋଜ ପଣ୍ଡା, କ୍ଲବ୍ ସଭାପତି ସମୀର ଘଡ଼ାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପଙ୍ଗିରା ଏକାଦଶର ଖେଳାଳି ଶୁଭଙ୍କର ଜେନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, କୁଣ୍ଡୁଳାର ଖେଳାଳି ଦିଲ୍ଲୀପ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଟ୍ରଫି ପ୍ରଦାନ କରିବା ସହିତ ମୁଖ୍ୟ ଅତିଥି ବିଜୟୀ ଟିମ୍ ପଙ୍ଗିରା ଏକାଦଶକୁ ଟ୍ରଫି ଓ ସମ୍ମାନିତ ଅତିଥି ପରାଜିତ କୁଣ୍ଡୁଳା ଟିମ୍‌କୁ ମଧ ଟ୍ରଫି ପ୍ରଦାନ କରିଥିଲେ। ପ୍ରଶାନ୍ତ ଘଡ଼ାଇ, ରାହୁଲ ପଲାଇ, ହରେକୃଷ୍ଣ ନାୟକ, ଟୁଟୁ ବିଶ୍ୱାଳ, ଜୁଲୁ ଘଡ଼ାଇ, ଦିପୁନୁ ସେଠୀ, ମନୋଜ ଘଡ଼ାଇ, ଦିପୁ ପଲାଇ, ଲୁଲୁ ଘଡ଼ାଇ, ଶ୍ରୀକାନ୍ତ ପ୍ରଧାନ, ସୌମ୍ୟ ରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ଆଜାଦ୍ କ୍ଲବ୍‌ର କର୍ମକର୍ତ୍ତା ସହଯୋଗ କରିଥିଲେ।

## ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ହେଉନି ପାଚେରି କାର୍ଯ୍ୟ



ଦୋଲସାହି,୧୮।୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ବୀଣାପାଣି ଉଚ୍ଚ ବିଦ୍ୟାଳୟର ପାଚେରି କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଖବର ଅନୁଯାୟୀ, ଗୁଆମାଳ ପଞ୍ଚାୟତର ବୀଣାପାଣି ଉଚ୍ଚ ବିଦ୍ୟାଳୟର ବିଭିନ୍ନ ପଦ ପଦବୀ ଖାଲି ପଡ଼ିଥିବା ନେଇ ଦୈନିକ ''ସକାଳ'ରେ ବାରମ୍ବାର ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ସମସ୍ତ ପଦ ପୂରଣ କରାଯାଇଥିଲା। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ତେବେ ଏହି ବିଦ୍ୟାଳୟର ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବା ନେଇ ବିଦ୍ୟାଳୟ ପରିସର ବିଭିନ୍ନ ଧରଣର ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏନେଇ ମଧ 'ସକାଳ'ରେ ଖବର ପ୍ରକାଶିତ ପରେ ତିହିଡ଼ି ପୁଲିସ ପଇଁତାରା ମାରିଥିଲା। ଏବେ ପୁଣି ନିଶାଚରମାନେ ରାତିରେ ଆଡ୍ଡା ଜମାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଏହି ବିଦ୍ୟାଳୟର ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ବିଦ୍ୟାଳୟ ପକ୍ଷରୁ ପ୍ରଶାସନଠାରୁ ପୂର୍ବତନ ରାଜ୍ୟପାଳ ଓ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କଠାରେ ଦୀର୍ଘ ବର୍ଷ ପୂର୍ବରୁ କରିଥିବାବେଳେ ଅଦ୍ୟାବଧି ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ବିଦ୍ୟାଳୟରେ ହେଉଥିବା କାର୍ଯ୍ୟକ୍ରମରେ ଉଭୟ ସରକାରୀ ଦଳ ଓ ବିରୋଧୀ ଦଳ ନେତାଙ୍କୁ ଆମନ୍ତ୍ରଣ କରାଯାଉଥିବା ବେଳେ ଜନପ୍ରତିନିଧିମାନେ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଥିଲାବେଳେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବରିଷ୍ଠ ନାଗରିକ ପରିଷଦର ପ୍ରତିଷ୍ଠା ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ



ଧାମନଗର,୧୮।୧(ସମିସ): ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଧାମନଗର ବରିଷ୍ଠ ନାଗରିକ ପରିଷଦର ନବମ ବାର୍ଷିକ ପ୍ରତିଷ୍ଠା ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ-୨୦୨୬ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପରିଷଦର ସଭାପତି ଅନୀଲ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ମୁଖ୍ୟବକ୍ତା ଭାବେ ଏସ୍‌ପି ମନୋଜ କୁମାର ରାଉତ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ବରିଷ୍ଠମାନଙ୍କ ଦିଗ୍‌ଦର୍ଶନରେ ଯୁବ ସମାଜ ଆଗକୁ ଯିବ ବୋଲି ଏସ୍‌ପି ଶ୍ରୀ ରାଉତ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧିରଞ୍ଜନ ନାୟକ, ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ସଭାପତି ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ, ଡାକ୍ତର ଅଜିତ ପ୍ରସାଦ ଯେନା ବିଶେଷଜ୍ଞ ଗ୍ୟାଷ୍ଟ୍ରୋଲୋଜି ବିଭାଗ କଟକ, ଯୁବ ସଂଗଠକ କୈଳାସ ଚନ୍ଦ୍ର ମହାପାତ୍ର, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ, ବିଶିଷ୍ଟ ସମାଜସେବୀ ବରଦା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ଆଜକୁ ୯ବର୍ଷ ପୂର୍ବରୁ ୨୦୧୭ରେ ଜନ୍ମ ଗ୍ରହଣ କରିଥିବାବେଳେ ପରିଷଦରେ ସଦସ୍ୟ ସଂଖ୍ୟା ୧୩୦୦ରେ ପହଞ୍ଚିଲାଣି ବୋଲି ସମ୍ପାଦକୀୟ ପାଠରେ ସୂଚନା ଦେଇଥିଲେ। ଏହି ଅବସରରେ ସମାଜର କଲ୍ୟାଣ ଓ ଉନ୍ନତି ପାଇଁ ବୟସ୍କ ବ୍ୟକ୍ତିଙ୍କ ପରାମର୍ଶ ଅପରିହାର୍ଯ୍ୟ। ଏବେ ଉତରପିଢ଼ି ଅତ୍ୟାଧୁନିକ ପାଶ୍ଚାତ୍ୟ ସଭ୍ୟତାରେ ବୁଡୁବୁଡୁ ହୋଇ ଭାରତୀୟ ଆର୍ଯ୍ୟ ସଂସ୍କୃତି, ପରମ୍ପରା, ସଂସ୍କୃତିଠାରୁ ଦୂରେଇ ଯାଉଥିବା ପରିଲକ୍ଷିତ ହେଉଛି। ଏପରିସ୍ଥଳେ ବୟସ୍କ ବ୍ୟକ୍ତି ସମାଜରେ ଅଲୋଡ଼ା ତଥା ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି। ଯୁବପିଢ଼ିକୁ ସଚେତନ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ବରିଷ୍ଠ ନାଗରିକ। ତାଙ୍କର ଅବଦାନ ଓ ବିଭିନ୍ନ ସମୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସମାଜସେବା ସହିତ ଜନହିତକର କାର୍ଯ୍ୟରେ ଲିପ୍ତ ରହିଥିବାରୁ ଅତିଥି ବକ୍ତବ୍ୟ ପ୍ରଦାନ ସହ ପରିଷଦର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ବରିଷ୍ଠ ସଦସ୍ୟ ଅଭିମନ୍ୟୁ ମଲ୍ଲିକ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ସହ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଦଶରଥ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ନିରାକାର ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଶଶିକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ପରିଷଦ ଉପସଭାପତି ସୁରଥ ଚନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ଇଂ ନୃସିଂହ ଚରଣ ନାୟକ, ଯୁଗ୍ମ ସମ୍ପାଦକ ହୃଦାନନ୍ଦ କର, ଗୋଲାମ ଜିଲାନି ହବିବିଙ୍କ ସମେତ ପରିଷଦର ସଦସ୍ୟ ଓ ସଦସ୍ୟା ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମାଜସେବୀ, ବୁଦ୍ଧିଜୀବୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସଭ୍ୟ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## 'ଭଦ୍ରାୟଣୀ'ରେ ଆଇନସେବା ପ୍ରାଧିକରଣ ଷ୍ଟଲ୍ ଉଦ୍‌ଘାଟିତ



ଭଦ୍ରକ,୧୮।୧(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭଦ୍ରକର ଅଧ୍ୟକ୍ଷ (ଭାରପ୍ରାପ୍ତ) ପ୍ରଭାତ କୁମାର ରାଜଗୁରୁ ଭଦ୍ରାୟଣୀ-୨୦୨୬ ଜିଲ୍ଲା ମହୋତ୍ସବ (ଆତ୍ମନିର୍ଭର ସ୍ୱଦେଶୀ ମେଳା, ପଲ୍ଲିଶ୍ରୀ ମେଳା ଓ ସୁଭଦ୍ରା ଶକ୍ତି ମେଳା) ନେହେରୁ ଷ୍ଟାଡିୟମ୍, ଭଦ୍ରକଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଲଗାଯାଇଥିବା ଷ୍ଟଲ୍‌ର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ, ଭଦ୍ରକ ପୁଣ୍ୟଶ୍ଳୋକ ରଥ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଜିଲ୍ଲା ନ୍ୟାୟାଳୟର ସମସ୍ତ ବିଚାରପତିବୃନ୍ଦ ତଥା ସ୍ଥାୟୀ ଲୋକ ଅଦାଲତ(ଜନସେବା ଉପଯୋଗୀ) ଭଦ୍ରକ ବିଜୟ କୁମାର ପାତ୍ର ତଥା ସମସ୍ତ କର୍ମଚାରୀଗଣ, ତାଲିକାଭୁକ୍ତ ଓକିଲଗଣ, ଏଲ୍‌ଏଡିଏସ୍‌ଏସ୍ କର୍ମୀମାନେ ତଥା ପାରା ଲିଗାଲ ସ୍ୱେଚ୍ଛାସେବୀ ଗଣ ଉପସ୍ଥିତ ଥିଲେ। ଆୟୋଜିତ ଷ୍ଟଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଇନଗତ ସେବା ଓ ସହାୟତା ସମ୍ପର୍କରେ ସାଧାରଣ ଲୋକମାନଙ୍କୁ ଜଣାଇବା। ଯେପରିକି ସମସ୍ତେ ସମାନ ସୁବିଧାସୁଯୋଗ ପାଇବାରୁ ବଞ୍ଚିତ ହେବେନାହିଁ।

## ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ



ବନ୍ତ/ଆଗରପଡ଼ା,୧୮।୧(ସମିସ): ଜିଲ୍ଲାର ଅନ୍ୟତମ ପ୍ରମୁଖ ତଥା ପୁରାତନ ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ ତଥା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ସଭ୍ୟା ରୁନୀତା ଦାସ, କୁପାରୀ ହରେକୃଷ୍ଣ ମହତାବ କଲେଜ ଅଧ୍ୟକ୍ଷ ଯୁଧିଷ୍ଠିର କୁଅଁର, ସରପଞ୍ଚ ପ୍ରକାଶ ବିଶ୍ୱାଳ, ବିନୋଦିନୀ ମହାନ୍ତି, ସିଆର୍‌ସିସି ନିରଞ୍ଜନ ଖିଲାର, ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ସ୍କୁଲ ପରିଚାଳନା କମିଟି ସଭାପତି ବର୍ଷାରାଣୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଅଜିତ ରାଉଳ ସ୍ୱାଗତ ଭାଷଣ ଓ ଶିକ୍ଷକ ବିରେନ ମିଶ୍ର ବାର୍ଷିକ ବୀବରଣୀ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଶିକ୍ଷାବିତ୍ ଡ. ସୁଧାଂଶୁ ଶେଖର ନାୟକ, ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ସରପଞ୍ଚ ଶୁଭଦ୍ରା ସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା। ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ଶିକ୍ଷକ-ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ ଏଠି ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:
ବିଜ୍ଞାପନ ସଂ. CRPD/SCO/2025-26/20 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ଏ. ଭି. ପି. (ମାନବ ସମ୍ବଳ ଯୋଜନା ଏବଂ ନିଯୁକ୍ତି) | 1 | 42 ବର୍ଷ |
| ଏ. ଭି. ପି. (ଶିକ୍ଷଣ ଏବଂ ବିକାଶ) | 1 | 42 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query)ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 12.01.2026 ରୁ 02.02.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 12.01.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

## ମା'ବିରଜା ମହୋତ୍ସବ ଉଦ୍‌ଘାଟିତ

# ମା'ବିରଜା ସମଗ୍ର ମାନବ ଜାତିର ସର୍ବମଙ୍ଗଳଦାତ୍ରୀ

ଯାଜପୁର,୧୮।୧(ସମିସ)



ଯାଜପୁର ଡିଷ୍ଟ୍ରିକ୍ଟ ଆର୍ଟିଷ୍ଟ ୱେଲ୍‌ଫେୟାର ଆସୋସିଏସନ୍ ଦ୍ୱାରା ଆୟୋଜିତ ମା'ବିରଜା ମହୋତ୍ସବ-୨୦୨୬କୁ ଯାଜପୁରର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଉଦ୍‌ଘାଟନ କରିଛନ୍ତି। ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ହରିହର ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ସମାଜସେବୀ ହୃଷୀକେଶ ପତି ସ୍ତୋତ୍ରପାଠ କରିଥିଲେ। ସମ୍ପାଦକ ଡ. କୈଳାସ ଚନ୍ଦ୍ର ବେହେରା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମା'ବିରଜା ହେଉଛନ୍ତି ସମଗ୍ର ମାନବ ଜାତିର କଲ୍ୟାଣମୟୀ ଓ ସର୍ବମଙ୍ଗଳଦାତ୍ରୀ। ସ୍ୱନକ୍ଷତ୍ର ଦିବସରେ ସାବିତ୍ରୀ ବେଶରେ ସେ ସମସ୍ତ ଭକ୍ତମାନଙ୍କର ମନସ୍କାମନା ପୂର୍ଣ୍ଣ କରିବା ସହିତ ଆଗାମୀ ଦିନରେ ବିରଜାକ୍ଷେତ୍ରକୁ ରେଳ ସଂଯୋଗ ହେବା ସଂଗେ ସଂଗେ ବିରଜା ପରିକ୍ରମା ପ୍ରକଳ୍ପକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି ବୋଲି ସାଂସଦ ପ୍ରକାଶ କରିଥିଲେ। ମୁଖ୍ୟଅତିଥିଭାବେ ପ୍ରାକ୍ତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗୌତମ ରାୟ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଯାଜପୁର ଭୂଲେଖ ଓ ବନ୍ଦୋବସ୍ତ, ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁରର ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀ, ଯାଜପୁର ରୋଡ୍ ଡିଏସ୍‌ପି ଶରତ ପାତ୍ର, ଚଳଚ୍ଚିତ୍ର ଅଭିନେତା ଅଭିନବ ସିଂହ, ହୃଦ୍‌ରୋଗ ବିଶେଷଜ୍ଞ ଦୀପକ କୁମାର ପାଢ଼ୀ, ନିର୍ଦ୍ଦେଶକ ନୃସିଂହ ନନ୍ଦ ପ୍ରମୁଖ ଯୋଗଦେଇ ଉତ୍ସବର ଭୂୟସୀ ପ୍ରଶଂସା କରିଥିଲେ। ଡିଏସ୍‌ପି. ଶରତ ପାତ୍ରଙ୍କ ରଚିତ, ସଂଗୀତଜ୍ଞ ଦିନେଶ୍ ମଲ୍ଲିକଙ୍କ ସ୍ୱର ସଂଯୋଜନା ଓ ଡ. ସୁବାସ ପାଣିଙ୍କ କଣ୍ଠଦାନରେ 'ମା'ବିରଜା' କ୍ୟାସେଟ୍ ଏବଂ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଲିଖିତ ସୁଶ୍ରୀ ଅଭିଲିପ୍ସା ମିଶ୍ରଙ୍କ କଣ୍ଠଦାନରେ ପ୍ରସ୍ତୁତ 'ବିରଜା ସ୍ତୋତ୍ରମ' କ୍ୟାସେଟ୍ ଓ ପୁସ୍ତକ ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ ସଂସ୍କୃତବିତ୍ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସମ୍ପାଦିତ 'ଯଜ୍ଞପ୍ରଭା'କୁ ମା'ଙ୍କ ସ୍ୱନକ୍ଷତ୍ର ଦିବସ ଅବସରରେ ଅତିଥିମାନେ ଲୋକାର୍ପଣ କରିଥିଲେ।

## ଶିକ୍ଷାବିତ୍ ଗଗନ ସାର୍‌ଙ୍କ ଶେଷକୃତ୍ୟ ସଂପନ୍ନ



ଯାଜପୁର,୧୮।୧(ସମିସ): ଯାଜପୁର ସହର ସ୍ଥିତ ବୈଷ୍ଣବଦତ୍ତ ହାଇସ୍କୁଲର ପ୍ରଥମ ପ୍ରଧାନ ଶିକ୍ଷକ ଗଗନ ବିହାରୀ ମିଶ୍ରଙ୍କର ପରଲୋକ ଘଟିଛି। ତାଙ୍କ ପରଲୋକରେ ଶୋକ ସନ୍ତପ୍ତ ପରିବାରଙ୍କୁ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ତାଙ୍କ ଗ୍ରାମ ସୁକୁପୁରରେ ପହଞ୍ଚି ଗଭୀର ଶୋକବ୍ୟକ୍ତ କରିଥିଲେ। ତାଙ୍କ ପାର୍ଥୀବ ଶରୀରକୁ ଆଜି ତାଙ୍କ ଘରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ବୈଷ୍ଣବ ଦତ୍ତ ହାଇସ୍କୁଲ ଅଣାଯାଇଥିଲା। ସେଠାରେ ପ୍ରଧାନ ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବତନ ପୌରପାଳ ଭବପ୍ରସାଦ ଦାସଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲା।

ପୁରାତନ ଛାତ୍ର ପ୍ରଫେସର ମୋହନ ଚରଣ ଦାଶ, ଶିଶିର କୁମାର ନାୟକ, ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ସନ୍ଧିବିଗ୍ରହ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ସମାଜସେବୀ ନିସିତ୍ କୁମାର ଦାସ, ରାମଚନ୍ଦ୍ର ସାହୁ ପ୍ରମୁଖ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବୈତରଣୀ ତଟସ୍ଥ ମହାଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ବିଞ୍ଝାରପୁରୀ ଗୋ ପ୍ରଜାତିର ସଂରକ୍ଷଣ ପାଇଁ ଜାତୀୟସ୍ତରରେ ପୁରସ୍କୃତ



ଯାଜପୁର,୧୮।୧(ସମିସ): ବିଞ୍ଝାରପୁରୀ ଗୋପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତି ଯାଜପୁରର ଏହି ପ୍ରଜାତିର ସଂରକ୍ଷଣ ଓ ଉନ୍ନତି ପାଇଁ ବଳିଷ୍ଠ ଅବଦାନ ନିମନ୍ତେ "ଜାତୀୟ ପ୍ରଜାତି ସଂରକ୍ଷଣ ପୁରସ୍କାର ୨୦୨୫ରେ ପ୍ରଥମ ପୁରସ୍କାର ଗ୍ରହଣ କରିଛନ୍ତି। ଜାତୀୟ କୃଷି ବିଜ୍ଞାନ ସଂସ୍ଥାନ ନୂଆଦିଲ୍ଲୀ ଠାରେ ଗତ ୧୪ ତାରିଖ ରେ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଠାରୁ ସମିତିର ସମ୍ପାଦକ ସୁକାନ୍ତ କୁମାର ବିଶ୍ୱାଳ ଓ ସମିତିର ବୈଷୟିକ ପରାମର୍ଶଦାତା ତଥା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଜ୍ୟୋତି ରଞ୍ଜନ ମହାନ୍ତି ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପୁରସ୍କାର ପାଇଁ ସମିତିର ସମ୍ପାଦକ ଶ୍ରୀଯୁକ୍ତ ବିଶ୍ୱାଳ, ରାଜ୍ୟ ପ୍ରାଣୀ ସମ୍ପଦ ବିକାଶ ସମିତି ଭୁବନେଶ୍ୱରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ସଂଜୀବ କୁମାର ପଟେଲ, ଉପନିର୍ଦ୍ଦେଶକ ଡା. ସୌମେନ୍ଦ୍ର ଧଳ, ଜିଲ୍ଲା ପ୍ରଶାସନ ଯାଜପୁର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଯାଜପୁର ଡା. ସୁବ୍ରତ ମହାପାତ୍ର, ଏହି ପ୍ରଜାତିର ସଂରକ୍ଷଣ ପାଇଁ ଜିଲ୍ଲା କାର୍ଯ୍ୟ କରିଥିବା ସମସ୍ତ କର୍ମକର୍ତ୍ତା ଓ ଗୋ ପାଳକମାନଙ୍କୁ ଶ୍ରେୟ ଦେଇଛନ୍ତି।

## କଂଗ୍ରେସ ନେତା ଗୋବିନ୍ଦ ପରିଡ଼ାଙ୍କ ପରଲୋକ



ବିଞ୍ଝାରପୁର/ପ୍ରୀତିପୁର,୧୮।୧(ସମିସ): ବିଞ୍ଝାରପୁର ବ୍ଲକ କଂଗ୍ରେସର ବର୍ଷୀୟାନ ନେତା, ଅରେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରୁଣେଶ୍ୱର ମେଳାର ଅନ୍ୟତମ ପୁରୋଧା ଗୋବିନ୍ଦ ଚନ୍ଦ୍ର ପରିଡା (୮୨)ଙ୍କର ରବିବାର ସକାଳେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକ ଖବର ପାଇ ବିଧାୟିକା ପ୍ରମିଳା ମଲ୍ଲିକ, ବିଜେପି ସଭାନେତ୍ରୀ ବବିତା ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ଶିଶିର ନାୟକ, ପଦ୍ମାକର ଗୁରୁ, କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ବ୍ଲକ କଂଗ୍ରେସ ସଭାପତି ପ୍ରବୋଧ ଦାସ, ସଂଯୋଜକ ପ୍ରତାପ ଦାସ, ବ୍ଲକ ବିଜେପି ସଂଯୋଜକ ନିରଞ୍ଜନ ବେଉରିଆ, ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁଶାନ୍ତ କୁମାର ମିଶ୍ର, ଅରେଇ ସରପଞ୍ଚ ସ୍ମୃତିସମିକ୍ଷା ମଲ୍ଲିକ, ଶାସନ୍ଦା ସରପଞ୍ଚ କାମଦେବ ଧଳ, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ, ଅରେଇ ପୂର୍ବତନ ସରପଞ୍ଚ ଦେବାନନ୍ଦ ମଲ୍ଲିକ, କଏଣା-ରଘୁନାଥପୁର ପୂର୍ବତନ ସରପଞ୍ଚ ରବିନ୍ଦ୍ର କୁମାର ଜେନା, କୃଷକ ନେତା ସନାତନ ସାହୁ, ଅରେଇ ପୂର୍ବତନ ସମିତିସଭ୍ୟ ସମୀର ଜେନା, ଚିକଣା ପୂର୍ବତନ ସରପଞ୍ଚ ପ୍ରଦିପ ମଲ୍ଲିକ ପ୍ରମୁଖ ଅରେଇସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ। ଅପରାହ୍ନରେ ମରଶରୀରକୁ ଏକ ଶୋଭାଯାତ୍ରରେ ଅରେଇ ପଞ୍ଚାୟତ ପରିକ୍ରମା କରାଯାଇ ଅନ୍ତିମ ସତ୍କାର କରାଯାଇଥିଲା। ତଙ୍କ ପୁଅ ଅମିୟ ମୁଖାଗ୍ନି ଦେଇଥିଲେ।

## ଟ୍ରକ୍ ମାଲିକଙ୍କ ଆନ୍ଦୋଳନ ଚେତାବନୀ

ପାଣିକୋଇଲି,୧୮।୧(ସମିସ): ଅଲ୍ ଓଡ଼ିଶା ଟ୍ରକ୍ ମାଲିକ ସଂଘ ପକ୍ଷରୁ ପାଣିକୋଇଲି ଠାରେ କାର୍ଯ୍ୟନିର୍ବାହୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ୨୦୨୫ ଜୁଲାଇ ୧ ତାରିଖରେ ଟ୍ରକ୍ ମାଲିକମାନେ ପରିବହନ ମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ୧୪ଦଫା ଦାବି ପତ୍ର ପ୍ରଦାନ କରିଥିଲେ। ତଦନୁଯାୟୀ ପରିବହନ ମନ୍ତ୍ରୀ ଯଥାଶୀଘ୍ର ସମସ୍ତ ଦାବି ଗୁଡିକ ବିଷୟରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ସାମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ୧ ମାସ ପରେ ପରିବହନ କମିଶସନରଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ହୋଇଥିଲା। ମାତ୍ର ବିଭାଗ ପକ୍ଷରୁ ଅଦ୍ୟାବଧି କୌଣସି ସମାଧାନ ନ କରିବାରୁ ଓଡ଼ିଶାର ଲକ୍ଷାଧିକ ଗାଡ଼ି ମାଲିକମାନେ ନିରାଶ ହୋଇଛନ୍ତି। ପରିବହନ ମୂଲ୍ୟ ନିର୍ଦ୍ଧାରଣ, ଟ୍ରେନ୍ ଓ ଟ୍ରକ ମାଧ୍ୟମରେ ପରିବହନର ଅନୁପାତ ଆଦି ମୁଖ୍ୟ ଦାବି କରାଯାଇଥିଲା। ଏହି ନ୍ୟାର୍ଯ୍ୟ ଦାବି ପୂରଣରେ ଅହେତୁକ ବିଳମ୍ବ ହେତୁ ଟ୍ରକ୍ ମାଲିକ ମାନେ ହତାଶ ହୋଇ ଧିରେ ଧିରେ ରାଜ୍ୟ ସରକାରଙ୍କ ଉପରେ ଆସ୍ଥା ହରାଇ ଆଗାମୀ ଦିନରେ ଏକ ବଡ଼ ଧର୍ମଘଟ କରିବାକୁ ଆଲୋଚନା ହୋଇଥିଲା। ରାଜ୍ୟ ସଭାପତି ପୁରଞ୍ଜନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ତଞ୍ଜିମ ମହମ୍ମଦ ଚିଷ୍ଟି, ଉପସଭାପତି ଫିରୋଜ ଖାଁ, ଉପସଭାପତି କିଶୋର କୁମାର ରାଉତ, କୋଷାଧ୍ୟକ୍ଷ ତପନ ବେହେରା, ଯୁଗ୍ମ ସମ୍ପାଦକ ଦାମୋଦର ସାହୁ, ଦିନାନାଥ ସ, ଜିତେନ୍ଦ୍ର କୁମାର ସାହୁ, ରଜତ ବେଉରା, ମାନ୍ଧତା କୋଶରୀ ସ୍ୱାଇଁ, ବିରେନ ସାହୁ, ମୁକୁନ୍ଦ ନାଥ, ଅବଦୁଲ ସହିଦ, ଅଶୋକ ଦାସ, ପ୍ରମୋଦ ଏବଂ ରାଜ୍ୟର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜାରକାରେ ସ୍ୱାସ୍ଥ୍ୟ ମେଳା

ଧର୍ମଶାଳା,୧୮।୧(ସମିସ): ଅଂଶୁମନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜାରକା ଟ୍ୟାକ୍ସିଷ୍ଟାଣ୍ଡଠାରେ ଥିବା ଚହଟା କ୍ଲବ ପରିସରରେ ଏକ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ରାମକୋ ସିମେଣ୍ଟ କାରଖାନାର ମୁଖ୍ୟ ପରିଚାଳକ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜାରକା, ଚୋରମୁହାଁ ଓ ଚହଟା ପଞ୍ଚାୟତବାସୀଙ୍କ ପାଇଁ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ହାଇଟେକ୍ ମେଡିକାଲର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଚର୍ମ, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଭଳି ରୋଗରେ ଅକ୍ରାନ୍ତ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଟ୍ରଷ୍ଟ ପକ୍ଷରୁ ରୋଗୀମାନଙ୍କୁ ଔଷଧ ବଣ୍ଟନ କରାଯିବା ସହ ମଧୁମେହ ରୋଗ ସମ୍ପର୍କରେ ଲୋକମାନଙ୍କୁ ସଚେତନତା କରାଯାଇ ପୀଡ଼ିତ ଲୋକମାନଙ୍କୁ ତିନିମାସ ପାଇଁ ଔଷଧ ବଣ୍ଟନ କରାଯାଇଥିଲା। ଭୁବନେଶ୍ୱର ହାଇଟେକ୍ ମେଡିକାଲର କର୍ମଚାରୀ ଓ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, ତିର୍ଥରାଜ ପଣ୍ଡା, ଶିବୁଲି ଧିର, ଆୟୁଷ୍ମାନ ପ୍ରିୟଦର୍ଶନ ପ୍ରମୁଖ ଶିବିବ ପରିଚାଳନାରେ ସହାୟତା କରିଥିଲେ।

## ଓଚିନ୍ଦା ଗଣପର୍ବ ହରିହାଟ ଯଜ୍ଞ ଉଦ୍‌ଯାପିତ



ପାଣିକୋଇଲି,୧୮।୧(ସମିସ): ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମର ଗଣପର୍ବ ହରିହାଟ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ନାମଯଜ୍ଞ, ଗୀତା ଓ ଭାଗବତ ପାଠ ସହ ଯଜ୍ଞ ଆରମ୍ଭ ହୋଇଥିଲା। ଯଜ୍ଞ ଯୋଗୁ ସମ୍ପୂର୍ଣ୍ଣ ଗ୍ରାମକୁ ଆମିଷ ନିଷେଧ କରାଯାଇଛି। ଭକ୍ତ ଓ ଦର୍ଶକଙ୍କ ଭିଡ଼ ଜମିବା ସହ ଶ୍ରଦ୍ଧାଳୁମାନେ ଯଜ୍ଞକୁଣ୍ଡରେ ନଡିଆ, ଘିଅ, ଅରୁଆ ଚାଉଳ, ଧୂପ, ଉଖୁଡା, ଫୁଲ ପକାଉଛନ୍ତି। ନିଜର ମାନସିକ ପୂରଣ ସହ ନୂତନ ମାନସିକ ଭକ୍ତମାନେ କରୁଥିବା ଦେଖାଯାଇଥିଲା। ବନ୍ଧୁବାନ୍ଧବ ବା ରାଜ୍ୟ ବାହାରେ କାମ ଓ ଚାକିରି କରିଥିବା ସମସ୍ତେ ଗ୍ରାମକୁ ଗଣପର୍ବ ପାଇଁ ଫେରିଛନ୍ତି।

ମୀନାବଜାର ସହ ବିଭିନ୍ନ ଦୋଳିର ମଜା ନେଉଛନ୍ତି କୁନି କୁନି ପିଲାମାନେ। ଏହି ଅବସରରେ ମହୋତ୍ସବ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏହି ମେଳା ଏକ ସପ୍ତାହ ବ୍ୟାପୀ ଚାଲିବ। ଗ୍ରାମ୍ୟ ମୁରବୀ ରଘୁନାଥ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜକ ପରମାନନ୍ଦ ଶତପଥି, ରାଧାକାନ୍ତ ଶତପଥି, ପ୍ରଫୁଲ୍ଲ ପାଢୀ, କୃଷ୍ଣଚନ୍ଦ୍ର ପାଢୀ ପ୍ରମୁଖ ଯଜ୍ଞ ଭାର ତୁଲାଉଛନ୍ତି। ଗୋପିନାଥ ନାଟ୍ୟ ପରିଷଦ ପକ୍ଷରୁ ୩ ଦିନ ମୁକ୍ତାକାଶ ନାଟକ ପରିବେଷଣ ସହ ୩ଦିନ ଯାତ୍ରା ଅନୁଷ୍ଠିତ ହେବ। ସର୍ବୋପରି ଗାଁ ଗଣପର୍ବ ଅବସରରେ ଉତ୍ସବ ମୁଖର ହୋଇଛି। ଗ୍ରାମର ଆବାଳ ବୃଦ୍ଧ ବନିତା ଏହି କାର୍ଯ୍ୟକ୍ରମରେ ସହଯୋଗ ଓ ଯୋଗ ଦେବା ସହ ସନ୍ଧ୍ୟାରେ ମହିଳାଙ୍କ ଭିଡ଼ ପରିଲିକ୍ଷିତ ହୋଇଛି। ରଙ୍ଗୀନମାଳାରେ ସୁସଜ୍ଜିତ କରାଯାଇଛି ସମଗ୍ର ଅଞ୍ଚଳ। କମିଟି ପକ୍ଷରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ୩ ଦିନ ମୁକ୍ତାକାଶ ନାଟକ ପରିବେଷଣ କରାଯିବ। ଗୋପିନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରଖାଯାଇଛି। ୨୦ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ୨୩ ତାରିଖରୁ ତିନି ଦିନ ଶିବାନୀ ଗଣନାଟ୍ୟ ଦ୍ୱାରା ଯାତ୍ରା ଅନୁଷ୍ଠିତ ହେବ।

## ମହାଗିରି ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ




ଯଖପୁରା/ଦାନଗଦି,୧୮।୧(ସମିସ): ଟମକା ମହାଗିରି ପ୍ରେସ୍ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମଳୟ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ)ର ସଭାପତି କୈଳାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଝାଡେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, କଳିଙ୍ଗନଗର ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ, ଏନ୍‌ୟୁଜେର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ ଏବଂ ଦାନଗଦି ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଓ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷମାନଙ୍କ ସହିତ ଯାଜପୁର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳର ସାମ୍ବାଦିକ ସଂଘ ସଭାପତି ଏବଂ ଖବରକାଗଜ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ବାବାଜୀ ଚରଣ ଜେନା କରିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭାପତି ନରୋତ୍ତମ ବେହେରା, ସହ ସମ୍ପାଦକ ଅନିଲ କୁମାର ଦାସ, କୋଷାଧ୍ୟକ୍ଷ ଅଜୟ କୁମାର ଦେହୁରୀ, ଉପଦେଷ୍ଟା ଉମାକାନ୍ତ ମହାପାତ୍ର, ବରିଷ୍ଠ ସଭ୍ୟ ଭରତ ଚନ୍ଦ୍ର ହୋତା, କାଳନ୍ଦୀ ମିଶ୍ର, ଖଗେଶ୍ୱର ମହାନ୍ତ ଓ ବିଷ୍ଣୁଚରଣ ମହାନ୍ତ ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ।

## ବୀଣପାଣୀ ଦାସଙ୍କ ସ୍ମୃତିଚାରଣ ସଭା

ଯାଜପୁର,୧୮।୧(ସମିସ): ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ବରିଷ୍ଠ ସଦସ୍ୟ ତଥା ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ପୂର୍ବତନ ରାଜ୍ୟ ସଭାପତି ବୀଣାପାଣୀ ଦାସଙ୍କ ସ୍ମୃତିଚାରଣ ସଭା ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଯାଜପୁର ଟାଉନ ବଡବଜାର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ବିଷ୍ଣୁ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ କ୍ଷୀରୋଦ କର, ନୃସିଂହ ପଣ୍ଡା, ସୁରେଶ ପ୍ରଧାନ, ଅଚ୍ୟୁତ ପ୍ରଦାନ, କେଦାର ନାଥ ସାହୁ, ସୁବାସ ମଲ୍ଲିକ ଏବଂ ଜିଲ୍ଲା କମିଟି ସଭ୍ୟ ରାଧାବଲ୍ଲଭ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ତରଙ୍ଗିନୀ ଦାସ, ସୁଲୋଚନା ପ୍ରଧାନ, ଗୋବିନ୍ଦ ସାହୁ, ବୀରକିଶୋର ନାୟକ, ଅଭିମନ୍ୟୁ ମଲ୍ଲିକ, ଶରତ ବାରିକ, ଶାନ୍ତି ପଣ୍ଡା ଓ ସୁଧାଂଶୁ ଦାସ ଏବଂ ବହୁକର୍ମୀ ଉପସ୍ଥିତ ଥିଲେ।

## ଜଗନ୍ନାଥ କଲୋନୀରେ ଅଷ୍ଟପ୍ରହରୀ ନାମଯଜ୍ଞ

ଦାନଗଦି,୧୮।୧(ସମିସ): ଦାନଗଦି ବ୍ଲକ ତ୍ରିଜଙ୍ଗା ପଞ୍ଚାୟତ ଜଗନ୍ନାଥ କଲୋନୀ ଠାରେ ୩ ଦିନ ଧରି ଅଷ୍ଟମ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଅନୁଷ୍ଠିତ ଏହି ନାମଯଜ୍ଞରେ ପ୍ରତେହ ହଜାର ହଜାର ଶ୍ରଦ୍ଧାଳୁ ଓ ନାମଯଜ୍ଞରେ ସାମିଲ ହୋଇଥିଲେ।

ଅନୁଷ୍ଠାନ ପକ୍ଷରୁ ବିଭିହ୍ନ ଅଞ୍ଚଳରୁ ନାମ ସଂକୀର୍ତ୍ତନ ନିମନ୍ତେ ବହୁ କୀର୍ତ୍ତନ ଦଳ ଏଠାକୁ ଆସିଥିଲେ। କଲୋନୀର ଦୁଷ୍ମନ୍ତ ସାମନ୍ତରାୟ, ଦ୍ରୌପଦ ଚୌଧୁରୀ, ଧୀର କିଶୋର ମହାନ୍ତି, ଅଭିରାମ ଦାସ, କାର୍ତ୍ତିକ ଚନ୍ଦ୍ର ରଣା, ସୁଶାନ୍ତ ପାଣ୍ଡବ, ଚିତ୍ତରଞ୍ଜନ ନାୟକ, ବାବୁଲି ସାହୁ, ନିତ୍ୟାନନ୍ଦ ବେହେରା, ଅନିଲ ବାରିକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଅନୁଷ୍ଠାନ ୩ ବର୍ଷରେ ପଦାର୍ପଣ କରିଛି। ଜଗନ୍ନାଥ କଲୋନୀର ୫୮ ପରିବାରଙ୍କୁ ନେଇ ଏହି ଅନୁଷ୍ଠାନ ଗଢିଉଠିଛି।

# ପାଣିକୋଇଲିରେ ହିନ୍ଦୁ ସମ୍ମିଳନୀ ଓ ଗୀତା ମହାଯଜ୍ଞ

ପାଣିକୋଇଲି,୧୮।୧(ସମିସ)




ପାଣିକୋଇଲି ହିନ୍ଦୁ ସମାଜର ମଣ୍ଡଳ ଆୟୋଜନରେ ପାଣିକୋଇଲି କଲେଜ ପଡିଆ ଠାରେ ଆଜି ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତର ମା'ଙ୍କ ନିକଟରୁ ଆସିଥିବା କଳସ ଗତକାଲି ତାରିଣୀ ମନ୍ଦିରରେ ଥିବା ବେଳେ ଆଜି ସକାଳୁ ଏକ କଳସ ଶୋଭାଯାତ୍ରା ନାମ ସଂକୀର୍ତ୍ତନ ସହିତ ପାଣିକୋଇଲି ତାରିଣୀ ମନ୍ଦିରରୁ ବାହାରି ଜାଗୁଳାଇ ପୀଠରେ ପହଞ୍ଚି ଗ୍ରାମ ପରିକ୍ରମା କରି କଲେଜ ପଡିଆ ଠାରେ ପହଞ୍ଚିଥିଲା। ସେଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା। ଏଥି ସହିତ ଧର୍ମସଭାର ଆୟୋଜନ କରାଯାଇଥିଲା।

ପାଣିକୋଇଲି, ପଥରପଦା, କରଦା, ଗୋଳେଇପୁର ଓ ମୂଳାପାଳ ମଣ୍ଡଳର ହିନ୍ଦୁ ସମାଜ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ଓ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପଦ୍ମଲୋଚନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଗୀତା ଆଶ୍ରମର ତନ୍ମୟ ମିଶନର ପ୍ରବୀଣ ସନ୍ଥ ପୂଜ୍ୟ ସ୍ୱାମୀ ଜଗଦୀଶାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ସଦସ୍ୟ ତଥା ଏକାମ୍ର ପୀଠସ୍ଥିତ ଉତ୍କଳ ସାରସ୍ୱତ ଆଶ୍ରମର ସ୍ୱାମୀ ତ୍ରିଲୋକେଶ୍ୱର ଭାରତୀ ଓ ପାଣିକୋଇଲିର ବିଶିଷ୍ଟ ପାଲାଗାୟକ ଅଜୟ କୁମାର ଦାସ ଓ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ସଦ୍‌ଭାବନା ସଦସ୍ୟ ଅକ୍ଷୟ କୁମାର ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ପ୍ରମୋଦ କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସତ୍ୟରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରପଦା ଗ୍ରାମର ବିଶିଷ୍ଟ ବ୍ୟକ୍ତିତ୍ୱ ଦାମୋଦର ପରିଡ଼ା, ମଦନ ଗୋପାଳ ମଠର ବିପିନ ବେଦାନ୍ତ, ଧନତ୍ରୀ ଗ୍ରାମର ଆଦର୍ଶ ଚାଷୀ ବନମାଳୀ ବେହେରା, ମଞ୍ଚ କଳାକାର ରାମଚନ୍ଦ୍ର ଦତ,ଲିଙ୍ଗେଶ୍ୱର ଶିଶୁ ମନ୍ଦିରର କ୍ଷେତ୍ରବାସୀ ସାହୁ,ଏବଂ ଗୋଳେଇପୁର ପଞ୍ଚାୟତର ବିବେକୋନନ୍ଦ ଦାସ, ଦୁର୍ଯ୍ୟୋଧନ ବିନ୍ଧାଣୀ ଓ ପ୍ରତିମା ସୁନ୍ଦରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କୋରାଇ ବ୍ଲକ ହିନ୍ଦୁ ସମାଜର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଗୋଲାଗାଁ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ଯଖପୁରା,୧୮।୧(ସମିସ): ଦାନଗଦି ବ୍ଲକ ଚାନ୍ଦିଆ ପଞ୍ଚାୟତ ଅନ୍ତର୍ଗତ ଗୋଲାଗାଁ ଗ୍ରାମର ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ଗୋଲାଗାଁ ପ୍ରାଙ୍ଗଣରେ ପିଏମ୍‌ଶ୍ରୀ ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସରିତା ଜାମୁଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇଥିଲେ। ଆୟୋଜିତ ସଭାରେ ମଣ୍ଡଳ ଅଧିକାରୀ ଦାନଗଦି ଶୁଭ୍ରାଂଶୁ ପୁହାଣ, ନୋଡାଲ ପ୍ରଧାନଶିକ୍ଷକ ଦାନଗଦି ରଫୁଲ୍ଲ ଚନ୍ଦ୍ର ବେହେରା, ଯାଜପୁର ଜିଲ୍ଲା ଅଧିକାରୀ ତପନ କୁମାର ସାହୁ, ବିଶ୍ୱଜିତ ରାଜ, ଚାନ୍ଦିଆ ସରପଞ୍ଚ ଗାଣ୍ଡୁସିଂ ଖୁଣ୍ଟିଆ, ବିଦ୍ୟାଳୟ ସଭାପତି ମାନସ ବେହେରା, ପଞ୍ଚସଖା ଶିକ୍ଷାସେତୁ ସଭାପତି ରାଜେନ୍ଦ୍ର ସାହୁ, ସିଆର୍‌ସିସି ସୁରେନ୍ଦ୍ର କୁମାର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଛତାଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଷ୍ଟଲ, ଇନସ୍ପାଏରିଂ ଓଡିଶା ୨୦୩୬, ଆକାଂକ୍ଷା ଛାତ୍ର ପରିଷଦ, ଦି ଟ୍ୟାଲେଣ୍ଟ ଗ୍ୟାଲେରୀ, ଦୋକାନ ଯାତ୍ରା ପାଭିଲିୟନ, ଆମ ବିଦ୍ୟାଳୟ ବଜାର, ବୃତ୍ତିଗତ ଶିକ୍ଷା, କ୍ରୀଡ଼ା ଓ ଶାରୀରିକ ଶିକ୍ଷା, ଶିଶୁ ବାଟିକା ଆଦି ଷ୍ଟଲର ଆୟୋଜନ କରାଯାଇଥିଲା। ଉତ୍ସବରେ ବିଭିନ୍ନ ପ୍ରକଳ୍ପର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ଚତୁର୍ଥ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ-ଅର୍ଜୁନ ପୃଷ୍ଟି
ଭୁଷଣ୍ଡପୁର,ଖୋର୍ଦ୍ଧା
ଆବିର୍ଭାବ-୧୮.୦୭.୧୯୩୩
ତିରୋଧାନ-୧୯.୦୧.୨୦୨୨

ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣା ଦାୟକ ।ବାପା ଆପଣଙ୍କ ସ୍ନେହ,ଶ୍ରଦ୍ଧା,ଧର୍ମ,କର୍ମ,ସେବା ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ମନେରହିଥିବ ।ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ।

# ସରିଲା ଗଣନା; ଚିଲିକାରେ ଏଥର ୧୧.୩୨ ଲକ୍ଷ ପକ୍ଷୀ








ବାଲୁଗାଁ/ଖୋର୍ଦ୍ଧା,୧୮।୧(ସମିସ): ଏସିଆ ମହାଦେଶର ସର୍ବବୃହତ୍ତମ ଲବଣାକ୍ତ ହ୍ରଦ ତଥା ପକ୍ଷୀ ତୀର୍ଥ ଚିଲିକାକୁ ଚଳିତ ବର୍ଷ ୧୯୬ ପ୍ରଜାତିର ସମୁଦାୟ୧୧ଲକ୍ଷ ୩୨ହଜାର ୨୦୦ ରଙ୍ଗବେରଙ୍ଗର ପକ୍ଷୀଙ୍କ ସମାଗମ ହୋଇଥିବାରୁ ଚିଲିକା ଉତ୍ସବ ମୁଖର ହୋଇ ପଡ଼ିଛି । ଚଳିତ ବର୍ଷ ସମଗ୍ର ଚିଲିକାରେ ୧୦୬ ପ୍ରଜାତିର ୧୧ଲକ୍ଷ ୧୦ ହଜାର ୨୫୭ଟି ବିଦେଶୀ ଗତ ପକ୍ଷୀ ଆସିଥିବାବେଳେ ୯୦ ପ୍ରଜାତିର ୨୧ହଜାର ୯୪୩ଗୋଟି ସ୍ଥାନୀୟ ପକ୍ଷୀ ଦେଖାଯାଇଥିବା ବିଭାଗ ପକ୍ଷରୁ ଗଣନା ରିପୋର୍ଟରୁ ଜଣାଯାଇଛି । ସମଗ୍ର ଚିଲିକାରେ ବିଗତ ବର୍ଷ ତୁଳନାରେ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇ ଗତ ବର୍ଷ ୧୯୬ ପ୍ରଜାତିର ୧୧ଲକ୍ଷ ୨୭ହଜାର ୨୨୮ଟି ପକ୍ଷୀ ସମାଗମ ହୋଇଥିବାବେଳେ ପ୍ରଜାତି ସଂଖ୍ୟା ସମାନ ରହିଥିବା ସହ ଚଳିତ ବର୍ଷ ୪ହଜାର ୯୭୨ଟି ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଛି । ଚଳିତ ବର୍ଷ ସର୍ବାଧିକ ପକ୍ଷୀ ବାଲୁଗାଁ ରେଞ୍ଜ ଅନ୍ତର୍ଗତ ଅଞ୍ଚଳରେ ଦେଖାଯାଇଛି ।

ଗତବର୍ଷ ପକ୍ଷୀ ଅଭୟାରଣ୍ୟ ନଳବଣରେ ୯୨ ପ୍ରଜାତିର ମୋଟ ୩ ଲକ୍ଷ ୪୩ ହଜାର ୨୨୬ ଟି ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ପକ୍ଷୀ ଅଭୟାରଣ୍ୟ ନଳବଣରେ ୧୦୬ ପ୍ରଜାତିର ମୋଟ ୩ ଲକ୍ଷ ୯୭ ହଜାର ୫୮୭ ଟି ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ୫୪ ହଜାର ୩୬୧ଟି ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଥିବା ରବିବାର ଅନୁଷ୍ଠିତ ପକ୍ଷୀ ଗଣନାରୁ ରିପୋର୍ଟରୁ ଜଣାଯାଇଛି । ଏଥିସହ ଚଳିତ ବର୍ଷ ନୂତନ ଭାବେ ଆଫ୍ରିକା ମହାଦେଶରୁ ଆସିଥିବା ପ୍ଲେନ ମାର୍ଟିନ ଓ ବେଙ୍ଗଲରୁ ଆସିଥିବା ବେଙ୍ଗଲ ବୁଶ ଲାର୍କ ପ୍ରଜାତିର ଦୁଇଗୋଟି ପକ୍ଷୀ ଦୃଶ୍ୟମାନ ହୋଇଛନ୍ତି ।

ଚିଲିକା ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ରବିବାର ପ୍ରାତଃରୁ ସମଗ୍ର ଚିଲିକାରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସମଗ୍ର ଚିଲିକାକୁ ୫ଟି ଜୋନ୍‌ରେ ତଥା ବାଲୁଗାଁ, ଚିଲିକା, ଟାଙ୍ଗି, ରମ୍ଭା ଓ ସାତପଡ଼ାରେ ବିଭକ୍ତ କରାଯାଇଥିଲା । ଏହି ପକ୍ଷୀ ଗଣନା ନିମନ୍ତେ ୨୨ଗୋଟି ଦଳରେ ପ୍ରାୟ ଶତାଧିକ କର୍ମଚାରୀ ନିୟୋଜିତ ହୋଇଥିଲେ । ସକାଳ ୬ଘଟିକା ଠାରୁ ମଧ୍ୟାହ୍ନ ୧୨ ଘଟିକା ସମୟ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ଚାଲିଥିଲା । ଗଣନାକାରୀଙ୍କ ରିପୋର୍ଟ ଅନୁଯାୟୀ ଗତବର୍ଷ ସମଗ୍ର ଚିଲିକା ଅଞ୍ଚଳରେ ୧୯୬ ପ୍ରଜାତିର ୧୧ଲକ୍ଷ ୨୭ ହଜାର ୨୨୮ଟି ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ସମଗ୍ର ଚିଲିକାରେ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇ ୧୯୬ ପ୍ରଜାତିର ୧୧ଲକ୍ଷ ୩୨ ହଜାର ୨୦୦ପକ୍ଷୀଙ୍କ ସମାଗମ ହୋଇଥିବା ସହ ୯୦ପ୍ରଜାତିର ୨୧ହଜାର ୯୪୩ଟି ସ୍ଥାନୀୟ ପକ୍ଷୀ ଦେଖାଯାଇଛି । ଚଳିତ ବର୍ଷ ସର୍ବାଧିକ ସଂଖ୍ୟାରେ ନର୍ଦନ ପିଣ୍ଟେଲ୍ ୨ ଲକ୍ଷ ୧୮ହଜାର ୯୯୩ଟି, ୟୁରାସିଆନ କୁଜ୍‌ୟନ ୧ଲକ୍ଷ ୫୩ହଜାର ୩୧୮, ଗଡୱାଲ ୧ଲକ୍ଷ ୪୩ହଜାର ୧୨୭, ବ୍ଲାକଟେଲ ଗଡୱାଲ, କମନ୍ କୁଟ୍ ଓ ଚିଲିକାର ଶୋଭାମଣ୍ଡନ କାରୀ ଫ୍ଲେମିଙ୍ଗୋ ପକ୍ଷୀ ଗତ ବର୍ଷ ୨ହଜାର ୬୩୮ଟି ପକ୍ଷୀ ଆସିଥିବା ବେଳେ ଚଳିତ ବର୍ଷ ୧୮୦୦ଟି ଫ୍ଲେମିଙ୍ଗୋ ପକ୍ଷୀ ଆସିଥିବା ଗଣନାରୁ ଜଣାଯାଇଛି । ସୁଦୂର ସାଇବେରିଆ, କାଜାକିସ୍ଥାନ, ଋଷ, ଆମେରିକା, ଇରାନ୍, ଆଫଗାନିସ୍ଥାନ, ଲଦାଖ ସମେତ ହିମାଳୟ ଆଦି ଦେଶରୁ ଗତ ବର୍ଷ ୧୯୬ ପ୍ରଜାତିର ଲକ୍ଷ ଲକ୍ଷ ପକ୍ଷୀ ଆସିଥିବା ବେଳେ ଚଳିତ ବର୍ଷ ମଧ୍ୟ ୧୯୬ ପ୍ରଜାତିର ଲକ୍ଷ ଲକ୍ଷ ପକ୍ଷୀ ପ୍ରବଳ ଥଣ୍ଡାରୁ ରକ୍ଷା ପାଇବା ପାଇଁ ହଜାର ହଜାର ମାଇଲ ଅତିକ୍ରମ କରି ଚିଲିକା ବକ୍ଷକୁ ଆଗମନ କରିଛନ୍ତି । ଏହି ଗଣନା କାର୍ଯ୍ୟରେ ୱାଇଲ୍ଡ ଓଡ଼ିଶା, ବମ୍ବେ ନ୍ୟାଚୁରାଲ୍ ହିସ୍‌ଟୋରି ଅଫ୍ ସୋସାଇଟି, ଓୟୁଏଟି, ସିଡ଼ିଏ କର୍ମଚାରୀ, ୱାଇଲ୍ଡ ଓଡ଼ିଶା, ଭେଟେନାରୀ ଅଧିକାରୀ, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରଛାତ୍ରୀ ଓ ବହୁ ଅଭିଜ୍ଞ ପକ୍ଷୀ ବିଶାରଦ ସାମିଲ୍ ହୋଇଥିବା ନେଇ ଚିଲିକା ବନ୍ୟପ୍ରାଣୀ ଅଧିକାରୀ ଅମ୍ଳାନ ନାୟକ ସୂଚନା ଦେଇଛନ୍ତି ।

ପକ୍ଷୀ ତୀର୍ଥ ଚିଲିକାକୁ ୨୦୧୮ ମସିହାରେ ୯ଲକ୍ଷ ୪୭ହଜାର ୧୧୯ଟି ୧୮୦ ପ୍ରଜାତିର ପକ୍ଷୀ ଆଗମନ ହୋଇଥିଲା । ଦୀର୍ଘ ୮ ବର୍ଷ ବ୍ୟବଧାନରେ ୨୦୨୬ ମସିହାରେ ୧୧ଲକ୍ଷ ୩୨ହଜାର ୨୦୦ଟି ପକ୍ଷୀ ସମାଗମ ହୋଇଛନ୍ତି । ତେବେ୨୦୨୨ ମସିହାରେ ପକ୍ଷୀ ସଂଖ୍ୟା ହ୍ରାସ ପାଇଥିବା ବେଳେ ୨୦୨୩ ଓ ୨୦୨୪ ମସିହାରେ ଦୁଇ ବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇ ଗତ ୨୦୨୫ମସିହାରେ ପକ୍ଷୀ ସଂଖ୍ୟାରେ ହ୍ରାସ ପାଇ ୧୧ଲକ୍ଷ ୨୭ହଜାର ୨୨୮ଟି ପକ୍ଷୀ ଆସିଥିଲେ । ଚଳିତ ବର୍ଷ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଲାଗି ଅନୁକୂଳ ପରିବେଶ ସହ ସନ୍ତସନ୍ତିଆ ସ୍ଥାନ, ଉପଯୁକ୍ତ ବାସସ୍ଥାନ ଓ ପର୍ଯ୍ୟାପ୍ତ ଖାଦ୍ୟ ଉପଲବ୍ଧ ରହିଥିବାରୁ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଥିବା ସଂପର୍କରେ ପକ୍ଷୀ ବିଶାରଦମାନେ ମତପ୍ରକାଶ କରିଛନ୍ତି ।

## ଅଳଙ୍କାର ଦୋକାନରୁ ଚୋରି ଉଦ୍ୟମ, ୨ଜଣଙ୍କୁ ୩ ମାସ ଜେଲ୍

ବାଲୁଗାଁ,୧୮।୧( ସମିସ) : ବାଲୁଗାଁ ଚିଲିକା ରୋଡ ସ୍ଥିତ ଏକ ସୁନା ଅଳଙ୍କାର ଦୋକାନର ତାଲା ଭାଙ୍ଗି ଗତ ୨୦୨୫ ମସିହା ଅକ୍ଟୋବର ମାସ ୩୧ତାରିଖ ବିଳମ୍ବିତ ରାତ୍ରିରେ ଚୋରି ଉଦ୍ୟମ କରୁଥିବା ବେଳେ ପୁଲିସ ହାତରେ ଦୁଇ ଲୁଟେରା ଧରାପଡ଼ି କୋର୍ଟ ଚାଲାଣ କରାଯାଇଥିଲା । ଉକ୍ତ ମାମଲା ଚିଲିକା କୋର୍ଟରେ ବିଚାରଧୀନ ଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ସମସ୍ତ ସାକ୍ଷୀ ପ୍ରମାଣ ଆଧାରରେ ଏହାର ତ୍ୱରିତ ଫଇସଲା କରି ଶନିବାର ଦୁଇ ଅଭିଯୁକ୍ତ ବାଲୁଗାଁ ବିଦ୍ୟାଧରପୁର ସାହିରେ ରହୁଥିବା କାଳିଆ ଦାସ ଓ ବଙ୍ଗୀୟ ତାଳପଟି ସାହିର ରାହୁଲ ବିଶ୍ୱାସକୁ ଦୋଷୀ ସାବ୍ୟସ୍ତ କରି ୩ମାସ ଜେଲ ଦଣ୍ଡାଦେଶ ସହ ଉଭୟଙ୍କୁ ୨୫୦ଟଙ୍କା ଲେଖାଏଁ ଜରିମାନା ଦଣ୍ଡ ଶୁଣାଣି କରିଛନ୍ତି ବିଚାରପତି ।

ସୂଚନା ମୁତାବକ, ଗତ ଅକ୍ଟୋବର ୩୧ତାରିଖ ବିଳମ୍ବିତ ରାତ୍ର ପ୍ରାୟ ୨ଘଟିକା ସମୟରେ ବାଲୁଗାଁ ଚିଲିକା ରୋଡ ସ୍ଥିତ ରାମଚନ୍ଦ୍ର ସାହୁଙ୍କ ଶମ୍ଭୁ ଜୁଏଲାରୀ ନାମକ ଏକ ଅଳଙ୍କାର ଦୋକାନର ଗ୍ରିଲ ତାଲା ଭାଙ୍ଗି କାଳିଆ ଓ ରାହୁଲ ଦୁଇ ଦୁର୍ବୃତ୍ତ ଲୁଟ ଉଦ୍ୟମ କରୁଥିଲେ । ଏ ସମ୍ପର୍କରେ ସୂଚନା ପାଇ ବାଲୁଗାଁ ପୋଲିସ ପାଟ୍ରୋଲିଂ ଟିମ ଦୁଇ ଲୁଟେରାଙ୍କୁ ଗିରଫ କରିଥିଲା । ଏ ନେଇ ଦୋକାନ ମାଲିକଙ୍କ ଅଭିଯୋଗ କ୍ରମେ ବାଲୁଗାଁ ଥାନା ପୁଲିସ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତ କାଳିଆ ଓ ରାହୁଲଙ୍କୁ କୋର୍ଟ ଚାଲାଣ କରି ଏସଆଇ ସୁକାନ୍ତ ପ୍ରଧାନ ତଦନ୍ତ କରି ଚିଲିକା କୋର୍ଟରେ ରିପୋର୍ଟ ଦାଖଲ କରିଥିଲେ । ଉକ୍ତ ମାମଲାକୁ ଚିଲିକା କୋର୍ଟର ଆଇନଜୀବୀ ପି.କେ.ନନ୍ଦ ଓ ଏଚ.କେ. ଜଗଦେବ ପରିଚାଳନା କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ବାଲୁଗାଁ,୧୮।୧(ସମିସ); ଐତିହାସିକ ମାମୁ ଭଣଜା ପାହାଡ଼ ପାଦଦେଶରେ ଅବସ୍ଥିତ ଶ୍ରୀରାମ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବର ସଭାରେ ଅତିଥି ଭାବେ ଆରଏସଏସର ଓଡିଶା ପୂର୍ବ ସହ ପ୍ରଚାରକ ଅସିତ କୁମାର ସାହୁ ଓ ନାଚୁଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁନିଲ କୁମାର ପଟ୍ଟନାୟକ ବିଦ୍ୟାମନ୍ଦିରର ସମ୍ପାଦକ ଅନନ୍ତ ସେଠୀ ଓ ପ୍ରଧାନା.ର୍ଯ୍ୟ ପ୍ରହଲ୍ଲାଦ ଦାସ ପ୍ରମୁଖ ଯୋଗଦେଇ ଥିଲେ । ପ୍ରଧାନଆ.ର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିବା ସହ ମଞ୍ଚ ପରି.ଳନା କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଜଟଣୀ ଡାକ୍ତରଖାନାରୁ ମୃତଦେହ ଉଦ୍ଧାର

ଜଟଣୀ,୧୮।୧(ସମିସ): ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ଜଟଣୀ ପୁଲିସ । ରବିବାର ଅପରାହ୍ନ ୨ଟା ସମୟରେ ଜଣେ ବୟସ୍କ ବ୍ୟକ୍ତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ଅତି ପ୍ରବଳ ମୁଣ୍ଡ ବ୍ୟଥା ହେଉଥିବା କହିବା ସହ ସଂଜ୍ଞାହୀନ ହୋଇଯାଇଥିଲେ । ତେବେ ଏନେଇ ଡାକ୍ତର ଚିକିତ୍ସା କରିବା ସମୟରେ ବ୍ୟକ୍ତି ଜଣକ ମୃତ୍ୟୁବରଣ କରିଥିଲେ । ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବା ବେଳେ ଡାକ୍ତର ଜଟଣୀ ପୁଲିସକୁ ଅବଗତ କରିଥିଲେ । ଖବର ପାଇ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ଖୋର୍ଦ୍ଧା,୧୮।୧(ସମିସ): ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚର ଷଷ୍ଠ ବାର୍ଷିକ ଉତ୍ସବ ଆଜି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦେବପ୍ରସାଦ ମଜୁମଦାର ସଭାପତିତ୍ୱ କରିଥିଲେ । ଅନୁଷ୍ଠାନର ୩୫୦ରୁ ଉର୍ଦ୍ଧ୍ୱ ସଦସ୍ୟା/ସଦସ୍ୟ ଉତ୍ସବରେ ଯୋଗ ଦେଇଥିଲେ । ସମ୍ପାଦକ ରାମଶଙ୍କର ଦିବଂଗତ ସଦସ୍ୟବୃନ୍ଦଙ୍କ ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ କରି ବାର୍ଷିକ ବିବରଣୀ ପାଠ କରିଥିଲେ । ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ଅନ୍ତର୍ଗତ ବାଣପୁର, ବାଲୁଗାଁ, ନିରାକାରପୁର, ନାଚୁଣୀ, ଟାଙ୍ଗି, ବାଜପୁର, ବୋଲଗଡ଼, ବେଗୁନିଆ, ଗେଡିଆପଲ୍ଲୀ ଓ ଜଟଣୀରେ କାର୍ଯ୍ୟରତ ବରିଷ୍ଠ ନାଗରିକ ଅନୁଷ୍ଠାନର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜ ଓ ଅନୁଷ୍ଠାନ ପ୍ରତି ଅବଦାନ ନିମନ୍ତେ ୮୦ ବର୍ଷରୁ ଉର୍ଦ୍ଧ୍ୱ ଡ. ନାରାୟଣ ରାଓ, ଭୀମସେନ ପ୍ରଧାନ, ପ୍ରଫୁଲ କୁମାର ମହାପାତ୍ର, ରାଧାବଲ୍ଲଭ ରାୟ, ମହିନ୍ଦ୍ର ଚନ୍ଦ୍ର ମିଶ୍ର ଓ ଦୀନବନ୍ଧୁ ବିଶ୍ୱାଳଙ୍କୁ ବୟୋଜ୍ୟେଷ୍ଠ ନାଗରିକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଷେତ୍ରବାସୀ ସାହୁଙ୍କୁ ଆଦର୍ଶ ବରିଷ୍ଠ ନାଗରିକ ସମ୍ମାନ ଓ ଜିତେନ୍ଦ୍ର ପଟ୍ଟନାୟକଙ୍କୁ ଆଦର୍ଶ ପରିବାର ସମ୍ମାନ ପ୍ରଦାନ କରାଯାଇଥିଲା । ୨୦୨୬-୨୦୨୭ ଦୁଇବର୍ଷ ନିମନ୍ତେ ନୂତନ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ତଥା ଉପଦେଷ୍ଟା ରୂପେ ଦେବପ୍ରସାଦ ମଜୁମଦାର, ଅଖିଳ ଚନ୍ଦ୍ର ପ୍ରଧାନ, ନସିମ୍ ଉଦ୍ଦିନ ଖାଁ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଡାକ୍ତର ବାସୁଦେବ ପାତ୍ର, ବିଧାନ ଚନ୍ଦ୍ର ମହାନ୍ତି ସଭାପତି, ରତ୍ନାକର ରଣସିଂହ, ରବିନ୍ଦ୍ର କୁମାର ସାହୁ, ସୌଦାମିନି ପଟ୍ଟନାୟକ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ବସନ୍ତ କୁମାର ଦାଶ ପ୍ରମୁଖ ଉପସଭାପତି, ରାମଶଙ୍କର ସମ୍ପାଦକ, ସନ୍ତୋଷ କୁମାର ଦାସ ଯୁଗ୍ମ ସମ୍ପାଦକ, ହରମୋହନ ମହାପାତ୍ର, ନବକିଶୋର ମହାପାତ୍ର, ନବୀନ ସାମନ୍ତସିଂହାର, କ୍ଷେତ୍ରବାସୀ ସାହୁ, ଗଦାଧର ଗୋଛି ସହ-ସମ୍ପାଦକ, ସତ୍ୟବ୍ରତ ଦାସ କୋଷାଧ୍ୟକ୍ଷ ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟଭାବେ ବିପ୍ରଚରଣ ବେହେରା, ଗଗନ ବିହାରୀ ପାଣିଗ୍ରାହୀ, ଅଞ୍ଜନ କୁମାର ରାୟ, ବିପିନ ବିହାରୀ ମିଶ୍ର, ବିରଂଚି ନାରାୟଣ ପ୍ରଧାନ ଓ ସେବତୀ ଭୂୟାଁଙ୍କୁ ନିର୍ବାଚିତ କରାଯାଇଛି । ଜୟକୃଷ୍ଣ ନାୟକ, ଶରତ କୁମାର ସାହୁ, ବିଜୟ କୁମାର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ରବିନାରାୟଣ ପାଇକରାୟ ଉତ୍ସବକୁ ପରିଚାଳନା କରିଥିଲେ ।




## ଅତ୍ରି ମକର ମହୋତ୍ସବ ଉଦ୍‌ଯାପିତ

ବେଗୁନିଆ,୧୮।୧(ସମିସ): ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ମପ୍ରସ୍ରବଣ ପରିସରରେ ଚାରିଦିନ ଧରି ଚାଲିଥିବା ୧୧ ତମ ବାର୍ଷିକ ମକର ମହୋତ୍ସବ ଉଦ୍‌ଯାପିତ ହୋଇଛି । ମକର ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ କୋଷାଧ୍ୟକ୍ଷ ସୁଧାକର ସେଠୀଙ୍କ ସଂଯୋଜନାରେ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମୁଖ୍ୟବକ୍ତା, ଓସେପା ଡେପୁଟି ଡାଇରେକ୍ଟର ତାପସ ବିଶି, ଜିଲ୍ଲା ପରିଷଦ ସଭ୍ୟ ତନୁଜା ପାଟଶାଣୀ, ସୁନନ୍ଦିତା ସାହୁ, ବୋଲଗଡ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ମହାଭୋଇ, ଆଗ୍ରୋଭିଜନ ଏମଡ଼ି ଅଶୋକ କୁମାର ସାରଦା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ନୂତନ ପିଢ଼ିର ଯୁବ ପ୍ରତିଭାକୁ ସୁଯୋଗ ଦେଇଥାଏ ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ ନୃତ୍ୟରେ କୃତୀ ଛାତ୍ରଛାତ୍ରୀ ବେଗୁନିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ, ବଡବେରଣା ଡମଣି କୃପା ସୁରେନ୍ଦ୍ର ନାଥ ବିଦ୍ୟାପୀଠ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ଅତିଥି ମାନେ ପୁରସ୍କୃତ କରିଥିଲେ । ସେହିପରି ଚତୁର୍ଥ ଦିନ ମହୋତ୍ସବରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି, ଚିଲିକା ବିଧାୟକ ରଘୁନାଥ ସାହୁ ସ୍ୱତନ୍ତ୍ର ଅତିଥି, ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ମୁଖ୍ୟବକ୍ତା, ଅଧ୍ୟାପକ ବିକେ ଏସଏସ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଲୋଚନ ପ୍ରଧାନ, ମଧୁ ସୁଦନ ସୁବୁଦ୍ଧି, ଜିତେନ୍ଦ୍ର କୁମାର ପାହାଡ ସିଂହଙ୍କ ସହ ସମସ୍ତ ସରପଞ୍ଚ ଅସିତ୍ କୁମାର ତ୍ରିପାଠୀ, ଆରତ ମାଝୀ ଓ ଅକ୍ଷୟ ରାଉତରାୟ, ଲାବଣ୍ୟ ଜୟସିଂହଙ୍କ ସମେତ ଅନ୍ୟ ସରପଞ୍ଚ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ବିଧାୟକ ଶ୍ରୀ ସାହୁ ବକ୍ତବ୍ୟ ଛଳରେ କହିଥିଲେ ଯେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଷ୍ମ ପ୍ରସ୍ରବଣ ପାଇଁ ବିକାଶ ପାଇଁ ୩୦ କୋଟି ଅନୁଦାନ ରାଶି ପ୍ରଦାନ କରିବା ପାଇଁ ସର୍ବ ସମ୍ମୁଖରେ ପ୍ରତିଶ୍ରୁତି ଦେଇ ଥିବା ବେଳେ କେତେଦୂର ଆଗାମୀ ଦିନରେ କାର୍ଯ୍ୟକାରୀ କରିବେ ବୋଲିଚହି ଟେରେଛା ଭାବେ ବାଣ ମାରିଥିଲେ । ପ୍ରାରମ୍ଭରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଭୁବନେଶ୍ୱର ଶିଳ୍ପୀକା ଡ୍ୟାନସ ଗ୍ରୁପ, ଶୁଭଶ୍ରୀ କଳା ନିକେତନ, ଚଳଚିତ୍ର ନାୟିକା ଶୀତଳ ମିଶ୍ର, ଖୋର୍ଦ୍ଧା ମହାବୀର ଡ୍ୟାନସ ଗ୍ରୁପ, ନୃତ୍ୟ ନମାମି ଓ ବଡବେରଣା ମା' କାଳିକା ଡ୍ୟାନସ ଗ୍ରୁପ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ କଳାକାରମାନେ ପରିବେଷଣ କରିଥିଲେ ।



## ସୁଧାଂଶୁଙ୍କୁ ଓଡ଼ିଶା ଗୌରବ ସମ୍ମାନ

ଟାଙ୍ଗୀ,୧୮।୧(ସମିସ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀର ଭାରତୀୟ ଜନତା ପାର୍ଟିର ଯୁବ ସଂଗଠକ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ସଦସ୍ୟ, ଆଇନଜୀବୀ, ତଥା ସମାଜ ସେବୀ, ଭାରତୀୟ ମାନବାଧିକାର ରକ୍ଷକର ଆଇନ ପରାମର୍ଶଦାତା ସୁଧାଂଶୁ କୁମାର ରଣସିଂହଙ୍କୁ ଜୟଦେବ ଭବନ ଭୁବନେଶ୍ୱର ଠାରେ ଓଡିଶା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଅଛି । ନ୍ୟାୟଧୀଶ ଉମାଶଙ୍କର ମିଶ୍ର ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ ।

## ବିଶ୍ୱଶାନ୍ତି ମହାଯଜ୍ଞ

ବାଣପୁର,୧୮ ।୧(ସମିସ) : ବାଣପୁର ବ୍ଲକ ଅଧିନ ଘାସଡିହ ଗ୍ରାମବାସୀଙ୍କ ତରଫରୁ ମା ରାମଚଣ୍ଡୀ ଦେବୀଙ୍କ ପୀଠରେ ଭାଟପଡା ଅଂଚଳର ସୀମାଠାକୁର ବାବା ଗ୍ରାମେଶ୍ୱର ଦେବ ଓ ମା ରାମଚଣ୍ଡୀ ଦେବୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଠାରୁ ଆରମ୍ଭ ହୋଇ ଚାରି ଦିନ ଧରି ଆଡମ୍ବର ସହ ଚାଲିଥିବା ଏହି ମହାଯଜ୍ଞ ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି ।

## ବିଶ୍ୱ ଶାନ୍ତି ଦିବସ

ଜଟଣୀ,୧୮।୧(ସମିସ) : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ପରମପିତା ପରମାତ୍ମାଙ୍କର ସାକାର ମାଧ୍ୟମ ପିତାଶ୍ରୀ ପ୍ରଜାପିତା ବ୍ରହ୍ମାବାବା ଙ୍କର ୫୭ତମ ପୁଣ୍ୟ ସ୍ମୃତି ଦିବସ ବିଶ୍ୱ ଶାନ୍ତି ଦିବସ ରୂପେ ପାଳନ କରାଯାଉଅଛି । ଏହି ଅବସରରେ ଜଟଣୀ ସ୍ଥିତ ବଡ଼ବଜାର ରାଜଯୋଗ ଭବନ ଠାରେ ଏହି ଦିବସକୁ ନିରାଡମ୍ବର ସହକାରେ ପାଳନ କରାଯାଇଛି । ଏହି ଅବସରରେ ପ୍ରାତଃ ଜ୍ଞାନଯୋଗ କ୍ଲାସ ପରେ ସେବାକେନ୍ଦ୍ରର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ଜ୍ୟୋତି ଭଉଣୀଙ୍କ ସଭାପତିତ୍ୱରେ ସେବାକେନ୍ଦ୍ରର ବରିଷ୍ଠ ଭାଇ ଭଉଣୀ ମାନେ ବ୍ରହ୍ମାବାବା ଙ୍କର ଜୀବନ କାହାଣୀ ର ସ୍ମୃତି ଚାରଣ କରିଥିଲେ । କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାର ଅଶୋକ ଭାଇ, ମଳୟ ଭାଇ, ଶ୍ରୀପତି ଭାଇ ପରିଚାଳନା କରିଥିଲେ ।

## ପ୍ରଜାପିତା ବ୍ରହ୍ମାବାବାଙ୍କ ଅବ୍ୟକ୍ତ ସ୍ମୃତି ଦିବସ



ଖୋର୍ଦ୍ଧା,୧୮।୧(ସମିସ): ସ୍ଥାନୀୟ ଗୋଡିପୋଖରୀସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ଏହି ସଂସ୍ଥାର ସଂସ୍ଥାପକ ପିତାଶ୍ରୀ ପ୍ରଜାପିତା ବ୍ରହ୍ମାବାବାଙ୍କ ଅବ୍ୟକ୍ତ ସ୍ମୃତି ଦିବସ ପାଳନ କରାଯାଇଛି । ବିଭିନ୍ନ ଗ୍ରାମରେ ଥିବା ବ୍ରହ୍ମାକୁମାରୀ ପାଠଶାଳାରୁ ୨୫୦ଜଣ ଭାଇ ଭଉଣୀ ଏଥିରେ ଯୋଗଦେଇ ବ୍ରହ୍ମାବାବା ଙ୍କ ଫଟୋ ଚିତ୍ର ରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ । ଅତିଥି ଭାବରେ ସମାଜସେବୀ ବାସନ୍ତୀ ମହାପାତ୍ର ଓ ରିଜର୍ଭ ପୁଲିସ ଇନ୍ସପେକ୍ଟର ବିଜୟ କୁମାର ସାହୁ ଯୋଗଦେଇ ଥିଲେ । ସେବାକେନ୍ଦ୍ରର ସଂଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀ ମେଡିଟେଶନ କରାଇଥିଲେ । ବ୍ରହ୍ମାକୁମାରୀ ରଶ୍ମି ଭଉଣୀ ଓ ବ୍ରହ୍ମାକୁମାରୀ କଳ୍ପନା ଭଉଣୀ ମଂଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ତିଳକ, ଉତ୍ତରୀୟ ପ୍ରଦାନ କରିଥିଲେ । ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ ମଞ୍ଚ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜରିପଡ଼ା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି



ଟାଙ୍ଗୀ,୧୮।୧(ସମିସ): ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନସ୍ଥ ଜରିପଡା ସେବା ସମବାୟ ସମିତିରେ ଖରିଫ ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ଚିଲିକା ବ୍ଲକର ଜରିପଡା, କଳକଳେଶ୍ୱର ଓ ଚଣ୍ଡେଶ୍ୱର ଇତ୍ୟାଦି ତିନୋଟି ପଞ୍ଚାୟତକୁ ନେଇ ଏହି ସମିତି ଅଧିନସ୍ଥ ଚାଷୀ ମାନେ ଏଥିରେ ସଭ୍ୟ ରହିଛନ୍ତି । ସମିତି ସଭାପତି ଦାମୋଦର ଜେନାଙ୍କ ଅଧ୍ୟକ୍ଷତାରେ ସଭାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ବାଲୁଗାଁ ଶାଖା ପରିଚାଳକ ରାକେଶ ପାଇକରାୟ, ଜରିପଡା ସରପଞ୍ଚ ଦିପୁନା ସାହୁ, କଳକଳେଶ୍ୱର ସରପଞ୍ଚ ଜ୍ୟୋସ୍ନାରାଣୀ ମଲ୍ଲିକ, ଜରିପଡା ରାଜସ୍ୱ ନିରୀକ୍ଷକ ମମତା ବେହେରା, ଜରିପଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ମୁର୍ମୁ, ପରିଚାଳନା ସମିତିର ସମସ୍ତ ସଭ୍ୟ ସଭ୍ୟା ଓ ଚାଷୀ ଭାଇ ଭଉଣୀ ମାନଙ୍କ ଉପସ୍ଥିତିରେ ଚଣ୍ଡୀହର ଦେବ ରାଇସ ଆଣ୍ଡ ଫ୍ଲୟର ମିଲର ଦାୟିତ୍ୱରେ ଥିବା ରାମଚନ୍ଦ୍ର ପ୍ରଧାନଙ୍କ ସହିତ ଆଲୋଚନା ପୂର୍ବକ ବୁଝାମଣା ହୋଇଥିଲା । ସମିତି ସମ୍ପାଦକ ପ୍ରଦୀପ କୁମାର ଶ୍ରୀଚନ୍ଦନଙ୍କ ସମେତ ସମସ୍ତ କର୍ମଚାରୀ ପ୍ରମୁଖଙ୍କ ସହାୟତାରେ ଶୃଙ୍ଖଳାର ସହ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ ।

## ବିଭିନ୍ନ ସମସ୍ୟା ସମ୍ପର୍କରେ କୁଦିଆରୀ ଗ୍ରାମସଭା

ଜଟଣୀ, ୧୮।୧ (ସମିସ): ସ୍ଥାନୀୟ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମରେ ବାବୁଲି ଛୋଟରାୟଙ୍କ ସଭାପତିତ୍ୱରେ ଗ୍ରାମର ବିଭିନ୍ନ ସମସ୍ୟାକୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ଗ୍ରାମର ବିଭିନ୍ନ ପ୍ରକାରର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଗ୍ରାମରେ ରେଭିନ୍ୟୁ ଅଫିସ, କଲ୍ୟାଣ ମଣ୍ଡପ, ପଶୁ ଡାକ୍ତରଖାନା, ମେଳଣ ପଡିଆର ଆଧୁନିକୀକରଣ, ପାଣି ଟାଙ୍କି, ସ୍ମାର୍ଟ ମଶାଣି ଭଳି ଅନେକ ସରକାରୀ ଯୋଜନା ଉପଯୁକ୍ତ ଜାଗା ଅଭାବ ପାଇଁ ହୋଇପାରୁନାହିଁ ବୋଲି ଜଟଣୀ ନଗରପାଳ ଅନନ୍ତ ବେହେରା ମତ ରଖିଥିଲେ । ଗ୍ରାମସଭାରେ ସର୍ବସନ୍ନମତି କ୍ରମେ ମେଳଣପଡ଼ିଆ ଉପର ଅବସ୍ଥିତ ହାତୀଖାଲ ଯାହାକି ପୁରାତନ ପତିତ କିସମର ସେହିଠାରେ କଲ୍ୟାଣ ମଣ୍ଡପ ସହିତ ପାଣିଟାଙ୍କି ଓ ପଶୁ ଡାକ୍ତରଖାନା ନିର୍ମାଣ ନିମନ୍ତେ ସ୍ଥିର କରାଗଲା । ଗ୍ରାମର ନଗରପାଳ ଓ ତିନି କାଉନସିଲର ଉନ୍ନତିମୂଳକ କାର୍ଯ୍ୟରେ ମିଳିତ ଭାବେ କାର୍ଯ୍ୟକରିବା ପାଇଁ ଗ୍ରାମସଭାରେ ନିର୍ଦ୍ଦେଶ ଦିଆଗଲା । ଏହି ସଭାରେ କାଉନସିଲର ଲୁସେନ ରାୟ, ଶ୍ରମିକ ନେତା ଏଲ ଡି ମହାନ୍ତି, ବାପି ବଳିୟାରସିଂ, ରମେଶ ମହାପାତ୍ର, ଦିନେଶ ମଙ୍ଗରାଜ, ରୁଲା ମଙ୍ଗରାଜ, ଜିମା ସାହାଣୀଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇଥିଲେ ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର ଶୋକସଭା

ଖୋର୍ଦ୍ଧା,୧୮।୧(ସମିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନ୍‌ର ପ୍ରାକ୍ତନ ମହାସଚିବ ତଥା ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଧନେଶ୍ୱର ମୃତ୍ୟୁଞ୍ଜୟପୁର ବାଡ଼ା ଗ୍ରାମର ସୁପୁତ୍ର ସଚ୍ଚିଦାନନ୍ଦ ରାଉତଙ୍କ ୮୪ବର୍ଷ ବୟସରେ ପରଲୋକ ହୋଇଛି । ତାଙ୍କ ମୃତ୍ୟୁରେ ଆଜି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୋକସଭା କରାଯାଇଛି । ସ୍ୱର୍ଗତ ରାଉତଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରି ୨ମିନିଟ ନୀରବ ପ୍ରାର୍ଥନା କରାଯାଇଛି । ସଂଘର ଜିଲ୍ଲା ସଭାପତି ଯୁଧିଷ୍ଠିର ସାହୁ କହିଥିଲେ ଯେ, ସ୍ୱର୍ଗତ ରାଉତ ଜଣେ ଦକ୍ଷ ସଂଗଠକ, ଶିକ୍ଷକ ବତ୍ସଳ, ଛାତ୍ରଛାତ୍ରୀପ୍ରେମୀ, ସମାଜସେବୀ ଓ ଶିକ୍ଷକ ଜାତିର ଜନନାୟକ ଥିଲେ । ସଂଗଠନକୁ ସରକାରୀ ସ୍ୱୀକୃତି ପ୍ରାପ୍ତ କରାଇବାରେ ସ୍ୱର୍ଗତ ରାଉତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଜିତ୍ ରଞ୍ଜନ ମହାପାତ୍ର, ବ୍ଲକ ସମ୍ପାଦକ ଅମୀୟ ପରିଡ଼ା, ଜଟଣୀ ବ୍ଲକ ସମ୍ପାଦକ ଆକାଶ ମହାନ୍ତି, ଉପସଭାପତି ରଶ୍ମି ଦାସ, ସହ ସମ୍ପାଦକ ଜ୍ୟୋତିର୍ମୟୀ ନାୟକ, ରବି ନାରାୟଣ ପଣ୍ଡା, ମାଧବ ଚନ୍ଦ୍ର ରଣା, ପ୍ରଭାସିନି ବେହେରା, ପ୍ରତାପ ଚନ୍ଦ୍ର ସ୍ୱାଇଁ, ଫୟାଜ ଉଦ୍ଦିନ୍ ଖାଁ, ସତ୍ୟ ମଲ୍ଲିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ଆଇନ ସଚେତନତା ଶିବିର

ଖୋର୍ଦ୍ଧା,୧୮।୧(ସମିସ): ଖୋର୍ଦ୍ଧା ଉପକଣ୍ଠ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ମାନଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଏସଡିଜେଏମ ପ୍ରତାପ ଚନ୍ଦ୍ର ପୃଷ୍ଟି, ଜେଏମ୍‌ଏଫ୍‌ସି ଦୁର୍ଗାପ୍ରସାଦ ପଣ୍ଡା, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମଲ୍ଲିକ, ପ୍ରଦୀପ ନାୟକ, ମାନସ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ଅମିୟ ରାଉତରାୟ ପ୍ରମୁଖ ଯୋଗଦେଇ ବିଭିନ୍ନ ଆଇନ ସମ୍ପର୍କରେ ସଚେତନ କରାଇଥିଲେ । କାର୍ଯ୍ୟକ୍ରମକୁ ତାଲୁକ ଆଇନସେବା କମିଟିର ସମ୍ପାଦକ ବବି ଶତପଥୀ ସଂଯୋଜନା କରିଥିଲେ ।

## ଜଟଣୀ ସହରରେ ଦ୍ୱିତୀୟ ପଥ ଉତ୍ସବ

ଜଟଣୀ,୧୮।୧(ସମିସ): ରବିବାର ପୂର୍ବାହ୍ନରେ ଜଟଣୀ ସହରରେ ୨ୟ ପର୍ଯ୍ୟାୟ ପଥ ଉତ୍ସବ ଆୟୋଜିତ ହୋଇଯାଇଛି । ଆଜିର ଏହି ୨ୟ ପଥ ଉତ୍ସବକୁ ସ୍ୱତନ୍ତ୍ର ଭାବରେ ରେପବ୍ଲିକ ଡେ ଏସ୍ପେସିଆଲ କରଯାଇଥିଲା ବୋଲି ମୁଖ୍ୟ ଆୟୋଜକ ଡଃ ଋଷି ପଟ୍ଟନାୟକ କହିଥିଲେ । ଉତ୍ସବ ଅଧ୍ୟକ୍ଷ ବିଶ୍ୱରଞ୍ଜନ୍ ବଡ଼ଜେନାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଉଦଘାଟନ କରି କହିଥିଲେ, ଯେ ଯେଭଳି ଋଷି ପଟ୍ଟନାୟକଙ୍କ ନେତୃତ୍ୱରେ ରହାଗିରି ଆୟୋଜିତ ହେଉଥିଲା ଏବେ ପଥ ଉତ୍ସବ କୁ ବିଏମ୍‌ସି କରୁଛି ଆଗାମୀ ଦିନରେ ଜଟଣୀ ମ୍ୟୁନିସିପାଲଟି ତାର ନିଜସ୍ୱ ପାଣ୍ଠି ରୁ କରିବା ପାଇଁ ଅନୁରୋଧ କରିଥିଲେ । ବର୍ତ୍ତମାନ ସୁଦ୍ଧା ଦୁଇଟି ଯାକ ପଥ ଉତ୍ସବ ଲୁଲୁ ବଡ଼ଜେନା ତାଙ୍କର ନିଜସ୍ୱ ପାଣ୍ଠିରୁ ଅବଦାନ କରି ପାଳନ କରୁଛନ୍ତି । ଏହି ଉତ୍ସବରେ ପୌରପରିଷଦର ଅଧ୍ୟକ୍ଷ ଅନନ୍ତ ବେହେରା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ସୁଦୀପ୍ତ ରାୟ, ଜଟଣୀ ବିଡ଼ିଓ ବସନ୍ତ କୁମାର ହାତୀ, ତହସିଲଦାର ଶିବ କୁମାର ପରିଡ଼ା, ଥାନା ଆଇଆଇସି ଷ୍ଟାଲିନ ବିଶ୍ୱାଳ, ଦୁଇ ମେଡିକାଲ୍ ଅଧିକାରୀ ଡାକ୍ତର ଜିତେନ୍ଦ୍ର ପଣ୍ଡା, ଡାକ୍ତର କ୍ରିଷ୍ଣା ରାଜ, ଅଗ୍ନିଶମ ଅଧିକାରୀ ଲକ୍ଷ୍ମଣ ବେହେରା, ସାଂସଦ ଙ୍କ ଦୁଇ ପ୍ରତିନିଧି ମନୋଜ ନନ୍ଦ ଓ ସତୀଶ ଶର୍ମା, ବିକାଶ ପରିଷଦ ସଭାପତି ବିଜୁ ଛୋଟରାୟ, ସମ୍ପାଦକ ସୁଦର୍ଶନ ସୁନ୍ଦରାୟ, କୈଳାଶ ମହାପାତ୍ର, ଜଟଣୀ ବଜାର କମିଟି କର୍ମକର୍ତ୍ତା, ଖୋରଧା ଜିଲ୍ଲା ବିଜେପିର ସମସ୍ତ କର୍ମକର୍ତା, ମ୍ୟୁନିସିପାଲଟି ସମସ୍ତ କାଉନସିଲର ମଞ୍ଚରେ ଉପସ୍ଥିତ ଥିଲେ । ଉମାକାନ୍ତ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଉତ୍ସବରେ ପ୍ରାୟ ୧୪୫ରୁ ଉର୍ଦ୍ଧ୍ୱ ପ୍ରକାର ଅନୁଷ୍ଠାନ ନୃତ୍ୟ, ଗୀତ, ସ୍ୱାସ୍ଥ୍ୟ ସେବା, ସଚେତନତା, ପ୍ରଦର୍ଶନୀ, ଖାଦ୍ୟ ପ୍ରସ୍ତୁତି, କ୍ରୀଡା, ଚିତ୍ରାଙ୍କନ, ପାରମ୍ପରିକ କଳା ନୃତ୍ୟ ଗୀତ, ଚଳଚିତ୍ର ପ୍ରଦର୍ଶନୀ, ସ୍କାଉଟ ଗାଇଡ, ଏନସିସି, ଜିମ୍, ଜୁମ୍ବା, ଯୋଗ ଆଦି ଅନେକ କାର୍ଯ୍ୟକ୍ରମ ଉପସ୍ଥାପନ କରାଯାଇଛି । ମୁଖ୍ୟ ଅତିଥି ଜଟଣୀର ୪ଟି ସମାଜ ତେଲୁଗୁ ସମାଜ, ଗୁଜରାଟୀ ସମାଜ, ଅଙ୍ଗଲୋଇଣ୍ଡିଆ ସମାଜ, ବଙ୍ଗାଳୀ ସମାଜ, ତଥା ୬ଜଣ ବେକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଛି ।



# ଶ୍ରୀକ୍ଷେତ୍ର ସିଟି

୧୮/୧/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୯୩,୮୭୧/- ସୁନା:୦୩.୪୦୦ ଗ୍ରାମ୍ ରୁପା: ୩୭.୧୮୦ ଗ୍ରାମ୍





## ନେତାଜୀ ସଂଗ୍ରହାଳୟ ଫାଟକରେ ତାଲା

# ପ୍ରତିମୂର୍ତ୍ତିରେ ମାଳଟିଏ ପକାଇପାରିଲେନି ମହାପୁରୁଷଙ୍କ ଦାୟାଦ



ପୁରୀ,୧୮ ।୧(ସମିସ): ମହାପୁରୁଷଙ୍କ ଦାୟାଦଙ୍କୁ ଅପମାନ! ନେତାଜୀ ସୁଭାଷ ବୋଷ ଏବଂ 'ଜୟ ହିନ୍ଦ୍' ନାରାର ରୂପକାର ଆବିଦ ହସନ ସଫ୍ରାନିଙ୍କ ଦାୟାଦ ନେତାଜୀଙ୍କ ସଂଗ୍ରହାଳୟ ପହଞ୍ଚିଲେ। ସାଥୀରେ ଫୁଲମାଳ ଧରି ଆସିଥିଲେ। ହେଲେ ଦୁର୍ଭାଗ୍ୟ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଳଟିଏ ପକାଇବାର ସୁଯୋଗ ତାଙ୍କୁ ମିଳିଲା ନାହିଁ। ନେତାଜୀ ସଂଗ୍ରହାଳୟ ଫାଟକରେ ତାଲା ଝୁଲୁଥିବାରୁ ସେହି ଫାଟକରେ ଫୁଲମାଳ ଅର୍ପଣ କରିଦେଇ ମନ ଦୁଃଖରେ ଫେରିଥିଲେ।

ଘଟଣା ଏମିତି ଥିଲା। ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ପୁରୀରେ 'ନେତାଜୀ ଉତ୍ସବ' ପାଳନ ପାଇଁ ପୂର୍ବରୁ ତାରିଖ ଧାର୍ଯ୍ୟ ହୋଇଥିଲା। ଏହା ଆବିଦ ହସନ ଓ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କୁ ଉତ୍ସର୍ଗ ଥିଲା। ତେଣୁ ଉତ୍ସବକୁ ଉଭୟ ମହାପୁରୁଷଙ୍କ ଦାୟାଦଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସକାଳ ୯ଟା ୧୫ରେ ଗୋପାଳ ବଲ୍ଲଭ ରୋଡ୍‌ସ୍ଥିତ ନେତାଜୀ ସଂଗ୍ରହାଳୟରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ 'ସଦ୍‌ଭାବନା ଯାତ୍ରା'ର ଶୁଭାରମ୍ଭ କରାଯିବା ଲାଗି କାର୍ଯ୍ୟକ୍ରମ ଥିଲା। ସେଥିପାଇଁ ନେତାଜୀଙ୍କ ବଂଶଜ ଅଭିଜିତ୍ ବୋଷ ରାୟ ଏବଂ ଜୟ ହିନ୍ଦ୍ ନାରାର ଉଦ୍‌ଗାତା ଆବିଦ୍ ହସନ ସଫ୍ରାନିଙ୍କ ନାତୁଣୀ ଜ୍ୱାଇଁ ସାଜିଦ ମହମ୍ମଦଙ୍କ ସମେତ ଅନ୍ୟମାନେ ପହଞ୍ଚିଥିଲେ। ହେଲେ ସଂଗ୍ରହାଳୟ ଫାଟକରେ ତାଲା ଝୁଲୁଥିଲା। ତାଲା ଖୋଲିବା ପାଇଁ ସେମାନେ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ହେଲେ ତାଲା ଖୋଲାଯାଇ ନ ଥିଲା। ଶେଷରେ ବାଧ ହୋଇ ଦାୟାଦମାନେ ବାହାରୁ ଝୁରା ଫୁଲ ନେତାଜୀଙ୍କ ଉପରକୁ ପକାଇଥିଲେ। ଫାଟକରେ ଫୁଲ ମାଳ ଅର୍ପଣ କରି ସଦ୍‌ଭାବନା ଯାତ୍ରା ଆରମ୍ଭ କରିଥିଲେ।

ଏ ସଂକ୍ରାନ୍ତରେ ପରିଷଦ ପକ୍ଷରୁ କୁହାଯାଇଛି, ନେତାଜୀ ଉତ୍ସବ ସଂକ୍ରାନ୍ତରେ ପୂର୍ବରୁ ସଂସ୍କୃତି ଅଧିକାରୀଙ୍କୁ କାର୍ଡ ମାଧ୍ୟମରେ ଅବଗତ କରିଥିଲୁ। ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସଦ୍‌ଭାବନା ଯାତ୍ରା କରିବା ନେଇ ଜଣାଇଥିଲୁ। ହେଲେ ସଂଗ୍ରହାଳୟ ନିକଟରେ ପହଞ୍ଚିବା ପରେ ଫାଟକରେ ତାଲା ଝୁଲୁଥିଲା। କୌଣସି କର୍ମଚାରୀ ଫାଟକ ଖୋଲି ନ ଥିଲେ। ମହାପୁରୁଷଙ୍କ ଦାୟାଦଙ୍କ ସମେତ ଅନ୍ୟମାନେ ମନଦୁଃଖରେ ଫେରିଥିଲେ। ତେଣୁ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ପରିଷଦ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା କହିଛନ୍ତି ବର୍ତ୍ତମାନ ସଂଗ୍ରହାଳୟର ପୁନରୁଦ୍ଧାର କାମ ଚାଲୁଛି। ଜନସାଧାରଣଙ୍କ ପାଇଁ ସଂଗ୍ରହାଳୟ ବନ୍ଦ ରଖାଯାଇଛି। ପରିଷଦ ପକ୍ଷରୁ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ ବୋଲି ମୋ ପାଖରେ ପୂର୍ବରୁ କୌଣସି ସୂଚନା ନ ଥିଲା ବୋଲି କହିଛନ୍ତି।

## ● ନେତାଜୀ ସୁଭାଷ ଉତ୍ସବରେ ନାତି ଅଭିଜିତ୍‌ଙ୍କ ମତ

# ଅନ୍ୟାୟ ବିରୁଦ୍ଧ ଲଢ଼େଇରେ ସାଲିସ୍ କାପୁରୁଷ ପଣିଆ

ପୁରୀ,୧୮ ।୧(ସମିସ): ରେଭେନ୍ସା କଲେଜିଏଟ୍ ସ୍କୁଲରେ ପଢ଼ିଲା ବେଳେ ଖୁଦିରାମ ବୋଷଙ୍କ ଫାଶୀ ପ୍ରତିବାଦରେ ସହପାଠୀଙ୍କ ଗହଣରେ ଅନଶନ କରିଥିବା ବାଳକ ସୁଭାଷଙ୍କ ଭବିଷ୍ୟତରେ ନେତାଜୀ ବନିବାର ମୂଳଦୁଆ ବୋଲି ନାତି ଅଭିଜିତ୍ ବୋଷ ରାୟ କହିଛନ୍ତି। ରବିବାର ସଂସ୍କୃତି ଭବନ ପରିସରରେ ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ଆୟୋଜିତ ଦ୍ୱାଦଶ ନେତାଜୀ ସୁଭାଷ ଉତ୍ସବ ଜୟ ହିନ୍ଦ୍-୨୦୨୬ରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାତି ଅଭିଜିତ୍ ବୋଷ ରାୟ କହିଛନ୍ତି ଉତ୍ସବକୁ ଅବିଦ୍ ହସନ ସଫ୍ରାନି ଓ ବିପ୍ଳବିନୀ ପାର୍ବତୀ ଗିରିଙ୍କୁ ଉତ୍ସର୍ଗ କରାଯାଇଛି ଏହା ଖୁସିର ବିଷୟ। ସ୍ୱାଧୀନତା ଓ ସାଲିସ୍ ଉଭୟ ବିପରୀତଧର୍ମୀ। ସୁଭାଷଙ୍କ ପାଇଁ ଜାତି ଧର୍ମ ପ୍ରେମ ଓ ଉର୍ଦ୍ଧ୍ୱରେ ଦେଶପ୍ରେମ ଥିଲା। ପୁରୀରେ ନେତାଜୀଙ୍କ ପୈତୃକ ବାସଭବନ ରହିବା ଗୌରବ ବିଷୟ। କିନ୍ତୁ ତାଙ୍କୁ ଅଜାଙ୍କ ପ୍ରତିମୂର୍ତ୍ତିରେ ମାଳ ଦେବାର ସୁଯୋଗ ମିଳିଲା ନାହିଁ। ଅବଶ୍ୟ ମୂର୍ତ୍ତିରେ ସରକାରୀ ମାଳ ପରିବର୍ତ୍ତେ ଅଧିକାରୀ ତାଙ୍କର ଆଦର୍ଶ ଅନୁସରଣ କରନ୍ତୁ। ନେତାଜୀ ଧାର୍ମିକ ସଂହତି ମହିଳା ପ୍ରଗତି ଆର୍ଥିକ ବିକାଶ ପାଇଁ ମାର୍ଗଦର୍ଶନ ଦେଇଛନ୍ତି ବୋଲି ସେ କହିଥିଲେ। ସମ୍ମାନିତ ବକ୍ତା ଜୟ ହିନ୍ଦ୍ ନାରାର ରୂପକାର ନେତାଜୀଙ୍କ ସହଯୋଗୀ ଅବିଦ୍ ହସନ ସଫ୍ରାନିଙ୍କ ନାତୁଣୀଜ୍ୱାଇଁ ସାଜିଦ୍ ମହମ୍ମଦ ଦେଶବାସୀଙ୍କୁ ଜୟହିନ୍ଦ୍ ଏକତା ସୂତ୍ରରେ ବାନ୍ଧିଛି ବୋଲି କହିଥିଲେ। ନାରୀ ନେତ୍ରୀ ସସ୍ମିତା ବେହେରା ନେତାଜୀଙ୍କ ସଂଗ୍ରାମରୁ ଆଜିର ଯୁବ ସମାଜ ପ୍ରେରଣା ପାଇବେ ବୋଲି କହିଥିଲେ। ଏବେ ନ୍ୟାୟ ପାଇଁ ରାଜ୍ୟ ଓ ଦେଶରେ ଚାଲିଥିବା ସାଲିସ୍ ବିହୀନ ଲଢ଼େଇ ଉପରେ ଅତ୍ୟାଚାର ଚାଲିବା ଦୁଃଖଦାୟକ ବୋଲି ସେ ବକ୍ତବ୍ୟ ରଖିଥିଲେ। ସଭାପତି ଅବିନାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ଦେବୀପ୍ରସାଦ ପୃଷ୍ଟି ବିଶଦ୍ ଆଲୋଚନା କରିଥିଲେ। ରାଜ୍ୟ ସଭାପତି ସୂର୍ଯ୍ୟକାନ୍ତ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ଇଂ. ରାଜେଶ ମିଶ୍ର, ଗୋପାଳ ଖୁଣ୍ଟିଆ, ଅମିୟ ମହାପାତ୍ର, ହରପ୍ରସାଦ ଜେନା ଅତିଥି ଭାବେ ବକ୍ତବ୍ୟ ରଖିଥିଲେ। ଏଥିରେ ବହୁ ଯୁବ ଛାତ୍ର ବକ୍ତବ୍ୟ ରଖିଥିଲେ। ପ୍ରଭାସ ମହାପାତ୍ର ଧନ୍ୟବାଦ ଦେଇଥିଲେ।




# ମୁଖ୍ୟ ପ୍ରଶାସକଙ୍କୁ ଭେଟିଲା ମଙ୍ଗଳା ନଦୀ ପୁନରୁଦ୍ଧାର କମିଟି

ପୁରୀ,୧୮ ।୧(ସମିସ): ମଙ୍ଗଳା ନଦୀ ପୁନରୁଦ୍ଧାର କମିଟିର ସଦସ୍ୟମାନେ ଶନିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କୁ ଭେଟିଥିଲେ। ଏହି ସାକ୍ଷାତ୍ ଆଲୋଚନାରେ ସେମାନେ ତୃତୀୟ ବୈଷୟିକ କମିଟି ରିପୋର୍ଟକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରିଥିଲେ। ସୂଚନାଥାଉ କି, ମଙ୍ଗଳା ନଦୀକୁ ନେଇ ଗତବର୍ଷ ଏପ୍ରିଲ ୧୦ ତାରିଖରେ ତୃତୀୟ ବୈଷୟିକ କମିଟି ରିପୋର୍ଟ ପ୍ରକାଶିତ ହୋଇଥିଲା। ମଙ୍ଗଳା ନଦୀ ବିଷାକ୍ତ ହେବା ଯୋଗୁଁ ଏହା ଜନବସତିକୁ ବିପର୍ଯ୍ୟସ୍ତ କରିଛି। ସେହିପରି ଏଠାରେ ସମ୍ପାଦିତ ହେଉଥିବା ମହାପ୍ରଭୁଙ୍କ ନୀତି ମଧ୍ୟ ବହୁବର୍ଷ ହେଲା ବନ୍ଦ ହୋଇଯାଇଛି। ମଙ୍ଗଳା ନଦୀ କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି, ଶ୍ରୀମନ୍ଦିର ମୁଖ୍ୟ ପୁରୋହିତ ତଥା ପରିଚାଳନା କମିଟି ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର, ଡ. ମନୋଜ ସାମନ୍ତରାୟ, ସନ୍ତୋଷ ମହାନ୍ତି ଶନିବାର ମୁଖ୍ୟ ପ୍ରଶାସକ ଡ. ପାଢ଼ୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ଯଥାଶୀଘ୍ର ବୈଷୟିକ କମିଟି ରିପୋର୍ଟକୁ କାର୍ଯ୍ୟକାରୀ କରି ପବିତ୍ର ନଦୀକୁ ବିଷ ବଳୟରୁ ରକ୍ଷା କରି ମହାପ୍ରଭୁଙ୍କ ନୀତିକାନ୍ତିକୁ ପୁନର୍ଜୀବିତ କରିବା ପାଇଁ ଅନୁରୋଧ କରିଥିଲେ। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ତୁରନ୍ତ ଏହି ରିପୋର୍ଟକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ତ୍ୱରିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ମଙ୍ଗଳା ନଦୀ କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

# ସଦାଶିବ ପରିସରରେ ଜାତୀୟ ସଂଗୋଷ୍ଠୀ ଉଦ୍‌ଯାପିତ

ପୁରୀ,୧୮ ।୧(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ଏବଂ ଭାରତୀୟ ଶିକ୍ଷଣ ମଣ୍ଡଳର ଯୁଗ୍ମ ଆନୁକୂଲ୍ୟରେ ଆୟୋଜିତ 'ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦ ଏବଂ ବିକଶିତ ଭାରତ ଅଧିଷ୍ଠାନ ଶିକ୍ଷା ବିଲ୍-୨୦୨୫'



ଶୀର୍ଷକ ତିନିଦିନିଆ ଜାତୀୟ ସଂଗୋଷ୍ଠୀ ରବିବାର ପରିସର ପରିସରରେ ଉଦ୍‌ଯାପିତ ହୋଇଯାଇଛି। ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ଶିକ୍ଷା ବୋର୍ଡର ଅଲ୍ ଇଣ୍ଡିଆ ସଂଗଠନ ମନ୍ତ୍ରୀ ବି.ଆର୍. ଶଙ୍କରାନନ୍ଦ କହିଲେ ଯେ ଭାରତୀୟ ଶାସ୍ତ୍ରରେ ଗର୍ଭାବସ୍ଥାକୁ କେବଳ ଏକ ଶାରୀରିକ ପ୍ରକ୍ରିୟା ନୁହେଁ, ବରଂ ମାନସିକ ଓ ଆଧ୍ୟାତ୍ମିକ ବିକାଶର ଭିତ୍ତିଭୂମି ଭାବେ ଗ୍ରହଣ କରାଯାଇଛି। ଅଭିମନ୍ୟୁ ଓ ପ୍ରହ୍ଲାଦଙ୍କ ଉଦାହରଣ ଦେଇ ସେ ଗର୍ଭସ୍ଥ ଶିଶୁର ଶିକ୍ଷା ଗ୍ରହଣ କ୍ଷମତା ଉପରେ ଆଲୋକପାତ କରିଥିଲେ। ଆଧୁନିକ ନ୍ୟୁରୋସାଇନ୍ସ ମଧ୍ୟ ପ୍ରାଚୀନ ଗର୍ଭ ସଂସ୍କାରର ବୈଜ୍ଞାନିକତାକୁ ସ୍ୱୀକାର କରୁଛି ବୋଲି ସେ ମତ ଦେଇଥିଲେ। ଅଧ୍ୟକ୍ଷ ଅଭିଭାଷଣରେ ପ୍ରଫେସର ମହାପାତ୍ର କହିଲେ, ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦ ଭାରତୀୟ ଜ୍ଞାନ ପରମ୍ପରାକୁ ପୁନଃସ୍ଥାପିତ କରିବା ପାଇଁ ଏକ ସଶକ୍ତ ମାଧ୍ୟମ। ମାତା ହେଉଛନ୍ତି ପ୍ରଥମ ଗୁରୁ। ତେଣୁ ଗର୍ଭାବସ୍ଥାରୁ ହିଁ ଶିଶୁର ସଂସ୍କାର ଓ ବୌଦ୍ଧିକ ବିକାଶ ଦିଗରେ ଏନ୍‌ଇପି-୨୦୨୦ ଗୁରୁତ୍ୱାରୋପ କରୁଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବୈଦିକ ଆଚାର୍ଯ୍ୟଙ୍କ ଦ୍ୱାରା ମଙ୍ଗଳାଚରଣ ପାଠ କରାଯାଇଥିବା ବେଳେ ସଂଯୋଜକ ଡ. ଜିତେନ୍ଦ୍ର ରାୟଗୁରୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସଂଗୋଷ୍ଠୀରେ ଝାଡ଼ଖଣ୍ଡରୁ ନୀତା ବାଜପେୟୀ, ବାରାଣସୀରୁ ଅମିତ୍ ଜୀ ଓ ଦୁର୍ଗା ଜୀ ପ୍ରମୁଖ ପ୍ରସଙ୍ଗ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ସଂଯୋଜକ ଡ. ରାୟଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୧ରେ ମହାପ୍ରଭୁଙ୍କ ପଦ୍ମବେଶ

ପୁରୀ,୧୮ ।୧(ସମିସ): ମାଘ ମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡ଼ିଲେ ସେହିଦିନ ମହାପ୍ରଭୁଙ୍କ ଅତୀବ ରମଣୀୟ ପଦ୍ମବେଶ ହୋଇଥାଏ। ତେଣୁ ଆସନ୍ତା ୨୧ ତାରିଖରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅତୀବ ରମଣୀୟ ପଦ୍ମବେଶ ଅନୁଷ୍ଠିତ ହେବ। ବଡ଼ସିଂହାର ବେଶରେ ଠାକୁରମାନଙ୍କୁ ଏହି ବେଶ କରାଯିବ। ଏହି ବେଶ ପରେ ଖିରି ଓ ଅମାଲୁ ଭୋଗ କରାଯିବ। ପଦ୍ମବେଶ




ଥାଇ ଠାକୁର ପହୁଡ଼ ହେବେ। ବଡ଼ଛତା ମଠ ପକ୍ଷରୁ ପ୍ରତିବର୍ଷ ଏହି ବେଶ ଯୋଗାଇ ଦିଆଯାଇଥାଏ। ଏଥିପାଇଁ ମଠ ପକ୍ଷରୁ ତିଆରି ଚାଲିଛି ଏହି ବେଶ। ପରିସରରେ ପାରମ୍ପରିକ ବେଶ କାରିଗର ବସନ୍ତ ରଣାଙ୍କ ନେତୃତ୍ୱରେ ଏହି ବେଶ୍ ନିର୍ମାଣ କରାଯାଉଛି। ଏଥିପାଇଁ ପଦ୍ମ ଫୁଲଠୁ ନେଇ ପଦ୍ମ ପାଖୁଡ଼ା, ପଦ୍ମ କେଶର, ଆମ୍ବକଷି, ଡାଳି, ୭ଟି ଗଛ, ୭ଟି ସିଂହାସନ, ୩ଟି ଶ୍ରୀମୁଖ ପଦ୍ମ ସବୁକିଛି ଶୋଲ ଓ ଜରିରେ ପ୍ରସ୍ତୁତ ହେଉଛି। ଏହାବ୍ୟତୀତ ୩ଟି ବଡ଼ ଚୂଳ ପ୍ରସ୍ତୁତ କରାଯାଉଛି। ଶୋଲକୁ କାଗଜ ଭଳି କାଟି ପ୍ରସ୍ତୁତ କରିବା ପରେ ଏହାକୁ ପଦ୍ମର ରୂପ ଦିଆଯାଉଛି। ଏହାବ୍ୟତୀତ ସନ୍ତରାରେ ବଳା ତିଆରି କରାଯାଇଛି। କାରିଗର ବସନ୍ତ ରଣାଙ୍କ କହିବାନୁଯାୟୀ, ଶ୍ରୀମୁଖରେ ତୁଳସୀକୁ ବଳା ସଦୃଶ ପ୍ରସ୍ତୁତ କରି ସଜାଯାଏ। ପରେ ବେଶ ବନ୍ଧା ଯାଇଥାଏ। ବଡ଼ ଛତା ମଠ ପକ୍ଷରୁ ବେଶର ସମସ୍ତ ଖର୍ଚ୍ଚ ବହନ କରାଯାଏ। ବେଶ ପାଇଁ ଆବଶ୍ୟକ ଶୋଲ, ଜରି, କଇଁଥ ଅଠା, କନା, ବେତ, ବାଉଁଶ, ସନ୍ତରା ଆଦି ମଠ ତରଫରୁ ଯୋଗାଇ ଦିଆଯାଇଥାଏ। ପଣ୍ଡୁ ପୂର୍ଣ୍ଣିମାଠାରୁ ବେଶ ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଏ। ନିଷ୍ଠାର ସହ ଏହି ବେଶ ପ୍ରସ୍ତୁତି କାମ ଜାରି ରହିଛି ବୋଲି ସେ କହିଛନ୍ତି।

# ହିନ୍ଦୁ ଧର୍ମର ସମୃଦ୍ଧି ଓ ବିକାଶ ଭାରତକୁ ବିଶ୍ୱଗୁରୁ କରିବ

ପୁରୀ,୧୮ ।୧(ସମିସ): ଏକ ସମୃଦ୍ଧ ଭାରତବର୍ଷ ପାଇଁ ଏକ ରାଷ୍ଟ୍ର, ଏକ ଧର୍ମ, ଏକ ସଂସ୍କୃତି "ମହା ମନ୍ତ୍ର' ହେଉ ବୋଲି ସ୍ଥାନୀୟ ହରିହର ନଗରରେ ଅନୁଷ୍ଠିତ ହିନ୍ଦୁ



ସମ୍ମିଳନୀରେ ମତପ୍ରକାଶ ପାଇଛି। ଡ. ଅଭିମନ୍ୟୁ ଭୂୟାଁଙ୍କ ଅଧ୍ୟକ୍ଷତା ଓ ଧନଞ୍ଜୟ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାମୀ ଶୁଭାନନ୍ଦ ପୁରୀ କହିଥିଲେ ଯେ ହଜାର ହଜାର ବର୍ଷ ପୂର୍ବରୁ ହିନ୍ଦୁ ଧର୍ମର ସୃଷ୍ଟି। ଏହାର ପରମ୍ପରା ଓ ସଂସ୍କୃତି କାଳ କାଳ ଭାରତ ବର୍ଷକୁ ଉଦ୍‌ବୁଦ୍ଧ କରିଛି। 'ଆମେ ହିନ୍ଦୁ, ଭାରତ ଆମର ମାତା' ଏହି ଆହ୍ୱାନ ହିଁ ବିଶ୍ୱରେ ଭାରତ ବର୍ଷକୁ ଚର୍ଚ୍ଚିତ ଓ ବିକଶିତ କରିଛି। ବିଭିନ୍ନ ଧର୍ମର ସୁରକ୍ଷା ସହ ହିନ୍ଦୁ ଧର୍ମର ସମୃଦ୍ଧି ଓ ବିକାଶ ହେଲେ ଆମ ଦେଶ ବିଶ୍ୱଗୁରୁ ହେବ। ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବ ପ୍ରାନ୍ତ ସେବା ପ୍ରମୁଖ ଶାନ୍ତନୁ କୁମାର ମାଝୀ ଭାରତର ସାମଗ୍ରିକ ବିକାଶରେ ଆଦର୍ଶ ଯୌଥ ପରିବାରର ମହତ୍ତ୍ୱ, ପରିବେଶ ସୁରକ୍ଷା, ସ୍ୱ-ସଂସ୍କୃତି, ସ୍ୱ-ଭାଷା, ସ୍ୱଦେଶୀ ବସ୍ତୁର ବ୍ୟବହାର, ଜାତିଭେଦ ବିହୀନ ସମାଜ ନିର୍ମାଣ ଏବଂ ନାଗରିକ କର୍ତ୍ତବ୍ୟ ପାଳନ-ହିନ୍ଦୁ ସମାଜରେ ଏହି ପଞ୍ଚ ପରିବର୍ତ୍ତନ ହିଁ ହିନ୍ଦୁତ୍ୱକୁ ଶକ୍ତିଶାଳୀ କରିବା ସହ ଭାରତ ବର୍ଷକୁ ମହନୀୟ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଦିଗମ୍ବର ମହାନ୍ତି ଓ ଅଧ୍ୟାପକ ଡ. କୃଷ୍ଣ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ହରିହର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଅଧିବାସୀ, ମହିଳା ଓ ଯୁବଗୋଷ୍ଠୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀବତ୍ସ ଦାସ, ଜୟନ୍ତୀ ମହାପାତ୍ର ଓ ହରିହର ମନ୍ଦିର ପରିଚାଳନା ସମିତିର କାର୍ଯ୍ୟକର୍ତ୍ତାମାନେ ପରିଚାଳନା କରିଥିଲେ।

# ଆଜିଠୁ ଦଇତାପତି ନିଯୋଗ କ୍ରିକେଟ ପ୍ରିମିୟର ଲିଗ୍

ପୁରୀ,୧୮ ।୧(ସମିସ): ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ସୋମବାରଠାରୁ ଆୟୋଜିତ ହେବ ଦଇତାପତି ନିଯୋଗର ତୃତୀୟ କ୍ରିକେଟ ପ୍ରିମିୟର ଲିଗ୍। ଏହି ତିନିଦିନିଆ କ୍ରିକେଟ ପ୍ରତିଯୋଗିତାରେ ଦଇତାପତି ନିଯୋଗର ୪ଟି ଟିମ୍ ସାମିଲ ହେବେ। ନନ୍ଦିଘୋଷ, ତାଳଧ୍ୱଜ, ଦର୍ପଦଳନ, ଚଉଦଳ ଏହି ୪ଟି ଟିମ୍ ସହ ଦଇତାପତି ସେବକମାନେ ବଲ୍, ବ୍ୟାଟ୍ ଧରି ପଡ଼ିଆକୁ ଓହ୍ଲାଇବେ। ଏ ନେଇ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରତିଯୋଗିତାର ଟ୍ରଫି ଓ ଜର୍ସି ଉନ୍ମୋଚିତ ହୋଇଛି। ଜିଲ୍ଲାପାଳ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବେ। ଚାମ୍ପିଅନ ଏବଂ ରନର୍ସ ଅପ୍




ଟିମ୍ ପାଇଁ ଟ୍ରଫିର ବ୍ୟବସ୍ଥା ରଖାଯାଇଛି। ଏତଦ୍‌ବ୍ୟତୀତ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍, ଶ୍ରେଷ୍ଠ ବୋଲର, ଶ୍ରେଷ୍ଠ ଫିଲ୍‌ଡର ଏବଂ ବେଷ୍ଟ କ୍ୟାଚ୍ ପାଇଁ ମଧ୍ୟ ଟ୍ରଫି ରଖାଯାଇଛି। ପ୍ରତ୍ୟେକ ମ୍ୟାଚ୍ ୧୫ ଓଭର ବିଶିଷ୍ଟ ହେବ। ସେବାୟତମାନଙ୍କ ଭିତରେ ଏକତ୍ୱ, ଭାଇଚାରା ଓ ଅଙ୍ଗୀକାରବଦ୍ଧତା ଏହି କ୍ରିକେଟ ଲିଗ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର।

# ସାହିତ୍ୟିକ ନାରାୟଣ ନନ୍ଦଙ୍କ ସ୍ମୃତିଚାରଣ ସଭା

ପୁରୀ,୧୮ ।୧(ସମିସ): ଶ୍ରୀକ୍ଷେତ୍ରର ବରିଷ୍ଠ ସାହିତ୍ୟିକ, ଜଗନ୍ନାଥ ତତ୍ତ୍ୱ ଗବେଷକ, ସଂସ୍କୃତି ପ୍ରେମୀ ଓ ସଂଗଠକ ନାରାୟଣ ନନ୍ଦଙ୍କ ବିୟୋଗରେ ରବିବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପର୍କ ସାହିତ୍ୟର ମୁଖ୍ୟ ସଂଯୋଜକ ଦାମୋଦର ମହାନ୍ତିଙ୍କ ଆବାହନରେ ଅନୁଷ୍ଠାନର ସଭାପତି ରବୀନ୍ଦ୍ରନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅମ୍ଲାନ ସାହିତ୍ୟ ପରିଷଦ ସମ୍ପାଦକ ସୁରେଶ କୁମାର ପଟ୍ଟନାୟକ ସଂଯୋଜନା କରିଥିଲେ। ଏଥିରେ ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, କବି ଅନନ୍ତ ପ୍ରଧାନ, ସୁବାସ ଚନ୍ଦ୍ର ମିଶ୍ର, ଅଶୋକ ମିଶ୍ର, ପ୍ରବାସିନୀ ମିଶ୍ର, ପ୍ରତିଭା ଦାଶ, ପୌର୍ଣ୍ଣମାସୀ ଦେବୀ, ଅନ୍ନପୂର୍ଣ୍ଣା ଦେବୀ, ଉର୍ମିଳା ସାମନ୍ତରାୟ, କମଳିନୀ ପାଣିଗ୍ରାହୀ, ମୀନତି ମିଶ୍ର ପ୍ରମୁଖ ସ୍ୱର୍ଗତ ନନ୍ଦଙ୍କ ସାହିତ୍ୟ, ଗବେଷଣା, ସାଂଗଠନିକ ଓ ସଂସ୍କୃତି ତଥା ସଙ୍ଗୀତ ପ୍ରେମ ବିଷୟରେ ସ୍ମୃତିଚାରଣ କରିଥିଲେ। ଶ୍ରୀମନ୍ଦିର ସମ୍ମୁଖ ଗଡ଼ନ୍ତି ଛକ ପାଣିଟାଙ୍କି ନିକଟରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ନନ୍ଦଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା।

# ଗୀତି କବିତା ସଂକଳନ 'ମନଛୁଆଁ ଭଜନ' ଉନ୍ମୋଚିତ

ପୁରୀ,୧୮ ।୧(ସମିସ): ଗୀତିକବି ବିଜୟ କୁମାର ମିଶ୍ରଙ୍କ ଗୀତି କବିତା ସଂକଳନ 'ମନ ଛୁଆଁ ଭଜନ'ର ଲୋକାର୍ପଣ ଉତ୍ସବ ଏବଂ ସମୀକ୍ଷା ଆସର ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ଫନୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରି ଅନୁଭବ ନ ଥିଲେ ସାର୍ଥକ ଗୀତି କବିତା ଲେଖି ହୁଏନି। ଗୀତି କବିତାର ଆରମ୍ଭ ହେଉଛି ଶ୍ରଦ୍ଧା, ସ୍ପନ୍ଦନ ଓ ଆବେଗରୁ ବୋଲି ପ୍ରକାଶ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମ ଭୋଇ ରିସର୍ଚ୍ଚ ଚେୟାର ପ୍ରଫେସର ଡ. ସନ୍ତୋଷ କୁମାର ରଥ, କଥାଶିଳ୍ପୀ ପରେଶ ପଟ୍ଟନାୟକ ଏବଂ ବର୍ଷୀୟାନ୍ ସାହିତ୍ୟିକ ସହଦେବ ସାହୁ ପ୍ରମୁଖ ଯୋଗଦେଇ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ମହେନ୍ଦ୍ର ଦାଶ, କଳ୍ପନା ମିଶ୍ର, ବିଚିତ୍ରା ଦାଶ ପ୍ରମୁଖ ଯୋଗଦେଇ ସଂକଳନର ସମୀକ୍ଷା କରିଥିଲେ। କବି ବିଜୟ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। 'ଅଭିନନ୍ଦନିକା'ର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

# ପୁରୀ ବନ୍ୟପ୍ରାଣୀ ଡିଭିଜନ ପକ୍ଷୀ ଗଣନା ଆରମ୍ଭ

ପୁରୀ/ବ୍ରହ୍ମଗିରି,୧୮ ।୧(ସମିସ): ରବିବାର ପୁରୀ ବନ୍ୟପ୍ରାଣୀ ଡିଭିଜନରେ ପକ୍ଷୀ ଗଣନା ଆରମ୍ଭ କରାଯାଇଛି। ଏହି ଡିଭିଜନରେ ୫ଟି ରେଞ୍ଜରେ ୨୫ ଟିମ୍ ଗଠନ କରାଯାଇ ଗଣନା କାର୍ଯ୍ୟରେ ସାମିଲ୍ ଅଛନ୍ତି। ପୁରୀ ଡିଭିଜନର ଗୋପ, କାକଟପୁର, କୋଣାର୍କ, ବାଲୁଖଣ୍ଡ ଏବଂ ବ୍ରହ୍ମଗିରି ରେଞ୍ଜରେ ଚାଲିଛି ପକ୍ଷୀ ଗଣନା କାର୍ଯ୍ୟ। ସେଥିମଧ୍ୟରୁ ବ୍ରହ୍ମଗିରି ରେଞ୍ଜ ଅଧୀନରେ ପକ୍ଷୀ ଗଣନା ଆରମ୍ଭ କରାଯାଇଛି। ୫ଟି ରେଞ୍ଜରେ ୨୫ଟି ଟିମ୍‌ରେ ୮୫ ଜଣ ଗଣନାକାରୀ ନିୟୋଜିତ ହୋଇଛନ୍ତି। ବାଇନାକୁଲାର ଓ ଫଟୋଗ୍ରାଫି ସାହାଯ୍ୟରେ ପକ୍ଷୀଙ୍କ ଗତିବିଧି ଅନୁଧ୍ୟାନ କରି ଲାଇନ୍ ଟ୍ରାକ୍ ପଦ୍ଧତିରେ କରାଯାଉଛି ପକ୍ଷୀ ଗଣନା କାର୍ଯ୍ୟ। ବ୍ରହ୍ମଗିରି ରେଞ୍ଜରେ ସକାଳ ୬ଟାରୁ ଗଣନା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଗଣନା ୪ଟି ଜୋନ୍‌ରେ ୪ଟି ଟିମ୍‌କୁ ନେଇ ଭାଗ କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ୪ରୁ ୫ ଜଣ ଗଣନାକାରୀ ସାମିଲ୍ ହୋଇଥିଲେ। ବ୍ରହ୍ମଗିରି ବସ୍‌ଷ୍ଟାଣ୍ଡଠାରୁ ଗୋଲରା, ସୁନାମୁହିଁଠାରୁ ବାଘନାଜି, କାଠୁଆରେଡି ଛକଠାରୁ



ଘଟକୁଡ଼ି, କାଠୁଆରେଡି ଛକଠାରୁ ପଳାଙ୍କ ପର୍ଯ୍ୟନ୍ତ ଗଣନା କରାଯାଉଛି। ଏହି କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀ, ପକ୍ଷୀ ବିଶାରଦ, ସ୍ୱେଚ୍ଛାସେବୀ ସଂଗଠନମାନ ସାମିଲ୍ ହୋଇଛନ୍ତି। ବ୍ରହ୍ମଗିରି ରେଞ୍ଜ ଅଞ୍ଚଳଟି ଚିଲିକା ସଂଲଗ୍ନ ହୋଇଥିବାରୁ ଓ ଚିଲିକାର କିଛି ଅଞ୍ଚଳ ବ୍ରହ୍ମଗିରି ରେଞ୍ଜରେ ରହିଥିବାରୁ ଏଠାରେ ପୁରୀ ଡିଭିଜନର ସର୍ବାଧିକ ପ୍ରଜାତିର ବିଦେଶାଗତ ପକ୍ଷୀ ଦେଖାଯାଇଥା'ନ୍ତି। ତେଣୁ ଏହି ରେଞ୍ଜଟି ପକ୍ଷୀ ଗଣନା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଚଳିତ ବର୍ଷ ଏକ ନୂଆ ପ୍ରଜାତିର ଅତିଥି ପକ୍ଷୀ ୟୁରୋପ ମହାଦେଶରୁ ପିଇଡି ଆଭସେଡ୍ ଆସିଛନ୍ତି। ଏ ବର୍ଷ ଭଲ ପକ୍ଷୀ ଆସିଛନ୍ତି ବୋଲି କହିଛନ୍ତି ଏସିଏଫ୍ ଅଶୋକ ବେହେରା। ବାଲୁଖଣ୍ଡ ରେଞ୍ଜରେ ୨,୯୯୩ ପକ୍ଷୀ ଠାବ କରାଯାଇଛି। ଏଥର ଏହି ରେଞ୍ଜରେ ଇଣ୍ଡିଆନ ପଣ୍ଡ ହେରନ୍, ଲିଟିଲ୍ କର୍ମୋନାଣ୍ଟ, ଏସିଆନ ଓପନ୍ ବିଲ୍, ବ୍ଲାକ୍ ୱିଣ୍ଡ ସ୍ଲିଟ୍, ରିଭର ଲପିଙ୍ଗ୍ ଆଦି ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଛି ବୋଲି ରେଞ୍ଜର ସୂଚନା ଦେଇଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR କୋଡ୍ ସ୍କାନ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:
ବିଜ୍ଞାପନ ସଂ. CRPD/SCO/2025-26/20 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ଏ. ଭି. ପି. (ମାନବ ସମ୍ବଳ ଯୋଜନା ଏବଂ ନିଯୁକ୍ତି) | 1 | 42 ବର୍ଷ |
| ଏ. ଭି. ପି. (ଶିକ୍ଷଣ ଏବଂ ବିକାଶ) | 1 | 42 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query)ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 12.01.2026 ରୁ 02.02.2026 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 12.01.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ଘର ସମ୍ମୁଖରୁ ଦୁଇଟି ଇ-ରିକ୍ସା ଚୋରି

**ବାରିପଦା, ୧୮ ।୧(ସମିସ):** ପୃଥକ ସ୍ଥାନରେ ଘର ସମ୍ମୁଖରେ ପାର୍କିଂ ହୋଇଥିବା ଦୁଇଟି ଇ-ରିକ୍ସା ଚୋରି ହୋଇଥିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ସୁନାମୁହିଁର ପ୍ରଦୀପ ମହାନ୍ତି ଘର ସମ୍ମୁଖରେ ପ୍ରତିଦିନ ଭଳି ତାଙ୍କର ଇ-ରିକ୍ସା ପାର୍କିଂ କରିଥିଲେ। ସକାଳୁ ଦେଖିଲା ବେଳକୁ ଉକ୍ତ ସ୍ଥାନରେ ରିକ୍ସା ନ ଥିଲା। ବହୁ ଖୋଜାଖୋଜି ପରେ ପାଇ ନ ଥିଲେ। ଚୋରି ହୋଇଥିବା ଜାଣି ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ୧୧ନଂ ୱାର୍ଡ ଅଞ୍ଚଳର ନିର୍ମଳ ସେନଙ୍କ ଘର ସମ୍ମୁଖରେ ଇ-ରିକ୍ସା ପାର୍କିଂ ଥିଲା। ସକାଳେ ଦେଖିବା ବେଳକୁ ସେଠାରେ ଅଟୋ ନ ଥିଲା। ଚୋରି ନେଇ ଜାଣିବା ପରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ପୃଥକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

**ଡେଥ୍ ଜୋନ୍ ପାଲଟିଛି ରାଣୀବନ୍ଧ**

# ଟ୍ରକ୍‌କୁ ଧକ୍କା ଦେଲା ବାଇକ୍, ଜଣେ ମୃତ

ରାଇରଙ୍ଗପୁର, ୧୮ ।୧(ସମିସ)

ସଡ଼କ ସୁରକ୍ଷା ସଚେତନତା ମାସ ଜାରି ରହିଥିବାବେଳେ ଦୁର୍ଘଟଣା ମାତ୍ରା କମିବାରେ ନାଁ ନେଉନାହିଁ। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଣୀବନ୍ଧ ଅଞ୍ଚଳ 'ଡେଥ୍ ଜୋନ୍' ପାଲଟିଥିବାବେଳେ ପୁଣି ଦୁର୍ଘଟଣାରେ ଜଣକ ଜୀବନ ଯାଇଛି। ରାଣୀବନ୍ଧ ନିକଟରେ ରାସ୍ତା କଡ଼ରେ ପାର୍କିଂ ଟ୍ରକ୍‌କୁ ବାଇକ୍ ଧକ୍କା ଦେବାରୁ ଆରୋହୀଙ୍କ ମୃତ୍ୟୁ ହୋଇଛି।

ଶନିବାର ବିଳମ୍ବିତ ରାତିରେ ରାଣୀବନ୍ଧ ନିକଟରେ ଏକ ଟ୍ରକ୍ ରାସ୍ତା କଡ଼ରେ ବିନା କୌଣସି ପାର୍କିଂ ଲାଇଟ୍ କିମ୍ବା ଇଣ୍ଡିକେଟରରେ ଛିଡ଼ା ହୋଇଥିଲା। ଉକ୍ତ ସମୟରେ ଏକ ବାଇକ୍ ଆସୁଥିବାବେଳେ ଟ୍ରକ୍ ପାର୍କିଂ ହୋଇଥିବା ଜାଣି ନ ପାରି ଟ୍ରକ ପଛରେ ଜୋରରେ ଧକ୍କା ଦେଇଥିଲା। ଫଳରେ ବାଇକ୍



ଆରୋହୀଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଏତେ ଭୟଙ୍କର ହୋଇଛି ଯେ ମୃତକଙ୍କ ମୁହଁ ନଷ୍ଟ ହୋଇ ଚେହେରା ଚିହ୍ନିବା ଅସମ୍ଭବ ହୋଇପଡ଼ିଛି। ମୃତକ ଜଣକ ପରିଚୟ ମିଳିପାରି ନ ଥିବାବେଳେ ଝାଡ଼ଖଣ୍ଡ ଅଞ୍ଚଳର ବୋଲି ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକେ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ଟ୍ରକ୍ ଚାଳକ ବେପରୁଆ ଭାବେ ରାସ୍ତା କଡ଼ରେ ପାର୍କିଂ ପାଇଁ ଏହି ଦୁର୍ଘଟଣା ଘଟିଛି। ରାଣୀବନ୍ଧ ରାସ୍ତା କଡ଼ରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଅନ୍ଧାରୁଆ ରହୁଛି। ଫଳରେ ଉକ୍ତ ସ୍ଥାନଟି 'ଡେଥ୍ ଜୋନ୍' ପାଲଟିଛି। କିଛିଦିନ ପୂର୍ବେ ଏକ ବସ୍ ୩ ଜଣ ଯୁବକଙ୍କୁ ଧକ୍କା ଦେଇ ଘୋଷାଡି ନେଇଥିଲା। ଫଳରେ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଉକ୍ତ ସ୍ଥାନରେ ବଡ଼ ବଡ଼ ଦୁର୍ଘଟଣା ଘଟୁଥିବାରୁ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ପ୍ରତି ଯତ୍ନଶୀଳ ହେବାର ଆବଶ୍ୟକତା ରହିଛି।

# ଶାଳଗାଁରେ ମକର ପର୍ବ ଓ ବଡ଼ାମ ପୂଜା



**ବଡ଼ସାହି, ୧୮ ।୧(ସମିସ):** ଶାଳଗାଁ ଆଦିବାସୀ ସାହିର ମା' ବଡ଼ାମ ଠାକୁରାଣୀଙ୍କ ଜାହିରା ପୀଠରେ ମକର ପର୍ବ ପାଳିତ ହୋଇଯାଇଛି। ଶାଳଗାଁର ପୂର୍ବତନ ସରପଞ୍ଚ କାଳୀଚରଣ ସିଂଙ୍କ ପୌରୋହିତ୍ୟରେ ମା' ବଡ଼ାମ ଠାକୁରାଣୀଙ୍କ ଜାହିରା ପୀଠରେ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା କଳାକାର ସଂଘ ସଂଯୋଜକ ତଥା ବିଶିଷ୍ଟ ପାଲା ଗାୟକ ନରେନ୍ଦ୍ର ମହାକୁଡ, କପ୍ତିପଦା ବ୍ଲକ ସଂଯୋଜକ ନିତ୍ୟାନନ୍ଦ ବାରିକ, ବଡ଼ସାହି ବ୍ଲକ ସଂଯୋଜକ ମାର୍କଣ୍ଡ ବେହେରା, ଶାଳଗାଁ ପଞ୍ଚାୟତ ସମିତି ସଭ୍ୟ ବିଶ୍ୱମ୍ବର ବେହେରା, ଯୁବ ସମାଜସେବୀ ବିଜୟ ଭାସ୍କର ମହାଳିକ ପ୍ରମୁଖ ଯୋଗଦାନ କରି ଆଦିବାସୀ କଳା, ସଂସ୍କୃତି ଓ ପର୍ବ ପର୍ବାଣୀର ସ୍ୱତନ୍ତ୍ରତା ଓ ମହାନତା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ସରକାରୀ ପ୍ରେସ୍‌ର ଅବସରପ୍ରାପ୍ତ କର୍ମଚାରୀ ବାଙ୍କନିଧି ସିଂଙ୍କ ପ୍ରଶିକ୍ଷଣରେ ଶାଳଗାଁ ଆଖଡ଼ା ଦଳର ବାଡି ଖେଳ, ଆଦିବାସୀ ଯୁଦ୍ଧ କୌଶଳ, ମହିଳା ଓ ଝିଅଙ୍କ ଚିତ୍ତାକର୍ଷକ କାଠି ନାଚ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ଏକାଦଶୀ ସିଂ, ରଞ୍ଜନ ସିଂ ସହଯୋଗ କରିଥିବାବେଳେ ସୁଶୀଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ

**ବୈଶିଙ୍ଗା, ୧୮ ।୧(ସମିସ):** ବୈଶିଙ୍ଗା ଥାନା ଅଧୀନ ରଘୁପୁର ଗ୍ରାମର ଜଣେ ଆଶା କର୍ମୀ ଠାକୁରତୋଟା ରେଳ ଷ୍ଟେସନରେ ଓହ୍ଲାଇ ସ୍ୱାମୀଙ୍କ ସହ ଘରକୁ ଫେରୁଥିବା ସମୟରେ ଉକ୍ତ ଗ୍ରାମର ଯୁବକ ପ୍ରଫୁଲ୍ଲ ବେହେରାଙ୍କ ପୁଅ ଗଜେନ୍ଦ୍ର ବାଇକ ଅଟକାଇବା ସହିତ ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ନେଇ ଅଭିଯୋଗ ପରେ ପୁଲିସ ଗଜେନ୍ଦ୍ରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ରଘୁପୁର ଗ୍ରାମର ଆଶା କର୍ମୀ ମଧୁସୂଦନ ରାଉଳଙ୍କ ସ୍ତ୍ରୀ ବୀଣାପାଣି ଶନିବାର ବାରିପଦାରେ କାମ ସାରି ଟ୍ରେନରେ ଆସି ଠାକୁରତୋଟା ଷ୍ଟେସନରେ ଓହ୍ଲାଇଥିଲେ। ସେଠାରେ ଅପେକ୍ଷା କରିଥିବା ତାଙ୍କ ସ୍ୱାମୀଙ୍କ ସହିତ ବାଇକ୍‌ରେ ରଘୁପୁରସ୍ଥ ଘରକୁ ଆସୁଥିବା ସମୟରେ ଗାଁ ହାଟ ନିକଟରେ ଗଜେନ୍ଦ୍ର ତାଙ୍କୁ ଅଟକାଇଥିଲା। ବାଇକରୁ ଚାବି ଖୋଲି ନେଇଥିଲା ଓ ହଠାତ କିଛି ବୁଝିବା ପୂର୍ବରୁ ବୀଣାପାଣିଙ୍କ ତଣ୍ଟି ଚିପି ଧରି ମାରିଦେବାକୁ ଉଦ୍ୟତ ହେବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ବୀଣାପାଣିଙ୍କ ସ୍ୱାମୀ ଉଦ୍ଧାର କରିବା ସମୟରେ ବୀଣାପାଣି ସେଠାରୁ ଦୌଡ଼ି ପଳାଇଯିବାକୁ ଚେଷ୍ଟା କରୁଥିବା ସମୟରେ ଗଜେନ୍ଦ୍ର ତାଙ୍କୁ ପିଛା କରି ପୁଣି କାବୁ କରି ମାରିଦେବାକୁ ଚେଷ୍ଟା କରିଥିଲା। ଏ ସମୟରେ ବୀଣାପାଣିଙ୍କ ଭଣଜା ଦେବାଶିଷ ରାଉଳ ପହଞ୍ଚି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ତେବେ ଗଜେନ୍ଦ୍ର ରାଗରେ ଦେବାଶିଷଙ୍କ ଆଙ୍ଗୁଳିକୁ କାମୁଡି ତାଙ୍କୁ ମଧ୍ୟ ରକ୍ତାକ୍ତ କରି ଚମ୍ପଟ ମାରିଥିଲା। ବୀଣାପାଣି ଚେତାଶୂନ୍ୟ ହୋଇ ପଡ଼ିଥିଲେ ଓ ଚେତା ଫେରିବା ପରେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ସବଇନ୍ସପେକ୍ଟର ସରୋଜ ଜେନା ୨୭/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଗଜେନ୍ଦ୍ରଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛନ୍ତି।

# ରାଜ୍ୟସ୍ତରୀୟ ଟାଙ୍ଗରାଶୁଣୀ ମକର ମିଳନ ସାରସ୍ୱତ ସମାରୋହ



**କପ୍ତିପଦା, ୧୮।୧(ସମିସ):** ସାନଖିଲାଡ଼ି ଟାଙ୍ଗରାଶୁଣୀ ମହୋତ୍ସବ କମିଟି ଓ ଉଦଳା ପ୍ରଶାନ୍ତ ସ୍ମୃତି ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ମକର ମିଳନ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଦଳାର ପ୍ରାକ୍ତନ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ଉଦଳା ନଗରପାଳିକା ପ୍ରମିଳା ପଣ୍ଡା ଉଦ୍‌ଘାଟନ କରି କହିଲେ, ସୂର୍ଯ୍ୟ ଧନୁରାଶୀରୁ ମକର ରାଶିକୁ ଗଲେ ମକର ଉତ୍ସବ ହୁଏ। ଉତ୍ତର ଓଡ଼ିଶାର ମକର ପର୍ବ ନିଆରା। ନାଚ ଗୀତ ଖିଆପିଆର ଉଲ୍ଲାସ ଘରେ ଘରେ ଏହାର ପ୍ରଭାବ ପ୍ରତିଟି ପରିବାରଙ୍କଠାରେ ଦେଖିବାକୁ ମିଳିଥାଏ। ମୁଖ୍ୟଅତିଥି ଭାବେ ଡା ରମାକାନ୍ତ ମହାନ୍ତ ଯୋଗଦେଇ ଆଞ୍ଚଳିକ ସଂସ୍କୃତି, ଆଧ୍ୟାତ୍ମିକତା ଓ ସାରସ୍ୱତ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିବା ସହ ପରିବେଶ ଓ ନିଶା ନିର୍ବାରଣ ସଚେନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ମହାଳିକ, ସାହିତ୍ୟିକ ସଚ୍ଚିଦାନନ୍ଦ ମହାନ୍ତି ଯୋଗ ଦେଇଥିଲେଉ। ଏ ଅବସରରେ ଟାଙ୍ଗରାଶୁଣୀ ସମ୍ମାନ ସଚ୍ଚିଦାନନ୍ଦ ପରିଡ଼ା, ମକର ମିଳନ ସମ୍ମାନ ଅରୁଣ ପାତ୍ର, ସମୀବୃକ୍ଷ ସମ୍ମାନ ଡ. ନିରୁପମା ନାୟକ୍, ଟାଙ୍ଗିରିଆ ସମ୍ମାନ କନ୍ୟାଶ୍ରୀ ସୁଶ୍ରୀ ସଙ୍ଗୀତା ବସା, ଉଦାଳ ସମ୍ମାନ ଡ. ସୁଧାକର ଗିରି, ଉପନ୍ୟାସ ଲେଡି ଟେଲର ପାଇଁ ଉତ୍ତରା ପୁସ୍ତକ ସମ୍ମାନ ଚନ୍ଦ୍ରମୋହନ ମହାପାତ୍ର, ନାଟ୍ୟ ଭାସ୍କର ସମ୍ମାନ କ୍ଷୀରୋଦ ସିଟ୍, ମୂର୍ତ୍ତି ଭାସ୍କର ସମ୍ମାନ ଜୟକୃଷ୍ଣ ମଲ୍ଲିକ, ନଚିକେତା ସମ୍ମାନ ସତ୍ୟନାରାୟଣ ମିଶ୍ର, ଡିଜିଟାଲ ସାହିତ୍ୟ ସମ୍ମାନ ପ୍ରିୟବ୍ରତ ବାରିକଙ୍କୁ ପ୍ରଦାନ କରାଯାଇଥିଲା।

କବିତା ପାଠୋତ୍ସବକୁ ଶିବଶଙ୍କର ଭୂୟାଁ ଓ ନମିତା ରାଉତ ସଂଯୋଜନା କରିଥିଲେ। ଏଥିରେ ପ୍ରମିଳା ଜେନା, ବ୍ୟଙ୍ଗକବି ପ୍ରଭାକର ସାହୁ, ଗାଁ ମଜଲିସ ସାହିତ୍ୟ ସଂସଦ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, କରୁଣାକର ଦାସ, ସୁଶାନ୍ତ ସିଂହ, ରାମଚନ୍ଦ୍ର ସାହୁ, କ୍ଷଣପ୍ରଭା ଜେନା, ପଦ୍ମଲୋଚନ ପ୍ରଧାନ, କମଳା ଜେନା, ଚନ୍ଦନେଶ୍ୱର ମହାନ୍ତି, ଅବନ୍ତୀ ବାରିକ, ହିମାଦ୍ରୀ ତନୟା ମଲ୍ଲିକ, ସାମ୍ବାଦିକ ସନ୍ତୋଷ ଶତପଥୀ ଓ ଅନ୍ୟମାନେ କବିତା ଆବୃତ୍ତି କରିଥିଲେ। ଆୟୋଜକ ସୁଶାନ୍ତ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଶିଷ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

**ବାସି ମୁଣ୍ଡା ଅଜଣା ରୋଗରେ ପୀଡ଼ିତ**

# ଚିକିତ୍ସାରେ ଅର୍ଥାଭାବ ହେଉଛି ବାଧକ



**ଶରତ, ୧୮ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡ଼ିଆ ପଞ୍ଚାୟତ ଅଧୀନ ବାଲିଚୁଆ ରାଜସ୍ୱ ଗ୍ରାମର ଲେୟାଙ୍ଗିସାହିର ବାସି ମୁଣ୍ଡା (୬୨) ଜନ୍ମରୁ ଏକ ଅଜଣା ରୋଗରେ ପୀଡ଼ିତ ଅଛନ୍ତି। ତାଙ୍କ ମୁହଁର ଉପର ଭାଗରେ ମାଂସ ପିଣ୍ଡୁଳା ବାହାରିଛି। ଦାରିଦ୍ର୍ୟତା ଓ ଅର୍ଥାଭାବ କାରଣରୁ ସେ ଚିକିତ୍ସା କରାଇ ପାରୁ ନ ଥିବା ପ୍ରକାଶ କରିଛନ୍ତି। ସେ ଏକ ମାଟିଝାଟି କୁଡ଼ିଆ ଘରେ ଏକୁଟିଆ ରହୁଛନ୍ତି। ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ଯୋଜନାରେ ସେ ଏକ ରାସନ କାର୍ଡ ପାଇଛନ୍ତି ଓ ମାସକୁ ୫ କିଲୋ ଗ୍ରାମ ଚାଉଳ ପାଇ ଚଳୁଛନ୍ତି। ସେ ମୂଳରୁ ହିଁ ଅବିବାହିତ ରହିଛନ୍ତି। ଶୀତଋତୁରେ ଘୋଡାଇବା ପାଇଁ ତାଙ୍କ ପାଖରେ କମ୍ବଳ କିମ୍ବା ଚାଦର କି ଲୁଗା ବି ନାହିଁ। ଅଭାବ ଅସୁବିଧା ଓ ଦୁଃଖର ବଳୟ ମଧ୍ୟରେ ସେ ଜୀବନଯାପନ କରୁଛନ୍ତି।

ସେ ୬୨ ବର୍ଷ ବୟସରେ ପଦାର୍ପଣ କରିଥିଲେ ହେଁ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିପାରିନାହିଁ। ତାଙ୍କ ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ଆବାସ ଯୋଜନାରେ ଘର ପ୍ରଦାନ କରିବା ପାଇଁ ସେ ନିବେଦନ କରିଛନ୍ତି।

# ଦର୍ଶକଙ୍କୁ କନ୍ଦାଇଲା ନାଟକ 'ଫୁଲ ଶଯ୍ୟା'



**ବାରିପଦା, ୧୮ ।୧(ସମିସ):** ସ୍ଥାନୀୟ ସହିଦ ସ୍ମୃତି ଭବନରେ ସମ୍ଭାବନା ସାଂସ୍କୃତିକ ପରିଷଦ ପ୍ରଯୋଜିତ ନାଟକ 'ଫୁଲ ଶଯ୍ୟା' ମଞ୍ଚସ୍ଥ ହୋଇଯାଇଛି। ଅତିଥି ଭାବେ ଅନିରୁଦ୍ଧ ଜେନା ଯୋଗଦେଇ ନାଟକକୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ନାଟ୍ୟକାରଙ୍କ ସ୍ମୃତିରେ ତାଙ୍କ ପରିବାରବର୍ଗ ଓ ଯୁବ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ରାଜେଶ ଦାଶ ନାଟକ ଉପରେ ଆଲୋକପାତ କରିଥିଲେ। ଭଞ୍ଜମାଟିର ପ୍ରତିଷ୍ଠିତ ନାଟ୍ୟକାର ସ୍ୱର୍ଗତ ଆନନ୍ଦ ଶଙ୍କର ଦାଶଙ୍କ ରଚିତ ଓ ଯୁବ ନିର୍ଦ୍ଦେଶକ ଗୁହିରାମ ଜେନାଙ୍କ ନିର୍ଦ୍ଦେଶିତ ନାଟକରେ ଘନଶ୍ୟାମ କର, ସରୋଜ ଶତପଥୀ, ଧର୍ମପଦ ନନ୍ଦି, ଜ୍ୟୋତିଶଙ୍କର ପଟ୍ଟନାୟକ, କରୁଣାକର ବାରିକ, କ୍ରିଷ୍ଣା ଦାସ, ଲଭରଜିତ ସାହୁ, ହିମାଂଶୁ ସାହୁ, ନିକିତା ମହାନ୍ତି, ରାଜେସେନୀ ଜେନା ଅଭିନୟ କରିଥିଲେ। ସଙ୍ଗୀତରେ ବିଭୂତି ଭୂଷଣ ବେହେରା, ନୃତ୍ୟ ନିର୍ଦ୍ଦେଶନାରେ ଦେବାନନ୍ଦ ପାତ୍ର, ମଞ୍ଚ ସଜ୍ଜାରେ ନୃସିଂହ ବାରିକ, ରୂପସଜ୍ଜାରେ ଦିଲ୍ଲୀପ ଆଇଚ, ଆଲୋକରେ ଅଙ୍କେତ ଦାସ ଓ ମଞ୍ଚ ପରିଚାଳନାରେ ସୋମନାଥ ସିଂହ ସହଯୋଗ କରିଥିଲେ। ମନ ଭାଙ୍ଗିଗଲେ ଜୀବନ ଯେମିତି ଦୁର୍ବିସହ ହୋଇପଡ଼େ, ନିଶାଶକ୍ତ ମଣିଷ କିପରି ମଣିଷପଣିଆ ହରାଇଥାଏ, ସମ୍ପର୍କ ଭିତରେ କିପରି ସଉଦା ହୁଏ, ଦୃଢ଼ମନ କେମିତି ଅସମ୍ଭବକୁ ସମ୍ଭବ କରିପାରେ, ଏଭଳି ପରିସ୍ଥିତିକୁ ନେଇ ଅଭିନେତାଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା।

# ସରକାରୀ ଶିକ୍ଷାନୁଷ୍ଠାନରେ ପୂଜା ଚାନ୍ଦା ଆଦାୟକୁ ବିରୋଧ

**ବାରିପଦା, ୧୮ ।୧(ସମିସ):** ରାଜ୍ୟସ୍ତରୀୟ ଟାଙ୍ଗରାଶୁଣୀ ମକର ମିଳନ ସାରସ୍ୱତ ସମାରୋହ (୫) ଭାରତ ଯାକାତ୍ ମାଝୀ ପାର୍ଗାନା ମହଲ, ଓଡ଼ିଶା ଓ ଆଦିବାସୀ ସାମାଜିକ ସଙ୍ଗଠନ ପକ୍ଷରୁ ଓଡ଼ିଶା ପନତ୍ ପାର୍ଗାନା ବାବା ମାନତାନ୍ ବାଲକ୍ ରାମ୍ ବାସ୍କେଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଏହି ଦାବିପତ୍ର ଦିଆଯାଇଛି। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟରେ ଗଣେଶ ପୂଜା ଓ ସରସ୍ୱତୀ ପୂଜା ନିମନ୍ତେ କୌଣସି ସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କଠାରୁ କୌଣସି ଶୁଳ୍କ ବା ଚାନ୍ଦା ଆଦାୟ କରାଯିବ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କଠାରୁ ଅନ୍ୟାୟ ଭାବେ ପୂଜା ନାମରେ ଚାନ୍ଦା ଆଦାୟ କରାଯାଉଛି। ଏହାଦ୍ୱାରା ଗରିବ ଛାତ୍ରଛାତ୍ରୀ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ସରକାର ସମସ୍ତଙ୍କୁ ମାଗଣାରେ ସାମୟିକ ଶିକ୍ଷା ପ୍ରଦାନ ନିମନ୍ତେ ବିଭିନ୍ନ ପ୍ରୋତ୍ସାହନ ପୂର୍ବକ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ



ପୂଜା ଚାନ୍ଦା ଆଦାୟ କରିବା ଛାତ୍ରଛାତ୍ରୀଙ୍କୁ ମାନସିକ ସ୍ତରରେ ଚାପଗ୍ରସ୍ତ କରାଯାଉଛି। ତତ୍‌ସହିତ ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ ଶିକ୍ଷାନୁଷ୍ଠାନରେ ବିଭିନ୍ନ ଧର୍ମାବଲମ୍ବୀ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଶିକ୍ଷାନୁଷ୍ଠାନରେ ଏକ ନିର୍ଦ୍ଦିଷ୍ଟ ଏକ ଧର୍ମର ଧାର୍ମିକ ପ୍ରଥା ପରମ୍ପରାକୁ ଗୁରୁତ୍ୱ ପ୍ରଦାନ କରିବା କେତେ ଯୁକ୍ତିଯୁକ୍ତ ତାହା ମଧ୍ୟ ବିଚାର କରିବା ଆବଶ୍ୟକ।

ରାଜ୍ୟର ଅନେକ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିବା ନଜିର ରହିଛି। ଏହାକୁ ମଧ୍ୟ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ଏପରି କିଛି ଶିକ୍ଷାନୁଷ୍ଠାନ ଓ ଆବାସିକ ଶିକ୍ଷାନୁଷ୍ଠାନର ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଦିଷ୍ଟ ଧର୍ମର ଦେବାଦେବୀଙ୍କୁ ନିୟମିତ ପୂଜା କରାଯାଉଥିବା ଦେଖିବାକୁ ମିଳିଥାଏ। ତେଣୁ ଏଭଳି ସମ୍ବେଦନଶୀଳ କାର୍ଯ୍ୟକଳାପ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟରେ ରୋକ୍ ଲଗାଇବା ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ଖୁବ୍‌ଶୀଘ୍ର ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି। ଛାତ୍ରଛାତ୍ରୀଙ୍କଠାରୁ ପୂଜା ଚାନ୍ଦା ଆଦାୟ କରାଯାଇଥିବା ଟଙ୍କାକୁ ମଧ୍ୟ ବିଗତ ଦିନରେ ଛାତ୍ରଛାତ୍ରୀଙ୍କୁ ଫେରାଇ ଦିଆଯାଇଥିବା ଘଟଣା ଘଟିଛି। ଭବିଷ୍ୟତରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି।

# ତଲଙ୍ଗା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଖୁଣ୍ଟ, ୧୮।୧(ସମିସ):** ଶୁକ୍ଳି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ତଲଙ୍ଗା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ତାପସ ବେହେରାଙ୍କ ସଭାପତିତ୍ୱରେ ଆଲୋକପାତ କରିଥିଲେ। ଏଥିରେ ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠ ବିଭାଗରେ ଦୌଡ଼, ଲମ୍ଫଡିଆଁ ଇତ୍ୟାଦି ୧୬ଟି ପ୍ରତିଯୋଗିତାରେ ୧୨୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଦଶରଥ ଦାସ ଅତିଥି



ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଜନ ଚାତାର, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଅଜିତ ନାୟକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରବୀର ଶିଆଳ, ୱାର୍ଡମେମ୍ବର ଦୀନବନ୍ଧୁ ନାୟକ ପ୍ରଭୃତି ଯୋଗଦେଇ ପିଲାଙ୍କ ଉଦ୍ଦେଶ୍ୟରେ ପାଠ ସହିତ ଜୀବନ ଗଠନରେ କ୍ରୀଡ଼ାର ଭୂମିକା ସମ୍ପର୍କରେ ପରିଚୟ ଓ ଶିକ୍ଷୟିତ୍ରୀ ମାନିନୀ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଭ୍ୟସଭ୍ୟାଙ୍କ ସହଯୋଗରେ କ୍ରୀଡ଼ା ପ୍ରତିଯୋଗିତା ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ପୁରସ୍କୃତ କରାଯିବ।

# ନୃସିଂହନାଥ ପୀଠରେ ବାର୍ଷିକ ଉତ୍ସବ

**କୁଆମରା, ୧୮ ।୧(ସମିସ):** ଗୋପବନ୍ଧୁନଗର ବ୍ଲକ କୁଆମରା ଗ୍ରାମର ପ୍ରସିଦ୍ଧ ନୃସିଂହନାଥ ପୀଠରେ ବାର୍ଷିକ ଉତ୍ସବ ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ୨୧ତମ ବାର୍ଷିକ ଉତ୍ସବରେ ପୂଜା ସହ ବିଶ୍ୱଶାନ୍ତି ମହାଯଜ୍ଞ, ସହସ୍ର କୁମ୍ଭ, ଅଷ୍ଟପ୍ରହରୀ ଓ ଦିବାରାତ୍ର ସଂକୀର୍ତ୍ତନ ସମାପନ ହୋଇଛି। ସ୍ଥାନୀୟ କୃଷ୍ଣସାଗର ପୋଖରୀରୁ ମହିଳାମାନେ ୧୦୮ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ଉକ୍ତ ଯଜ୍ଞ କାର୍ଯ୍ୟରେ ବସନ୍ତ କର, ପ୍ରମୋଦ ମିଶ୍ର, ରାଜେଶ ମିଶ୍ରଙ୍କ ସମେତ ୫ ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ନିତ୍ୟାନନ୍ଦ ମହାନ୍ତି, ସ୍ୱର୍ଣ୍ଣଲତା ମହାନ୍ତି, ସହଦେବ ଜେନା ଓ ସଞ୍ଜୁଲତା ଜେନା କାର୍ଯ୍ୟ



ତୁଲାଇଥିଲେ। ବିଭିନ୍ନ ପ୍ରାନ୍ତରରୁ ସାଧୁସନ୍ଥ ଓ ପଣ୍ଡିତମାନେ ଯୋଗ ଦେଇଥିଲେ। କମିଟି ଦ୍ୱାରା ଏହା ପରିଚାଳିତ ହୋଇଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

**ମାଗଣା ଡାକ୍ତର**

# ବିନା ଅର୍ଥରେ ରୋଗୀ ସେବା କରୁଛନ୍ତି ହରିଶ

ବାରିପଦା, ୧୮ ।୧(ସମିସ)

ଯେତେବେଳେ ନିଜ କର୍ମ ସେବାରେ ପରିଣତ ହୁଏ, ସେତେବେଳେ ବଦଳିଯାଏ ସଜ୍ଞା। ସେହି ନିଆରା ମନୋବୃତ୍ତି ହିଁ ଦେଇଥାଏ ନୂଆ ପରିଚୟ। ଅର୍ଥରୁ ଉର୍ଦ୍ଧ୍ୱରେ ସେବା ଓ ମାନବିକତା ଯେ ଶ୍ରେଷ୍ଠ, ତାହାର ଉଦାହରଣ ସାଜିଛନ୍ତି ଜଣେ ଡାକ୍ତର। ଯିଏକି ହେଉଛନ୍ତି ମାଗଣା ଡାକ୍ତର। ଘରର ନାମ ଦିଆଯାଇଛି ବିଷ୍ଣୁପ୍ରିୟା ସେବା ସଦନ। ଆଉ ନାମକୁ ଯଥାର୍ଥ କରିଛନ୍ତି ନିଜର ସେବା ମନୋବୃତ୍ତିରେ। ଯେଉଁଠି ଆଜିର ସମାଜରେ ସରକାରୀ ଡାକ୍ତରଖାନା ବାଦ୍ ଜଣେ ଡାକ୍ତରଙ୍କୁ ଭେଟି ଚିକିତ୍ସିତ ହେବାକୁ ଅର୍ଥର ଆବଶ୍ୟକତା ପଡ଼ିଥାଏ, ସେଠାରେ ତାହାର ବ୍ୟତିକ୍ରମ ପାଲଟିଛନ୍ତି ଏଭଳି ଜଣେ ଡାକ୍ତର। ସେ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ ପୁରୁଣାବାରିପଦା ଗ୍ରାମର ହରିଶ ଚୌଧୁରୀ।



ହରିଶ ଚୌଧୁରୀ ପେଶାରେ ଡାକ୍ତର। ସେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଡାକ୍ତର ଭାବେ କାର୍ଯ୍ୟରତ। ରାଜଧାନୀରେ ରହୁଥିଲେ ସୁଦ୍ଧା ନିଜ ଗ୍ରାମ କଥା ଭୁଲି ନାହାନ୍ତି। ପ୍ରତି ମାସର ଦ୍ୱିତୀୟ ସପ୍ତାହରେ ପୁରୁଣା ବାରିପଦାସ୍ଥ ନିଜ ଘରକୁ ଆସନ୍ତି। ସେଠାରେ ପ୍ରତି ମାସର ଦ୍ୱିତୀୟ ଶନିବାର ଦିନ ରୋଗୀ ଦେଖିଥା'ନ୍ତି ନିଜ ଘରେ। ସମସ୍ତ ରୋଗୀଙ୍କୁ ସେ ମାଗଣାରେ ହିଁ ଚିକିତ୍ସା କରିଥା'ନ୍ତି। ଉତ୍ତମ ବ୍ୟବହାର, ହସ ହସ ମୁହଁ ସାଙ୍ଗକୁ ଉଚିତ ସେବା ଯୋଗାଇ ଦେଉଥିବାରୁ ମାସର ସେହି ଗୋଟିଏ ଦିନ ଏଠାରେ ଲୋକଙ୍କ ଭିଡ଼ ଜମିଥାଏ। ଗୋପବନ୍ଧୁନଗର ବ୍ଲକ ସମେତ ଉଦଳା, କପ୍ତିପଦା, ଖୁଣ୍ଟା, ବାଲେଶ୍ୱର, ବାରିପଦା ସମେତ ବିଭିନ୍ନ ଅଞ୍ଚଳରୁ ରୋଗୀ ଆସିଥା'ନ୍ତି ଡାକ୍ତର ହରିଶ ଚୌଧୁରୀଙ୍କ ନିକଟକୁ ଓ ମାଗଣାରେ ଚିକିତ୍ସିତ ହୋଇ ଫେରିଥା'ନ୍ତି। ଦୀର୍ଘ ବର୍ଷ ହେବ ସେ ଏପରି ରୋଗୀ ସେବା କରି ଆସୁଥିବାବେଳେ ଟଙ୍କାଠାରୁ ସେବା ଯେ ଜୀବନରେ ଜରୁରୀ, ସେବା ହିଁ ମଣିଷର ଅସଲ ପରିଚୟ ବୋଲି ସେ କୁହନ୍ତି। ପ୍ରତିଦିନ କେଉଁଠି ଟଙ୍କା ଥାଇ ଜୀବନ ଯାଉଛି ଆଉ କେଉଁଠି ଚିକିତ୍ସା ଅଭାବରୁ ରୋଗୀ ମୃତ୍ୟୁବରଣ କରୁଛି। ତେଣୁ ସେହି ଯନ୍ତ୍ରଣା କ'ଣ ତାହାକୁ ସେ ପାଖରୁ ଦେଖିଥିବା କୁହନ୍ତି ଡାକ୍ତର ଶ୍ରୀ ଚୌଧୁରୀ। ତାଙ୍କ ନିକଟକୁ ଚିକିତ୍ସା ହେବାକୁ ଆସି ଖୁବଶୀଘ୍ର ଅନେକ ବଡ଼ ବଡ଼ ରୋଗରୁ ଲୋକେ ସୁସ୍ଥ ହୋଇଥିବା ଓ ଡାକ୍ତରଙ୍କ ମାଗଣା ଚିକିତ୍ସା କରାଇବା ସମସ୍ତଙ୍କ ପାଇଁ ବରଦାନ ସାଜିଥିବା କୁହନ୍ତି ରୋଗୀ ରଞ୍ଜିତା ଶତପଥୀ। ରୋଗୀ ପରିବାର ଉଭୟ ମାନସିକ ଓ ଆର୍ଥିକ କଷ୍ଟ ପାଉଥିବାବେଳେ ସେମାନଙ୍କ ପାଇଁ ବଡ଼ ଉପଶମ ପାଲଟିଥିବା ଡାକ୍ତର ହରିଶ ଚୌଧୁରୀଙ୍କ ଚେଷ୍ଟା ପ୍ରଶଂସନୀୟ। ତାଙ୍କର ଏହି ସେବା ବୃତ୍ତି ଫଳରେ ସେ ଆଜି ସମସ୍ତଙ୍କ ପାଇଁ ସାଜଛନ୍ତି ଉଦାହରଣ।

# ହାଟରୁ ବାଇକ୍ ଚୋରି

**ରାଇରଙ୍ଗପୁର, ୧୮।୧(ସମିସ):** ହାଟ ପରିସରରେ କ୍ରୀଡ଼ା ପ୍ରତିଯୋଗିତା ଦେଖିବାକୁ ଯାଇଥିବାବେଳେ ବାଇକ୍ ଚୋରି ହୋଇଛି। ଏ ନେଇ ଉତ୍ତମ ନାୟକ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ଉତ୍ତମ ରାସ୍ତା କଡ଼ରେ ବାଇକ୍ ପାର୍କିଂ କରି ପ୍ରତିଯୋଗିତା ଦେଖିବାକୁ ଯାଇଥିଲେ। ସେଠାରୁ ଫେରି ଦେଖିଲା ବେଳକୁ ଉକ୍ତ ସ୍ଥାନରେ ବାଇକ୍ ନ ଥିଲା। ବହୁ ଖୋଜାଖୋଜି ପରେ ପାଇ ନ ଥିଲେ। ବାଇକ ଚୋରି ହୋଇଯାଇଚିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି।

# ଘରୁ ବାଇକ୍ ଚୋରି

**ରାଇରଙ୍ଗପୁର, ୧୮।୧ (ସମିସ):** ଟୁସୁ ମେଳା ଦେଖିବାକୁ ଯାଇଥିବାବେଳେ ଘରୁ ବାଇକ୍ ଚୋରି ହୋଇଛି। ଏ ନେଇ ଯଶିପୁର ଥାନା ଅନ୍ତର୍ଗତ ଟଙ୍ଗାବିଲା ଗ୍ରାମର ଚନ୍ଦ୍ରଶେଖର ଲୋହାର ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ଘର ମଧ୍ୟରେ ବାଇକ୍ ପାର୍କିଂ ଥିବାବେଳେ ଟୁସୁ ମେଳା ଦେଖିବାକୁ ଯାଇଥିଲେ। ଫେରି ଦେଖିଲା ବେଳକୁ ଉକ୍ତ ସ୍ଥାନରେ ବାଇକ୍ ନ ଥିଲା। ବହୁ ଖୋଜାଖୋଜି ପରେ ପାଇ ନ ଥିଲେ। ବାଇକ୍ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି।

# ଦୋକାନରୁ ଚୋରି

**ରାଇରଙ୍ଗପୁର, ୧୮।୧(ସମିସ):** ଗଡ଼ସ୍ଥ ଏକ ଦୋକାନରୁ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ପିଙ୍କୁ ଲାଲ କୋଇରି ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଲା ଭାଙ୍ଗି ଦୁର୍ବୃତ୍ତ ଦୋକାନରୁ ସାମଗ୍ରୀ ଚୋରି କରିଛନ୍ତି। ପରଦିନ ଘଟଣା ବାବଦରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

# କୂଅରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ବହଳଦା, ୧୮।୧ (ସମିସ):** ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ତଥା ଝରାଡିହି ଫାଣ୍ଡି ଅନ୍ତର୍ଗତ ଠାକୁରବାଡ଼ି ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଏକ କୂଅରୁ ଉଦ୍ଧାର କରାଯାଇଛି। ମକର ପର୍ବର ଉଲ୍ଲାସ ମଧ୍ୟରେ ୧୫ ତାରିଖଠାରୁ ନିଖୋଜ ଥିବା ଉକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# କେନ୍ଦୁଝର ବନଖଣ୍ଡରେ ପକ୍ଷୀ ଗଣନା; ୩୪ ଟିମ ସାମିଲ





କେନ୍ଦୁଝର/ତୁରୁମୁଙ୍ଗା, ୧୮।୧(ସମିସ): କେନ୍ଦୁଝର ବନଖଣ୍ଡରେ ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ସଦର ରେଞ୍ଜ, ଘଟଗାଁ, ତେଲକୋଇ ଓ ଚମ୍ପୁଆ ରେଞ୍ଜ ଅଧିନ ୨୧ଟି ବନ୍ଧ, ପୋଖରୀ ଓ ଆଦ୍ରଭୂମି ଚିହ୍ନଟ କରାଯାଇଥିଲା। ଏଥିପାଇଁ ୩୪ଟି ଟିମ୍ ଗଠନ କରାଯାଇଥିଲା। ପୂର୍ବରୁ କେନ୍ଦୁଝରକୁ ବିଦେଶୀ ପକ୍ଷୀ ଆଗମନ କରୁନଥିବାବେଳେ ଚଳିତବର୍ଷ ଅତ୍ୟଧିକ ଥଣ୍ଡା ଅନୁଭୂତ ହେଉଥିବାରୁ ରଙ୍ଗବେରଙ୍ଗ ବିଦେଶୀ ପକ୍ଷୀ ଆଗୁଆ ଆସି ପହଞ୍ଚିଛନ୍ତି। ସଦର ରେଞ୍ଜ ଅଧିନ ୯ଟି ସ୍ଥାନ ନଳପଙ୍ଗା ଡ୍ୟାମ, ବଡଶାସନ ପୋଖରୀ, ଟିକରପଡା ଡ୍ୟାମ, ଚାନ୍ଦିନୀ ପୋଖରୀ, ସାପୁଆ ଡ୍ୟାମ୍, କୋଡିପଶା ଡ୍ୟାମ, କାନ୍ଝାରୀ ଜଳଭଣ୍ଡାର, ଜଗଦଳା ଡ୍ୟାମ ଓ ଧୂଳିଆବେଡା ଡ୍ୟାମ ପ୍ରଭୃତି ଅଞ୍ଚଳରେ ପକ୍ଷୀ ଗଣନା କରାଯାଇଛି। ଘଟଗାଁ ରେଞ୍ଜ ଅଧିନରେ ୩ଟି ସ୍ଥାନ ମାନପୁର ଡ୍ୟାମ, କାଳିମାଟି ଜଳଭଣ୍ଡାର ଓ କାଣ୍ଡସର ଡ୍ୟାମ୍‌ରେ ପକ୍ଷୀ ଗଣନା ପାଇଁ କର୍ମଚାରୀ ନିୟୋଜନ କରାଯାଇଥିଲା। ବଡଘାଗରା ଜଳଭଣ୍ଡାର ଓ ତେଲକୋଇ ରେଞ୍ଜ ଅଧୀନ ୫ଟି ସ୍ଥାନ ଖଜୁରିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଦଣ୍ଡାଧାର ଡ୍ୟାମ, ଖୁଣ୍ଟାପଡା ଡ୍ୟାମ, କାକୁଡିଅମ୍ବା ଡ୍ୟାମ୍ ଓ ସଲେଇକେନା ଡ୍ୟାମ୍‌ରେ ପକ୍ଷୀ ଗଣନା କରାଯାଇଛି। ଚମ୍ପୁଆ ରେଞ୍ଜ ଅଧିନ ଯୋଡା ସେକ୍ସନର ଟାଟାଷ୍ଟିଲ ସିଲ୍‌ମେ ଡ୍ୟାମ୍‌ରେ ପକ୍ଷୀ ଗଣନା ହୋଇଛି। ପାଟଣା ବନାଞ୍ଚଳର ରାଜନଗର ବୈତରଣୀ ନଦୀ ଏବଂ ଖିରେଇଟାଙ୍ଗିରୀ ବଡବନ୍ଧରେ ମଧ ପକ୍ଷୀ ଗଣନା କରାଯାଇଛି। ମୋଟ ୩୪ଟି ସ୍ଥାନ ପାଇଁ ଟିମ୍‌କୁ ବାଇନକୁଲର, କ୍ୟାମେରା, ଜିପିଏସ୍ ଓ ଡିଏଚ୍‌ଏଫ୍ ଆଦି ଯନ୍ତ୍ର ବନବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଏଥିନେଇ ମତ୍ସ୍ୟଜୀବୀମାନଙ୍କୁ ମଧ ସଚେତନ କରାଯାଇଥିଲା। ପକ୍ଷୀ ଗଣନା ୩ଟି ପଦ୍ଧତିରେ କରାଯାଇଥାଏ। ପ୍ରଥମ ହେଲା ଯେଉଁଠି ସ୍ୱଳ୍ପ ସଂଖ୍ୟକ ପକ୍ଷୀ ଥିବେ ସେଠାରେ ସିଧାସଳଖ ୧,୨,୩,୪ ହିସାବରେ ଗଣନା କରାଯାଏ। ଦ୍ୱିତୀୟ ପଦ୍ଧତି ହେଉଛି ଯେଉଁଠି ଅଧିକ ପକ୍ଷୀ ଥିବେ ଉକ୍ତ ଅଂଚଳକୁ ବାଇନାକୁଲର ଦ୍ୱାରା ଗୋଟିଏ ଗୋଟିଏ ବ୍ଲକରେ ବିଭକ୍ତ କରାଯାଇଥାଏ। ଗୋଟିଏ ବ୍ଲକରେ ଥିବା ପକ୍ଷୀଙ୍କ ସମଷ୍ଟୀକରଣ କରାଯାଇ ଯେତୋଟି ବ୍ଲକ ହୋଇଥାଏ ତାହାକୁ ଗୁଣିତ କରି ପକ୍ଷୀ ସଂଖ୍ୟା ନିର୍ଦ୍ଧାରଣ ହୁଏ। ତୃତୀୟଟି ହେଲା ଗୋଟିଏ ସ୍ଥାନରେ ଅଗଣତି ପକ୍ଷୀ ଯାହାକି ବାଇନାକୁଲାର ପରିଧିକୁ ଆସେ ନାହିଁ ତାହାକୁ ଜିପିଏସ୍ ସ୍କେଲ ଦ୍ୱାରା ମପାଯାଇ ପ୍ରଜାତି ଓ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ। ବିଶେଷ କରି ଲେସର ହୁଇସଲିଂ ବତକ, ଗ୍ରେବସ୍, କୁଟସ୍, ଟିଲସ୍, କମନ ମୁର ହେନ, ଇଣ୍ଡିଆନ୍ କରମରାଣ୍ଟ, ଲୋପଓିଙ୍ଗ ଆଦି ବହିରାଗତ ପକ୍ଷୀ ଦେଖିବାକୁ ମିଳିଛି।

ପାଟଣା ରେଞ୍ଜରେ ଖିରେଇଟାଙ୍ଗିରି ସେକ୍ସନ ରାଜନଗର ନିକଟ ବୈତରଣୀ ନଦୀର ଚଢେଇକୁଦୁର ଘାଟ ସହ ଖିରେଇଟାଙ୍ଗିରୀ ଗ୍ରାମର ବଡ଼ବନ୍ଧଠାରେ ଦୁଇଟି ଟିମରେ ୧୦ ଜଣ କର୍ମଚାରୀ ପକ୍ଷୀ ଗଣନା କରିଥିଲେ। ବନ ବିଭାଗ ପକ୍ଷରୁ ୬ ଶହ ପକ୍ଷୀ ଆସିଥିବା ସୂଚନା ମିଳିଛି। ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ପକ୍ଷୀ ଗଣନା କାର୍ଯ୍ୟ ଚାଲିଥିବା ବେଳେ ରାଜନଗର ଚଢେଇକୁଦର ଘାଟରେ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ତିଣ୍ଡା ବିଟ୍ ବନରକ୍ଷୀ ସୁଜାତା ସାହୁ ଜମୁନାପଶି ବିଟ୍ ବନରକ୍ଷୀ ଅନନ୍ୟା ପ୍ରିୟଦର୍ଶିନୀ ନାୟକ ସ୍କ୍ୱାଡ ଶିରପାଣି ମହାନ୍ତ, ଝାଡେଶ୍ୱର ମହାନ୍ତ ସାମିଲ ହୋଇଥିଲେ। ଲେସର ହ୍ୱିଷ୍ଟିଙ୍ଗ ଡ଼କ(ହଂସ ଜାତୀୟ ପକ୍ଷୀ), ପାଣିକୁଆ, ମାଛରଙ୍କା ଡାହୁକ ଆଦି ପକ୍ଷୀ ଆସିଛନ୍ତି। ଖିରେଇଟାଙ୍ଗିରୀ ବଡ଼ବନ୍ଧରେ ରାଜନଗର ବନରକ୍ଷୀ ଦେବଜାନୀ ମହାନ୍ତ, ଖିରେଇଟାଙ୍ଗିରୀ ବନରକ୍ଷୀ ଡଲିରାଣୀ ସାହୁଙ୍କ ସମେତ ପାରାଷ୍ଟାଫ ସାମିଲ ଥିଲେ।

# ଯୋଡ଼ା ହାଇସ୍କୁଲ ୧୯ ୯୦ ବ୍ୟାଚ୍ ବନ୍ଧୁ ମିଳନ

ଯୋଡ଼ା, ୧୮।୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଦାମପୁର ଗ୍ରାମଠାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପର୍ଯ୍ୟଟନସ୍ଥଳ ମିରିଗ ସିଂଘାଠାରେ ଯୋଡ଼ା ହାଇସ୍କୁଲ ୯୦ ଦଶକର ସମସ୍ତ ସହପାଠୀଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର କିଛି ଛାତ୍ର ଯୋଡ଼ାରେ ଅବସ୍ଥାନ କରୁଥିବା ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ଭେଟି ସମ୍ମାନ ପୂର୍ବକ ଉତ୍ତରୀୟ ପ୍ରଦାନ କରିବା ପରେ ଅନୁଷ୍ଠିତ ସଭାରେ ସାଂସଦ ପ୍ରତିନିଧି ତଥା ସହପାଠୀ ବିଏନ ଦାଶଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହପାଠୀ ସଂଜୀବ ଜେନା, ସନ୍ତୋଷ ସାହୁ, ରମାକାନ୍ତ ମଲିକ, ରଂଜିତ ସାହୁ, ନକୁଳ ଓରାମ, ଶୁଭେନ୍ଦୁ ସାହୁ, ରମେଶ ଲୋହାର, କୁଳମଣି ପାତ୍ର, ବାବା ମଣି ମହାନ୍ତି, ହେମନ୍ତ ମିଶ୍ର (କାଳୀ), ଦୁଷ୍ମନ୍ତ ପାତ୍ର, ରାଜେଶ ଗୋଛାୟାତ, ପଂକଜ ବେହେରା, ଶ୍ରୀକାନ୍ତ ମୁଣ୍ଡା, କୁନା ତ୍ରିପାଠୀ, ବିଷ୍ଣୁ ନାଏକ, କୁନୁ ଖାଲକୋ, ବିନୋଦ ମାଝୀ, କର୍ମୁ ଲୋହାର, ଅମର ଦାଶ ପଟନାୟକ, ଶଙ୍କର ନାଏକ, ମୁକେଶ ମହାନ୍ତି, ମହେଶ୍ୱର ସିଂ, ରଞ୍ଜନ ମହାନ୍ତି, ଅଶୋକ ମହାକୁଡ଼, ବିଦ୍ୟୁତ ସାହୁ, ବିଶ୍ୱନାଥ ବେହେରା, ଫକୀର ମୋହନ ଗିରି, ମନୋଜ ରାଉତ, ଦିଲ୍ଲୀପ ପଟନାୟକ ପ୍ରଦୀପ ହେମ୍ବ୍ରମ, କିଶୋର ନନ୍ଦ, ରତ୍ନାକର ମହାପାତ୍ର ଯୋଗ ଦେଇଥିଲେ। ଜାନୁଆରୀ ୨୬ ତାରିଖରେ ଏକ ସାମାଜିକ କାର୍ଯ୍ୟ କରିବାକୁ ସମସ୍ତ ସହପାଠୀ ମତ ରଖିଥିଲେ।



# ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ଦେଲେ କାୟାକଳ୍ପ ଟିମ୍



ତୁରୁମୁଙ୍ଗା, ୧୮।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଗାଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ରବିବାର କାୟାକଳ୍ପ ଟିମ ପରିଦର୍ଶନ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡାକ୍ତର ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ, ବିପିଏମ ଦୀପକ ନାୟକ, ପିଏଚଇଓ ସରୋଜିନୀ ସେଠୀ ଓ ଅନ୍ୟମାନେ କାୟାକଳ୍ପ ଟିମ୍‌କୁ ସ୍ୱାଗତ କରିଥିଲେ। ରାଜ୍ୟ ସ୍ତରରୁ ଆଇଡିଏସପିର ନିର୍ଦ୍ଦେଶକ ଡାକ୍ତର ଅଶୋକ କୁମାର ପାଇକରାୟ, ଆୟୁଷ ପରାମର୍ଶଦାତା ଡାକ୍ତର ପୀୟୂଷ ରଞ୍ଜନ ମହାନ୍ତି, ୟୁନିସେଫର ତୃପ୍ତି ମିଶ୍ର, ଜିଲ୍ଲା ସ୍ତରରୁ ଗୁଣବତ୍ତା ନିର୍ଣ୍ଣାୟକ ବିଭାଗର ସହକାରୀ ପରିଚାଳକ ଅଭିଷେକ ଷଡଙ୍ଗୀ ପ୍ରମୁଖ ଏହି କାୟାକଳ୍ପ ଟିମରେ ସାମିଲ ଥିଲେ। ଡାକ୍ତର ରାଧାରମଣ ସାହୁ, ଡାକ୍ତର ସ୍ୱାଗତ ପ୍ରଧାନ, ଡାକ୍ତର ଅଭିଷେକ ସାହୁ, ଡାକ୍ତର ଅର୍ଣ୍ଣବ ସାହୁ, ଡାକ୍ତର ନୀଳାଦ୍ରି ବାହିନୀ ପତି, ଡାକ୍ତର ଚମ୍ପକ ବେହେରା, ଡାକ୍ତର ପାର୍ଥସାରଥୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଫକୀରପୁରରେ ଶ୍ରଦ୍ଧାଞ୍ଜଳି ସଭା

ଆନନ୍ଦପୁର, ୧୮।୧ (ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁରରେ ଧର୍ମପ୍ରାଣା ମହିଳା ଜାଡି ଜେନାଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସନ୍ତୋଷ ଜେନାଙ୍କ ସଂଯୋଜନାରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଆନନ୍ଦପୁର ପୌରାଧକ୍ଷ ରଜନୀ ରାଣୀ ଖଟୁଆ, କଂଗ୍ରେସ ନେତା ଶ୍ରୀଧର ଦଲେଇ ନିକୁଞ୍ଜ ବିହାରୀ ମିଶ୍ର କାଉନସିଲର ନିବେଦିତା ବେହେରା ସତ୍ୟାନନ୍ଦ ମିଶ୍ର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ଆଇନଜୀବୀ ହେମନ୍ତ କୁମାର ମଲିକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଯାତ୍ରା କଳାକାର ସଙ୍ଘର ବୈଠକରେ ବରିଷ୍ଠ କଳାକାର ସମ୍ବର୍ଦ୍ଧିତ



କେନ୍ଦୁଝର, ୧୮।୧(ସମିସ): କେନ୍ଦୁଝର ସଦର ବ୍ଲକ ରାଇସୁଆଁଠାରେ ଯାତ୍ରା କଳାକାର ସଙ୍ଘ ପକ୍ଷରୁ ଏକ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ। ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଙ୍ଗର ସଭାପତି ଭାଗୀରଥି ସେଠୀ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ବିରବର ଘୋଷ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶରତଚନ୍ଦ୍ର ଦାଶ ପରିଚାଳନା କରିଥିଲେ। ସଙ୍ଘ ପ୍ରଯୋଜନାରେ ଆଗାମୀଦିନରେ ହେବାକୁ ଥିବା ଯାତ୍ରା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ବରିଷ୍ଠ କଳାକାରମାନେ ସେମାନଙ୍କର ନୈତିକ ସାମର୍ଥନ ଦେବେ ବୋଲି ବହୁ ବରିଷ୍ଠ କଳାକାର ମତ ଦେଇଥିବାବେଳେ ବରିଷ୍ଠ କଳାକାରମାନେ କିପରି କଳାକାର ଭତ୍ତା ପାଇପାରିବେ ସେ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ଉପସ୍ଥିତ କଳାକାରମାନେ ମତ ଦେଇଥିଲେ। ସନାତନ ରାଉତ, ତାପସ ଘୋଷ, ଜିତେନ୍ଦ୍ର ଘୋଷ, ପପୁ ମନ୍ତ୍ରୀ, ସୁବ୍ରତ ସେଠୀ, କୁନା ସାହୁ, ବନମାଳି ଘୋଷ, ଅଶୋକ ରାଉତ, କୁନା ପାତ୍ର, କାମଦେବ ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ସଙ୍ଘର ସଦସ୍ୟ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଶାକମ୍ଭରୀ ଟୁସୁ ମେଳା ଉଦ୍‌ଯାପିତ



କରଞ୍ଜିଆ,୧୮।୧(ସମିସ): କରଞ୍ଜିଆ ଏନ ଏ ସି ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ଅଂକୁରା ଝଗଡାନାଳଠାରେ ଅନୁଷ୍ଠିତ ହେଉଥିବା ଶାକମ୍ଭରୀ ଟୁସୁମେଳା ଓ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ଏନ୍‌ଏସି ଅଧକ୍ଷା ପପି ପୃଷ୍ଟି ଓ ବସ୍ତିର ବରିଷ୍ଠ ନାଗରିକ ହୀରାଲାଲ ମହାନ୍ତ, ୧୪ ନମ୍ବର ୱାର୍ଡ ମେମ୍ବର ଭାବଗ୍ରାହୀ ମହାନ୍ତ ଓ ଗୋବିନ୍ଦ ମହାନ୍ତ ଯୋଗଦେଇ କୃତୀ ଟୁସୁ ପ୍ରତିଯୋଗୀ ଦଳକୁ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ପ୍ରଥମ ଦଳ ରାଇରଙ୍ଗପୁର ଦଳ ହୋଇଥିବାରୁ ତାଙ୍କୁ ୩୫ ହଜାର ୫୫୫, ଦ୍ୱିତୀୟ ବିଜେତା ଦଳ ଯଶିପୁରକୁ ୩୦ ହଜାର ୫୫୫ ଟଙ୍କା, ତୃତୀୟ ବିଜେତା ଦଳ ମଦରଙ୍ଗାଯୋଡ଼ିକୁ ୨୫ ହଜାର ୫୫୫, ଚତୁର୍ଥ ଦଳ ସଲରାପଦାକୁ ୨୦ ହଜାର ୫୫୫ ଟଙ୍କା ଓ ପଞ୍ଚମ ବିଜେତା ଦଳ ଜାମଖଞ୍ଜାରୀ ଦଳକୁ ୧୫ ହଜାର ୫୫୫ ଟଙ୍କା ଓ ଦୂରତା ଅନୁଯାଇ ସ୍ୱାନ୍ତ୍ୱନା ମୂଳକ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶାକମ୍ଭରୀ ଟୁସୁ କମିଟି ସଭାପତି ରୋହିତ କୁମାର ମହନ୍ତ, ସମ୍ପାଦକ ବିଭୁ କଲ୍ୟାଣ ମହନ୍ତ, ରଞ୍ଜନ ମହାନ୍ତ, ହରିଶ ମହାନ୍ତ, ଅମିତ ମହାନ୍ତ, ଗେଣ୍ଡୁ, ଚନ୍ଦ୍ର ମୋହନ ମହନ୍ତ ପ୍ରମୁଖ ପରିଚାଳନା କରିଥିଲେ। କମିଟି ପକ୍ଷରୁ ରାତ୍ରିରେ ମନୋରଞ୍ଜନ ପାଇଁ ଝୁମର ମେଲଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ତମାଖୁମୁକ୍ତ ସଚେତନତା ପକ୍ଷ



ଯୋଡ଼ା, ୧୮।୧(ସମିସ): ଜିନ୍ଦଲ ଷ୍ଟିଲ ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ତମାଖୁମୁକ୍ତ ସଚେତନତା ପକ୍ଷ ଉଦଯାପିତ ହୋଇଯାଇଛି। ଜିନ୍ଦଲ ଷ୍ଟିଲର କାଶିଆ ଓ ରୋଇଡ଼ା ମାଇନ୍ସ ପାରିପାର୍ଶ୍ୱିକ ଅଞ୍ଚଳକୁ ତମାଖୁମୁକ୍ତ କରିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟିଲ ବିକେଟିଆର କ୍ଲଷ୍ଟର ହେଡ୍ ପ୍ରମୋଦ ପାତ୍ର ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତ ଅଞ୍ଚଳରେ ପରିଭ୍ରମଣ କରିଥିଲା। ସିଏସଆର, ଏଚଆର ଓ ଆଡମିନ ବିଭାଗର ତତ୍ତ୍ୱାବଧାନରେ ଆୟୋଜିତ ଏହି ପକ୍ଷରେ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଚେତନତା ପକ୍ଷର ଉଦଯାପନୀ ଦିବସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରିଷ୍ଠ ଅଧିକାରୀଙ୍କ ସମେତ ଶତାଧିକ କର୍ମଚାରୀ ଯୋଗଦେଇଥିଲେ।

# ରାସଗୋବିନ୍ଦପୁରରେ ୧୮୫୭ ଓ ବେତନଟୀ ରେଞ୍ଜରେ ୭୩୪୧ ପକ୍ଷୀ ଚିହ୍ନଟ



ମୋରଡା,୧୮।୧(ସମିସ): ରବିବାର ରାସଗୋବିନ୍ଦପୁର ବନାଞ୍ଚଳ ଓ ବେତନଟୀ ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ସ୍ଥାନରେ ବନ ବିଭାଗ ପକ୍ଷରୁ ଟିମ ଗଠନ କରାଯାଇ ପକ୍ଷୀ ଗଣନା କରାଯାଉଥିବା ଦେଖିବାକୁ ମିଳିଛି। ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂଙ୍କ ସୂଚନା ମୁତାବକ ଉକ୍ତ ରେଞ୍ଜ ଅଧୀନରେ ଥିବା ରାଜାବନ୍ଧ, ଘୋଡ଼ାବନ୍ଧ, ଘାଗରାବନ୍ଧ, ରାସଗୋବିନ୍ଦପୁର ବନ୍ଧ ଓ ଗାଁ ଅମର୍ଦା ବଡ଼ପୋଖରୀରେ ଟିମ ନିୟୋଜିତ କରାଯାଇ ୧୧ଟି ପ୍ରଜାତିର ସମୁଦାୟ ୧୮୫୭ଟି ପକ୍ଷୀ ଗଣନା କରାଯାଇଛି। ସେହିପରି ବେତନଟୀ ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାୟକଙ୍କ ସୂଚନା ମୁତାବକ ବେତନଟୀ ବନାଞ୍ଚଳ ଅନ୍ତର୍ଗତ ବଡ଼ଜୋଡ ଡ୍ୟାମ, ପାଉଁଶିଆ ଡ୍ୟାମ, ଦାନ୍ତିଆମୁହାଁ ଡ୍ୟାମ, ହାଣ୍ଡିଭଙ୍ଗା ଡ୍ୟାମ, ବାଉଁଶନାଳ ବଡଗୁମା, ତୋଟାପଡା ଆଶ୍ରମ ସ୍କୁଲ, ପଦ୍ମପୋଖରୀ, ପଞ୍ଚପୁଟୁଳି ଗଡ଼ଦେଉଳିଆ, ସାରିଆ ଡ୍ୟାମ, ଆମଜୋଡା, ଶୁଖିଲାହର, ଛାଡ଼କଟା ଓ ନଡ଼ପୁର ଆଦି ଅଞ୍ଚଳରୁ ୨୬ଟି ପ୍ରଜାତିର ପ୍ରାୟ ୭୩୪୧ଟି ପକ୍ଷୀ ଗଣନା କରାଯାଇଛି। ଦୁଇଟି ବନାଞ୍ଚଳ ଅଧୀନରେ ଥିବା ଜଳାଶୟରେ ସର୍ବାଧିକ ସରାଳି ପକ୍ଷୀ ଗଣନା କରାଯାଇଥିବାବେଳେ ରାସଗୋବିନ୍ଦପୁର ରେଞ୍ଜରେ ୧୬୧୪ ଓ ବେତନଟୀ ରେଞ୍ଜରେ ୩୯୪୪ଟି ଚିହ୍ନଟ କରାଯାଇଛି।

# ଅନୀତା ହୋଟେଲ ପକ୍ଷରୁ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ

କଳାବାଡିଆ,୧୮।୧(ସମିସ): ବାଙ୍ଗିରିପୋଷି ବ୍ଲକ୍ ବୁଡ଼ାମରା ଛକ ନିକଟସ୍ଥ ଅନୀତା ହୋଟେଲ ପରିସରରେ ନିର୍ଦ୍ଦେଶିକା ଅନୀତା ପୁଟୀଙ୍କ ପୌରୋହିତ୍ୟରେ ପ୍ରତିଭା ସମ୍ମାନ ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁଦାମ ମାରାଣ୍ଡି, ପଥୁରୀ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ସିଂ, କଳାବାଡିଆ ସରପଞ୍ଚ ମିତା ନାଏକ, କୁମ୍ଭାରମୁଣ୍ଡାକଟା ସରପଞ୍ଚ ଲିପି ନାଏକ, କଳାବାଡିଆ ସମିତି ସଭ୍ୟା ସୌଦାମିନୀ ସିଂ, କୁମ୍ଭାରମୁଣ୍ଡାକଟା ସମିତି ସଭ୍ୟା ଶର୍ମିଷ୍ଠା ବେହେରା, ପଥୁରୀ ସମିତି ସଭ୍ୟା ଜଲେଶ୍ୱରୀ ସିଂ, ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀହରି ଗିରି, ପଥୁରୀ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟାସ୍ମିନ ବେହେରା, କୁମ୍ଭାରମୁଣ୍ଡାକଟା ସରକାରୀ ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସାହୁ, ସମାଜସେବୀ ଅମର ସେଠୀ, ପୂର୍ବତନ ଅଧକ୍ଷ ପ୍ରିୟ ମାରାଣ୍ଡି ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ଶିକ୍ଷା ବ୍ୟତୀତ ସମାଜ ସହିତ ତାଳ ଦେବା ପାଇଁ ହେଲେ ସବୁ କ୍ଷେତ୍ରରେ ଆଗକୁ ବଢ଼ିବାକୁ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଦୀନବନ୍ଧୁ ଉଚ୍ଚବିଦ୍ୟାଳୟ, ପଥୁରୀ ସରକାରୀ ଉଚ୍ଚବିଦ୍ୟାଳୟ, ଜଗନ୍ନାଥଖୁଣ୍ଟା ସରକାରୀ ଉଚ୍ଚବିଦ୍ୟାଳୟ, କୁମ୍ଭାରମୁଣ୍ଡାକଟା ସରକାରୀ ନୋଡାଲ ବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନସିକ ପରୀକ୍ଷା ଦେଇଥିଲେ। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ, ୨୦୨୫ର କୃତୀ ଛାତ୍ରଛାତ୍ରୀ, ସଫଳ ବ୍ୟବସାୟୀ ଶିବପ୍ରସାଦ ସାହୁ, ଚାଷୀ କୀର୍ତ୍ତିବାସ ପୁଟୀ, ଯନ୍ତ୍ରୀ ମୃତ୍ୟୁଞ୍ଜୟ ବେହେରା, କୃଷ୍ଣଚନ୍ଦ୍ର ବେହେରା, ହୋଟେଲ ସେଫ୍ ରଶ୍ମିରଞ୍ଜନ ବାରିକ, ହୋଟେଲ ମ୍ୟାନେଜର ଦେବାଶିଷ ସାହୁ, ମାଝିବାବା ଭାଲ ସୋରେନ, ଲକ୍ଷ୍ମଣ ହେମ୍ବ୍ରମଙ୍କୁ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ହୋଟେଲ ଅନୀତା ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନୀତା ମାଲିକ ସୁମନ୍ତ ପୁଟୀ, ସମାଜସେବୀ କମଳାକାନ୍ତ ବାରିକଙ୍କ ସହ ହୋଟେଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପଥୁରୀ ସରକାରୀ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବିନୋଦ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସମାଜସେବୀ କମଳାକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜ ଜିଲ୍ଲାର ୩୨ଟି ସ୍ଥାନରେ ପକ୍ଷୀ ଗଣନା

ବାରିପଦା, ୧୮ ।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ୩୨ଟି ବନାଞ୍ଚଳରେ ରବିବାର ପକ୍ଷୀ ଗଣନା କରାଯାଇଛି। ଜିଲ୍ଲାର ଶିମିଳିପାଳ ଜାତୀୟ ଅଭୟାରଣ୍ୟ ସମେତ ବାରିପଦା, ରାଇରଙ୍ଗପୁର, ଉଦଳା, କରଞ୍ଜିଆ ବନଖଣ୍ଡ ଅଧୀନରେ ଥିବା ବନାଞ୍ଚଳର ବିଭିନ୍ନ

- ବିଦେଶୀ ପକ୍ଷୀଙ୍କ ଗତିବିଧି ଓ ସଂଖ୍ୟା ହେଲା ରେକର୍ଡ
- ଗଣନା ପ୍ରକ୍ରିୟାରେ ସାମିଲ ହେଲେ ସାମ୍ବାଦିକ ଓ ଏନଜିଓ ସଦସ୍ୟ

ଜଳଭଣ୍ଡାର ଓ ଆର୍ଦ୍ର ସ୍ଥାନକୁ ମିଶାଇ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଶୀତଦିନିଆ ଜଳରେ ବିଚରଣ କରୁଥିବା ପକ୍ଷୀଙ୍କ ଗଣନା ହୋଇଛି। ତେବେ ଏଥର ଦୁଇ ସପ୍ତାହ ପରେ ଗଣନା କାର୍ଯ୍ୟ ଅନୁଷ୍ଠିତ ପାଇଁ ଜଳଭଣ୍ଡାରରେ ପର୍ଯ୍ୟାପ୍ତ ପକ୍ଷୀ ଦୃଷ୍ଟି ଗୋଚର ହୋଇନାହାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବାରିପଦା ବନଖଣ୍ଡ ଅନ୍ତର୍ଗତ ୭ଟି ରେଞ୍ଜର ୪୪ଟି ସ୍ଥାନରେ ପକ୍ଷୀ ଗଣନା କରାଯାଇଛି। ବାରିପଦା ବନଖଣ୍ଡ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫୦ରୁ ଅଧିକ ବନ କର୍ମଚାରୀ ବେତନଟୀ, ଉଦଳା, ଦେଉଳି, ବାଙ୍ଗିରିପୋଷି ଆଦି ଅଞ୍ଚଳରେ ଗଣନା କରିଛନ୍ତି। ଏ ନେଇ ବନବିଭାଗ ପକ୍ଷରୁ କର୍ମଚାରୀଙ୍କୁ ପୂର୍ବରୁ ସତନ୍ତ୍ର ତାଲିମ ପ୍ରଦାନ କରାଯାଇଥିଲା।



ବାରିପଦା ବନଖଣ୍ଡ ପକ୍ଷରୁ ଗଣତି ପାଇଁ ୪୪ଟି ଟିମ ନିୟୋଜିତ ହୋଇଥିଲେ। ପ୍ରତି ଟିମରେ ୫ଜଣ ସଦସ୍ୟ ଥିବାବେଳେ ସେଥିରେ ୩ ଜଣ ବନ କର୍ମଚାରୀ ଓ ୨ ଜଣ ଏନଜିଓ ସଦସ୍ୟ ଓ ସାମ୍ବାଦିକ ଥିଲେ। ରେଞ୍ଜର, ଫରେଷ୍ଟର ଓ ପକ୍ଷୀ ଗବେଷକଙ୍କ ସମେତ କେତେକ ସ୍ଥାନରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଗଣନା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ବାଇନ କୁଲାର ଓ ଜିପିଏସ କ୍ୟାମେରା ସାହାଯ୍ୟରେ ବନବିଭାଗ କର୍ମଚାରୀ ପକ୍ଷୀ ଗଣନା କରିଛନ୍ତି। ସକାଳ ୬ରୁ ଦିନ ୧୧ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ହେଉଥିବାବେଳେ ଏହାର ରିପୋର୍ଟ ଆକଳନ କରି ରାଜ୍ୟସ୍ତରୀୟ ରିପୋର୍ଟ ପାଇଁ ହସ୍ତାନ୍ତର କରାଯିବ। କୁହୁଡ଼ି ପାଇଁ ସକାଳୁ ପକ୍ଷୀ ଗଣନାରେ କିଛି ସମସ୍ୟା ଉପୁଜିଥିଲା। ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବାବେଳେ ପକ୍ଷୀଙ୍କ ଗତିବିଧିକୁ ଲକ୍ଷ୍ୟ କରାଯାଇ ଡାଇରେକ୍ଟ ସାଇଟିଂ ପଦ୍ଧତିରେ ଗଣନା କରାଯାଇଛି। ଶୀତଋତୁରେ ସାଇବେରିଆନ ଅଞ୍ଚଳରେ ପ୍ରବଳ ବରଫ ପାତ ହେଉଥିବା ଯୋଗୁଁ ହଜାର ହଜାର କିଲୋମିଟର ଅତିକ୍ରମ କରି ଖାଦ୍ୟ ଅନ୍ୱେଷଣରେ ପକ୍ଷୀ ମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଆସିଥା'ନ୍ତି। ବିଦେଶରୁ ଆସିଥିବା ପକ୍ଷୀ ଜିଲ୍ଲାର ଜମ୍ବୀରା, ହଳଦିଆ, ବଡଯୋଡ, ବଡ଼ଯୋଡ, ରାଜାବନ୍ଧ, କାଳ, ସୋନ, ନେସା, ବାଙ୍କବଳ, ଖଡଖାଇ, ଦେଓ ପରି ବୃହତ ଜଳାଶୟରେ ବିଚରଣ କରିଥା'ନ୍ତି। ପକ୍ଷୀଙ୍କ ପ୍ରଜାତି ତାଙ୍କର ଗତିବିଧିକୁ ରେକର୍ଡ କରିବା ସହ ଏମାନଙ୍କର ସଂଖ୍ୟାର ଆକଳନ କରାଯାଇଥାଏ। ଜିଲ୍ଲାରେ ଥିବା ଜଳଉତ୍ସରେ ଘରୋଇ ପକ୍ଷୀଙ୍କ ସହ ଗଡ଼ୱାଲ, ଲିଟିଲ କାର୍ବୋରେଣ୍ଟ, ଲଫାଙ୍ଗ, ହୁଇସିଲ ବାର୍ଡ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥା'ନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଗଣନାରେ ପକ୍ଷୀ ପ୍ରକାର ଓ ସଂଖ୍ୟାର ସମ୍ପୂର୍ଣ୍ଣ ତଥ୍ୟ ମିଳିନାହିଁ।

# ନୂଆସାହି ଡିଗ୍ରୀ ମହାବିଦ୍ୟାଳୟରେ ଭୋଟର ସଚେତନତା



କପ୍ତିପଦ,୧୮।୧(ସମିସ): ନୂଆସାହି ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ ଲିପିକା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ମଞ୍ଜନା ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୁରୁଷ କାର୍ଯ୍ୟକ୍ରମ ଅଧିକାରୀ ଲମ୍ବୋଦର ବାରିକ ଦେଶର ସୁଶାସନ ଦିଗରେ ଭୋଟରଙ୍କ ଭୂମିକା ସମ୍ପର୍କରେ ସଚେତନ କରାଇଥିଲେ। ମୁଖ୍ୟଅତିଥି ଭାବେ କପ୍ତିପଦା ତହସିଲଦାର ଆଶିଷ ମହାପାତ୍ର ନିଜ ବକ୍ତବ୍ୟରେ ପ୍ରତି ଭୋଟର ମୂଲ୍ୟ ଅତ୍ୟନ୍ତ ମୂଲ୍ୟବାନ। ତେଣୁ ସମସ୍ତେ ନିଜ ନିଜର ମୂଲ୍ୟବାନ ଭୋଟ ସମ୍ପର୍କରେ ସଚେତନ ହେବାକୁ ଅବଗତ କରିଥିଲେ। ଏ ଅବସରରେ ଏକ ଇଲେକ୍ଟୋରାଲ ଗଠନ କରାଯାଇଥିଲା। ଭୋଟର ସଚେତନତା ବୃଦ୍ଧି କରିବା ପାଇଁ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଲୋଗାନ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ ଓ ରିଲସ ତିଆରି ପ୍ରତିଯୋଗିତା କରାଯାଇଥିଲା। ଇତିହାସ ବିଭାଗ ଅଧ୍ୟାପକ ସଞ୍ଜୟ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଫ୍ଲାଏଆସ୍ କବଳରେ ସମ୍ବଲପୁର



**ସମ୍ବଲପୁର, ୧୮।୧(ସମିସ)**

ଫ୍ଲାଏଆସ୍ କବଳରେ ସମ୍ବଲପୁର। ରାସ୍ତାରେ ହାଇୱାରୁ ପଡ଼ି ପଡ଼ି ଆସ୍ ଯାଉଛି, ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଆଜି ଜାତୀୟ ରାଜପଥ ଏନଏଚ ୫୩ ଅଇଁଠାପାଲି ଛକ ଦେଇ ଏକ ଆସ ବୋଝେଇ ହାଇୱା ଯାଉଥିଲା। ହାଇୱାରୁ ରାସ୍ତାରେ ଆସ ପଡ଼ି ପଡ଼ି ଯାଉଥିଲା। ଜାତୀୟ ରାଜପଥ ତଥା ସହରର ପ୍ରବେଶ ପଥ ଅଇଁଠାପାଲି ଛକରେ ଏପରି ଘଟଣା ଘଟିଥିଲା। କିନ୍ତୁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। କେବଳ ଆଜି ନୁହେଁ, ପ୍ରତିଦିନ ଏପରି ଗାଡ଼ିରୁ ଆସ ତଳେ ପଡ଼ି ପଡ଼ି ଯାଉଛି କିନ୍ତୁ ପୁଲିସ, ପରିବହନ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର ସୁଧାର ଆସୁନାହିଁ। ଟ୍ରାନ୍ସପୋର୍ଟର ମାନେ ନିର୍ଭୟରେ ଆସ୍ ନେଉଛନ୍ତି। ସୂଚନା ଅନୁସାରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶା ଆସ୍ କବଳରେ ପୋତି ହେବାକୁ ବସିଲାଣି। କମ୍ପାନୀରୁ ବାହାରୁଥିବା ଆସକୁ ଠିକ ଭାବେ ପରିଚାଳନା କରାଯାଉନାହିଁ।

**ଗାଡ଼ିରୁ ପଡୁଛି, କାର୍ଯ୍ୟାନୁଷ୍ଠାନ ଶୂନ**

ଆସ ଟ୍ରାନ୍ସପୋର୍ଟରେ ସୁପରିଚାଳନା ନେଇ ରାଜସ୍ୱମନ୍ତ୍ରୀ ବୈଠକ ମଧ କରିଥିଲେ। ଆସ ବୋଝେଇ ନେଇ ଯାଉଥିବା ଟ୍ରକରେ ଜିପିଏସ ଲାଗିବ। ଯେଉଁ ସଂସ୍ଥା ଆସ୍ ଟ୍ରାନ୍ସପୋର୍ଟ କରିବା ପ୍ରତି ଗାଡିରେ ଜିପିଏସ୍ ଲାଗିବ। ଆସ୍ ଲୋଡିଂ ପଏଣ୍ଟରୁ କେଉଁ ସ୍ଥାନରେ ତାହା ପକାଇଲା ତାର ସମସ୍ତ ତଥ୍ୟ ରହିବା। ଯାହା ଫଳରେ ଆସ୍ ଏଣେ ତେଣେ ପଡ଼ିବ ନାହିଁ। ଏହା ଖୁବ ଶୀଘ୍ର ହେବ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ। ହେଲେ ଏତେ ଦିନ ବିତିଯାଇଥିଲେ ମଧ ଆସ ପରିଚାଳନା ହୋଇ ପାରିଲା ନାହିଁ। ଟ୍ରାନ୍ସପୋର୍ଟରମାନେ ମନଇଛା ଆସ ଡମ୍ପିଂ କରୁଛନ୍ତି। ଏହାକୁ ନିୟନ୍ତ୍ରଣ କରିବା ପାଇଁ କେହି ନାହିଁ। ସମ୍ବଲପୁର ଓ ଝାରସୁଗୁଡ଼ା ଅଞ୍ଚଳରେ କାରାଖାନା ଲାଗି ପ୍ରଦୂଷଣ ବଢ଼ିବାରେ ଲାଗିଛି। ମନ ଇଛା ଆସ୍ ପକାଯାଉଛି। ବେଆଇନ୍ ଭାବରେ ଆସ ଟ୍ରାନ୍ସପୋର୍ଟ ହେବା ସହ ଜଙ୍ଗଲ ଜମି, ଚାଷ ଜମି, ପୋଖରୀ ମାନଙ୍କରେ ଅବାଧରେ ଡମ୍ପିଂ କରି ଚାଲିଛନ୍ତି, ଜନସାଧାରଣ ଏହି ଫ୍ଲାଏ ଆସ୍ ଯୋଗୁଁ ଅତିଷ୍ଠ ହୋଇସାରିଲେଣି। କିନ୍ତୁ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନଥିବା ସାଧାରଣରେ ଅଭିଯୋଗ ହୋଇଛି।

## ୨୫ କେଜି ଗଞ୍ଜେଇ ଜବତ, ୪ କୋର୍ଟ ଚାଲାଣ

**ଜମନକିରା, ୧୮।୧(ସମିସ):** ଜମନକିରା ପୁଲିସ ଦ୍ୱାରା ଜମନକିରା ଥାନା ଅଧୀନ ଚେପଟାଆମ୍ବ ନିକଟରେ ଜମନକିରା ପାଟ୍ରୋଲିଂ କରୁଥିବା ସମୟରେ ଦେବଗଡ଼ରୁ ବଡ଼ରମା ଘାଟି ଦେଇ ସମ୍ବଲପୁରକୁ ଯାଉଥିବା ଏକ କାରରେ ଗଞ୍ଜେଇ ଚାଲାଣ ସମ୍ପର୍କରେ



ଖବର ପାଇ ଯାଞ୍ଚ କରିଥିଲା। ସନ୍ଦିଗ୍ଧ କାର୍‌ଟିକୁ ଚିହ୍ନଟ କରି ଯାଞ୍ଚ ପାଇଁ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଏବଂ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ତଲାସି କରିବା ସମୟରେ ଗାଡ଼ିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ଏଥିରେ ସମ୍ପୃକ୍ତ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଗଞ୍ଜେଇ ଚାଲାଣ; ୫ ଗିରଫ

**ସମ୍ବଲପୁର, ୧୮।୧(ସମିସ):** ଗଞ୍ଜେଇ ଚାଲାଣ ଅଭିଯୋଗରେ ଧନୁପାଲି ଥାନା ପୁଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାରର



ରଞ୍ଜିତ କୁମାର(୨୮), ଜାମୁନା କୁମାର(୨୬) ଅମନ କୁମାର(୨୨), ରବି କୁମାର(୨୭) ଓ ଅନୁଗୋଳ ହଣ୍ଡପା ଥାନା ଅଞ୍ଚଳର ଶିତିକାନ୍ତ ପ୍ରଧାନ(୩୬)। ସେମାନଙ୍କ ନିକଟରୁ ୩୭ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ସୂଚନା ଅନୁସାରେ ଶନିବାର ବୌଦ୍ଧରୁ ସମ୍ବଲପୁର ସିଟିଷ୍ଟେସନ ଆଡକୁ ଏକ କାରରେ ଗଞ୍ଜେଇ ଆସୁଥିବା ଧନୁପାଲି ଥାନା ପୁଲିସ ଖବର ପାଇଥିଲା। ପରେ ଥାନା ଆଇଆଇସିଙ୍କ ନେତୃତ୍ୱରେ ଟିମ୍ ଗଠନ କରାଯାଇଥିଲା। ପରେ ଗାଡ଼ିକୁ ଯାଞ୍ଚ ବେଳେ ଗଞ୍ଜେଇ ବାହାରିଥିଲା। ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗଞ୍ଜେଇ ସହ, ବ୍ୟବହୃତ କାର, ୫ଟି ମୋବାଇଲ ଓ ଦୁଇ ହଜାର ନଗଦ ଟଙ୍କା ଜବତ କରିଛି।

## ଠିକାଦାର ସଂଘ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ

**ରେଢ଼ାଖୋଲ, ୧୮।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ରବିବାର ରେଢ଼ାଖୋଲ ଠିକାଦାର ସଙ୍ଘ ପକ୍ଷରୁ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେଇଯାଇଛି। ଏହି ବୈଠକରେ ଠିକାଦାର ସଂଘର ଉପଦେଷ୍ଟା ସନ୍ୟାସୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଂଘର ସଭାପତି ଭାବରେ ରାଜୀବ ଲୋଚନ ପ୍ରଧାନ, ଉପସଭାପତି ଶିବଶମ୍ଭୁ ନନ୍ଦ, ସମ୍ପାଦକ ବିକାଶ ଚନ୍ଦ୍ର ଦାଶ, ସହ ସମ୍ପାଦକ ଉଦୟ ପ୍ରତାପ ସିଂ ଦେଓ, କୋଷାଧକ୍ଷ ଶିବ ପ୍ରସାଦ ପାଣିକର ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ମିଶ୍ର, ଖଗେଶ୍ୱର ବେହେରା, ମନୋଜ ରାଏ, ରାଜୁ ମୁଖି, ଖେଳନିଧି ପ୍ରଧାନ, ବ୍ରଜେଶ ବିଶ୍ୱାଳ, ସୁବ୍ରତ ରାଉତ, ନରେନ୍ଦ୍ର ପ୍ରଧାନ, ଦେବାଶିଷ ଷଡ଼ଙ୍ଗୀ, ବିଜୟ ପ୍ରଧାନ, ଦିଲ୍ଲୀପ ଦେହୁରୀ, ନିବାସୀ ବେହେରା, ଆନନ୍ଦ ମାଝୀ, ତୁଷାରକାନ୍ତ ରାଉଳ, ହରେକୃଷ୍ଣ ପ୍ରଧାନ ପ୍ରମୁଖଙ୍କ ସମେତ ଅନ୍ୟ ସମସ୍ତ ସଭ୍ୟ ଉପସ୍ଥିତ ରହି ନିଜ ମତାମତ ଦେଇଥିଲେ।

## ସରିଲା ହୀରାକୁଦ ପକ୍ଷୀ ଗଣନା

**ସମ୍ବଲପୁର, ୧୮।୧(ସମିସ):** ରବିବାର ହୀରାକୁଦ ଜଳଭଣ୍ଡାର ଓ ଆର୍ଦ୍ରଭୂମି ଅଞ୍ଚଳରେ



**ଗଣନାରେ ସାମିଲ ହେଲେ ଛାତ୍ରଛାତ୍ରୀ**

**ଗତବର୍ଷ ୧୨୨ ପ୍ରଜାତିର ଆସିଥିଲେ**



ପକ୍ଷୀ ଗଣନା ଶେଷ ହୋଇଛି। ୨୧ଟି ସେକ୍ଟରରେ ୩୨ଟି ଟିମ୍ ଜଳଭଣ୍ଡାରରେ ବୁଲି ପକ୍ଷୀ ଗଣନା କରିଛନ୍ତି। ଭୋର ସାଢ଼େ ୫ଟା ବେଳେ ଅତ୍ୟାଧୁନିକ ଦୂରବିକ୍ଷଣ ଯନ୍ତ୍ର ଓ କ୍ୟାମେରା ଓ ଅନ୍ୟାନ୍ୟ ସାମଗ୍ରୀ ସହ ଗଣନାକାରୀମାନେ ବୋଟ୍‌ରେ ଜଳଭଣ୍ଡାରକୁ ପ୍ରବେଶ କରିଥିଲେ। ଦିନ ତମାନ ଏହି ପ୍ରକ୍ରିୟା ଜାରି ରହିଥିବା ବେଳେ ସଂଧ୍ୟା ୬ଟାରେ ସେମାନେ ଫେରିଛନ୍ତି। ଏଥିପାଇଁ ଆଜି ହୀରାକୁଦ ଜଳଭଣ୍ଡାରରେ ସମସ୍ତ ପ୍ରକାର ପର୍ଯ୍ୟଟନ୍ ଗତିବିଧି ଓ ମାଛଧରା ବନ୍ଦ୍ ରହିଥିଲା। ମୋଟ୍ ୯୧ ଜଣଙ୍କ ମଧ୍ୟରେ ୩୭ ଜଣ ପକ୍ଷୀ ବିଶେଷଜ୍ଞ, ୪୦ ଜଣ ବନ କର୍ମକାରୀ ଓ ୧୫ ଜଣ ସ୍କୁଲ୍ ଓ କଲେଜ୍‌ର ଛାତ୍ରଛାତ୍ରୀ ପକ୍ଷୀ ଗଣନାରେ ସାମିଲ ଥିଲେ। ସମ୍ବଲପୁର ଚିଡ଼ିଆଖାନାରେ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାଶଙ୍କ ନେତୃତ୍ୱରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ହୋଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ସହ ସମସ୍ତ ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆଯାଇଥିଲା। ପ୍ରଥମ ଥର ହୀରାକୁଦ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଏକାଧିକ ସ୍କୁଲ୍ ଓ କଲେଜ୍‌ରୁ ୧୫ ଜଣ ଛାତ୍ରଛାତ୍ରୀଙ୍କୁ ଏହି ପ୍ରକ୍ରିୟାରେ ସାମିଲ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ହୀରାକୁଦ ଅଞ୍ଚଳରେ ଶୀତଦିନେ ଦେଖାଯାଉଥିବା ଭ୍ରମଣକାରୀ ପକ୍ଷୀ, ସେମାନଙ୍କ ପ୍ରଜାତି ଓ ଅନ୍ୟାନ୍ୟ ସୂଚନା, ପକ୍ଷୀ ଗଣନା ପଦ୍ଧତି, ବିହଙ୍ଗ ସୁରକ୍ଷା ନେଇ ସଚେତନତା ବଢ଼ିବ। ସୂଚନାଯୋଗ୍ୟ, ୨୦୨୫ରେ ମୋଟ୍ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ୭୩୨ ଟି ସ୍ଥାନୀୟ ଓ ବିଦେଶୀ ପକ୍ଷୀ ଚିହ୍ନଟ ହୋଇଥିଲେ। ୨୦୨୪ରେ ୧୧୨ ପ୍ରଜାତିର ୩ ଲକ୍ଷ ୪୨ ହଜାର ୩୩୯ ପକ୍ଷୀଙ୍କ ଶୁଅ ଛୁଟିଥିଲା। ୨୦୨୩ରେ ୧୦୮ ପ୍ରଜାତିର ମୋଟ୍ ୩ ଲକ୍ଷ ୧୬ ହଜାର ଟପିଥିଲା। ୨୦୨୨ରେ ୧୦୪ ପ୍ରଜାତିର ୨ ଲକ୍ଷ ୮ ହଜାର ପକ୍ଷୀଙ୍କ ସମାଗମ ହୋଇଥିଲା। ସେହିପରି ୨୦୨୧ ମସିହାରେ ୯୮ ପ୍ରଜାତିର ୧ ଲକ୍ଷ ୨୪ ହଜାର ପକ୍ଷୀ ଆସିଥିବା ବେଳେ ୨୦୨୦ ମସିହାରେ ୯୩ ପ୍ରଜାତିର ୯୭ହଜାର ୮୯୯ ପକ୍ଷୀଙ୍କ ସମାଗମ ହୋଇଥିଲା। ତେବେ, ଚଳିତବର୍ଷ ମଧ ଏହି ସଂଖ୍ୟା ବଢ଼ିଥିବା ଅନୁମାନ ନେଇ ବନବିଭାଗ ଅନୁମାନ କରୁଛି।

## ଆଦ୍ୱିକ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ




**ସମ୍ବଲପୁର, ୧୮।୧ (ସମିସ):** ଆଦ୍ୱିକ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ ଉତ୍କର୍ଷ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିମରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ଓଡ଼ିଶା ସରକାରଙ୍କ ଏଲିମେଣ୍ଟାରି ଏଜୁକେଶନ ବିଭାଗ ଏଷ୍ଟାବ୍ଲିସମେଣ୍ଟ ଅଫିସର ରାମକୃଷ୍ଣ ଦୋରା ମୁଖ୍ୟ ଅତିଥି ଓ ସମ୍ବଲପୁର ଓକିଲସଂଘ ପୂର୍ବତନ ସଭାପତି ସୁରେଶ୍ୱର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧକ୍ଷା ଅଳକାନନ୍ଦା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସଭାରେ ବିଦ୍ୟାଳୟର ନିର୍ଦ୍ଦେଶକ ଗଣେଶ ପଣ୍ଡା, ଚେୟାରମେନ ଯୁଗଳ କିଶୋର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। କୁନି କୁନି ଛାତ୍ରଛାତ୍ରୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ମିଳିତ ନୃତ୍ୟ ଆକର୍ଷଣୀୟ ହୋଇଥିଲା। ସଂଯୋଜିକା ରୋଜାଲିନ କାନୁନଗୋ ପରିଚାଳନା କରିଥିଲେ।

## କ୍ରିକେଟ ମ୍ୟାଚ୍‌ରେ କ୍ରିଷ୍ଣା ବିକାଶ ବିଜୟୀ



**ସମ୍ବଲପୁର, ୧୮।୧(ସମିସ):** ସ୍ଥାନୀୟ ଫୋର-ସି ଗ୍ରାଉଣ୍ଡଠାରେ କ୍ରିଷ୍ଣା ବିକାଶ ଏକାଦଶ ଦଳ ଓ ପ୍ରେସ ଏକାଦଶ ଦଳ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରିଷ୍ଣା ବିକାଶ କର୍ମଚାରୀ ଏକାଦଶ ଦଳ ବିଜୟ ଲାଭ କରିଛି। ପ୍ରଥମେ କ୍ରିଷ୍ଣା ବିକାଶ ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୨ ଓଭରରେ ୫ୱିକେଟ ବିନିମୟରେ କ୍ରିଷ୍ଣା ବିକାଶ ଦଳ ୧୩୩ ରନ ସଂଗ୍ରହ କରିଥିଲା। ଡାକ୍ତର ଲୋକେଶ ୩୬ରନ ଓ ଡାକ୍ତର ବିବେକ ୩୪ ରନ୍ ସଂଗ୍ରହ କରି ଆଉଟ ହୋଇଥିଲେ। ପ୍ରେସ୍ ଏକାଦଶ ପକ୍ଷରୁ ସମୀର ଷଡ଼ଙ୍ଗୀ, ବାଦଶାହ ଯୁସମନ ରାଣା, ଗୁଣମଣୀ ବିଶ୍ୱାଳ, ଚୈତନ୍ୟ ନାୟକ, ସୁବ୍ରତ ମିଶ୍ର ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରେସ୍ ଏକାଦଶ ୧୩୪ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇ ଥିଲା। ପ୍ରଥମେ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁଁ ଦଳ ନିର୍ଦ୍ଧାରିତ ଓଭରରେ ୬ ୱିକେଟ ବିନିୟମରେ ମାତ୍ର ୧୦୫ ରନ ସଂଗ୍ରହ କରି ପାରିଥିଲା। ଦଳ ପକ୍ଷରୁ ସୁବ୍ରତ ମିଶ୍ର ୩୦, ମାନସ ସାହୁ ୧୨, ଗୁଣମଣୀ ବିଶ୍ୱାଳ ଅପରାଜିତ ୧୬ ରନ ଓ ସତ୍ୟଜିତ ମହାପାତ୍ର ଅପରାଜିତ ୧୩ ରନ୍ ସଂଗ୍ରହ କରିଥିଲେ। କ୍ରିଷ୍ଣା ବିକାଶ ଦଳ ପକ୍ଷରୁ ହିମାଂଶୁ ଓ ତପନ ୨ଟି ଲେଖାଏଁ ୱିକେଟ ଓ ତ୍ରିନାଥ ଓ ବିସ୍ମୟ ୧ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ସୁସ୍ଥ ଜୀବନରେ ଖେଳର ବିଶେଷ ମହତ୍ୱ ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ଡା. ଦିଲ୍ଲୀପ କୁମାର ନନ୍ଦ ମ୍ୟାଚ୍ ପରିଚାଳନା କରିଥିଲେ।

## କବାଡ଼ିଆକୁ ୩୫ ଲକ୍ଷର ସାମଗ୍ରୀ ବିକ୍ରି; ୨ ଗିରଫ

**ସମ୍ବଲପୁର, ୧୮।୧(ସମିସ):** କମ୍ପାନୀରୁ ଲୁହା ତାର ବୋଝେଇ ଆସୁଥିବା ଏକ ଟ୍ରକ୍ କବାଡ଼ିଆକୁ ୩୫ ଲକ୍ଷ ଟଙ୍କାର ତାର ବିକିଥିବା ଅଭିଯୋଗରେ ବୁର୍ଲା ପୁଲିସ ଦୁଇ ଜଣକୁ ଗିରଫ କରିଛି। ସେମାନେ ହେଲେ ଧନୁପାଲି ଥାନା ସୁନାପାଲିର ନିସାର ଅହମଦ ଓରଫ ଗପୁ(୪୦) ଓ ଅଇଁଠାପାଲି ଥାନା ବୁଢାରଜା ଶାନ୍ତି ନଗରର ପ୍ରଦୀପ କୁମାର ତ୍ରିପାଠୀ(୫୩)। ପୁଲିସ ସେମାନଙ୍କ ନିକଟରୁ ୨୭ ବଣ୍ଡଲ ଲୁହା ତାର ଜବତ କରିବା ସହ ବ୍ୟବହୃତ କାର୍‌କୁ ମଧ ଜବତ କରିଛି। ସେପଟେ ଫେରାର ଟ୍ରକ୍‌କୁ ଜବତ କରିଛି। କିନ୍ତୁ କାଣ୍ଡ ଭିଆଇଥିବା ଟ୍ରକ୍ ଚାଳକ ଫେରାର ରହିଛି। ସୂଚନା ଅନୁସାରେ ଗତ ୧୧ ତାରିଖରେ ଢେଙ୍କାନାଳ ରୁଙ୍ଗଟାମାଇନ୍‌ସରୁ ୫.୫ର ଲୁହା ତାର ଉକ୍ତ ଟ୍ରକ୍‌ରେ ଚାଳକ ଜନକନାୟକ ନେଇ ଆସୁଥିଲା। ଏହି ସାମଗ୍ରୀ ରାୟପୁରକୁ ଯାଉଥିଲା। କିନ୍ତୁ ୧୨ ତାରିଖରୁ ଜିପିଏସ ବନ୍ଦ ରହିଥିଲା। ଗୋଶାଳା ଅଞ୍ଚଳରୁ ଶେଷ ଜିପିଏସ ଲୋକେସନ ରହିଥିଲା। ସାଇବର ସେଲ ମାଧମରେ ପୁଲିସ ତଦନ୍ତ କରିଥିଲା। ଡ୍ରାଇଭର ସମସ୍ତ ଲୁହା ତାରକୁ ବିକ୍ରି କରିବା ପାଇଁ ଯୋଜନା କରିଥିଲା। ଏଥିପାଇଁ ସେ ପ୍ରଦୀପ ସହ ଯୋଗାଯୋଗ କରିଥିଲା। ପରେ ପ୍ରଦୀପ କବାଡ଼ିଆ ଗପୁ ସହ ସମସ୍ତ ସାମଗ୍ରୀ ଟ୍ରକ୍‌ରୁ ଖାଲି କରିବାକୁ ଯୋଜନା କରିଥିଲା। ୧୨ ତାରିଖ ଭୋରରୁ ଗୋଶାଳା ପାଖ ଏକ ଛୋଟ ବୁଦା ଅଞ୍ଚଳରେ ସମସ୍ତ ତାର ଲୁଚେଇ ଦେଇଥିଲେ। ସେପଟେ ଟ୍ରକ୍ ଚାଳକ ଜନକ ଗାଡି ନେଇ ଫେରାର ହୋଇଥିଲେ। ଜାତୀୟ ରାଜପଥ ସୋହେଲା ପାଖରେ ଗାଡ଼ିକୁ ଛାଡି ଡ୍ରାଇଭର ଫେରାର ହୋଇଯାଇଥିଲା। ଗପୁ ସମସ୍ତ ସାମଗ୍ରୀ କିଣିଥିଲା କିନ୍ତୁ ଟଙ୍କା କାରବାର ହୋଇନଥିଲା। ବିକ୍ରି ପରେ ଟଙ୍କା ଡିଲ୍ ହୋଇଥିଲା। ହେଲେ ପୁଲିସ ତଦନ୍ତ କରି ସମସ୍ତ ସାମଗ୍ରୀ ଟ୍ରକ୍ ସମେତ ସମସ୍ତ ସାମଗ୍ରୀ ଉଦ୍ଧାର କରିଛି। ଗିରଫ ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିଆର ସିଂ କହିଛନ୍ତି।

**ନିଛାଟିଆରେ ଟ୍ରକ୍ ଛାଡ଼ି ଚାଳକ ଫେରାର**






ଚତୁର୍ଥ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ-ଅର୍ଜୁନ ପୃଷ୍ଟି
ଭୁବନେଶ୍ୱର,ଖୋର୍ଦ୍ଧା
ଆବିର୍ଭାବ-୧୮.୦୭.୧୯୩୩
ତିରୋଧାନ-୧୯.୦୧.୨୦୨୨

ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣା ଦାୟକ। ବାପା ଆପଣଙ୍କ ସ୍ନେହ,ଶ୍ରଦ୍ଧା,ଧର୍ମ,କର୍ମ,ସେବା ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ମନେରହିଥିବ। ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।

ଶୋକାକୁଳ

... ପରିବାର ତଥା ବନ୍ଧୁ ଓ ଆତ୍ମୀୟସ୍ୱଜନଙ୍କ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

**ସମ୍ବଲପୁରୀ ଧନୁଯାତ୍ରା ଆରମ୍ଭ**

## ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସ ହେଲେ ମହାରାଜା

**ସମ୍ବଲପୁର, ୧୮।୧(ସମିସ)**





ଆରମ୍ଭ ହୋଇଛି ସମ୍ବଲପୁରୀ ଭାଷାରେ ଧନୁଯାତ୍ରା। କଂସ ଦରବାରରେ ସମ୍ବଲପୁରୀ ଭାଷାରେ ଗର୍ଜନ ଶୁଣିବାକୁ ମିଳିବ। ଧନୁଯାତ୍ରା କମିଟି ସଭାପତି ସଞ୍ଜୟ ବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନି ଉତ୍ସବରେ ବିରୋଧୀ ଦଳର ଉପନେତା ତଥା ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁରୀ ଧନୁଯାତ୍ରା କେବଳ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହଁ ବରଂ ସମ୍ବଲପୁରୀ ସାଂସ୍କୃତିକ ଆନ୍ଦୋଳନ ବୋଲି କହିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କର୍ଣ୍ଣେଲ ପ୍ରଭାତ ପଣ୍ଡା ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ପ୍ରଦର୍ଶିତ ହେବା ଆମ ଭାଷା ସଂସ୍କୃତି ପାଇଁ ଗୌରବର ବିଷୟ ବୋଲି କହିଥିଲେ। ଶେଷରେ ସାଧାରଣ ସମ୍ପାଦକ ଗୁଣରଞ୍ଜନ ସାଲିମା ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳେ ଇଷ୍ଟଦେବୀ ସମଲେଇଙ୍କର ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ସୁସଜ୍ଜିତ ଧନୁ ସହ ସାଂସ୍କୃତିକ ଶୋଭାଯାତ୍ରା ନଗର ପରିକ୍ରମା କରାଯାଇଥିଲା। ଏହାପରେ ସମ୍ବଲପୁରୀ ଧନୁଯାତ୍ରା ଆୟୋଜନ ସ୍ଥଳରେ ଧନୁକୁ ସ୍ଥାପନ କରାଯାଇଥିଲା। ସାଂସ୍କୃତିକ ଶୋଭାଯାତ୍ରାକୁ ସହ ସମ୍ପାଦକ ଦୁଷ୍ମନ୍ତ କୁମାର ପଣ୍ଡା ଏବଂ କୋଷାଧକ୍ଷ ନିଶିକାନ୍ତ ବିଶ୍ୱାଳ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ତୃତୀୟ ବର୍ଷର ସମ୍ବଲପୁରୀ ଧନୁଯାତ୍ରା ପରିବେଶିତ ହୋଇଥିଲା। ପ୍ରଥମ ଦିନରେ କଂସ ଜନ୍ମ ରହସ୍ୟ, ମହାରାଜ ଉଗ୍ରସେନଙ୍କ ଗାଦିଚ୍ୟୁତ, କଂସର ରାଜ୍ୟାଭିଷେକ, ଦେବକୀ ବିବାହ, କଂସ ମରଣର ଆକାଶବାଣୀ, ଦେବକି ବାସୁଦେବଙ୍କୁ ବନ୍ଦୀ ଆଦି ଦୃଶ୍ୟ ପରିବେଷଣ କରାଯାଇଥିଲା। ଏହାପରେ ଶଶାଙ୍କ ଶେଖର ଦୁବେଙ୍କ କଣ୍ଠରେ ସମଲେଇ ବନ୍ଦନାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ରାଜକୁମାର ବୋଷ, ଉମାଶଙ୍କର ଦାସ ଏବଂ ପ୍ରକୃତି ପଣ୍ଡା ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଏହାସହ ସାଂସ୍କୃତିକ ସମ୍ପାଦକ ଗୁରୁ କୃଷ୍ଣଚନ୍ଦ୍ର ବାଗ, ସହ ସାଂସ୍କୃତିକ

**ଗଙ୍ଗାଧର ମଣ୍ଡପ ସାଜିଲା ମଥୁରା ନଗରୀ**

ସମ୍ପାଦକ ଯୋଗେଶ କୁମାର ନନ୍ଦ ଏବଂ ଲଳିତ ବେବର୍ତ୍ତାଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭରନୀ କଳା ପରିଷଦ, ସାନିକା ଡେନ୍ସ ଏକାଡେମୀ, ଏଆରପି ଡେନ୍ସ ଗ୍ରୁପ, ଏମଜେ କଲଚରାଲ ଷ୍ଟୁଡିଓ ଡ୍ୟାନ୍ସ ଏକାଡେମୀର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଦୀର୍ଘ ପାଞ୍ଚ ଦିନ ଧରି ଚାଲିବାକୁ ଥିବା ସମ୍ବଲପୁରୀ ଧନୁଯାତ୍ରା ପାଇଁ ମ୍ୟୁନିସିପାଲିଟି ଛକ ସ୍ଥିତ ଗଙ୍ଗାଧର ମୁକ୍ତମଞ୍ଚକୁ କଂସ ଦରବାର ଓ ଚାଉଁରପୁରକୁ ଗୋପପୁର ସଜ୍ଜିତ କରାଯାଇଛି। ଚଳିତବର୍ଷ ପୁଣିଥରେ ଫଣିନ୍ଦ୍ର ପଣ୍ଡା କଂସ ଭୂମିକାରେ ଅଭିନୟ କରୁଥିବା ବେଳେ ଘୁନୁ ପାଢ଼ୀ ଉଗ୍ରସେନ, ସନ୍ତୋଷ ରାୟଗୁରୁ ନାରଦ, ପ୍ରିୟଙ୍କା ପ୍ରଧାନ ଦେବକୀ, ରାହୁଲ ଗୁପ୍ତା ବାସୁଦେବ, ଅନ୍ନପୂର୍ଣ୍ଣ ମିଶ୍ର ଯଶୋଦା, ଯୋଗେଶ ନନ୍ଦ ନନ୍ଦରାଜା, ଶ୍ୱେତା ପଣ୍ଡା ଯୋଗ ମାୟା, ସ୍ୱାଧୀନ ପଣ୍ଡା ଗୁପ୍ତଚର, ହିମାଂଶୁ ସାହୁ ସେନାପତି, ଚୈତନ୍ୟ ନାୟକ ମହାମନ୍ତ୍ରୀ ଭୂମିକାରେ ଅଭିନୟ କରୁଛନ୍ତି। ସମ୍ବଲପୁରୀ ଧନୁଯାତ୍ରାରେ ବବଲୁ ବାଗ ରଚନା ଏବଂ ନିର୍ଦ୍ଦେଶନା ନେଇଥିବା ବେଳେ ପ୍ରଶାନ୍ତ ମହାରଣା ନିର୍ଦ୍ଦେଶନାରେ ସହଯୋଗ କରୁଛନ୍ତି। ପ୍ରତ୍ୟେକ ଦିନ ସକାଳ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମହାରାଜ କଂସ ନଗର ପରିକ୍ରମା କରିବେ।

# ଡଭା ସିଏଚ୍‌ସି ପରିଦର୍ଶନ କଲେ ରାଜ୍ୟସ୍ତରୀୟ ଟିମ୍



**ଝାରବନ୍ଧ, ୧୮।୧(ସମିସ):** କାୟାକଳ୍ପ ମୂଲ୍ୟାୟନ ଉଦ୍ଦେଶ୍ୟରେ ରାଜ୍ୟସ୍ତରୀୟ ଟିମ ଝାରବନ୍ଧ ବ୍ଲକ ଅଧୀନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡଭାକୁ ପରିଦର୍ଶନ କରିଛନ୍ତି। ଟିମ ଦ୍ୱାରା ହସ୍ପିଟାଲର ସମସ୍ତ ବିଭାଗର ସମଗ୍ର ମୂଲ୍ୟାୟନ କରାଯାଇଥିଲା। ପରିଦର୍ଶନ ସମୟରେ ବାୟୋ-ମେଡିକାଲ ୱେଷ୍ଟ ପରିଚାଳନା ବିଭାଗ, ଲେବରରୁମ, ଡ୍ରେସିଂରୁମ, ଲାବରେଟୋରୀ, ଓପିଡି, ଆଇପିଡି, ଔଷଧ ବଣ୍ଟନ କାଉଣ୍ଟର, ଟିବି ଓ କୁଷ୍ଠରୋଗ ବିଭାଗ, ଟୀକାକରଣ ବିଭାଗ ସହ ସମସ୍ତ ଫାଇଲ ଓ ଦଲିଲପତ୍ର ସୂକ୍ଷ୍ମ ଭାବେ ଯାଞ୍ଚ କରାଯାଇଥିଲା। ଏହି ଅବସରରେ ସିଏଚସି ଡଭାର ବିପିଏଚଓ ଡ.ଯଶୋବନ୍ତ ମେହେର, ଡ.ସ୍ୱଦୀପ ମହାପାତ୍ର, ଡ.ଅନିଲ ମେହେର, ବିପିଏମ ପ୍ରଶାନ୍ତ ପ୍ରଧାନ, ପିଏଚଇଓ ଅରୁଣ ଭୋଇ, ନର୍ସିଂ ଅଫିସର ସୁସମା ପ୍ରଧାନ, ସୁପରଭାଇଜର ବାସୁଦେବ ଗଡ଼ତିଆ, ଟିବି ସୁପରଭାଇଜର ନିଲେଶ ପ୍ରଧାନ, କୁଷ୍ଠ ସୁପରଭାଇଜର ତ୍ରିନାଥ ସାହୁ, ଡିଇଓ ସୁରେନ୍ ଭୋଇ, ଡିଇଓ ସମୀର ବାରିକ, ଏମପିଏଚଡବ୍ଲ୍ୟୁ ଲଳିତା ମହାରଥା, ନର୍ସିଂ ଅଫିସର ଗୁଗୁଲି ବେହେରା, କିଶୋରୀ ମାଝୀ, ଏଲଟି ଗୁଣନିଧି କିଷାନ, ଏଲଟି ମନୋଜ ଝାଙ୍କର ସହ ସିଏଚସି ଡଭାର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ। ରାଜ୍ୟ ସ୍ତରୀୟ ଟିମ ଦ୍ୱାରା ହସ୍ପିଟାଲର ସ୍ୱଚ୍ଛତା, ସେବା ଗୁଣବତା ଓ ରେକର୍ଡ ପରିଚାଳନାକୁ ସମୀକ୍ଷା କରାଯାଇ ସନ୍ତୋଷ ପ୍ରକାଶ କରାଯାଇଥିବା ଜଣାପଡ଼ିଛି।

# ଝାରବନ୍ଧ ବ୍ଲକ୍‌ରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

**ଝାରବନ୍ଧ, ୧୮।୧(ସମିସ)**

ଓଡ଼ିଶା ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସତର୍କ ଏବଂ ଚଣ୍ଡୀଭଟା ଅର୍ଗାନିକ ଲାଇଫ ଫାର୍ମି ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ମିଳିତ ସହଯୋଗରେ ଝାରବନ୍ଧ ବ୍ଲକ ଅଧୀନ କନ୍ଧାଡ଼ଙ୍ଗର ପଞ୍ଚାୟତରେ ମାଣ୍ଡିଆ କ୍ରୟ ପାଇଁ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କନ୍ଧାଡଙ୍ଗର ସରପଞ୍ଚ ସୁନୀଲ ରାୟ, ଏଏଓ ଦୀପକ କନ୍ଧେର, କୃଷି ଉଦ୍ୟାନ ଅଧିଦର୍ଶକ ପ୍ରଦୀପ ପଟ୍ଟନାୟକ, ଏଫପିଓର ଏମଡି ପୁଷ୍ପା ବିଶ୍ୱାଳ, ବୋର୍ଡ ସଦସ୍ୟ ସଞ୍ଜୀବ ବାରିକ,



ନକୁଳ ବରିହା, ମନୋହର ବାଗ, ସହଯୋଗୀ ସଂସ୍ଥା ସତର୍କ ଅନୁଷ୍ଠାନର ସଚିବ ବିକାଶ ନାୟକ ପ୍ରମୁଖ ଯୋଗଦେଇ ଫିତା କାଟି ମାଣ୍ଡିଆ ମଣ୍ଡି ଶୁଭ ଉଦ୍‌ଘାଟନ କରିଥିଲେ। ସତର୍କ ଅନୁଷ୍ଠାନର ସମସ୍ତ ଓ ଚଣ୍ଡୀଭଟା ଅର୍ଗାନିକ ଲାଇଫ ଫାର୍ମି ପ୍ରଡ୍ୟୁସର କମ୍ପାନୀ ଲିମିଟେଡର କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୫ ଜଣ ଚାଷୀଙ୍କ ଠାରୁ ସମୁଦାୟ ୧୮ କ୍ୱିଣ୍ଟାଲ ମାଣ୍ଡିଆ ସଫଳତାର ସହ କ୍ରୟ କରାଯାଇଥିଲା। ଚଳିତ ବର୍ଷ ମୋଟ ୩ଟି ସ୍ଥାନରେ କନ୍ଧାଡଙ୍ଗର, ଚଣ୍ଡୀଭଟା ଓ ଖିରାପାଲିରେ ମାଣ୍ଡିଆ ମଣ୍ଡି ମାଧ୍ୟମରେ ମାଣ୍ଡିଆ କ୍ରୟ କରାଯିବାର ସୂଚନା ରହିଛି। ଚଳିତ ବର୍ଷ ଝାରବନ୍ଧ ବ୍ଲକରେ ମାଣ୍ଡିଆ କ୍ରୟ ପାଇଁ ସମୁଦାୟ ୨୮୦୦ କ୍ୱିଣ୍ଟାଲ ଟାର୍ଗେଟ ଧାର୍ଯ୍ୟ କରାଯାଇଥିବା ବେଳେ ଚାଷୀ ସରକାରୀ ସହାୟତା ୪୮୮୬ ଟଙ୍କା ମୂଲ୍ୟରେ ଫସଲ ବିକ୍ରି କରି ଲାଭାନ୍ୱିତ ହେବେ ବୋଲି ଆଶା ପ୍ରକାଶ କରାଯାଇଛି। ବସନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଶା ଏଣ୍ଟରପ୍ରାଇଜ୍‌ର ବନ୍ଧୁମିଳନ



**ବରଗଡ଼, ୧୮।୧(ସମିସ):** ଭବାନୀପାଟଣା ସ୍ଥିତ ରାବଣଧାର ଜଳପ୍ରପାତ ପର୍ଯ୍ୟଟନ ସ୍ଥଳରେ ଓଡ଼ିଶା ଏଣ୍ଟରପ୍ରାଇଜ ଶାଖା ଅଫିସ ପକ୍ଷରୁ ବଣଭୋଜି ଓ ପରିବାରିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ଅଫିସ ମୁଖ୍ୟ ଶ୍ରୀଧର ସାହୁ ଉପସ୍ଥିତ ଥିଲେ। ସଂସ୍କାର ଅଧକ୍ଷା କୁମୁଦିନୀ ବାଗ ଓ ଚନ୍ଦ୍ରଶେଖର ବାଗ ସମସ୍ତ କର୍ମଚାରୀଙ୍କୁ କିପରି ଶାନ୍ତି ଶୃଙ୍ଖଳାରେ ଓ ସୁରକ୍ଷାରେ ଟାଟା ପାୱାରର ସମସ୍ତ ନିୟମକୁ ମାନି କିପରି ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବେ ଏନେଇ ମତ ରଖିଥିଲେ। ଶେଷରେ ଶ୍ରୀଧର ସାହୁ ଧନ୍ୟବାଦ ଦେଇଥିଲେ।

# ପଦ୍ମପୁର ଶିଶୁ ବିଦ୍ୟାମନ୍ଦିରେ ସପ୍ତଶକ୍ତି ସଂଗମ କାର୍ଯ୍ୟକ୍ରମ

**ପଦ୍ମପୁର, ୧୮।୧(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସପ୍ତଶକ୍ତି ସଂଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଥାନା ଭାରପ୍ରାପ୍ତ ଅଧିକାରୀ ମମତା ନାୟକ, ମୁଖ୍ୟ ବକ୍ତା ଭାବେ ଅଞ୍ଚଳ ମହାବିଦ୍ୟାଳୟ ଜୀବବିଜ୍ଞାନ ପ୍ରଧାପିକା ତାପିନୀ ପଣ୍ଡା, ପୂର୍ବତନ ଅବିଭାବିକା ମମତା ଗୁରୁ ଅର୍ଥନୀତି ପ୍ରଧାପିକା ପ୍ରମୁକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୋନାଲିସା ସ୍ୱାଇଁ ମାତୃ ଭାରତୀ ନିର୍ଦ୍ଦେଶିକା, ଜୀବବିଜ୍ଞାନ ପ୍ରଧାପିକା ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର, ଗୋଲାପୀ ବେହେରା ଆଦର୍ଶ ଜେଜେମା ପ୍ରଭୃତି ମଞ୍ଚାସୀନ ଥିଲେ। ମାତୃଭାରତୀର ସଦସ୍ୟାମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମିନତି ପଟ୍ଟନାୟକ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୋନାଲିସା ସ୍ୱାଇଁ ଉଦ୍ଦେଶ୍ୟ କଥନ, ସପ୍ତଶକ୍ତିର ଜାଗରଣ, ନାରୀ ମଧ୍ୟରେ ଥିବା ୭ଟି ଶକ୍ତି, ଇତିହାସ ଓ ପୁରାଣରେ ନାରୀର ଭୂମିକା, ଦେଶର ବିଭିନ୍ନ କ୍ଷେତ୍ରରେ ନାରୀର ଭୂମିକା, ନାରୀ ମଧ୍ୟରେ ଥିବା ଶକ୍ତିର ଠିକ୍ ଉପଯୋଗୀତା, ମମତା ନାୟକ ଶିଶୁର ସୁରକ୍ଷାରେ ପିତାମାତାଙ୍କ ଭୂମିକା, ଶିଶୁର ଚରିତ୍ର ଗଠନରେ ମାଆର ଭୂମିକା, ଟ୍ରାଫିକ ନିୟମ ପାଳନ ଓ ହେଲମେଟର ସଦୁପଯୋଗ ଉପରେ ମାର୍ଗଦର୍ଶନ କରିଥିଲେ। ମମତା ଗୁରୁ ଭାରତର ବିକାଶରେ ନାରୀର ଭୂମିକା, ସମାଜ ଓ ଶିଶୁ ଗଠନରେ ମାଆର ଭୂମିକା, ମୋବାଇଲ ବ୍ୟବହାରର କୁପ୍ରଭାବ, ଶିକ୍ଷାର ପ୍ରକୃତ ମହତ୍ତ୍ୱ,



ବର୍ତ୍ତମାନ ପରିସ୍ଥିତିରେ ସଂଯୁକ୍ତ ପରିବାରର ଆବଶ୍ୟକତା, ନାରୀ ସଶକ୍ତିକରଣର ପ୍ରକୃତ ଅର୍ଥ, ବିଜ୍ଞାନର ଉନ୍ନତିରେ ମୁନି ଋଷିଙ୍କ ଭୂମିକା ଉପରେ ଦିଗଦର୍ଶନ ଦେଇଥିଲେ। ତାପିନୀ ପଣ୍ଡା କୁଟୁମ୍ବ ପ୍ରାବୋଧନରେ ନାରୀର ଭୂମିକା, ସ୍ୱଦେଶୀ ଜିନିଷର ବ୍ୟବହାର, ଶିଶୁର ଭଲ ଗୁଣ ପ୍ରତି ଧ୍ୟାନ ଦେବା, ଆଧ୍ୟାତ୍ମିକ ଶିକ୍ଷା, ବୈଜ୍ଞାନିକ କର୍ମ ଓ ଜ୍ଞାନର ମହତ୍ତ୍ୱ, ନାରୀ ମଧ୍ୟରେ ସପ୍ତଶକ୍ତିର ଜାଗରଣ, ନାରୀର ପ୍ରକୃତ ପରିଚୟ ଉପରେ ଆଲୋଚନା କରିଥିଲେ। ଭାରତୀୟ ସଂସ୍କୃତି ଉପରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମକୁ ମମତା ଗଡ଼ତିଆ ଗୁରୁମା ପରିଚାଳନା କରିଥିଲେ। ନବମ ଶ୍ରେଣୀର ଭଉଣୀମାନେ ବିରଙ୍ଗନାମାନଙ୍କ ଅଭିନୟ ପ୍ରଦର୍ଶନ କରିଥିଲେ। ଶିଶୁ ଭାଇ ଭଉଣୀମାନେ ରାମାୟଣ ନୃତ୍ୟ ନାଟିକା ପ୍ରଦର୍ଶନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ମାତୃଭାରତୀକୁ ସମ୍ବୋଧିତ କରି ନିଜ ଭିତରେ ଥିବା ସପ୍ତଶକ୍ତିକୁ ଜାଗ୍ରତ କରି ସମାଜର ଉନ୍ନତିରେ ସହଯୋଗୀ ହେବା ପାଇଁ ପରାମର୍ଶ ଦେଇଥିଲେ। ମାତୃଭାରତୀର ସଭାପତି ରୁକ୍ମଣୀ ସାହୁ ଅନୁଭୂତି କଥନ କହିଥିଲେ। ସୁଜାତା ତ୍ରିପାଠୀ ଗୁରୁମା ସଙ୍କଳ୍ପ କଥନ କହିଥିଲେ। ବିଦ୍ୟାମନ୍ଦିରରେ ୨୦୦ ଜଣ ଅଭିଭାବିକା ସପ୍ତଶକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଚିତ୍ରା ଖର୍ସେଲ ଗୁରୁମା ସଂଯୋଜନା କରିଥିଲେ। କଲ୍ୟାଣୀ ମିଶ୍ର ଗୁରୁମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମିନତି ପଟ୍ଟନାୟକ ଗୁରୁମାଙ୍କ ତତ୍ତ୍ୱାବଧାନରେ ମାତୃଭାରତୀ ସଦସ୍ୟା ତଥା ଗୁରୁମାମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

# ଚନ୍ଦ୍ରମଣୀ ସାହୁଙ୍କ ପରିବାରକୁ ଭେଟିଲେ ବିଜେପି କର୍ମକର୍ତ୍ତା

**ପଦ୍ମପୁର, ୧୮।୧(ସମିସ):** ପଦ୍ମପୁର ଅଞ୍ଚଳର ଜଣାଶୁଣା ସମାଜସେବୀ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ କାର୍ଯ୍ୟକର୍ତ୍ତା ଚନ୍ଦ୍ରମଣି ସାହୁଙ୍କ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦେହାନ୍ତ ହୋଇଛି। ଖବର ପାଇ ପଦ୍ମପୁରର ବିଜେପି ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏ, ବରଗଡ଼ ଜିଲ୍ଲା ଉପସଭାପତି ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ସଦସ୍ୟା ସରସ୍ୱତୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର, ମଣ୍ଡଳ ସଭାପତି ଦିବ୍ୟକିଶୋର ପଧାନ, ବିଜେପି ବରିଷ୍ଠ ନେତା ଡ.ନାରାୟଣ ପୁରୋହିତ, ସୁବ୍ରତ ସାହୁ, ମନୋଜ ମେହେର, ମନୋଜ ପଟେଲ ତାଙ୍କ ପଦ୍ମପୁର ବାସଭବନଙ୍କୁକୁ ଯାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେଇଥିଲେ।

# ଶୈଳ ନାଏକଙ୍କ ପରଲୋକ

**ବରଗଡ଼, ୧୮।୧(ସମିସ):** ବରଗଡ଼ ଜିଲ୍ଲା ଚକରକେନ୍ଦ ଗାଁର ଜପ ନାଏକଙ୍କ ଧର୍ମପତ୍ନୀ ଶୈଳ ନାଏକ (୯୦)ଙ୍କ ପରଲୋକ ହୋଇଛନ୍ତି। ସେ ଜଣେ ପରୋପକାରୀ, ମେଳାପୀ ତଥା



ଧର୍ମପରାୟଣା ମହିଳା ଥିଲେ। ତାଙ୍କ ମୃତ୍ୟୁ ପଛରେ ପୁଅ ବେଣୁଧର ନାଏକ, ତରୁଣ ନାଏକ, ଅମୃତ ନାଏକ, ସାନନ୍ଦ ନାଏକ, ଆଜମିଲ ନାଏକ ଓ ଝିଅ ସୌଦାମିନୀ ନାଏକଙ୍କ ସହିତ ପରିବାରବର୍ଗଙ୍କୁ ଛାଡି ଚାଲିଯାଇଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଡ ପୁଅ ବେଣୁଧର ନାଏକ ମୁଖାଗ୍ନି ଦେଇଥିଲେ।

# ରାଜ୍ୟସ୍ତରୀୟ ଡୁମାଲ ମହାସଭା ପାଇଁ ପ୍ରସ୍ତୁତି



**ଭେଡେନ, ୧୮।୧(ସମିସ):** ଜିଲ୍ଲା ଭେଡେନ ବ୍ଲକ ଗୁନିଆପାଲି କେନ୍ଦ୍ର ଅଧୀନ ପପଙ୍ଗା କେନାଲ କଲୋନୀ ଠାରେ ରାଜ୍ୟ ସ୍ତରୀୟ ଡୁମାଲ ମହାସଭାର ଆୟୋଜନ ଆସନ୍ତା ମାର୍ଚ୍ଚ ୧୫ ଓ ୧୬ ତାରିଖ ରବିବାର ଓ ସୋମବାର ଦୁଇ ଦିନଧରି ବରଗଡ଼ ଜିଲ୍ଲାର ପପଙ୍ଗା ଠାରେ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ବରଗଡ଼ ଜିଲ୍ଲା ସଭାପତି ଗଣେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡୁମାଲ ପରିଷଦ ଓଡ଼ିଶାର ରାଜ୍ୟ ସଭାପତି ଦୟାସାଗର ମେଣ୍ଡଳୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ଏହି ରାଜ୍ୟ ସ୍ତରୀୟ ମହାସଭା ସଫଳ ଭାବେ ଆୟୋଜନ କରିବା ପାଇଁ ଡୁମାଲ ଜାତିଭାଇମାନଙ୍କୁ ନେଇ ୩୦ ଜଣିଆ କମିଟି ଗଠନ କରାଗଲା। ମହାସଭା ପାଇଁ ଆବଶ୍ୟକ କମିଟି ଗଠନ ଓ ବିଭାଗ ବଣ୍ଟନ କରାଗଲା। ଯୁବ ଓ ମହିଳାମାନଙ୍କର ସକ୍ରିୟ ଅଂଶଗ୍ରହଣ ପାଇଁ ଯୁବ କମିଟି ଏବଂ ମହିଳା କମିଟି ଗଠନ କରାଗଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଡୁମାଲ ଜାତିର ବ୍ୟକ୍ତି ବିଶେଷଙ୍କୁ ମହାସଭାରେ ସମ୍ମାନିତ କରିବା ପାଇଁ ସମ୍ମତି ପ୍ରକାଶ ପାଇଥିଲା। ବୈଠକରେ ବରଗଡ଼ ଜିଲ୍ଲାର ସମସ୍ତ କେନ୍ଦ୍ରର ସଭାପତି, ସମ୍ପାଦକ, ରାଜ୍ୟ ପରିଷଦ ସଭ୍ୟ, ଗୁନିଆପାଲି କେନ୍ଦ୍ରର ଯୁବ ସଦସ୍ୟ ଓ ମାଁ ମାହେଶ୍ୱରୀ ସେନାର ସଦସ୍ୟ ମାନେ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ। ଶେଷରେ ଜିଲ୍ଲା ସମ୍ପାଦକ ସୁବାସ ଥାଟି ଧନ୍ୟବାଦ ଅର୍ପଣ କରିଥିଲେ।

# କସ୍ତୁରବା ଗାନ୍ଧୀ ମାତୃ ନିକେତନରେ ପାର୍ବତୀ ଗିରିଙ୍କ ଜୟନ୍ତୀ

**ପାଇକମାଲ, ୧୮।୧(ସମିସ):** ପାଇକମାଲ କସ୍ତୁରବା ଗାନ୍ଧୀ ମାତୃନିକେତନ ପରିସରରେ ରବିବାର ପ୍ରଥମ ଦିବସରେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା ବହ୍ନି କନ୍ୟା ପାର୍ବତୀ ଗିରିଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ସମାଜସେବୀ ହରିବନ୍ଧୁ ଜେନା ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନ ଅଧ୍ୟକ୍ଷ ନିର୍ମଳ ଗିରି ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପାଇକମାଲ ବିଡିଓ ପ୍ରଫୁଲ ଓଡୁ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ କୋତନା ଅଇଁଠା ପ୍ରଧାନ, ସମ୍ମାନିତ ଅତିଥି ଭାବେ ପାଇକମାଲ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ଅନୁଷ୍ଠାନର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ, ଉପସଭାନେତ୍ରୀ ଭାରତୀ ଶତପଥୀ, ପାଇକମାଲ ବ୍ଲକ ଜେଇ ବିସୋକ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ପାର୍ବତୀ ଗିରିଙ୍କ ଜୀବନୀ ଓ ସମାଜସେବା ଉପରେ ମତବ୍ୟକ୍ତ କରିଥିଲେ। ପୁରସ୍କାର ବିତରଣୀରେ ମାତୃପ୍ରସାଦ ରଥ,



**ଅନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି ସମାରୋହ**

ଦୁର୍ଯ୍ୟୋଧନ ତ୍ରିପାଠୀ ସହଯୋଗ କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠାନର ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ସଞ୍ଜିବ ଦାସ ଧନ୍ୟବାଦ ଦେଇଥିଲେ।

# ଦେୱାନପାଳି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଝାରବନ୍ଧ, ୧୮।୧(ସମିସ):** ଝାରବନ୍ଧ ବ୍ଲକ ଦେୱାନ ପାଳି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ଆହ୍ୱାନ' ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଇଓ ଶୁଭମ ପତି, ମୁଖ୍ୟ ବକ୍ତା ସୁରେଶ ରାଉତରାୟ ପୂର୍ବତନ ବିଇଓ ବିଜେପୁର, ସମ୍ମାନିତ ଅତିଥି ଭାବେ ଡୋଳାମଣି ନାୟକ ସଭାପତି ବିଦ୍ୟାଳୟ ଆଲୁମିନି, ସନମାଳି ସଭାପତି ବିଦ୍ୟାଳୟ ପରିଚାଳନା କମିଟି, ଦୟାନିଧି କୈବର୍ତ୍ତ ଏବିଇଓ, ପ୍ରଧାନଶିକ୍ଷକ ବିସିକେଶନ ଧରୁଆ, ନରେଶ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ନିରାକାର ପଟେଲ, ଯଦୁମଣି ଦୀପ, ଭାରତୀ ନାୟକ, ରଶ୍ମିତା ପଟେଲ, ପିତାମ୍ବର ବରିହା, ସୌଦାମିନୀ ଭୋଇ, ଗଣେଶ ପଟେଲ, ସୁରେନ୍ଦ୍ର ବାଙ୍କା, ସୁଶାନ୍ତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀ ରିଜା ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ସଚିନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଚତୁର୍ଥ ବାଜିରାଉତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କୁଚିଣ୍ଡା, ୧୮।୧(ସମିସ):** କୁଚିଣ୍ଡା ନିର୍ବାଚନ ମଣ୍ଡଳୀସ୍ତରୀୟ ଚତୁର୍ଥ ବାଜିରାଉତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆମେ ଓଡ଼ିଆ ପକ୍ଷରୁ ସାଂସଦ କ୍ରୀଡ଼ା ମହୋତ୍ସବ ଅଧୀନ ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାକୁ ନେଇ ଅନୁଷ୍ଠିତ ହେଉଥିବା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ କୁଚିଣ୍ଡା ମୁକୁନ୍ଦି ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। କୁଚିଣ୍ଡା ଉପଖଣ୍ଡର ୨୫ଟି ଦଳକୁ ନେଇ ୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମ୍ୟାଚରେ ପ୍ରଥମ ଦିନ ୧୩ ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ଦିନରେ କୁଚିଣ୍ଡା ଉପଜିଲ୍ଲାପାଳ ସରୱାନନ ସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଶୁସିଲ କୁମାର କର, କୁଚିଣ୍ଡା ଯୋନ୍ ୨ ଜିଲ୍ଲା ପରିଷଦ ସଭ୍ୟ ଦିବ୍ୟରାଜ କିଶନ ଅତିଥି ଭାବେ ଯୋଗ ମ୍ୟାଚକୁ ଉଦ୍‌ଘାଟନ କରିଛନ୍ତି। ମ୍ୟାଚ କମିଶନର ଭାବେ ଦୁର୍ଗା ମାଧବ ନାଏକ ଦାୟିତ୍ୱ ତୁଲାଇଥିବାବେଳେ ଲିଙ୍ଗରାଜ ପଧାନ, ପରେଶ ଭୋଇ, ପରେଶ ପ୍ରଧାନ, ଶୁନିଲ ଓରାମ, ସରୋଜ ବାଘ, ଅଜୟ ମାଝୀ ଓ ସଂଗ୍ରାମ ପଟେଲ ମ୍ୟାଚ ପରିଚାଳନା କରିଥିଲେ। ଆଜି ଶେଷ ମ୍ୟାଚ୍‌ରେ ଭୀମ ଭୌରବ ଟିକିଲିପଡ଼ା ଓ ମନ୍ତ୍ରୀମୁଣ୍ଡା ମଧ୍ୟରେ ହୋଇଥିବା ବେଳେ ୪-୨ରେ ପ୍ଲାଷ୍ଟିକ ସୁଟଆଉଟରେ ମନ୍ତ୍ରୀମୁଣ୍ଡା ଦଳ ବଜୟ ହୋଇଛି।

# ଉପେନ୍ଦ୍ର ପଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ଅତାବିରା, ୧୮।୧(ସମିସ):** ଅତାବିରା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ଉପେନ୍ଦ୍ର ପଣ୍ଡା ପ୍ରତିମୂର୍ତ୍ତି ପୁନଃ ଉନ୍ମୋଚନ ବିଧାୟକ ନିହାର ମହାନନ୍ଦଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଗୁଁ ତାଙ୍କ ପ୍ରତିମୂର୍ତ୍ତି ସ୍କୁଲ ପରିସରରେ ରଖାଯାଇଥିଲା। ରବିବାର ତାଙ୍କ ପ୍ରତିମୂର୍ତ୍ତି ପୁନଃ ଉନ୍ମୋଚନ କରାଯାଇଛି। ଉନ୍ମୋଚନ ସମୟରେ ବେଣୁଧର ମିଶ୍ର, ଉନ୍ନି ନାୟାର, ନବୀନ ଦାଶ, କଡ଼କ ଅଲ୍ଲୀ, ସୁରେନ୍ଦ୍ର ସ୍ୱାଇଁ, ସୁବୋଧ ଶତପଥୀ, ପଞ୍ଚାନନ ନାଥ, ପପୁନ ପ୍ରଧାନ, ପିଣ୍ଟୁ ସାହୁ, ଅଶୋକ ଦାଶ, ଅବସରପ୍ରାପ୍ତ ଶିକ୍ଷକ ସଂଘ, ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ସହ ବହୁ ଲୋକ ଉପସ୍ଥିତ ଥିଲେ।

**ମାଣ୍ଡୋସିଲ ଲେଜେଣ୍ଡ ପ୍ରିମିୟର ଲିଗ୍**

# ମାଣ୍ଡୋସିଲକୁ ହରାଇ ଜାମସେଠ ଚାମ୍ପିଅନ

**ପାଇକମାଲ, ୧୮।୧(ସମିସ)**

ପାଇକମାଲ ବ୍ଲକ ମାଣ୍ଡୋସିଲ ବଡ ଖେଳ ପଡ଼ିଆରେ ରବିବାର ମାଣ୍ଡୋସିଲ ଲେଜେଣ୍ଡ ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟରେ ମାଣ୍ଡୋସିଲ ଲେଜେଣ୍ଡକୁ ହରାଇ ଜାମସେଠ ଲେଜେଣ୍ଡ ଚାମ୍ପିଅନ ହୋଇଛି। ଏଥିରେ ଆଖପାଖ ଗାଁରୁ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବେଦବ୍ୟାସ ପୁଟା ଓ ଦେବ ସିଂ ଭରାସାଗର ଅମ୍ପାୟର ଥିବା ବେଳେ ବିଜୁ ବରିହା ସ୍କୋରର ଥିଲେ। କଳିଳ ଜଗତ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ଠିକାଦାର ମହେନ୍ଦ୍ର ଖୁଣ୍ଟିଆ ଓ ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ କମିଟି ସଭାପତି ଜଗନ୍ନାଥ ପୁଟା, ସମ୍ପାଦକ ରାଧେଶ୍ୟାମ ପଟେଲ, ସମାଜସେବୀ ପ୍ରମୋଦ ରାୟ, ତପନ ବହିଦାର ଗୋପାଳ ପ୍ରସାଦ ବେହେରା, ଉଗ୍ରସେନ ପ୍ରଧାନ, ଡ.ପଙ୍କଜ ଭୋଇ



ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ପ୍ରତାପ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଦିଆଯାଇଥିବା ବେଳେ ମୂରଲୀଧର ବାଗଙ୍କୁ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଆୟୋଜକ ଅନିଲ ଦାଶ, ଡିକେ ସାହୁ, ତାପସ ସାହୁ, ଗୋକୁଳା ବିଶ୍ୱାଳ, ଅମର ମାଝୀ, ନବୀନ ବିନାଟ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/20 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 ଅନୁଯାୟୀ) |
|---|---|---|
| ଏ. ଭି. ପି. (ମାନବ ସମ୍ବଳ ଯୋଜନା ଏବଂ ନିଯୁକ୍ତି) | 1 | 42 ବର୍ଷ |
| ଏ. ଭି. ପି. (ଶିକ୍ଷଣ ଏବଂ ବିକାଶ) | 1 | 42 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 12.01.2026 ରୁ 02.02.2026 ପର୍ଯ୍ୟନ୍ତ।**

ସ୍ଥାନ: ମୁମ୍ବାଇ
ତାରିଖ: 12.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

### ରାଉରକେଲା ବନଖଣ୍ଡରେ ଜଳ ପକ୍ଷୀ ଗଣନା ଆରମ୍ଭ

# ୧୭ ଦଳରେ ୨୮୫ କର୍ମଚାରୀ ନିୟୋଜିତ





**ରାଉରକେଲା, ୧୮ା୧(ସମିସ)**

ରାଉରକେଲା ବନଖଣ୍ଡରେ ୧୭ ଗୋଟି ବିଭିନ୍ନ ଜଳାଶୟରେ ରବିବାରଠାରୁ ଜଳ ପକ୍ଷୀ ଗଣନା ଆରମ୍ଭ ହୋଇଯାଇଛି। ଏଥିପାଇଁ ୧୭ ଗୋଟି ଦଳ ଗଠନ କରାଯାଇଥିବା ବେଳେ ରାଉରକେଲା ବନଖଣ୍ଡର ସମସ୍ତ କ୍ଷେତ୍ର ମୋଟ ୨୮୫ ଜଣ କର୍ମଚାରୀଙ୍କୁ ନିୟଜିତ କରାଯାଇଛି। ଏହା ସହିତ ୨ ଜଣ ସହବନଖଣ୍ଡ ଅଧିକାରୀ(ଏସିଏଫ୍) ସୁରଜିତ କୁମାର ସାହୁ, ଗଜେନ୍ଦ୍ର ପାଲ ସିଂ ମାଥୁର ମଧ୍ୟ ନିୟଜିତ ଅଛନ୍ତି। ରବିବାର ସକାଳ ସାଢେ ୬ଟାରୁ ରାଉରକେଲା ବନଖଣ୍ଡ ଅଧିକାରୀ ଯଶବନ୍ତ ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଉରକେଲା ବନଖଣ୍ଡ ଅନ୍ତର୍ଗତ ମନ୍ଦିରା ଡ୍ୟାମ, ପିତାମହଲ ଡ୍ୟାମ, ବ୍ରାହ୍ମଣୀ ନଦୀ, କଲେଇପୋଷ ଜଳାଶୟ, ବାଲୁଘାଟ ତରକେରା ରିଜର୍ଭର, କୁଚେଇତା ପଖୋରୀ, ଧମାନ୍ଦାର ଡ୍ୟାମ, କଂସବାହାଲ ଡ୍ୟାମ, ବିଶିପୁର ପଖୋରୀ ସମେତ ମୋଟ ୧୭ ଗୋଟି ସ୍ଥାନରେ ଏହି ପକ୍ଷୀ ଗଣନା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଏଥିପାଇଁ ଶନିବାର ରାଉରକେଲା ବନଖଣ୍ଡ ଅଧିକାରୀଙ୍କ ସଭା ଗୃହରେ ଡିଏଫଓ ଶ୍ରୀ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଜଳ ପକ୍ଷୀ ଗଣନା ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ବିଭିନ୍ନ ବନ କ୍ଷେତ୍ରର କ୍ଷେତ୍ର କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ। ବନ୍ୟଜନ୍ତୁ ଗବେଷକ ଡ. ନିମାଇଁ ଚରଣ ପଲେଇ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ପକ୍ଷୀ ଗଣନା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ।

### ରାଉରକେଲା ବିମାନ ଦୁର୍ଘଟଣା

# ମୃତକଙ୍କ ପରିବାରର ଜଣକୁ ନିଯୁକ୍ତି ଦେବ ଇଣ୍ଡିଆ ୱାନ୍ ଏୟାର

**ରାଉରକେଲା, ୧୮ା୧(ସମିସ):** ଗତ ୧୦ ତାରିଖରେ ଭୁବନେଶ୍ୱରରୁ ରାଉରକେଲା ଆସୁଥିବା ଇଣ୍ଡିଆ ୱାନ୍ ଏୟାର ସେସ୍ନା ଗ୍ରାଣ୍ଡ କାରାଭାନ୍ ଏକ୍ସ ବିମାନ ରାଉରକେଲାର ଜଲଦା କଂସରର ଗାଡିଆଟୋଲା ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ ସୁଶାନ୍ତ କୁମାର ବିଶ୍ୱାଳଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଇଣ୍ଡିଆ ୱାନ୍ ଏୟାର ସଂସ୍ଥାରେ ଚାକିରି ମିଳିବ ବୋଲି ଇଣ୍ଡିଆ ୱାନ୍ ଏୟାରର ସିଇଓ ପ୍ରେମ କୁମାର ଗର୍ଗ ଘୋଷଣା କରିଛନ୍ତି। ଏହାସହ ଏକ ବର୍ଷ ପର୍ଯ୍ୟନ୍ତ ପରିବାରର ସମସ୍ତ ଖର୍ଚ୍ଚକୁ ବାବଦକୁ ଇଣ୍ଡିଆ ୱାନ୍ ଏୟାର ସଂସ୍ଥା

- ଖର୍ଚ୍ଚ ବାବଦକୁ ଦେବ ୪ ଲକ୍ଷ ୪୦ ହଜାର
- ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ସହାୟତା
- ପ୍ରତିଶ୍ରୁତି ପରେ ହେଲା ଅନ୍ତିମ ସତ୍କାର

୪ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବେ। ବର୍ଷେ ପରେ ମୃତ ସୁଶାନ୍ତଙ୍କ ବଡ଼ ପୁଅର ପାଠପଢ଼ା ସମାପ୍ତ ହେଲେ ତାଙ୍କୁ ଏୟାରଲାଇନ୍ସରେ ନିଯୁକ୍ତି ଦିଆଯିବ ବୋଲି ଶ୍ରୀ ଗର୍ଗ କହିଛନ୍ତି। ଏହାଛଡା ବିମାନ ଇନ୍ସୁରାନ୍ସ ପକ୍ଷରୁ ନିୟମ ମୁତାବକ ମଧ୍ୟ ଆବଶ୍ୟକ ବୀମା ରାଶି ମିଳିବ ବୋଲି ଶ୍ରୀ ଗର୍ଗ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ମୃତକଙ୍କ ପରିବାର ବର୍ଗଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମୃତ ସୁଶାନ୍ତଙ୍କ ଶବ ସଂସ୍କାର ପାଇଁ ୩୦ ହଜାର ଟଙ୍କା ଦେବାକୁ ଆରଏମ୍‌ସି ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ବେଦବ୍ୟାସ ଶ୍ମଶାନ ଘାଟରେ ଅନ୍ତିମ ସତ୍କାର କରାଯାଇଥିବା ଜଣାପଡ଼ିଛି।

## 'ମୁଁ ଖାଣ୍ଟି ଓଡ଼ିଆ' ସଙ୍ଗୀତ କାର୍ଯ୍ୟକ୍ରମ



**ରାଉରକେଲା, ୧୮ା୧(ସମିସ):** ରଉରକେଲାର ଅଗ୍ରଣୀ ଅନୁଷ୍ଠାନ ଓଜସ୍କର ସାଂସ୍କୃତିକ ମଞ୍ଚ ତରଫରୁ ଯୁବପ୍ରତିଭା ମାନଙ୍କୁ ନେଇ 'ମୁଁ ଖାଣ୍ଟି ଓଡ଼ିଆ' ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତି ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆର୍‌ଏସ୍‌ପି ସିଜିଏମ୍ ହୀରାଲାଲ ମହାପାତ୍ର, ଆରଆଇକେକେଏସ୍ ସାଧାରଣ ସମ୍ପାଦକ ହିମାଂଶୁ ବଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। 'ମୁଁ ଖାଣ୍ଟି ଓଡ଼ିଆ' କାର୍ଯ୍ୟକ୍ରମରେ ରିଦ୍ଧିଶ୍ରୀ କବି, ରାକେଶ ପତି, ନନ୍ଦିତା ମିଶ୍ର, ସବ୍ୟସାଚୀ ଦାଶ, ଅପାର୍ଣ୍ଣା ପଣ୍ଡା, ଅଭିସେକ ଦେବତା, ଚନ୍ଦନ ମହାରଣା ମଞ୍ଚରେ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହି ଥିଲେ। ଓଜସ୍କର ସଭାପତି ଭାଗିରଥି କବି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସଂଗଠନର ସାଧାରଣ ସମ୍ପାଦକ ସରୋଜ ଚନ୍ଦ୍ର କବି ଓଜସ୍କରର ଅଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ସଂଗଠନର ଅଧ୍ୟକ୍ଷା ଚେତନା କବିଙ୍କ ତତ୍ତ୍ୱାବଧାନରେ ଜ୍ୟୋତ୍ସ୍ନା ସାହୁ, ପରେଶ ରଞ୍ଜନ ମହାନ୍ତ ସହଯୋଗ କରିଥିଲେ।

## ନିର୍ମାଣାଧୀନ ଘରୁ ସାମଗ୍ରୀ ଚୋରି; ୨ ଗିରଫ

**ରାଉରକେଲା, ୧୮ା୧(ସମିସ):** ନିର୍ମାଣାଧୀନ ଘରୁ ପାଣି ଓ ବିଦ୍ୟୁତ ସାମଗ୍ରୀ ଚୋରି କରିବା ଅଭିଯୋଗରେ ଛେଣ୍ଡ ଥାନା ପୁଲିସ ରବିବାର ରଘୁନାଥପାଲି ଥାନା ଟୁଙ୍ଗୁରିଟୋଲା ବସ୍ତିର ଡେଣ୍ଡୁ ଓରଫ ଆକାଶ ବୁଡ (୨୦) ଓ ବ୍ରାହ୍ମଣୀ ତରଙ୍ଗ ଥାନା ଟିସିଆଇ ଅଞ୍ଚଳର ପ୍ରେମ କୁମାର ଗୁପ୍ତା (୪୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ବିଭିନ୍ନ ୧୦ଟି ପାଣି ଟ୍ୟାପ, ମଟର, ଡ୍ରିଲ ମେସିନ ସମେତ ବିଦ୍ୟୁତ ତାର ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଛେଣ୍ଡ ଆରଡିଏ କଲୋନୀ ସିଏଲ୧/୬୬ ଘରେ ରହୁଥିବା



ସୁଚିନ୍ତ କୁମାର ପାତ୍ରଙ୍କ ଏଚଡି/୫୮ ଘରର ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ ଶୀତୁଆ ରାତିର ସୁଯୋଗ ନେଇ ଦୁର୍ବୃତ୍ତମାନେ କବାଟ ତାଲା ଭାଙ୍ଗି ପ୍ରାୟ ୫୦ ହଜାର ଟଙ୍କାର ପାଣି ଓ ବିଦ୍ୟୁତ୍ ସାମଗ୍ରୀ ଚୋରି କରି ନେଇଥିବା ଗତ ୧୭ ତାରିଖରେ ସେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗିରଫ ଡେଣ୍ଡୁ ନାଁରେ ପୂର୍ବରୁ ଛେଣ୍ଡ ଥାନାରେ ୨ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## କାର୍‌କୁ ପଛରୁ ଧକ୍କା ଦେଲା ହାଇୱା; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ଲହୁଣିପଡ଼ା, ୧୮ା୧(ସମିସ):** କେବଲାଙ୍ଗ ଥାନା ୫୨୦ ନମ୍ବର ଜାତୀୟ ରାଜପଥର ଜାମୁଡିହ ଟୋଲ ପ୍ଲାଜା ନିକଟରେ କାରକୁ ପଛରୁ ହାଇୱା ଧକ୍କା ଦେଇଥିବା ବେଳେ କାର୍‌ରେ ବସିଥିବା ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମିଳିଥିବା ସୂଚନା ମୁତାବକ, ଗତକାଲି କୋଇଡା ପଟରୁ କେବଲାଙ୍ଗ ପଟେ ଆସୁଥିବା କାର୍(ଓଆର୧୪ ଏସ ୨୯୧୨) ଟୋଲ ପ୍ଲାଜାରେ ଛିଡ଼ା କରି ଟୋଲ ଟେସ୍କ ଦେଉଥିବା ସମୟରେ ସମାନ ରାସ୍ତା ଆସୁଥିବା ହାଇୱା(ଓଡି ୦୯ ପି୨୪୦୯) ପଛରୁ ଧକ୍କା ଦେଇ ଗେଟ୍ ପାର ହୋଇ ପଳାଇଯାଇଥିଲା। ପୁଲିସ ଗାଡ଼ିକୁ ଠାବ କରି ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଚୋରି ଅଳଙ୍କାର ଜବତ; ଜଣେ ଗିରଫ

**ରାଉରକେଲା, ୧୮ା୧(ସମିସ):** ରାଜଗାଙ୍ଗପୁର ଥାନା ପୁଲିସ ଏକ ଚୋରି ମାମଲାରେ ଜଣକୁ ଗିରଫ କରିବା ସହ ତା' ନିକଟରୁ ଚୋରି ଅଳଙ୍କାର ଜବତ କରିଛି। ଗିରଫ ଅଭିଯୁକ୍ତ ସୁରୁଡି ଗାଁର ସୋହନ ସାହୁ(୨୩) ବୋଲି ଜଣାପଡ଼ିଛି। ପୁଲିସ ଅଭିଯୁକ୍ତଠାରୁ ଗୋଟିଏ ସୁନା ମଙ୍ଗଳସୂତ୍ର ସହ ଗୋଟିଏ ମୋବାଇଲ ଫୋନ ଜବତ କରିଥିବା ସୂଚାଇଛି।

## ଅର୍ବାନ କୋ-ଅପରେଟିଭ ବ୍ୟାଙ୍କରେ ଖୁବ୍‌ଶୀଘ୍ର ଡିଜିଟାଲ୍ ସେବା



**ରାଉରକେଲା, ୧୮ା୧(ସମିସ):** ଅର୍ବାନ କୋ-ଅପରେଟିଭ ବ୍ୟାଙ୍କରେ ଡିଜିଟାଲ ସେବା ଖୁବ୍‌ଶୀଘ୍ର ପ୍ରଚଳିତ କରାଯିବ। ଡିଜିଟାଲ ସେବା ଯୋଗାଇ ଦେବା ପାଇଁ ସରକାରଙ୍କ ଅନୁମତି ମିଳିବା ପରେ ଗୋଟିଏ ଘରୋଇ ସଂସ୍ଥାକୁ ଏହି କାର୍ଯ୍ୟ ପ୍ରଦାନ କରାଯାଇଛି। ଯଥାଶିଘ୍ର ଏହା ଉପଲବ୍ଧ ହେବ ବୋଲି ବ୍ୟାଙ୍କର ସଭାପତି ଦିଲିପ କୁମାର ମହାପାତ୍ର କହିଛନ୍ତି। ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ ମହାପାତ୍ର କହିଥିଲେ, ବ୍ୟାଙ୍କ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ କ୍ଷତି ସହି ଆସିଥିବା ବେଳେ ୨୦୨୪-୨୫ ବର୍ଷରେ ୨୬୩.୯୩ ଲକ୍ଷ ଟଙ୍କା ଲାଭ କରିଛି। ଏହାସହ ବ୍ୟାଙ୍କର ସଦସ୍ୟମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୨୧, ୨୯୮ରେ ପହଞ୍ଚିଛି। ସେହିପରି ୨୦୨୩-୨୪ ଗ୍ରସ୍ ଏନପିଏ ୧୮.୪୩ ପ୍ରତିଶତ ଥିବା ବେଳେ ୨୦୨୪-୨୫ ବର୍ଷରେ ହ୍ରାସ୍ ପାଇ ୧୩.୮୬ ପ୍ରତିଶତରେ ପହଞ୍ଚିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ନେଟ୍ ଏନପିଏ ୨.୦୧ ଥିବାବେଳେ ତାହା ହ୍ରାସ ପାଇ ୧.୪୮ ପ୍ରତିଶତରେ ପହଞ୍ଚିଛି। ସେହିପରି ବ୍ୟାଙ୍କରୁ ଋଣ ନେଇ ପୈଠ କରି ନପାରି ଋଣ ଖିଲାପକାରୀଙ୍କ ସଂଖ୍ୟା ୨୦ ହୋଇଥିବା ବେଳେ ଉମେଶ କୁମାର ତିୱାରୀ ଏଥିରେ ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି ଏବଂ ତାଙ୍କ ବିରୁଦ୍ଧରେ ଆଇନଗତ ମାମଲା ରୁଜୁ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚାଯାଇଥିଲା। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ସ୍ମିତା ନାୟକ, ନିର୍ଦ୍ଦେଶକ କୃଷ୍ଣ ପଟ୍ଟନାୟକ, ରବୀନ୍ଦ୍ର ନାଥ ପଣ୍ଡା, ସମର ପ୍ରିୟ ତନ୍ତୀ, ବିଜୟ କୁମାର ପ୍ରଧାନ, ଶଙ୍କର ଜେନା, ଅକ୍ଷୟ କୁମାର ରାଉତ, ଚୌଧୁରୀ ବିଜୟ କୁମାର ପଟ୍ଟନାୟକ, ଶକ୍ତେଶ୍ୱର୍ ପାତ୍ର, ଅନନ୍ତ କୁମାର ଜେନା, ସନ୍ଧ୍ୟାରାଣୀ ରାଉତ, ପୂର୍ଣ୍ଣିମା କେର୍କେଟା, ସୁଜିତ ଦାସ, ରବୀନ୍ଦ୍ର କୁମାର ମିଶ୍ର, ଚାଟାର୍ଡ ଆକାଉଣ୍ଟାଣ୍ଟ ରାଜେଶ ପଟ୍ଟନାୟକ ଓ ସାନ୍ତନୁ କୁମାର ନାୟକ ଉପସ୍ଥିତ ଥିଲେ।

## 'ଆର୍‌ଏସ୍‌ପି ବ୍ଲାଷ୍ଟ ଫର୍ଣ୍ଣେସ୍‌ର ଦକ୍ଷତା ଢାଞ୍ଚା' କର୍ମଶାଳା



**ରାଉରକେଲା, ୧୮ା୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ରେ ଜାନୁଆରୀ ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ 'ସେଲ୍‌ରେ ବ୍ଲାଷ୍ଟ ଫର୍ଣ୍ଣେସ୍‌ର ଦକ୍ଷତା ଢାଞ୍ଚା' ଉପରେ ଏକ ୩ ଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଛି। ଜାନୁଆରୀ ୧୭ ତାରିଖରେ ମନ୍ଦିରା ଡ୍ୟାମ୍‌ର ତରଙ୍ଗିଣୀରେ ଆୟୋଜିତ ଏହାର ଉଦ୍‌ଯାପନୀ ଅଧିବେଶନରେ ଆରଏସପିର ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା କାର୍ଯ୍ୟକ୍ରମର ବିଶେଷଜ୍ଞ ମଡେରେଟର ଡ. ଅତନୁ ଭୌମିକ୍, ଏମଏମ ବିଭାଗର ସିଜିଏମ ଟି.ବିନୋଦ ଉପସ୍ଥିତ ଥିଲେ। ଏଥିରେ ସେଲର ବିଭିନ୍ନ ୟୁନିଟ୍‌ର ବ୍ଲାଷ୍ଟ ଫର୍ଣ୍ଣେସ୍‌ରେ କାର୍ଯ୍ୟରତ ଅଧିକାରୀମାନେ ଯୋଗ ଦେଇଥିଲେ। ବ୍ଲାଷ୍ଟ ଫର୍ଣ୍ଣେସ୍ ଏବଂ ଆଇରନ ମେକିଂରେ ତିନି ଦଶନ୍ଧିରୁ ଅଧିକ ସମୟର ସମୃଦ୍ଧ ଅଭିଜ୍ଞତା ବହନ କରିଥିବା ଡକ୍ଟର ଭୌମିକ୍ ବ୍ଲାଷ୍ଟ ଫର୍ଣ୍ଣେସ୍ ଅପରେସନ ପାଇଁ ଏକ ସଂରଚିତ ଦକ୍ଷତା ଢାଞ୍ଚା ବିକାଶ କରିବା ଉପରେ ତାଙ୍କର ଅଭିଜ୍ଞତାକୁ ବାଣ୍ଟିଥିଲେ। ସେ କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା ଏବଂ ସ୍ଥାୟୀତ୍ୱ ବୃଦ୍ଧି ପାଇଁ ସେଲ ୟୁନିଟ୍‌ଗୁଡ଼ିକରେ ଜ୍ଞାନ ସହଭାଗିତା, ଦକ୍ଷତା ବିକାଶ ଏବଂ ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ମାନକୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ବିନୋଦ କର୍ମଶାଳାର ସଫଳ ପରିଚାଳନାକୁ ନେଇ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ବିଭିନ୍ନ ସେଲ ୟୁନିଟର ଅଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ, ଅଂଶଗ୍ରହଣକାରୀମାନେ ଗୋଷ୍ଠୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲାଷ୍ଟ ଫର୍ଣ୍ଣେସ୍ କାର୍ଯ୍ୟରେ ଦକ୍ଷତା, ସୁରକ୍ଷା ଏବଂ ନିର୍ଭରଯୋଗ୍ୟତା ବୃଦ୍ଧି କରିବା ପାଇଁ ଚିନ୍ତାଧାରା ଉପସ୍ଥାପନ କରିଥିଲେ। ବିଶେଷଜ୍ଞ ମଡେରେଟର ପ୍ରତ୍ୟେକ ଚିନ୍ତାଧାରାକୁ ବିଶ୍ଳେଷଣ କରିବା ସହ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ପୂର୍ବରୁ କର୍ମଶାଳା ଜାନୁଆରୀ ୧୫ ତାରିଖରେ ସିପିଟିଆଇ ଅଡିଟୋରିୟମରେ ଅନୁଷ୍ଠିତ ଉଦ୍‌ଘାଟନୀ ଅଧିବେଶନ ସହିତ ଆରମ୍ଭ ହୋଇଥିଲା। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧିବେଶନର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଏଚଆର ଏଲ ଆଣ୍ଡ ? ବିଭାଗର ସିଜିଏମ ପି. କେ. ସାହୁ ଏବଂ ଏମଟିଆଇ ରାଞ୍ଚିର ଜିଏମ ଶ୍ରୀମନ୍ତ ମଲ୍ଲିକ ଉପସ୍ଥିତ ଥିଲେ। କର୍ମଶାଳାର ପ୍ରଥମ ଦୁଇ ଦିନ ସିଣ୍ଡିକେଟ୍ ଆଲୋଚନା, ବିସ୍ତୃତ ମାନସ ମନ୍ଥନ ଏବଂ ଦକ୍ଷତା ଢାଞ୍ଚାର ଚୂଡ଼ାନ୍ତକରଣ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା।

## ରାଉରକେଲାରେ ପ୍ରଥମ ସ୍କିପିଂ ପ୍ରତିଯୋଗିତା

**ରାଉରକେଲା, ୧୮ା୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ତଥା ସ୍ମାର୍ଟ ସିଟି ରାଉରକେଲାରେ ପ୍ରଥମ ଥର ଅରିଜିନାଲ୍ ପାୱାର କ୍ଲବ୍, ଗୋଲ୍ଡ ଜିମ୍ ଓ ଡିଆରପି ଫ୍ୟାନ୍ କ୍ଲବ୍ ମିଳିତ ଆନୁକୂଲ୍ୟରେ ରବିବାର ସ୍କିପିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦିତନଗର ସ୍ଥିତ ଫିଟନେସ୍ ପାର୍କଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଆୟକର ଅଧିକାରୀ ଅଜୟ କୁମାର, ସମ୍ମାନିତ ଅତିଥି ରଞ୍ଜୟ ପ୍ରସାଦ, ଅଶୋକ ବିଶ୍ୱାଳ ଓ ଉର୍ମିଳା ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ କରି ଏହି ସ୍କିପିଂ ପ୍ରତିଯୋଗିତା ଆୟୋଜନ କରିଥିବା ୩ଟି ସଂଗଠନର ପ୍ରୟାସ ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ। ଏହି ଖେଳ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁତ ଲୋକପ୍ରିୟ। ଆଗାମୀ ଦିନରେ ରାଉରକେଲାର ପ୍ରତିଯୋଗୀମାନେ ଅଧିକ ସଂଖ୍ୟାରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।




କାର୍ଯ୍ୟକ୍ରମରେ ବାସୁ ବାନାର୍ଜୀ, ମନୀଷ ତିୱାରୀ, ହରି ଶଙ୍କର ସା, ରିଙ୍କୁ ଅଗ୍ରୱାଲ, ରିଷି ସେବକ, ମନୀଷ ଶର୍ମା, ଓପି ସିଂ ସହଯୋଗ କରିଥିଲେ।

### ୧୯ ବର୍ଷରୁ କମ୍ ଜାତୀୟ ସ୍କୁଲ ହକି ପ୍ରତିଯୋଗିତା

## ଓଡ଼ିଶା ବାଳକ ଦଳକୁ ରୌପ୍ୟ

**ରାଉରକେଲା, ୧୮ା୧(ସମିସ):** ରାଜସ୍ଥାନର ଉଦୟପୁରଠାରେ ୬୯ ତମ ୧୯ ବର୍ଷରୁ କମ୍ ଜାତୀୟ ସ୍କୁଲ ହକି ପ୍ରତିଯୋଗିତାରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ହକି ବାଳକ ଦଳ ଉପବିଜେତା ହୋଇ ରୌପ୍ୟ ପଦକ ହାସଲ କରିଛି। ଚଳିତ ମାସ ୧୨ ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି



ପ୍ରତିଯୋଗିତାରେ ଓଡ଼ିଶା ଦଳ ରାଜସ୍ଥାନ ଠାରୁ ୩-୨ ଗୋଲ ବ୍ୟବଧାନରେ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିବା ସହିତ ଉପବିଜେତା ଟ୍ରଫି ମୁଖ୍ୟ ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। ପ୍ରକାଶ ଥାଉ କି ଓଡ଼ିଶା ଦଳର ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଉଦୟପୁରର ଜଣେ କ୍ରୀଡ଼ା ଶିକ୍ଷୟିତ୍ରୀ ନଗଦ ୧୧ ହଜାର ଟଙ୍କା ପ୍ରଦାନ କରିଥିଲେ। ଓଡ଼ିଶା ଦଳ ତାଙ୍କ ଲିଗ୍ ମ୍ୟାଚରେ କର୍ଣ୍ଣାଟକକୁ ୪-୨ ଗୋଲ ଏବଂ ଜାମ୍ମୁ ଏବଂ କାଶ୍ମୀରକୁ ୧୩-୧ ଗୋଲରେ ପରାସ୍ତ କରି ପ୍ରି କ୍ୱାଟର ଫାଇନାଲକୁ ପ୍ରବେଶ କରିଥିଲା। ପ୍ରି କ୍ୱାଟର ଫାଇନାଲରେ ଉତ୍ତର ପ୍ରଦେଶକୁ ୨-୦ ଗୋଲରେ ପରାସ୍ତ କରି କ୍ୱାଟର ଫାଇନାଲକୁ ପ୍ରବେଶ କରିଥିଲା। କ୍ୱାଟର ଫାଇନାଲ ମ୍ୟାଚରେ ମଧ୍ୟ ପ୍ରଦେଶକୁ ୨-୧ ଗୋଲରେ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଥିଲା। ସେମିଫାଇନାଲରେ ହିମାଚଳ ପ୍ରଦେଶକୁ ୩-୧ ଗୋଲରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚରେ ହୋଷ୍ଟ ରାଜସ୍ଥାନ ସହିତ ୩-୨ ଗୋଲରେ ପରାସ୍ତ ହୋଇଥିଲା। ଓଡ଼ିଶା ଦଳରେ ପରିଚାଳକ ଭାବେ ବଲାଣିପାଟ ହାଇର ସେକେଣ୍ଡରୀ ସ୍କୁଲର ଶିକ୍ଷା ବିଭାଗର ଅଧ୍ୟାପକ ଡ. ସୁଜିତ କୁମାର ସାହୁ, ପ୍ରଶିକ୍ଷକ ରୂପେ ରାଉରକେଲା ଆରଇ କ୍ୟାମ୍ପସ ହାଇସ୍କୁଲର ଅଜୟ କୁମାର ରାଉତ ଉଦୟପୁର ଦଳ ସହିତ ଯାତ୍ରା କରିଥିଲେ। ଓଡ଼ିଶା ହକି ଦଳକୁ ମ୍ୟୁନିସିପାଲ କଲେଜର କ୍ରୀଡ଼ା ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଚୟନ ସହିତ ଚାରିଦିନର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ସଫଳତା ପାଇଁ ପରିଷଦର ଅଧ୍ୟକ୍ଷ, ସଚିବ, ଉପସଚିବ ଏବଂ ମ୍ୟୁନିସିପାଲ କଲେଜ ରାଉରକେଲାର ଅଧ୍ୟକ୍ଷ ସମସ୍ତ ଖେଳାଳି ତଥା କର୍ମଚାରୀଙ୍କୁ ଭୁୟସୀ ପ୍ରଶଂସା କରିଛନ୍ତି।

## ମା' କନ୍ତେଶ୍ୱରୀ ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ମଞ୍ଚର ଆଲୋଚନାଚକ୍ର



**ବଣାଇଁ, ୧୮ା୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ମା' କନ୍ତେଶ୍ୱରୀ ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଏକ ମାସିକ ବୈଠକ ତଥା ସାହିତ୍ୟ ଆଲୋଚନାଚକ୍ର ବାବା ବାଣେଶ୍ୱର ମନ୍ଦିର ପରିସରରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବଣାଇଁର ସାହିତ୍ୟ ସାଧକମାନେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ସଭା ପରିଚାଳନା କରିଥିଲେ। ପ୍ରଥମେ ସାହିତ୍ୟ ସାଧକ ସ୍ୱର୍ଗତ ଗୌତମ ବାରିକଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା। ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ସାହୁ ସାହିତ୍ୟର ଉନ୍ନତି ପ୍ରତି ଆମର କର୍ତ୍ତବ୍ୟ ତଥା ବଣାଇଗଡ଼ର ଐତିହ୍ୟ, ସଂସ୍କୃତି, ଇତିହାସକୁ କବିତା, ଗଳ୍ପ ମାଧ୍ୟମରେ ରଚନା କରି ଲୋକଲୋଚନକୁ ଆଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଉଲସୁରେଇ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ତଥା କବି ପ୍ରତାପ ଚନ୍ଦ୍ର ମିଶ୍ର ବଣାଇଁ ଅଞ୍ଚଳରେ ସାହିତ୍ୟର ଉନ୍ନତି ପାଇଁ ସମସ୍ତ ଅନୁଷ୍ଠାନର ମିଳିତ ସହଯୋଗର ଆବଶ୍ୟକତା ରହିଥିବା କହିଥିଲେ। କବି ଜଗମୋହନ ସେନାପତି ବାବା ବାଣେଶ୍ୱରଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା।

### ରାଉରକେଲା ମୁକ୍ତ ବାଳିକା ଭଲିବଲ ଟୁର୍ଣ୍ଣାମେଣ୍ଟ

# ଝିରପାଣି ଚାମ୍ପିଅନ୍, ବିଜାଡିହି ଉପବିଜେତା

**ରାଉରକେଲା, ୧୮ା୧(ସମିସ)**

ରାଉରକେଲା ମୁକ୍ତ ବାଳିକା ଭଲିବଲ ଟୁର୍ଣ୍ଣାମେଣ୍ଟ ସେକ୍ଟର-୨୦ ରାଇଜିଂ କ୍ଲବ୍ ଭଲିବଲ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର କ୍ରୀଡା ସଂଗଠନ ଓ ରାଇଜିଂ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଝିରପାଣି, ରଘୁନାଥପାଲି, ବିଶ୍ରା ବାଳିକା ଉଚ୍ଚ ବିଦ୍ୟାଳୟ ବିଜାଡିହି ଓ ସେଣ୍ଟପଲ୍ ହମିରପୁର ଆଦି ୪ଟି ଦଳ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବ ଇଞ୍ଜିନିୟର ତଥା ବସ୍ତିଆ ମେମୋରିଆଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜାତୀୟ ଭଲିବଲ ଖେଳାଳୀ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ ସମାଜସେବୀ ସରୋଜ ସୁନା ଯୋଗଦେଇ ଫିତା କାଟି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଚନ୍ଦ୍ରଶେଖର କ୍ରୀଡା ସଂଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ରାଇଜିଂ କ୍ଲବ୍ ସମ୍ପାଦକ ଶିଶିର




ସାହୁଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ପ୍ରତ୍ୟେକ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକର ଥିଲା। ଫାଇନାଲ ମ୍ୟାଚ ଝିରପାଣି ଓ ବିଶ୍ରା ବାଳିକା ହାଇସ୍କୁଲ ବିଜାଡିହି ମଧ୍ୟରେ ହୋଇଥିଲା। ଏଥିରେ ଦୁଇଟି ସେଟରେ ବିଜୟୀ ହୋଇ ଝିରପାଣି ଦଳ ଚାମ୍ପିଅନ୍ ହୋଇଥିଲା। ବିଜାଡିହି ଉପବିଜେତା ହେବା ସହ ରଘୁନାଥପାଲି ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେଣ୍ଟ ପଲ ସ୍କୁଲକୁ ଶୃଙ୍ଖଳିତ ଦଳ ଭାବେ ପୁରସ୍କାର କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ଅଗ୍ନିଶମ ଓ ପରିବେଶ ବିଭାଗର ସିଜିଏମ ହିରାଲାଲ ମହାପାତ୍ର, କଳିଙ୍ଗ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଗ୍ରେସୀ ଡେଭିଡ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସନ୍ତୋଷ ଟ୍ରଫି ଖେଳାଳି ଜୟନ୍ତ ମହାରଣା, କଳିଙ୍ଗ ସ୍ପୋର୍ଟସ୍ ଫେଡେରେସନ ସମ୍ପାଦକ ସଞ୍ଜୟ ବାବୁତା, ରେଲୱେ ସ୍ପୋର୍ଟସ୍ କ୍ଲବ୍ ସମ୍ପାଦକ ଆଶିଷ ସାହା ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ବେଷ୍ଟ ସେଟର ଭାବେ ଅଞ୍ଜଳି ଓରାମ, ବେଷ୍ଟ ଆଟାକର୍ ଭାବେ ସ୍ନେହମୟୀ କିଶାନ, ବେଷ୍ଟ ଅଲରାଉଣ୍ଡର ଇଭା କିଶାନ ପ୍ରମୁଖଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/20 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 ଅନୁସାରେ) |
|---|---|---|
| ଏ. ଭି. ପି. (ମାନବ ସମ୍ବଳ ଯୋଜନା ଏବଂ ନିଯୁକ୍ତି) | 1 | 42 ବର୍ଷ |
| ଏ. ଭି. ପି. (ଶିକ୍ଷଣ ଏବଂ ବିକାଶ) | 1 | 42 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 12.01.2026 ରୁ 02.02.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 12.01.2026

ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

# ମକର ମହୋତ୍ସବ ଅବସରରେ କୃଷକ ସମାବେଶ

**ବୌଦ୍ଧ/ପଲଶାଗୋରା/ମନମୁଣ୍ଡା/କଣ୍ଟାମାଳ, ୧୮ ।୧(ସମିସ):** ପଲଶାଗୋରା କଲ୍ୟାଣ ମଣ୍ଡପରେ ବିଶାଳ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ସହକାର ଭାରତୀ ଓଡ଼ିଶା ପ୍ରାନ୍ତ ସମ୍ପାଦକ ସୋନାଶିଷ ଜେନା, ସମ୍ମାନିତ ଅତିଥି ଭାବେ ନାବାର୍ଡ ଡିଡ଼ିଏମ ଡ. ସତ୍ୟ ସ୍ୱରୂପ ବିଦାନ୍ତ, ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଡ. ତପନ ଦାସ, ସହକାର ଭାରତୀ ବୌଦ୍ଧ ଜିଲ୍ଲା ସଭାପତି ଶ୍ରୀକାନ୍ତ ମିଶ୍ର, ବରିଷ୍ଠ କୃଷକ ରମଣୀ ରଞ୍ଜନ ପ୍ରଧାନ, କୃଷକ ନେତା ବିଶିକେଶନ ପ୍ରଧାନ, ସହକାରୀ ପ୍ରାଣୀ ଚିକିତ୍ସକ ଡା ଯତୀନ ସାହୁ, ସ୍ଥାନୀୟ ସରପଞ୍ଚ ସୁଶ୍ରୀ ସୌଦାମିନୀ ମଲ୍ଲିକ, ମାତୃଶକ୍ତି ଏଫପିଓର ମାର୍ଗଦର୍ଶକ ପୂର୍ଣ୍ଣଚନ୍ଦ୍ର ଖଟୁଆ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ୧୧ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରବୀର ମହାର, ସନ୍ତୋଷ ମହାକୁଡ଼, ଗିରିଶ ଚନ୍ଦ୍ର ବଘାର, ଜଗନ୍ନାଥ ବାରିକ, ଆଦିତ୍ୟ ପ୍ରଧାନ, ମହୋତ୍ସବ କମିଟି ସଭାପତି ରବୀନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଫେଡେରେସନ ସଭାପତି ରାଜକିଶୋର ଅଗ୍ରୱାଲ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ କୃତ୍ତିବାସ ପଲିଆ ସଂଯୋଜନା କରିଥିଲେ । ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ମକର ମହୋତ୍ସବ ଅବସରରେ ଏହା ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ଜିଲ୍ଲା କୃଷକ ଉତ୍ପାଦକ ସଂଗଠନ ଫେଡେରେସନର ଆୟୋଜନ କ୍ରମେ ପଲଶାଗୋରା ମକର ମହୋତ୍ସବ କମିଟି ସହଯୋଗ କରିଥିଲା ।




## ମହୁଲି କପିଳେଶ୍ୱର ମନ୍ଦିରରେ ବୈଠକ

# ଜୋର୍ ଧରିଲା କନ୍ଧରିଆପଡ଼ା ଷ୍ଟେସନ ଦାବି

**ଶଗଡ଼ା, ୧୮ ।୧(ସମିସ)**

ବୌଦ୍ଧ ଜିଲ୍ଲା ସଦର ବ୍ଲକ ମନୁପାଲି ପଞ୍ଚାୟତ କନ୍ଧରିଆପଡ଼ା ଗ୍ରାମ ନିକଟରେ ରେଳ ଷ୍ଟେସନ ସ୍ଥାପନ ପାଇଁ ଦାବି ଜୋର୍ ଧରିଛି । ରବିବାର




ଏ ନେଇ ମହୁଲି କପିଳେଶ୍ୱର ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ବସିଥିଲା । କନ୍ଧରିଆପଡ଼ା ଷ୍ଟେସନ ପାଇଁ ଡିପିଆର ପ୍ରସ୍ତୁତ କରାଯାଇଥିଲା । ପ୍ରସ୍ତାବିତ ବଲାଙ୍ଗିର-ଖୋର୍ଦ୍ଧା ରେଳ ଲାଇନ ମ୍ୟାପରେ ସ୍ଥାନ ମଧ୍ୟ ପାଇଥିଲା । ସେଠାରେ ଷ୍ଟେସନ କରିବା ଉଦ୍ଦେଶ୍ୟରେ କନ୍ଧରିଆପଡ଼ା ମୌଜାର ଜମି ଅଧିଗ୍ରହଣ ମଧ୍ୟ କରାଯାଇଥିଲା । ଗ୍ରାମବାସୀ ବିସ୍ଥାପିତ ହୋଇଥିଲେ; କିନ୍ତୁ ଷ୍ଟେସନ କରାଯାଇ ନାହିଁ । ସେଠାରେ ଷ୍ଟେସନ କରା ନ ଯାଇ ୫୭ ନମ୍ବର ଜାତୀୟ ରାଜପଥରୁ ବହୁ ଦୂର ଝାରମୁଣ୍ଡାରେ ଏକ ଷ୍ଟେସନ କରାଯାଇଛି; ଯେଉଁଠିକୁ ଗମନାଗମନର ସୁବିଧା ମଧ୍ୟ ନାହିଁ । ପୂର୍ବ ପ୍ରସ୍ତାବିତ ବାଘନଦୀ-କନ୍ଧରିଆପଡ଼ା ଷ୍ଟେସନ ଜାତୀୟ ରାଜପଥରୁ ମାତ୍ର ଅଳ୍ପ ଦୂର । ସେହିଭଳି ବ୍ୟବସାୟ କେନ୍ଦ୍ର ବାଉଁଶୁଣିରୁ ମଧ୍ୟ କମ୍ ଦୂର । ସେଠାରେ ଷ୍ଟେସନ ହେଲେ ଜିଲ୍ଲାର ବୌଦ୍ଧ ଜିଲ୍ଲାର ବାଉଁଶୁଣି, ମନୁପାଲି, ଖଲିଆପାଲି (ପୁରୁମୁଣ୍ଡା), ରକ୍ସା, କସୁରବନ୍ଧ, ଗୁହ୍ଲିଆ, ଗୋଛାପଡ଼ା, ତାଳସରଡ଼ା, ଶଗଡ଼ା, ବରଗୋଛା, ଅଁଳାପାଲି ଆଦି ପଞ୍ଚାୟତର ହଜାର ହଜାର ଲୋକ ସହ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜ ଉପଖଣ୍ଡ ଜନସାଧାରଣ ରେଳ ଯାତାୟାତର ସୁବିଧା ପାଇ ପାରିବେ । ଏହାକୁ ନେଇ ମହୁଲି କପିଳେଶ୍ୱର ମନ୍ଦିରରେ ସମସ୍ତ ଅଞ୍ଚଳବାସୀ ଏକ ହୋଇଥିଲେ । ଏ ନେଇ ଏକ କମିଟି ଗଠନ କରାଯାଇଛି । ଏଥିରେ କରୁଣାକର ଘଣ୍ଟୁଆଳଙ୍କୁ ସଭାପତି, ଦେବରାଜ ଭୋଇ, ରଞ୍ଜିତ କର୍ଣ୍ଣଙ୍କୁ ଉପସଭାପତି, ଇନ୍ଦୁ ଭୂଷଣ ମହାକୁଳଙ୍କୁ ସମ୍ପାଦକ, ଆହାଲ୍ଲାଦ ଖମାରୀଙ୍କୁ କୋଷାଧ୍ୟକ୍ଷ, ଲଳିତ ଭୋଇ, ଶମ୍ଭୁ ମଲ୍ଲିକ ଓ ଲଳିତ ଝାଙ୍କରଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି । ନୂତନ ଷ୍ଟେସନ ନିର୍ମାଣ ନେଇ ପ୍ରଶାସନ ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

- କନ୍ଧରିଆପଡ଼ା ଷ୍ଟେସନ ପାଇଁ ଅତୀତରେ ଡିପିଆର ପ୍ରସ୍ତୁତ କରାଯାଇଥିଲା
- ପ୍ରସ୍ତାବିତ ବଲାଙ୍ଗିର-ଖୋର୍ଦ୍ଧା ରେଳ ଲାଇନ ମ୍ୟାପରେ ସ୍ଥାନ ମଧ୍ୟ ପାଇଥିଲା
- ଷ୍ଟେସନ ଉଦ୍ଦେଶ୍ୟରେ କନ୍ଧରିଆପଡ଼ା ମୌଜାର ଜମି ଅଧିଗ୍ରହଣ କରାଯାଇଥିଲା
- ଗ୍ରାମବାସୀ ବିସ୍ଥାପିତ ହୋଇଥିଲେ; କିନ୍ତୁ ଷ୍ଟେସନ ନିର୍ମାଣ କରାଯାଇ ନାହିଁ
- ୫୭ ନମ୍ବର ଜାତୀୟ ରାଜପଥରୁ ବହୁ ଦୂର ଝାରମୁଣ୍ଡାରେ ଷ୍ଟେସନ କରାଯାଇଛି

# ରେଳବାଇ ଜିଏମ୍‌ଙ୍କ ପ୍ରକଳ୍ପ ପରିଦର୍ଶନ

**ବୌଦ୍ଧ, ୧୮ ।୧(ସମିସ):** ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜର ପରମେଶ୍ୱର ପଙ୍କୁଆଳ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ହରଭଙ୍ଗା ବ୍ଲକ କରଞ୍ଜାକଟା ଓ ତିଳକୂପ ନିକଟରେ ନିର୍ମାଣାଧୀନ ୨ଟି ଉଚ୍ଚସମ୍ପନ୍ନ ପୋଲ, ୭ନଂ ଟର୍ନେଲ, ଆଡ଼େଣିଗଡ଼ ନିକଟରେ ହେଉଥିବା ସମସ୍ତ ଟନେଲ ପରିଦର୍ଶନ ସହ ସମୀକ୍ଷା କରିଥିଲେ । ସୂଚନାଯୋଗ୍ୟ, ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଅଧୀନ ବଲାଙ୍ଗୀରଠାରୁ ପୁରୁଣାକଟକ ଓ ଖୋର୍ଦ୍ଧାଠାରୁ ଦଶପଲ୍ଲା ପର୍ଯ୍ୟନ୍ତ ଦୈନିକ ରେଳ ଚଳାଚଳ କରୁଛି । ଏବେ ପୁରୁଣାକଟକ ରେଳ ଷ୍ଟେସନରୁ ଦଶପଲ୍ଲା ମଧ୍ୟରେ ରେଳ ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁଛି ।



# ସୁଶୀଲ ନାଏକ ଜୟପାଟଣା କଂଗ୍ରେସ ବ୍ଲକ୍ ସଭାପତି

**ଜୟପାଟଣା, ୧୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକ ଏନ୍‌ଏସିର ନେତୃତ୍ୱ ନେବାପାଇଁ ସଭାପତିଙ୍କ ନାମ ଘୋଷଣା କରାଯାଇଛି । ଏହି ପରିପ୍ରେକ୍ଷୀରେ ଜୟପାଟଣା ବ୍ଲକ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ରାଜନୀତିରେ ଅଭିଜ୍ଞ ବରିଷ୍ଠ ନେତା ସୁଶୀଲ ନାଏକଙ୍କୁ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ଅନୁମୋଦନ କ୍ରମେ ଜୟ ପାଟଣା ବ୍ଲକ ସଭାପତି ଭାବେ ଘୋଷଣା କରାଯାଇଛି । ଏହି ଘୋଷଣା ପରେ ବ୍ଲକ କଂଗ୍ରେସର କର୍ମକର୍ତ୍ତା ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଏହି ଦାୟିତ୍ୱ ମିଳିବା ପରେ ବ୍ଲକ କଂଗ୍ରେସ ପକ୍ଷରୁ ଅନ୍ୟ କର୍ମକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।



# କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ରାଜ୍ୟସ୍ତରରେ ପୁରସ୍କୃତ

**କର୍ଲାମୁଣ୍ଡା, ୧୮ ।୧(ସମିସ):** କଳାହାଣ୍ଡି ଜିଲ୍ଲାରେ ଦିବ୍ୟାଙ୍ଗ ଭାଇ ଭଉଣୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇବାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ସବୁବେଳେ ପ୍ରୟାସ ଜାରି ରଖିଛି । ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସମ୍ମାନର ସହ ବଞ୍ଚିବା ପାଇଁ ଅନେକ ସମୟରେ ସଭା ସମିତି, କର୍ମଶାଳା, ଟ୍ରେନିଂ, ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି । ଏହି ମଞ୍ଚ ମାଧ୍ୟମରେ ଅନେକ ଦିବ୍ୟାଙ୍ଗ ହିତାଧିକାରୀ ସରକାରୀ ତଥା ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ବିଭିନ୍ନ ଲାଭ ପାଉଛନ୍ତି । ଭୁବନେଶ୍ୱର ବୁଦ୍ଧ ମନ୍ଦିର ଅଡିଟୋରିୟମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭିୟୁଜ୍ ଦ୍ୱାରା ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମପେ କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ପୁରସ୍କୃତ ହୋଇଥିଲା । ମଞ୍ଚ ସଭାପତି ସୁରେଶ ଚୌଧୁରୀ ମାନପତ୍ର ଉପଢୌକନ ଏବଂ ଟ୍ରଫି ଗ୍ରହଣ କରିଛନ୍ତି । ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଓଡ଼ିଶା ଭିନ୍ନକ୍ଷମ କମିସନର ବ୍ରତତୀ ହରିଚନ୍ଦନ, ଡେପୁଟି ସେକ୍ରେଟାରୀ ସନ୍ୟାସୀ ବେହେରା ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



# ଅନୀଲ ଭୋଇଙ୍କ ପରଲୋକ

**ଭବାନୀପାଟଣା, ୧୮ ।୧(ସମିସ):** ଭବାନୀପାଟଣା ସହର ଅଧୀନ ମହାବୀର ପଡ଼ା ନୀବାସୀ ଅନୀଲ ଭୋଇ (୭୧)ଙ୍କ ଗତ ଶନିବାର ହୃଦ୍‌ଘାତରେ ପରଲୋକ ଘଟିଛି । ତାଙ୍କ ବିୟୋଗ ଖବରପାଇ କନ୍ଧମାଳ ଜିଲ୍ଲା ଓ କଳାହାଣ୍ଡି ଜିଲ୍ଲାର ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କର୍ମଚାରୀମାନଙ୍କ ସହ ବନ୍ଧୁ ବାନ୍ଧବ ଶୋକ ବ୍ୟକ୍ତ କରିଛନ୍ତି । ଅନୁଭବ ଭୋଇ ମୁଖାଗ୍ନି ଦେଇଥିଲେ । ସନ୍ତୋଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା । ଅଶୋକ ଦାସ, ସନ୍ତୋଷ ସାହୁ, ଆଲୋକ ସାହୁ, ଜିତେନ୍ଦ୍ର ରାୟ, କଲ୍ୟାଣୀ ଦାଶ, ମାନସ ପ୍ରଧାନ, ଶିକ୍ଷୟିତ୍ରୀ ବିଦ୍ୟୁଲତା ଦାଶ, ଦୁଷ୍ମନ୍ତ ପ୍ରଧାନ ପ୍ରମୁଖ ସ୍ମୃତିଚାରଣ କରିଥିଲେ ।



# ଅଭିଭାବକ-ଶିକ୍ଷକ ବୈଠକ

**ବୌଦ୍ଧ, ୧୮ ।୧(ସମିସ):** କଣ୍ଟାମାଳ ବ୍ଲକ ଖଲିଆପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ମାନସ ରଞ୍ଜନ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ । ବୈଠକରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଉପରେ ଆଲୋଚନା ହୋଇଥିଲା । ସେହିଭଳି ବାଲ୍ୟ ବିବାହ ନିଷେଧ ଆଇନ ଉପରେ ଆଲୋକପାତ କରାଯାଇଥିଲା । ବେଦବ୍ୟାସ ମଲ୍ଲିକ, ଠାକୁର ଚରଣ ନାୟକ, ଜଗଜୀବନ ମହାକୁଡ଼ ପ୍ରମୁଖ ଯୋଗ ଦେଇଥଲେ ।

# ପଲଶାଗୋରା ହାଇସ୍କୁଲ ୨୦୧୪ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

**ପଲଶାଗୋରା, ୧୮ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ମିଳିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨୦୧୪ ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଗୁନାପଥରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୱେଷ କର୍ଣ୍ଣ ଅଧ୍ୟକ୍ଷତା କରିଥିଲେ । ଟୁନା ନାଏକ, ଆଶୁତୋଷ ପଣ୍ଡା, ଦେବାଶିଷ ମଲିକ, ସୁମନ୍ତ ପଧାନ, ନରହରି କର୍ମୀ, ପ୍ରଦ୍ୟୁମ୍ନ ସାହୁ, ଜିତେନ୍ଦ୍ର ପଣ୍ଡା, ରଜତ ପଧାନ, ଦୁଷ୍ମନ୍ତ ଦଳବେହେରା, ଲିପ୍ସା ସାହୁ, ସଂଯୁକ୍ତା କଅଁର, ଝରଣା ରଣା, କବିତା ରଣା, କୁମଦିନୀ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ପର୍ଯ୍ୟଟନସ୍ଥଳ ମାନ୍ୟତା ଅପେକ୍ଷାରେ ସୁନାବେଡ଼ା ଅଭୟାରଣ୍ୟ

**କୋମନା, ୧୮ ।୧(ସମିସ):** ନୂଆପଡ଼ା ଜିଲ୍ଲାର ଗର୍ବ ଓ ଗୌରବ କୁହାଯାଉଥିବା ସୁନାବେଡ଼ା ଅଭୟାରଣ୍ୟକୁ ଏକ ପୂର୍ଣ୍ଣାଙ୍ଗ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ଦାବି ଜୋର୍ ଧରିଛି । ପ୍ରାକୃତିକ ଶୋଭାରାଜି ଓ ଅନେକ ମନୋରମ ଜଳପ୍ରପାତରେ ଭରପୂର ଏହି ଅଞ୍ଚଳ ଏବେ ସରକାରୀ ପ୍ରୋତ୍ସାହନକୁ ଅପେକ୍ଷା କରିଛି । ଏହି ଅଭୟାରଣ୍ୟରେ ଅନେକ ଦୁର୍ଲଭ ବନ୍ୟଜନ୍ତୁଙ୍କ ସହ ମନଲୋଭା ଝରଣା ଓ ଜଳପ୍ରପାତ ରହିଛି, ଯାହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ । କେବଳ ଓଡ଼ିଶା ନୁହେଁ, ବରଂ ପଡ଼ୋଶୀ ଛତିଶଗଡ଼ ଓ ଅନ୍ୟ ରାଜ୍ୟରୁ ମଧ୍ୟ ପ୍ରତିବର୍ଷ ହଜାରହଜାର ପର୍ଯ୍ୟଟକ ଏଠାକୁ ଆସୁଛନ୍ତି । ହେଲେ ସୁବିଧା ଥାଇ ମଧ୍ୟ ଏଠାରେ ପର୍ଯ୍ୟଟକଙ୍କ ରହିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ବା ବିଶ୍ରାମାଗାର ନାହିଁ । ଏନେଇ କୋମନା ଜଗନ୍ନାଥ ବରିଷ୍ଠ ନାଗରିକ ସମିତି ପକ୍ଷରୁ ସଭାପତି ବୀରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେମାନଙ୍କ ଦାବି ହେଉଛି, ସୁନାବେଡ଼ାକୁ ଆନୁଷ୍ଠାନିକ ଭାବେ ପର୍ଯ୍ୟଟନସ୍ଥଳୀ ଘୋଷଣା କରାଯାଉ । ପର୍ଯ୍ୟଟକଙ୍କ ପାଇଁ ଗମନାଗମନ ଓ ରହିବା ଖାଇବାର ସୁବିଧା କରାଯାଉ । ଯଦି ସରକାର ଏହି ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତି, ତେବେ ସୁନାବେଡ଼ା କେବଳ ଜିଲ୍ଲା ନୁହେଁ ବରଂ ସାରା ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ।

# ଗଞ୍ଜେଇ ଜବତ, ୨ଗିରଫ

**ମ. ରାମପୁର, ୧୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ନିକଟସ୍ଥ ପାଜୀବାହଲି ଛକଠାରେ ଚୋରା ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ଏକ କାର୍‌କୁ ଜବତ କରିଛି ମ. ରାମପୁର ପୁଲିସ । ପ୍ରାପ୍ତ ସୂଚନା ଅନୁସାରେ ବାଲିଗୁଡା ଅଞ୍ଚଳରୁ ପାଟଣାଗଡ଼କୁ ଏକ ଧଳା ରଙ୍ଗର କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ସମୟରେ ମ.ରାମପୁର ପୁଲିସ ଗାଡ଼ି ଅଟକାଇ କାର୍‌ରେ ଥିବା ୫୪ କେଜି ଗଞ୍ଜେଇ ଓ କାର୍ ଜବତ କରିବା ସହ ଦୁଇ ଜଣକୁ ଗିରଫ କରିଥିବା ଜଣାପଡ଼ିଛି । ଗିରଫ ଦୁଇ ଜଣ ହେଲେ କନ୍ଧମାଳ ଜିଲ୍ଲା ମାଲିସିକା ଗାଁର ବିନେଶ ଦିଗାଲ ଓ ବିକାଶ ମଲ୍ଲିକ । ହି ଚଢ଼ଉରେ ପୁଲିସ ଏସ୍‌ଆଇ ଟି ବରିହା ନେତୃତ୍ୱ ନେଇଥିବା ବେଳେ ମ.ରାମପୁର ଥାନା ଅଧିକାରୀ ଚିତ୍ତ ରଞ୍ଜନ ପ୍ରଧାନୀ, ଏଏସଆଇ ବି.ଅଭିମନ୍ୟୁ ରାଓ, ମୋହନଗିରି ଏ ଏସ୍‌ଆଇ ମନୋଜ ନାଏକ, ହାବିଲଦାର ଏଲଡି ନାଗ ସାମିଲ ଥିଲେ ।



# ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା



**ବୌଦ୍ଧ, ୧୮ ।୧(ସମିସ):** ବୌଦ୍ଧ ଜିଲ୍ଲା ସଂଗ୍ରହାଳୟରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ସାହିତ୍ୟିକ ରମେଶ ପ୍ରସାଦ ମେହେର, ହୃଦାନନ୍ଦ ପ୍ରଧାନ, ରାଜ କୁମାର ପ୍ରଧାନ ଯୋଗ ଦେଇଥିଲେ । ଇଂରାଜୀ ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ଅର୍ଜୁନ କହଁର, ପ୍ରଶାନ୍ତ ସାହୁ ଯୋଗ ଦେଇଥିଲେ । ସଂସ୍କୃତ ବକ୍ତୃତା ପ୍ରତିଯୋଗିତାରେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ରଥ, ସଂସ୍କୃତ ଶିକ୍ଷକ ପ୍ରମୋଦ ପ୍ରଧାନ ବିଚରକ ଥିଲେ । ଶ୍ରଦ୍ଧା ଶୁଭଦର୍ଶିନୀ ସାହୁ, ଶ୍ରୀଶାନ୍ତ ପଟ୍ଟନାୟକ, ଗୌରୀ ଶଙ୍କର ପବ୍ଲିକ ସ୍କୁଲର ଶ୍ରୀଜିତ ପାଣିଗ୍ରାହୀ, ସନ୍ତୃପ୍ତି ସାହୁ, ଆର୍ଯ୍ୟନାରାୟଣ ଦେବ, ପ୍ରିତମ ମେହେର, ଶିବାନୀ ଧଳ, ଡେଜଲିନ ସାହୁ, ତୃପ୍ତିମୟୀ ଭଞ୍ଜ, ଅନ୍ୱେଷା ମିଶ୍ର, ସୁନେଲି ବାଘ, ପୂଜାରାଣୀ ସାହୁ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଛନ୍ତି । ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସ ଅବସରରେ ଜାନୁୟାରୀ ୨୬ ତାରିଖ ସନ୍ଧ୍ୟାରେ ଟାଉନ ହଲରେ ପୁରସ୍କୃତ କରାଯିବ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

## ରୟାଲ କପ୍ କ୍ରିକେଟ ଚାମ୍ପିଅନସିପ୍ ଉଦ୍‌ଯାପିତ

# ଝିମିଲାକୁ ହରାଇ ଉଦ୍ୟାନବନ୍ଧ ଚାମ୍ପିଅନ



**ନୂଆପଡ଼ା, ୧୮ ।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଗନିଆରୀ ରୋୟାଲ କ୍ଲବ୍ ଦ୍ୱାରା ୧୯ ତମ ରୋୟଲ କପ୍ କ୍ରିକେଟ ଚାମ୍ପିୟନସିପ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ନୂଆପଡ଼ା ଜିଲ୍ଲାର ୧୬ଟି ଦଳ ଭାଗ ନେଇଥିଲେ । ଫାଇନାଲରେ ଉଦ୍ୟାନବନ୍ଧ ଓ ଝିଲମିଲା ଦଳ ପ୍ରବେଶ କରିଥିଲେ । ଫାଇନାଲ ମ୍ୟାଚରେ ଉଦ୍ୟାନବନ୍ଧ ଟସଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୩ ୱିକେଟ ହରାଇ ୧୮୨ ରନ ସଂଗ୍ରହ କରିଥିଲା । ଫଳରେ ଝିଲମିଲା ଦଳ ୧୨ ଓଭରରେ ୭ ୱିକେଟ ହରାଇ ୧୪୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ବିଶେଷ ଅତିଥି ଭାବେ ପ୍ରସନ୍ନ କୁମାର ପାଢ଼ୀ, ସମ୍ମାନିତ ଅତିଥିଭାବେ ବିଜେପି ରାଜ୍ୟ ଯୁବ କାର୍ଯ୍ୟକାରିଣୀ ସଦସ୍ୟ ମାନସ ରଥ, ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ସାମ୍ବାଦିକ ସୁଶାନ୍ତ କର, ୱାର୍ଡସଭ୍ୟ ପିତାମ୍ବର ଅଦା, କେଶବ ହଂସ, ପରମେଶ୍ୱର ହଂସ, ଯଶୋବନ୍ତ ହଂସ, ଭୋଦେବ ହଂସ, ଅଜୟ ଗହୀର, ଲୋକନାଥ ମିଶ୍ର, ଚୁଲୁ ବାଗ ପ୍ରମୁଖ ଯୋଗଦାନ କରିଥିଲେ । ଖେଳ ପରିଚାଳନାରେ ଗଣେଶ ହୋତା ଓ ଥବିର ହଂସ, ଧାରା ବିବରଣୀ ଟିକେଶ୍ୱର ହଂସ, ସ୍କୋରର ଦୀପକ ବାଗ ଓ ରମେଶ ନାଗ, ରୋୟାଲ କ୍ଲବ୍ ସଦସ୍ୟ ଥୟରାମ ହଂସ, କୈଶପ ସଗରିଆ, ସହଦେବ ଥପା, ପ୍ରତାପ ହଂସ ରୁଦ୍ରାକ୍ଷର ହଂସ, କୁନାଲ ବାଗ, ନିକୁ ବାଗ, ଧ୍ରୁବହଂସ, ଶାବନ ହୋତା, ଟିକୁ ବାଗ, ବୁଲାରାମ ବାଗ, ପିଙ୍କୁ ନିଆରୀ, ଗାନ୍ଧୀ ହଂସ, ବସନ୍ତ ହଂସ, ପ୍ରମୁଖ ସହଯୋଗ କରିଥିଲେ ।

## ଜାତୀୟ ଭୋଟର ଦିବସ ପାଳନ ପ୍ରସ୍ତୁତି

# ଭୋଟ୍‌ଦାନର ମହତ୍ତ୍ୱ ଉପରେ ସଚେତନ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

**ନୂଆପଡ଼ା, ୧୮ ।୧(ସମିସ)**

ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ଜାତୀୟ ଭୋଟର ଦିବସ ୨୦୨୬ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ୨୫ତାରିଖ ଦିନ ପାଳିତ ହେବାକୁ ଥିବା ଜାତୀୟ ଭୋଟର ଦିବସରଗୁରୁତ୍ୱ ସମ୍ପର୍କରେସଭ୍ୟମାନଙ୍କୁ ଅବଗତ କରାଇଥିଲେ । ଡେପୁଟି କଲେକ୍ଟର ନିର୍ବାଚନ ଶେଖ୍ ନସିମ ପ୍ରସ୍ତୁତି ବିବରଣୀ ଉପସ୍ଥାପନ କରିଥିଲେ । ଏହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଜାତୀୟ ଭୋଟର ଦିବସ, ଜିଲ୍ଲା ମୁଖ୍ୟାଳୟ, ନୂଆପଡ଼ା ଠାରେ ପାଳନ କରାଯିବ । ଦିବସ ଅବସରରେ ଉଭୟ ନିର୍ବାଚନ ମଣ୍ଡଳୀରୁ ଶ୍ରେଷ୍ଠ ନିର୍ବାଚନ କର୍ମଚାରୀଙ୍କ ଚୟନ କରାଯାଇ ସମ୍ବର୍ଦ୍ଧିତ କରାଯିବ । ଏଥିପାଇଁ ଜଣେ ଲେଖାଏଁ ଶ୍ରେଷ୍ଠ ବି ଏଲଓ, ବିଏଲଓ ସୁପରଭାଇଜର ଏବଂ ଏଇଆରଓଙ୍କୁ ସମ୍ମାନିତ କରାଯିବ । ଏହା ବ୍ୟତୀତ ଦୁଇଜଣ ନୂତନ ଭୋଟର ଓ ଦୁଇଜଣ ଶତାୟୁ ଭୋଟର, ଉଭୟ ପୁରୁଷ ଓ ମହିଳା ବର୍ଗରେ ସମ୍ମାନିତ କରାଯିବ । ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ । ଜିଲ୍ଲା ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଏବଂ ଉପ-ଜିଲ୍ଲାପାଳ ସୁର୍ମି ସୋରେନ ନିରୀକ୍ଷଣ କରିବେ । ଆଜିର ବୈଠକରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଦ୍ୱାରିକା ନାଥ ଶତପଥୀ, ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା କ୍ରୀଡ଼ାଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ଡିଏସ୍‌ପି ରମାକାନ୍ତ ଜେନା, ବିଡିଓ ରୋହିତ ଭୋଇ, ନରୋତ୍ତମ ଭୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ନୂଆପଡ଼ା ଏନ୍ ଏ ସି ଇ ଓ ଶ୍ରୀନିବାସ ମିର୍ଦ୍ଧା, ଟିଏସଆଇ ପ୍ରଜ୍ଞା ପରିମିତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।



# ବୀରନରସିଂହପୁର ଗଡ଼ଜାତ ଲୋକ ମହୋତ୍ସବ ଉଦ୍‌ଘାଟିତ




**ଶୋଭାଯାତ୍ରାରେ କମ୍ପିଲା ଜାତୀୟ ରାଜପଥ**
**କଳାକାରଙ୍କ ନୃତ୍ୟରେ ଦୁଲୁକିଲା ମଞ୍ଚ**

**ବୌଦ୍ଧ, ୧୮ ।୧(ସମିସ):** ବୀରନରସିଂହପୁର ୯ମ ଗଡ଼ଜାତ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ପ୍ରଥମେ ବିରାମଚନ୍ଦ୍ରପୁର ବାବା ସୁବର୍ଣ୍ଣେଶ୍ୱର ମନ୍ଦିରରେ ପୂଜା ଅର୍ଚ୍ଚନା କରାଯାଇଥିଲା । ଏହାପରେ ସେଠାରୁ ଏକ ବିରାଟ ସଭାଯାତ୍ରା ବାହାରିଥିଲା । ବାବାଙ୍କ ଆଜ୍ଞାମାଳ ନେଇ ମହୋତ୍ସବ ପଡ଼ିଆରେ ପହଞ୍ଚିବା ପରେ ଜ୍ୟୋତି ସ୍ଥାପନା କରାଯାଇଥିଲା । ଏହି ଶୋଭାଯାତ୍ରାରେ ଅଞ୍ଚଳର ଦଣ୍ଡନାଚ, ଦୁଲଦୁଲି, କୃଷ୍ଣଗୁରୁ, ନାମସଂକୀର୍ତ୍ତନ ସହ ଜଣସାଧାରଣ ଯୋଗ ଦେଥିଲେ । ତେବେ ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ସୋନପୁର ଜିଲ୍ଲାପାଳ ନୃପରାଜ ସାହୁ, ଶୁଭ୍ରା ସାହୁ, ଦେବେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ଗାଇଗୋରିଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ସ୍ଥାନୀୟ କଳାକାରଙ୍କ ନାଚଗୀତରେ ମଞ୍ଚ ଦୁଲୁକି ଉଠିଥିଲା । ସାଧୁଚରଣ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସଙ୍ଗୀତ ଗାନ କରିଥିଲେ । ମହୋତ୍ସବ କମିଟି ସଭାପତି ବିଶ୍ୱଜିତ ମିଶ୍ର ସଭାପତିତ୍ୱ କରିଥିଲେ । ବିଜୟ ସାହୁ ଅତିଥି ପରିଚୟ ଦେଇଥିବାବେଳେ ଲିଙ୍ଗରାଜ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ ।